ମରୁଝଡ଼

ସଂଯୁକ୍ତା ମହାନ୍ତି

Digitized by srujanika@gmail.com

ମରୁଝଡ଼

(ଗଳ୍ପ ସଂକଳନ)

ଲେଖିକା :

ସଂଯୁକ୍ତା ମହାନ୍ତି

ପ୍ରକାଶକ :

ଜଗନ୍ନାଥ ରଥ

ପୁସ୍ତକ ପ୍ରକାଶକ ଓ ବିକ୍ରେତା

ବିନୋଦ ବିହାରୀ, କଟକ-୨

Digitized by srujanika@gmail.com

ମରୁଝଡ଼

(ଗଳ୍ପ ସଂକଳନ)

ଲେଖିକା :

ସଂଯୁକ୍ତା ମହାନ୍ତି
ରାଜା ବଗିଚା, କଟକ-୯
ଫୋନ୍ :୦୬୭୧-୨୬୨୦୬୫୬

ପ୍ରକାଶକ :

ଜଗନ୍ନାଥ ରଥ
ପୁସ୍ତକ ପ୍ରକାଶକ ଓ ବିକ୍ରେତା
ବିନୋଦ ବିହାରୀ,କଟକ-୨

ଅକ୍ଷର ସଜ୍ଜା :

ଏନ୍. ଏନ୍. ଗ୍ରାଫିକ୍ସ
ତେଲେଙ୍ଗା ବଜାର, କଟକ-୯

ପ୍ରଚ୍ଛଦପଟ୍ଟ :

ମାନସ ଜେନା

ପ୍ରଥମ ସଂସ୍କରଣ : ୨୦୦୪

ମୁଦ୍ରଣ :

ପଞ୍ଚସଖା ପ୍ରକାଶନ
ସୁତାହାଟ, କଟକ -୧

ମୂଲ୍ୟ : ଟ ୬୦.୦୦

MaruJhada
(Short story collection)

Written By :
Sanjukta Mohanty
Rajabagicha, Cuttack-9
Phone : 0671-2620656

Publisheds By :
M/s Jagannath Ratha
Publisher & Book Seller
Binod Bihari, Cuttack-2

Letter Setting by :
N.N. Graphics
Nrusinghanath Temple,
Telenga Bazar, Cuttack-9

Cover designed by :
Manas Jena

First Edition : **2004**

Printed by :
Panchasakha Prakasan
Sutahat, Cuttack-1

Price : Rs.60/- Only

Digitized by srujanika@gmail.com

ଉତ୍ସର୍ଗ

ଯେଉଁମାନଙ୍କର ଉତ୍ସାହ, ଭଲପାଇବା ମୋର ଲେଖନୀକୁ
ଉଜ୍ଜୀବତ କରିଛି, ଆଗକୁ ଚାଲିବାର ପ୍ରେରଣା ଦେଇଛି,
ସେହି ମୋର ସମଧର୍ମାମାନଙ୍କୁ –

Digitized by srujanika@gmail.com

ସୂଚୀପତ୍ର

ବିଷୟ	ପୃଷ୍ଠାଙ୍କ
● ଅଦୃଶ୍ୟ ପର୍ଦ୍ଦା	୫
● ଅତିଟର	୨୧
● ଉଦ୍‌ଭ୍ରାନ୍ତ ପଥିକ	୩୦
● ମଧ୍ୟାହ୍ନର ପକ୍ଷୀ	୪୩
● ଫୋନ୍	୫୧
● ଘୂର୍ଣ୍ଣିତ ପୃଥିବୀ	୫୫
● କେତେ ବୋକୀ ଝିଅଟା	୬୫
● ବେଳାଭୂମି	୭୩
● ଅନ୍ୱେଷଣ	୮୩
● ଉଦ୍‌ଭାସିତ ଅନ୍ଧକାର	୯୬
● ମରୁଝଡ଼	୧୦୫

□□□

Digitized by srujanika@gmail.com

ଅଦୃଶ୍ୟ ପର୍ଦ୍ଦା

— ହାଲୋ...ମିଷ୍ଟର ମହାପାତ୍ର ହିଅର ।

ସେପଟୁ ଗୋଟାଏ କଲ୍ଲୋଳିନୀ ଝର୍ଣ୍ଣାର ଧାରା ଅବା ପଥର ବୁକୁରେ ଗଡ଼ି ଆସିବାର ଶବ୍ଦ । କଳକଳ ଛଳଛଳ ।

— ଚିହ୍ନିଲେ ମୁଁ କିଏ !

ସେ ଚୁପ୍ ରହିଲା ଏବଂ ମନେ ପକାଇବାକୁ ଲାଗିଲା କାହାର ଏ କଣ୍ଠ ସ୍ୱର! ନାଁ କିଛି ବି ମନେପଡ଼ୁନି ତା'ର ।

— ସମୟ ଦେଲି କହି ଫୋନ୍‌ଟାକୁ କାଟିଦେଲା ସେମିତି ହସି ହସି ।

ଆଜିକାଲି ସବୁ ଅଜବ ପ୍ରକାର ଫୋନ୍ ଆସୁଛି ତ ? ହଜାର ହଜାର ଫୋନ୍‌କଲ୍ ଭିତରେ କାହାର କଣ୍ଠସ୍ୱର ସେ ମନେ ରଖିବ ? ଏମିତି କି ବେଳେବେଳେ ନିଜ ଚିନ୍ତା ଭାବନାରେ ବୁଡ଼ି ଯାଉଯାଉ ବଡ ଚାପଥାଏ ମନରେ, ସେ ଅର୍ପିତାର ଫୋନ୍ ପାଇଲେ ବି ପଚାରେ— କିଏ ?

ଅର୍ପିତା ଖରାପ ମୁଡରେ ଥିଲେ ବିରକ୍ତ ହୁଏ ଏବଂ କୁହେ– ତୁମ ମୁଣ୍ଡ ଠିକ୍ କାମ କରୁଛି ତ ! ନାଁ କଂପାନୀ କାମରେ ଖାଲି ସିମେଣ୍ଟର ଧୂଳି ଉଡିଉଡି ମୁଣ୍ଡଟା ଗଲାଣି !

ସେ ସତରେ ଚମକି ପଡେ ! ଭାବେ ସେ ଠିକ୍ ଅଛି ତ ? ତା'ର କଂପାନୀ କାମରେ ଦିନରାତି ଏ ଯେଉଁ ଚାପରେ ବିତୁଛି, ସେ ସତେ କି ପ୍ରକୃତିସ୍ଥ ଅଛି ? ମଣିଷଟିଏ ଯେମିତି ରହିବା କଥା ! ନାଁ ଗୋଟାଏ ବସ୍ତୁ ହୋଇସାରିଛି ?

ମୁଡ୍ ଭଲଥିଲେ ଅର୍ପିତା ହସିଦିଏ ଏବଂ କୁହେ– ଆଉ କାହା ଫୋନ୍‌କୁ ଅପେକ୍ଷାଥିଲା ପରା ! ସେ ରସିକତା କରି କୁହେ– ହଁ ... କେହି ଯଦି ଆସେ ପୁଣି ଗୋଟାଏ ନୂତନ ସ୍ୱର, ନୂତନ ଛନ୍ଦରେ ଜୀବନ ଗୀତ ଗାଇବ !

— ତୁମେ ପାରିଲେ ତ ?

ତା'ର ଏଇ କଥାରେ ସେ ନିଜକୁ ଗୋଟାଏ ପାରୁନଥିବା ଅକାର୍ଯ୍ୟ ମଣିଷଟିଏ ଭାବି ଚୁପ୍‌ହୁଏ । ତା'ର ବ୍ୟକ୍ତିତ୍ୱକୁ ସେ ସବୁବେଳେ ଚାପିଦିଏ । ତା'ର ଅପାରଗତାକୁ ଆଂଗୁଠି ଦେଖାଏ । ତାର ସତକୁ ସତ ମନଟିଏ ଅଛି ଯିଏ ଅନ୍ୟ ଛନ୍ଦରେ ଛନ୍ଦାୟିତ ହୋଇପାରିବ, ତା ଅର୍ପିତା ଜାଣେନା ।

Digitized by srujanika@gmail.com

ତାକୁ ସବୁବେଳେ ଅପାରଗ ଭାବେ ଧରିନେଇଥାଏ ସେ । ଯେମିତି ଘରକଥା ବୁଝିବାକୁ ସେ ଅଯୋଗ୍ୟ, କୌଣସି ଅନ୍ୟ ନାରୀର ସାନିଧ କାଙ୍କ୍ଷିତ ପୁରୁଷହେବାକୁ ଅସମର୍ଥ । ସେ ବୁଝିପାରେନା ଅର୍ପିତାର ଏମତି କାହିଁକି ମନଟିଏ ତା' ପ୍ରତି ତିଆରି ହୋଇଛି ।

ସେ ବି ଭରସି କହିପାରେନି, କାହିଁକି ଅନ୍ୟକୁ ଭଲପାଇ ପାରିବିନାହିଁ ? କାହିଁକି ଅନ୍ୟ ନାରୀସଂଗ ତାକୁ ଆକର୍ଷିତ କରିପାରିବନି ? ସେ ଚିରାଚରିତ ଏଇ ଘର ସଂସାରୀପଣରୁ ନିଜକୁ ମୁକ୍ତକରି ଘଡିଏ ଉଡିଯାଇ ପାରିବନି କେଉଁ ନିର୍ଜନ ଆଇସ୍‌ଲ୍ୟାଣ୍ଡ ହେଉ ବା ଡିସିନିଲ୍ୟାଣ୍ଡ ହେଉ ? ଯେମିତି ଚିଲିକାକୁ ଆସୁଥିବା କ୍ଷଣସ୍ଥାୟୀ ପକ୍ଷୀପରି ଘଡିଏ ବିହାରକରି ଫେରି ଆସିବାପରି ? ବା ସୁବିଧା ପାଇଲେ ପୁରାମାତ୍ରାରେ ନିଖୋଜ ହୋଇଯିବାପରି ?

ଅର୍ପିତାର ଏଇ ତାକୁ ତଳକୁ କରିଦେବାପରି ମନଟିଏକୁ ନେଇ ସବୁବେଳେ ସେ ହନ୍ତସନ୍ତ । କୌଣସି କାମରେ ତାକୁ ସେ ପସନ୍ଦ କରିନି । ଖୁଣିବା ଗୋଟାଏ ଗୁଣ ହେଲାଣି ତା'ର । ଏମିତି କି ବେଳେବେଳେ ସେ ନିଜକୁ ଚାହିଁ ଦେଖୁଛି ସେ ସତରେ କିଛି ଭୁଲ କରୁଛି ଆଉ ଛୋଟ ହୋଇଯାଉଛି । ଯଦି ଟିକିଏ ସେ ତା'ର ପ୍ରଶଂସା କରନ୍ତା, ତା'ହେଲେ କେତେ ଖୁସୀ ନ ହୁଅନ୍ତା ସେ ! ଆହୁରି ଆତ୍ମ-ବିଶ୍ୱାସରେ ସମୟ କାଟନ୍ତା । ହେଲେ ତା' ହୁଏନି । ଏଇ ଯେପରି ଗତକାଲି ସେ ଘରକୁ ଫେରିବାବେଳେ ଯେଉଁ ପରିବା ସାଙ୍ଗରେ ନେଇଥିଲା, ତା' ଭିତରୁ ପୋକା ବାଇଗଣ କେଇଟା ବାହାରିଥିଲା । ଅର୍ପିତା ତାକୁ ତାଚ୍ଛଲ୍ୟ କରିବାକୁ ପଛେଇ ନଥିଲା । "ବାବୁ ତ କାରରେ ବସି କୁଆଡ଼େ ଚାହିଁଥିବେ, ଦୋକାନୀ ଆଉ କ'ଣ ଭଲ ଜିନିଷଟା ବାନ୍ଧି ଦେଇଥିବ ?"

ସେ ବୁଝି ପାରିଲାନି – ଏ ଲୋକଗୁଡାକ ଏଇ ସାମାନ୍ୟ ଜିନିଷ ପାଇଁ ଏମିତି ଠକନ୍ତି କାହିଁକି ? ଥରେ ତା' ସାମ୍ନାରେ କମଳାଲେମ୍ବୁ ଗୁଡିକ ବାଛି ଓଜନ କରିଥିଲା– ଅଥଚ ଘରେ ଆସି ଦେଖେ ବଦଳି ଯାଇଛି ପୁଡିଆ ଆଉ ପଚା କେଇଟା ତା' ଭିତରେ । ତଥାପି ସେ ସତର୍କ ହୋଇପାରିନି । ଅଢେଇଶ ବାଇଗଣ ଖରାପ ବାହାରିବା ପାଇଁ ସ୍ୱାମୀ ସ୍ତ୍ରୀ ଭିତରେ ସିନା ବିଷାଦର ଋତୁ ବହେ । ସଂଧ୍ୟାବେଳୁ ସେ ମନସ୍ତ କରିଥିଲା ଅର୍ପିତା ତା'ର ପଥ ଚାହିଁ ବସିଥିବ । ଗେଟ୍ ଖୋଲୁଖୋଲୁ ଗୋଟାଏ ମଧୁର ଚାହାଣୀରେ ଶିହରିତ କରିବ ତା'ର ପଡନ୍ତ ସ୍ନାୟୁକୁ । ହେଲେ ଖୁବ୍ ନର୍ମାଲ ଥିଲା ତା'ର ମୁହଁ । ହସ ତ ପ୍ରାୟ ନ ଥିଲା । ଅବଶ୍ୟ ଟିକିଏ ଡେରିହୋଇଯାଇଥିଲା ଫେରୁଫେରୁ । ରାତି ଆଠଟା ହୋଇଥିଲା । ସେ ଅପେକ୍ଷା କରିକରି ହତାଶ ଲାଗୁଥିଲା । ବ୍ୟାଗଟା ହାତରୁ ଝାମ୍ପିନେଇ ରୋଷେଇ ଘର ଭିତରକୁ ଚାଲିଗଲା । ସେ ମଧ ହସିପାରିନଥିଲା ତା'ର ଏ ପ୍ରକାର ଭାବଭଂଗୀ ଦେଖି । ଯେମିତି ଦୋଷୀଟିଏ କାଠଗଡାକୁ ଯିବାର ପୂର୍ବାବସ୍ଥା । କି ଡାକିପାରିଲାନି ଟିକିଏ ଶୁଣ । କିଛି ବୟାନ ମଧ ଦେଇପାରିଲାନି ।

Digitized by srujanika@gmail.com

ଅର୍ପିତା ଚା' ବସାଇବାକୁ ଯାଇ ରୋଷେଇଘରେ ଚୁଲ୍ଲୀ ସାମନାରେ ଠିଆ ହୋଇଥିଲା ଏବଂ ଆସୁ ନଥିଲା । ସେ ବାଥ୍‌ରୁମ୍‌ରେ ପଶିଲା । ଏବଂ ଅନ୍ୟମନସ୍କ ହୋଇ ଗୁଡାଏ ପାଣି ଢାଳି ହୋଇଥିଲା । ଅର୍ପିତାର ଖଟ୍‌ଖଟ୍ ଶବ୍ଦରେ ତା'ର ଚେତା ଫେରିଲା ଏବଂ ସେ ବାଥରୁମ୍‌ରୁ ବାହାରିଲା ।

ଆସିଲା ବେଳକୁ ଚା' ଥଣ୍ଡା । ଅର୍ପିତା ଗମ୍ଭୀରହୋଇ କପ୍‌ଟା ଉଠାଇନେଲା ଏବଂ ଦୁମୁଦୁମୁ ହୋଇ ପୁନଶ୍ଚ ସସ୍‌ପେନ୍‌ସରେ ଢାଳିଲା ଗରମ କରିବାକୁ ।

ରାତିର ଖାଇବା ପ୍ରସ୍ତୁତ ହୋଇନଥିଲା । କାମକରୁଥିବା ସ୍ତ୍ରୀ ଲୋକଟି ବାସନମାଜି, ଘରଦ୍ୱାର ସଫାକରି, ଅଟା ଚକଟି ଚାଲିଯାଇଥିଲା । ଏତେ ଡେରିରେ ଫେରିବାଟା ମାନସିକ ଅସହିଷ୍ଣୁତାର ବେଗ ବଢାଇ ଦେଇଥିଲା ଅର୍ପିତାର । ସେ ମେସିନ୍‌ପରି ପରିବାବ୍ୟାଗ୍‌ଟା ନେଇ ପାଣି ବାଲଟିରେ ଢାଳି ଦେଇଥିଲା ଏବଂ କାଟିବାକୁ ଚଟାପଟ୍ ପନିକି ତଳେ ଥୋଇଲା । କାମ କଲାବେଳେ ସେ ଖୁବ୍ ମନସ୍କ ହୋଇ କରେ । ତା'ପରି ଅନ୍ୟମନସ୍କ ନୁହେଁ ସେ । ଲମ୍ବା ଚୁଳକୁ ଗଣ୍ଠିକରି ପକାଇଥାଏ । ଘର ଭିତରେ ପିଂଧିଥାଏ ସ୍ଲିଭ୍‌ଲେସ୍ ବ୍ଲାଉଜ୍ । ପରିଷ୍କାର ପରିଚ୍ଛନ୍ନ, ମ୍ୟାଚିଂକରା ଶାଢ଼ୀ ବ୍ଲାଉଜରେ ବ୍ୟକ୍ତିତ୍ୱ ତା'ର ଝଟକୁଥାଏ ସବୁବେଳେ ।

ଅର୍ପିତା ସେମିତି ଚୁପ୍‌ଚାପ୍ ପରିବା କାଟୁଥାଏ ଆଉ ଏମିତି ନୀରବ ଯେ ଦୁଇଜଣ କେଉଁ ଗ୍ରୀନ୍‌ଲ୍ୟାଣ୍ଡ୍‌ରେ ବସିଛନ୍ତି । ନିଃଶବ୍ଦ ଘର । ଥମଥମ ନୀରବତା । ତା' ଭିତରେ ଅର୍ପିତାର ଏଇ ସ୍ନିଗ୍ଧ, ସୁନ୍ଦର ଚେହେରାରେ ସେ ମୁଗ୍ଧ ହୁଏ ଯେତିକି, ତା'ର ରାଗରାଗ ସମୟରେ ବଡ ପ୍ରଲୁବ୍ଧ ହୁଏ ।

ସେ ଅନେଇଲା ତାକୁ । ନାଁ, ମୁହଁ ଉଠାଇ ସେ ଟିକେ ବି ଚାହୁଁନି । ଭୀଷଣ ସୁନ୍ଦର ତା'ର ମୁହଁ । ସିଧା ନାକ, ଗୋରା, ଭ୍ରୁ ଦୁଇଟା ବଡ ସ୍ୱପ୍ନିଳ । ଓଠ ଦୁଇଟାରେ ଯୁଗଯୁଗର ଆଦିମ ଆମନ୍ତ୍ରଣ । ଆଖି ଦୁଇଟା ଝୁମିଲା ପରି । ଏମିତି ଖୁବ୍ କମ୍ ସ୍ତ୍ରୀଲୋକଙ୍କର ତା' ଥାଏ । ଶାନ୍ତ, ମଧୁର ତା'ର କଣ୍ଠ । ହସରେ ମଧ ଫୁଟି ଯାଇପାରିବ ଲକ୍ଷେ ପାରିଜାତ । ପ୍ରେମ ନ ମାଡୁଥିବା ଲୋକଟିକୁ ମଧ ପ୍ରେମ ମାଡିବ ତାକୁ ଦେଖିଲେ । ଅଥଚ ଏମିତି ଗୋଟାଏ ଆକର୍ଷଣଥିବା ନାରୀ ଯେତେବେଳେ ଗୁମ୍ ହୁଏ, ଚନ୍ଦନବନରେ ନିଆଁ ଲାଗି ଯେମିତି ପୋଡ଼ିଯାଉଛି କୋଟିକୋଟି ଟଂକାର ସାମଗ୍ରୀ ଅବା ସମୁଦ୍ର ଶୁଖିଯାଉଛି, କି ପୃଥିବୀ ହରାଉଛି ସୂର୍ଯ୍ୟର ମହାକର୍ଷଣ, ପିଚି ହୋଇଯାଉଛି କେଉଁଠି । ଭାଂଗି ଯାଉଛି । ଖାଲି ଧ୍ୱଂସ ହିଁ ଧ୍ୱଂସ ।

ଏମିତି ହୁଅନ୍ତାନି ଅର୍ପିତା ଟିକିଏ ହସି ଦିଅନ୍ତା । କାମଦାମ ଛାଡି କେଉଁ ଟାଣରେ, କେଉଁ ଘୋର୍‌ରେ ଦୌଡି ଆସନ୍ତା ତା' ବାହୁର ବଂଧନ ଭିତରକୁ ? ଅବା ଟିକିଏ ତା'ର ଚାହାଣୀରେ ପ୍ରକାଶ କରନ୍ତା, ତା'ର ଭଲ ପାଇବାର ଇଚ୍ଛା ! ସେ କାଳବିଳମ୍ବ ନକରି ଧାଇଁ ଯା'ନ୍ତା ଏବଂ ତା'ର ଆଲିଂଗନରେ ଭରି ନିଅନ୍ତା !

Digitized by srujanika@gmail.com

ନାଁ.. ତା' ହୁଏନି । ଏଇ ଯେ ପରିବା କଟା ପରେ ସେ ପୁଣି ରୁଟି ବେଲିବ । ଗ୍ୟାସ୍ ଚୁଲ୍ଲୀ ସାମ୍ନାର ଧ୍ୟାନ୍ କଲାପରି ଠିଆହେବ । ଝିଅ ଟ୍ୟୁସନ୍‌ରୁ ଆସିବ, ପୁଅ ଆସିବ କୋଚିଂ କ୍ଲାସ୍‌ରୁ । ଯା ଭିତରେ ଯେଉଁ ନୀରବତାର, ନିର୍ଜନତାର ଫୁଲର ଫସଲ ଅଜଣା ମୌସୁମୀରେ ଦୋହଲି ଯାଇ ପାରିଥାନ୍ତା, ତା' ସରିଯାଇଥିବ । ସେ ବସିଥିବ ଗୋଟାଏ ପରିତ୍ୟକ୍ତ, ଅପାଙ୍‌କ୍ତେୟ ହୋଇ । ଏ କ'ଣ ଜୀବନ ? ଏ କ'ଣ ଜୀବନର ଛନ୍ଦ ? ଏମିତି ଆସ୍ତେଆସ୍ତେ ଅପାଙ୍‌କ୍ତେୟ ପାଲିଟିଯିବା ? ଆଉ ସ୍ୱପ୍ନ, ଭାବପ୍ରବଣତା ହରାଇବା !

କାହିଁକି ଏମିତି ହୁଏ କେଜାଣି ? ଗଂଗଶିଉଳିପରି ଜୀବନର ସୁଗଂଧମୟ ଛନ୍ଦ ରାତିରେ ଫୁଟି ସକାଳୁ ଝରିଯାଏ, ସକାଳର ଦମକାଏ ହାୱାପରି ପୁଣି ବିଲୀନ ହୋଇଯାଏ ! ଦୂରାଗତ ବଂଶୀର ସ୍ୱରପରି ଟିକିଏ କାନରେ ପଡୁପଡୁ ଶବ୍ଦ ନିଃଶବ୍ଦ ହୋଇଯାଏ ! ଏମିତି କ'ଣ ଜୀବନରେ ହେବ ବୋଲି ସେ ଭାବିଥିଲା ? ସେ ତ ଏଇ ପ୍ରେମ ତପସ୍ୱିନୀ ନାରୀପାଖରେ ନିଜକୁ ଅର୍ପଣ କରିଥିଲା ଏକୋଇଶ ବର୍ଷ ବୟସରେ ।

କିନ୍ତୁ ସେହି ଏକୋଇଶ ବର୍ଷର ପ୍ରେମ ପୂଜାରିଣୀ ନାରୀ ଆଉ ଏଇ ଅର୍ପିତା ଭିତରେ କେତେ ବଦଳିଯିବା ସତେ ! ଆଗରୁ ଏମିତି କାହିଁକି ଲାଗେନି ଜୀବନ ତ! ସେହି ଆକର୍ଷଣ, ହଜିଯିବାର ନିଶା, ଦୁର୍ଦ୍ଦମତା ବ୍ୟତିରକେ ଜୀବନରେ ଯେ ଆଉ କ'ଣ ଅଛି ତା' ମନେ ହୁଏନି କାହିଁ ସେହି ମୁହୂର୍ତ୍ତରେ ! ଆଜି ଯେମିତି ସବୁକିଛି ନିଥର ।

ଅନେକ ରାତିରେ ସେମାନେ ଦୁଇଜଣ ଏତେ ବଡ଼ ବେଡ୍ ଉପରେ ଯଥେଷ୍ଟ ଛାଡ଼ିହୋଇ ଶୋଇଥାନ୍ତି ଦୁଇଟା ଶବପରି । ନିଷ୍ପ୍ରାଣ ବସ୍ତୁପରି ନିଜର ଦେହକୁ ସେ ଚିମୁଟି ଦେଖେ' ଜୀବନ ଶକ୍ତି ଅଛି ନାଁ ନାହିଁ । ସାରାରାତି ବି ସମୟେ ସମୟେ ଚାହିଁ ରୁହେ ଏବଂ ଭାବେ ଏଇ ଉଦାସ ମୁହୂର୍ତ୍ତ ଗୁଡ଼ିକୁ । ବଡ଼ ଆଶ୍ଚର୍ଯ୍ୟ ଲାଗେ ଜୀବନର ପଛକୁ ଚାହିଁଲେ । ଏଇ କ'ଣ ତା'ହେଲେ ନିର୍ମମ ସତ୍ୟ ଏବଂ ଏଇ ମୁହୂର୍ତ୍ତ ଗୁଡ଼ାକ ସମସ୍ତଙ୍କ ଜୀବନରେ ନାଁ କେବଳ ତା'ର ଆସିଛି ! ସେ ସାମାନ୍ୟ ଉଠି ଚାହେଁ ଏବଂ ଦେଖେ ଅର୍ପିତା ଘୁଂଘୁଡ଼ି ମାରୁଛି । ସାରାଦିନର କ୍ଲାନ୍ତି ତା'ର ଦେହରେ । ସେହି ସମୟରେ ମନେହୁଏ ନାଁ ଆଉ ଏ ଜୀବନର ସ୍ଥାଣୁତ୍ୱ ବୁହାଇ ପାରିବନି । ସେ ଚାଲିଯିବ । ଖୋଜିବ ଅନ୍ୟ ନାରୀ । ଅନୁରଣିତ ହେବ ତା'ର ଛନ୍ଦରେ । ପୁନଶ୍ଚ ଭୁଲିଯିବ ଏଇ ନିଥର ଜୀବନକୁ । ସେଇଆ ହିଁ ଠିକ୍ ହେବ । ସେ ଟିକେ ଚଂଚଳ ହେବାକୁ ଚାହେଁ । ପ୍ରଗଳଭ ହୋଇ ହଜିଯିବାକୁ ଚାହେଁ । କେତେ ଘଡ଼ି ଭୁଲିଯିବାକୁ ଚାହେଁ ଏଇ ବ୍ୟବସାୟିକ କର୍ମକ୍ଷେତ୍ରରୁ । ସେ ହଜିଯିବା ପଛରେ ଯେ କି କାରୁଣ୍ୟ କି ଇଚ୍ଛା ତା' ବୁଝିପାରିବନି ଆଉ ଅର୍ପିତା ।

ଅଥଚ୍ କେତେ ଚଂଚଳ ଥିଲା ଅର୍ପିତା । ତା'ର ରୁଚି ସମ୍ପନ୍ନ କଥାବାର୍ତ୍ତା, ଚାଲିଚଳନ, ଛନ୍ଦହୀନ କବିତା ପରି ଫୁଟିଉଠୁଥିଲା । ସେଦିନ ଲେଡିଜ୍ ହଷ୍ଟେଲର ଫଙ୍କସନ ସାରି ଘରକୁ ଫେରିବା କଥା । ରାତି ଦଶ ହେଲାଣି । ରେଭେନ୍‌ସା କଲେଜର ବିରାଟ ଖେଳ

Digitized by srujanika@gmail.com

ପଡ଼ିଆ । ଶୀତାର୍ତ୍ତ ରାତି, ଶିଶିରପାତ ହେଉଛି, ରିକ୍ସା ନନେଇ ତା' ସାଥିରେ ଚାଲିଚାଲି ଆସିଥିଲା । ଗୋଟାଏ ଝଙ୍କାଳିଆ ଗଛତଳେ ବହଳ ଅଂଧାର । ସେଇଠି ଘଡ଼ିଏ ଠିଆହୋଇ ପଡ଼ିଥିଲା । ''ଅଭୀଜୀତ୍ ତୁମେ ମୋତେ ଛାଡ଼ି ଚାଲିଯିବନି ତ !'' ଭୀଷଣ ସୁନ୍ଦର ସୁଲଳିତ କଣ୍ଠ । ଉଦାସୀନତାର ଛୁଆଁରେ ଓଦାଓଦା । ଅଭିଜୀତ୍ ସେଦିନ ତା' ମୁହଁକୁ ତୋଳି ଧରିଥିଲା ଦୁଇ ପାପୁଲିରେ । ନିଜର ଆକୁଳ ବାହୁ ତାକୁ ଘେରିରହିଥିଲା, କ'ଣ ପାଇଁ ସେ କାନ୍ଦି ଉଠିଥିଲା । ବୋଧହୁଏ ଏତେ ନିକଟରେ ପାଇବାର ଅସହ୍ୟ ସୁଖରେ ତା'ର ଛାତି ଭିଜି ଯାଇଥିଲା । ସେ ତା' ବୁଝିଲା । ଗଛ ଉପରୁ ପକ୍ଷୀଟାଏ ଉଡ଼ିଗଲା ଏବଂ ଡେଣା ଝାଡ଼ିବାର ଶବ୍ଦ ହେଲା । ସେମାନେ ଚାଲିଚାଲି ଉଠି ଆସିଲେ ଛତ୍ରବଜାର ପୋଲ ଉପରକୁ । ସେଠୁ ପ୍ରଫେସରପଡ଼ାଯାଏ । ତାକୁ ଘର ପାଖାପାଖି ସେ ଛାଡ଼ି ଦେଇ ଯାଇଥିଲା । ହୁଏତ ସେଦିନ ସେ ଘରେ ମିଛ କହିଥିବ କେମିତି ଆସିଲା ବୋଲି ! ତଥାପି ସେ ଦୁର୍ବାର ସାହାସ ସେ କରି ପାରିଥିଲା । କନ୍‌ଫିଡେଣ୍ଟଲି । ବଡ଼ ଆଚମ୍ଭିତ ହୁଏ ଅଭିଜୀତ୍ । ସେଦିନ ବି ସେ ଅନୁଭବ କରିଥିଲା ଜୀବନ ପ୍ରତି ଖୁବ୍ ଗୋଟାଏ ଗଭୀର ମମତା ଆଉ କନ୍‌ଫିଡେନ୍‌ସ । ତା' ବୁକୁରେ ସେହି ସୌରଭ ଲାଗି ରହିଥିଲା । ଅର୍ପିତାର ଛୁଆଁ । କେଡ଼େ ଭାଗ୍ୟବାନ ନିଜକୁ ମନେ କରିଥିଲା ସେ । ପୃଥିବୀର ସବୁଠାରୁ ବଳି ପ୍ରାଚୁର୍ଯ୍ୟଶାଳୀ ରାଜ୍ୟର ରାଜା । ସବୁକିଛି ସେ ପାଇଛି । ଆଃ ! କି ଆହ୍ଲାଦର ଦିନ ଥିଲା ସେଦିନ । ସାରାରାତି ସେ ଅନିଦ୍ରା ହୋଇ ସେହି ମଧୁରତମ ମୁହୂର୍ତ୍ତକୁ ଭାବି ହୋଇଥିଲା । ତା'ରି ଘୋର୍‌ରେ କୁଆଡ଼େ ଯାଉଛି, ଆସୁଛି, କ'ଣ ଖାଉଛି କିଛି ଜାଣି ପାରୁନଥିଲା । କ୍ଲାସରେ ଚୁପ୍‌ଚାପ୍ ବସୁଥିଲା । କି ଘୋର ଲାଗିଥିଲା ତା'ର ମନରେ, ଦେହରେ । ଖୁବ୍ ଭୋରରୁ ମଧ୍ୟ ଅର୍ପିତା ଆସି ଠିଆ ହୋଇଥିବ ଦେବଦାରୁ ଗଛତଳେ ତାକୁ ଅପେକ୍ଷା କରି । କିଏ ଚାହୁଁଛି, କ'ଣ ଭାବୁଛି, ତା' ଦେଖିବାକୁ ନଜର କାହିଁ । ଏମ:ଏସ:ସି ପରେ ସିଏ ଏମ.ବି.ଏ କରିବାକୁ ଚାଲିଗଲା ବମ୍ବେ । ବଡ଼ କଂପାନୀରେ ବି ଚାକିରି ପାଇଲା । ଆଉ ମଧ୍ୟ ପାଇଲା ଅର୍ପିତାକୁ । ବାହାଘରର ବେଶ୍ କିଛି ବର୍ଷ ଖୁବ୍ ମଗ୍ନ ଥିଲା ଅର୍ପିତା । ତାରି ଭିତରେ କଟିଯାଇଥିଲା କେତେ ବର୍ଷା ବିଭୋର ରାତି, ବସନ୍ତ ଶରତର ଖେଳ, ପୂର୍ଣ୍ଣିମା ଜହ୍ନର ମୋହମୟତା, ଗଂଗ ଶିଉଳିର ବାସ୍ନା । ଅର୍ପିତା ଥିଲା ମଗ୍ନ କେଉଁ ପ୍ରେମିକାର ଅନ୍ୟରୂପ । ଯିଏ ଆଉ କିଛି ଜାଣିନି କେବଳ ପ୍ରେମ ଛଡ଼ା । ଆଜି ସେସବୁ ଆଚମ୍ଭିତ ଭାବେ ଦୂରଗତ । ଅର୍ପିତା ନିଜେ ଠିକ୍ ବୁଝିପାରିଛି କି ନାହିଁ ତା'ର ଏ ବଦଳି ଯିବାଟା, ତା' ବି ଜାଣେନା ।

ତଥାପି ଆଶା, ପ୍ରତୀକ୍ଷା ତା' ବୁକୁ ଚାପିଧରେ । ଗଭୀର ରାତିରେ ପୂର୍ଣ୍ଣିମା ଜହ୍ନର କରୁଣ ମୁହଁ ଦିଶେ, ସାରା ପୃଥିବୀ ନିଃଶବ୍ଦ ଲାଗେ, ଅଦୂର ପଣସ ଗଛ ତଳକୁ ଜହ୍ନ ଚାଲିଗଲେ ଆହୁରି ଅପୂର୍ବ ଲାଗେ । ସାମ୍‌ନାର ବିରାଟ୍ ପଡ଼ିଆ । ଚଲା ରାସ୍ତାଟାଏ । ଯେମିତି କି ଅନନ୍ତ ଆଡ଼େ ତା'ର ବିସ୍ତୃତି । କିଏ ଯେମିତି ଓହ୍ଲାଇ ଆସୁଛି ସେ ରାସ୍ତାରେ ।

Digitized by srujanika@gmail.com

ସେ ଆସୁଛି ତା' ଆଡ଼େ । କି ସୁନ୍ଦର ତା' ଆଖିର ଚାହାଣୀ । କୁହେ "ଆସ ... ମୋ ସାଂଗରେ । ଯିବାନି ଏଇ ମୋହମୟ ରାତିରେ, ପୂର୍ଣ୍ଣିମା ଜହ୍ନ ଦେଖିବାନି !" ତା'ର ଆଖିର ଲୁହ, ଆକୁଳତା, ତା'ର ଯାଦୁକରୀ ଛୁଆଁର ଆଘ୍ରାଣ ଏବେ ବି ତା' ଦେହରେ ଲାଗେ । ଶିହରିତ ହୁଏ ସେ । ଆକୁଳ ହାତ ବଢ଼ାଏ । "ହଁ... ମୁଁ ତ ଚିରକାଳ ତୁମରି ପ୍ରତୀକ୍ଷାରେ । ତୀବ୍ର କେଉଁ ଆବେଗରେ ମୋ ଛାତିରେ ସମୁଦ୍ରର ଝଡ଼ । ଆସ ମୋ ପାଖକୁ । କବିତାରେ ଭିଜେଇଦେବି ତୁମ ଛାତି ତଳର ଯେତେ ଉଦାସୀନତା, ପ୍ରାଣ ଦେବି ମୁଁ ତୁମକୁ ପ୍ରାଣ ।" ହେଲେ ସାରା ରାତି ଧରି ଅର୍ପିତା ଶୋଇଥାଏ । ଉଠେନି । ସକାଳ ହୁଏ । ଶଗଡ଼ ଗୁଳାରେ ଚାଲେ ଜୀବନ । କାହିଁକି ଏମିତି ହୁଏ ! ଘର ସଂସାର କରୁକରୁ ମଣିଷ କ'ଣ ଭୁଲିଯାଇଥାଏ ତା'ର ସ୍ୱପ୍ନ ! ଯେଉଁ ସଂସାରକୁ ପାଇବାକୁ ସେମାନେ ଦିନେ ଉତ୍ତାଳ, ଉନ୍ମୁଖ ଥିଲେ, ସେହି ସଂସାର ହିଁ ତାଙ୍କୁ ଭାରି କରିଦିଏ । ଖାଲି ହିସାବ ସଂସାରର । ମାପଚୁପ୍ କଥା । ବାସ ସେତିକି । ଅନେକ କଥା ହେଲେ ବି ସେଗୁଡ଼ାକ କଥାରେ ଯାଏନି । ନିରର୍ଥକ । ତା ଜାଣେ ଅଭିଜ୍ଞୀତ୍ । ତେଣୁ ବିଛଣା ଧରୁଧରୁ ସେ ଶୋଇଯାଏ । ନିଦଭଂଗା ମୁହୂର୍ତ୍ତରେ ଏକାଏକା ଚାହିଁଥାଏ ଏବଂ କ୍ରୋଧ ଅଭିମାନ ଭାଂଗି ପଡୁଥାଏ ତା'ର ସମଗ୍ର ସତ୍ତାରେ । ତା' ମଧ୍ୟ ଅର୍ପିତା ଜାଣେନା । ଅଥଚ ଆଗେ ନିଦ ଭାଂଗିଗଲେ ସେ ହିଁ ନିଜେ ତାକୁ ଉଠାଇ ଡିଷ୍ଟର୍ବ କରୁଥିଲା । ଅନର୍ଗଳ କଥା କହୁଥିଲା ସୁମଧୁର ସ୍ୱରରେ । ଲଳିତ ଲବଂଗ ଲତା ପରି ଗୁଡ଼େଇ ହୋଇ ଯାଉଥିଲା ତା'ର ତନୁରେ । ଏବେ କିନ୍ତୁ ସେ ଚୁପ୍ । ଯେମିତି କେଉଁ ଅଚିହ୍ନା ଲୋକଟିଏ ବା ଅଳ୍ପ ଚିହ୍ନା ଲୋକଟିଏ ସେ ।

ଟି.ଭି ଦେଖେ ଅର୍ପିତା ଏକାଏକା । ଏତେ ରାତିଯାଏ ଟି.ଭି ଖୋଲି ବସିଲେ ତାକୁ ବଡ଼ ଅସହ୍ୟ ଲାଗେ । ସେହି ସମୟରେ ତ ସେ ପାଖକୁ ଆସିପାରନ୍ତା, କିଛି ଗପି ପାରନ୍ତା ! ତା' ହୁଏନି । ଅଥଚ ଦିନ ଥିଲା ଭଲ ସିନେମା ହେଉ ବା ଖରାପ କୌଣସିଟା ବାଦ ପଡୁନଥିଲା । ତିନିଘଣ୍ଟା କାଳ ଅଂଧାର ହଲଭିତରେ ପରସ୍ପରକୁ ପାଇବାର ମାଦକତା, ନିଶା ତାକୁ ଗ୍ରାସୁଥିଲା । ପରସ୍ପରକୁ ପାଇବାର ଆବେଗ ଅଂଧାର ଭିତରେ ତାକୁ ଟିକେ ଛୁଇଁବାର ନିଶା ମଧ୍ୟ କମ୍ ନଥିଲା । ତା'ର ଉନ୍ନତ ବୁକୁର ଛୁଆଁରେ ସେ କି ଆଉ ମନସ୍କ ହୋଇ ଛବି ଉପରେ ନଜର ରଖି ପାରୁଥିଲା ! ସେହି ଅଂଧାର ଆଲୋକର ଖେଳ ଭିତରେ ବେଳେବେଳେ ଦେଖୁଥିଲା ତା'ର ଭାବବିହ୍ୱଳ ରୂପକୁ । ଆଜି ତା' ଜୀବନର ଛନ୍ଦ ନାହିଁ, ତାଳ କଟିଯାଇଛି, ବେସୁରା ରାଗିଣୀର ଗୀତ ବଡ଼ ଶ୍ରୁତିକଟୁ । ସେ ଚାହୁଁଛି ଚାଲିଯିବ ଅନେକ ଦୂର । ଯେଉଁଠି ଏ ପରିତ୍ୟକ୍ତ କବରର ଜୀବନ ନୁହେଁ, ଫୁଲଭରା କେଉଁ ଜଂଗଲରେ ସେ ଖୋଜିବ ଅନ୍ୟ ଜୀବନ । ଭିନ୍ନ ମୋଡ଼ ଦେବ ଏ ବଂଚିବାକୁ । ମୁକ୍ତ ହେବ ଏ ନିଃସ୍ତରଂଗତାଠାରୁ । ଚାକିରିର ଚାପକୁ ଢେଉହୀନ ଏଇ ଜୀବନର କିଛି ମାନେ ହୁଏ !

Digitized by srujanika@gmail.com

କିଏ ଖୁଲିଥିଲି ହସୁଥିଲା ଫୋନ୍‌ରେ । ଦୂର ... ଆଜିକାଲି ୟଂଗ ମାସ ନିହାତି ଲଜ୍ଜାହୀନ । ମନକୁ ପାଇବାପରି ଗପ ! କିଏ ସେ ତାକୁ ଯୁବକ ଭାବିଛି । ହସୁଛି । ତା'ର ରାଗହେଲା ଅପର ପକ୍ଷ ଉପରେ । ଅଯଥା ଗୋଟାଏ ଫୋନ୍ କଲପାଇଁ ତ' ମୁଡ୍ ଖରାପ ହୋଇଗଲା ।

ପୁଣି ଫୋନ୍ ।

— ମିଃ ଅଭିଜୀତ୍ ମହାପାତ୍ର ! ଚିହ୍ନିଲେ କଣ୍ଠ । କେତେ ସମୟ ଦେଲି କହିଲେ ; ଅଥଚ !

ସେ ପୁନଶ୍ଚ ସ୍ତବ୍ଧ ହେଲା ।

— କିଏ କହୁଛି କହିପାରିଲେ ନି !

ଟିକିଏ ବାହାରି ଆସ ଚାରିକାନ୍ଥର ଗଣ୍ଡି ଭିତରୁ, ଦେଖିବ ଗୋଟାଏ ସବୁଜ ଇଲାକା । ପାଇ ହେବ ନଦୀର ହାଓ୍ୱା । ଦୃଷ୍ଟି ଲମ୍ବେଇ ଦେଖିବ ପାହାଡ଼ ଉପରୁ ନଦୀ ଆଉ ଅନେକ ଦୂରରେ ଚାଲିଯାଇଥିବା ରାସ୍ତା ଉପରେ ବ୍ରିଜ । ସେ ବ୍ରିଜ ଉପରେ କୁହୁଡ଼ି ଘେରି ଆସୁଛି ।

ଭୀଷଣ ସୁନ୍ଦର ଗୋଟାଏ ମୋହମୟ କଣ୍ଠ । ଶବ୍ଦ ବିନ୍ୟାସ । ସେ କଣ୍ଠ ତାକୁ ଆଚ୍ଛନ୍ନ କରି ଆସୁଚି । ସେ ମୁଗ୍ଧ ହୋଇ ପଡୁଛି । କେଉଁ ଯାଦୁକରର କାଉଁରି ଛୁଆଁପରି । କୁହୁକ ପରି ! ସେ କିଛି ଉତ୍ତର ଦେଇପାରୁନି ।

— ତୁମର ପରିଚୟ !

— ତୁମେ କେଉଁ ଦିନ ମୋତେ ଚିହ୍ନିପାରିନଥିଲ ବଂଧୁ । ଆଜି କ'ଣ ଚିହ୍ନିବ !

— ବଡ଼ ଅଜବ ତ !

— ନାଁ ଖୁବ୍ ସରଳ । ଅଜବ ନୁହଁ କି କମ୍ପ୍ଲିକେଟେଡ୍ ନୁହଁ । ତୁମ ପାଇଁ ମୁଁ ସେମିତି ହୋଇ ରହିଗଲି ।

— ପରିଚୟ ନ ଦେଇ ଏତେ ଗପ ଯେ !

— ବହୁତ ଇଚ୍ଛାଥିଲା ତୁମ ସହ ସାରା ଜୀବନ ଗପିବାକୁ । ଅସରନ୍ତି ସ୍ୱପ୍ନ ନେଇ । ହେଲେ ଛାଡ଼ ... । ଦୀର୍ଘଶ୍ୱାସର ଶବ୍ଦ । ତୁମେ ଟିକେ ଆସିପାରିବ ? ଯଦି ଭଦ୍ରଲୋକଙ୍କର ସମ୍ମାନରେ ଆଂଚ ଆସେ, ତେବେ ବାଧ କରୁନି । ଅନୁରୋଧ ମୋର ... କେଉଁଠି ପାର୍କ ନୁହେଁ କି ନଈ କୂଳ ନୁହେଁ, ସିଧା ଘରକୁ ଆସ । ନିରୋଳାରେ କଥା ହେବାକୁ ଇଛା । ଆଉ କିଛି ନୁହେଁ । ଠିକଣା ଲେଖ ।

ଅଭିଜୀତ୍ ବୁଝିପାରିଲାନି ସେ କେମିତି ମନ୍ତ୍ରମୁଗ୍ଧ ହୋଇ ଠିକଣାଟି ଟିପି ଦେଲା ଏବଂ ସବୁ କାମ ଫୋପାଡ଼ି ଉଠିଗଲା !

Digitized by srujanika@gmail.com

ଛେଣ୍ଡର କେଉଁ ପରିତ୍ୟକ୍ତ ଫାଙ୍କା ଜାଗାରେ ଥିଲା ବସତି । ନୂଆ ଘର । ସୁଦୃଶ୍ୟ ଅଟ୍ଟାଳିକାରେ ବନ୍ଦୀହୋଇ ବସିଥିବା ରାଜକୁମାରୀ କିଏ ? ଚୁପ୍‌ଚାପ୍ ଠିଆ ହେଲା ଗେଟ୍ ସାମନ୍ନାରେ । ଖୋଲା ଅଛି ଦ୍ୱାର । ଟିକିଏ ଆଗେଇ ଯାଇ ବାରଣ୍ଡାରେ ନକ୍ କଲା ।

— ଭିତରକୁ ଆସ ।

ଭିତରକୁ ଆସି ଯାହାକୁ ଦେଖିଲା, ଆଶ୍ଚର୍ଯ୍ୟ ହେଲା । ରତ୍ନ !

କେମିତି ଗୋଟାଏ ସ୍ନେହ ପ୍ରବଣ, ମୁରୁକି ହସ ତା' ଆଖିରେ । ବଡ଼ କରୁଣ ମଧ ସେ ଆଖି । ଅନେକ ବର୍ଷ ପରେ ନିଜର ଇପ୍‌ସିତ ବସ୍ତୁକୁ ସାମନ୍ନାରେ, ଏତେ ପାଖରେ ପାଇଛି ସେହି କୃତଜ୍ଞତା ତା' ଆଖିରେ ସ୍ପଷ୍ଟ ।

— ତୁମେ ମୋତେ ଚିହ୍ନିପାରିଲ ? ମୁଁ ଆଦୌ ଭାବିନି କୋଡ଼ିଏ ବର୍ଷ ତଳର ସେହି ରତ୍ନକୁ ତୁମପରି ଏତେ ବଡ଼ ଲୋକ ଚିହ୍ନି ପାରିବ ବୋଲି ।

— ବଡ଼ ଲୋକ ? ମାନେ ?

— ତୁମେ ତ ବହୁତ ବଡ଼ । ଆକାଶଠୁ, ସମୁଦ୍ର ଠୁ ବି । ତୁମକୁ କେଉଁଠୁ ଧରିହେବ ? ମୁଁ ତ ଛାର । ଆଉ ଏତେଦିନ ପରେ ଏମିତି ଭାବେ ଦେଖି ଆଶ୍ଚର୍ଯ୍ୟ ହେଉଛ ନାଁ !

— ହଁ ନିଃଶ୍ଚୟ ହେଉଛି ।

ତେବେ ମୁଁ ବହୁତ ଖୁସୀ ଯେ ପୁଣି ଅତୀତର କଥା ମନେ ପଡ଼ିଯିବ । ଶୁଭକାନ୍ତ ସଂାଗରେ ତୁମ ଘରକୁ ଯିବା । ମଉସା, ମାଉସୀଙ୍କର ସ୍ନେହ, ଆଦରର କଥା ।

— ଖାଲି ମଉସା ମାଉସୀଙ୍କର ? ଆଉ କାହାର ନୁହେ ?

— ଆଉ କାହାର .... ?

— ତୁମେ ଚିରକାଳ ସେହି ପଦାର୍ଥବିତ୍ ହୋଇ ରହିଗଲ । ଆଉ କିଛି ଦେଖିଲନି । ଆଗେ ଯେମିତି ଥିଲ, ଏବେ ବି ସେମିତି ! ବଡ଼ ନିଷ୍ଠୁର । କହି ଆଖି ଛଳଛଳ ହୋଇଗଲା ରତ୍ନର ।

ଅଭିଜୀତ୍ ଚୁପ୍‌ଚାପ୍ ଚାହିଁ ରହିଲା ତାକୁ କେଉଁ ଦରଦରେ । ଆଖି ଫେରାଇ ନେଇପାରିଲାନି । ନାରୀର ଅଶ୍ରୁ ବଡ଼ କଠିନ ସହିବା । ସେ ଉଠିଗଲା ତା' ପାଖକୁ । ରୁମାଲ୍ ବାହାର କରି କହିଲା- ପ୍ଲିଜ୍ ରତ୍ନ ! ଏମିତି ପିଲାଙ୍କ ପରି କାନ୍ଦୁଛ । ନିଅ... ମୁହଁ ପୋଛ ।

ରତ୍ନ ତଳକୁ ମୁହଁପୋତିଲା । ରୁମାଲ ନେଇ ମୁହଁ ପୋଛିଲା । ଅଭିଜୀତ୍ ବି ଚୁପ୍ ।

କ'ଣ ଚାହିଁଥିଲା ଏ ରତ୍ନ ! ଆଜି ପୁଣି କୋଡ଼ିଏ ବର୍ଷ ପରେ, ଇଏ କି ପ୍ରକାର ପିଲାଳିଆମି ସେ ବୁଝି ପାରିଲାନି । ତା'ଠାରୁ ଅବଶ୍ୟ ପାଂଚବର୍ଷ ସାନହେବ ସେ ।

Digitized by srujanika@gmail.com

ବୟସ ଅଠତ୍ରିଶ ଯାଏ ହେବ । ଚେହେରା ଆଗଠୁ ଆହୁରି ପରିପୂର୍ଣ୍ଣ, ଆହୁରି ସୁନ୍ଦର ହୋଇଛି । ମେଦ ବୃଦ୍ଧି ମଧ ହୋଇନି । ଡେଂଗା, ପତଳା ଶରୀର । ସ୍ମାର୍ଟ । ଏବେ ବି ହସୁଛି ପୁଣି କାନ୍ଦୁଛି ଘଡ଼ିକୁ ଘଡ଼ି । ଚାଲିରେ ଯେମିତି ପାହାଡ଼ି ଝରଣାର ଛନ୍ଦ । ବହିଯାଉଥିବା ପ୍ରଗଳଭ୍ ନଦୀ ହୋଇ ରହିଛି ସେ ? କ'ଣ ପାଇଁ କେଜାଣି ବି.ଏ ପଢୁଥିବାବେଳ ମଉସା ତାକୁ ବାହାକରି ଦେଇଥିଲେ । ଭଲ ଇଂଜିନିଅର ଦେଖି ।

— ମିଃ ଏବେ କେଉଁଠି ଅଛନ୍ତି ! ପଚାରିଲା ଅଭିଜୀତ୍ । ଆଉ ଅନ୍ୟମାନେ ?

— ହଁ ... ବାବୁ ତ ବହୁତ ବିଜିଲୋକ । ମଲଟିନ୍ୟାସନାଲ କଂପାନୀରେ ଜଏନ୍ କରିଛନ୍ତି । କେତେବେଳେ ଦେଶରେ ତ କେତେବେଳେ ବିଦେଶରେ । ଆଉ ଗୋଟାଏ ମାତ୍ର ଝିଅ । ସେ ଏବେ ବଂଗାଲୋରରେ ଇଞ୍ଜିନିଅରିଂ ପଢୁଛି । ଏଇ ବର୍ଷ ପାଇଲ । ବାପା, ମା' ଏବେ ଭୁବନେଶ୍ବରରେ ରହୁଛନ୍ତି । ଆଉ ଭାଇ ଯାଇଥିଲା ଆମେରିକା ପି.ଏଚ୍.ଡ଼ି କରିବାକୁ । ସିଆଡ଼େ ଲେକ୍‌ଚରସିପ୍ ପାଇ ରହିଗଲା । ମିଃ ଏବେ ଲଣ୍ଡନ ଟୁରରେ । ରାଉରକେଲାରେ ଗୋଟାଏ ଘର କିଣିଥିଲି, ଭାବିଲି ଯାଇ ରହିଥାଏ ନିଜ ଘରେ । କିଛିଦିନ ଓଡ଼ିଶାର ପାଣିପବନ ଖାଇ ନିଜର ନିଜର ଅନୁଭବରେ ଭରିନିଏ ମନକୁ !

ଏଇଠିକୁ ଫେରି ସେ ଯେପରି ସବୁ ଭୁଲିଯାଇଛି । କେଉଁଠି ସେ ଥିଲା, ବିଦେଶରେ କି ଦେଶରେ । ଦିଲ୍ଲୀରେ କି ବାଂଗାଲୋରେ, ତା' ବିସ୍ମୃତ । ଏବେ ଲାଗୁଛି ସେ କ୍ଲାନ୍ତ ପକ୍ଷୀଟିଏ, ଥକା ହୋଇ ପଡ଼ିଯାଇଛି । ଫେରିଆସି ଖୋଜିଛି ତା'ର ପୁରୁଣା ସଂଗ, ସାଥୀ ଆଉ ଅନ୍ତରର ଗଭୀରତମ ସ୍ଥାନକୁ ଅଧିକାର କରି ସଦା ବସିରହିଥିବା ସେହି ବ୍ରହ୍ମଚାରୀକୁ । ଯାହାକୁ ବଶ କରିବା ତା' ପକ୍ଷେ ସମ୍ଭବ ନଥିଲା ଦିନେ । ସତରେ ବିଶ୍ୱାମିତ୍ରର ତପସ୍ୟା ଭଂଗ କରିବାକୁ ସେ ମେନକା ହୋଇପାରିନଥିଲା କି ସତ୍ୟବତୀ ହୋଇ ପରାଶରଙ୍କର ପ୍ରେମାସ୍ପଦ ହୋଇପାରିନଥିଲା । ସେ କିଛି ବି ହୋଇପାରିନଥିଲା । କାହିଁକି ସେ ବୁଝି ପାରେନା । ତା ମୁଣ୍ଡ ବିଗିଡ଼ି ଯାଏ ଏସବୁ ହାରିଯାଉଥବା କଥା ଭାବିଲେ । ଟିକିଏ ଆଦର ପାଇଁ ତା'ର କେତେ ଅପେକ୍ଷା, କେତେ ଅଶ୍ରୁ, କେତେ ପାଗଳପଣ । ସବୁ ଝରିଗଲା । କେହି ଦେଖିଲେନି । ଯେତିକି ଭଲ ପାଇବା ଦେଇ ଅଭିଜୀତ୍‌କୁ ସେ ଚାହିଁଥିଲା, ପଥର ହେଲେବି ତରଳି ଯାଇଥାନ୍ତା, ଅଥଚ ଅଭିଜୀତ୍‌କୁ ଛୁଇଁ ପାରିଲାନି । ଟିକିଏ ଆଡ଼ ଆଖିରେ ତାକୁ ଚାହିଁଲେ ନି । ଇଏ କି ଭାଗ୍ୟ ତା'ର ? କିଏ ଏମତି ତାଙ୍କୁ ତା' ଆଗରୁ ନେଇଯାଇଥିଲା ଯେ ଷୋଳବର୍ଷର ପ୍ରେମ ତା'ର ସକାଳର କୁହୁଡ଼ିପରି ଉଭେଇ ଗଲା । ଏଯାଏ ବି ସେହି ଅତୃପ୍ତି ତା'ର ଦେହ, ମନକୁ ରକ୍ତାକ୍ତ କରେ । ସେ ସ୍ୱାମୀ ସାଂଗରେ ଥାଇ ବି ପାର୍ଟିରେ ଡ୍ରିଂକ୍ କରେ ପ୍ରଚୁର ଏ ସବୁ ମନେ ପଡ଼ିଲେ । ଏଠାକୁ ଆସିବା ପରେ ସେ ଅଭିଜୀତ୍‌ଙ୍କ ଠିକଣା ପାଇଥିଲା । ଅନ୍ତତଃ ମୁହଁକୁ ନଚାହିଁଲେ ବି ଜଣେଇ ଦେଉ ସେ, ତାଙ୍କରି ବାଟ ଚାହିଁଥିଲା ସେ ଦିନେ, ଉଷାର ଆଲୋକରେ,

Digitized by srujanika@gmail.com

କୁହୁଡ଼ିଘେରା ଶୀତଳ ରାତିରେ, ମୌସୁମୀ ପ୍ରବାହରେ, ଗଂଗଶିଉଳିର ବାସ୍ନାରେ । ଆଉ ଏବେ ବି ସେହି ମନ ନେଇ ତା'ର ଈପ୍‌ସିତ ପୁରୁଷକୁ ସେ ଚାହିଁଛି । ହୋମର ସମିଧିପରି ଜଳିଯିବା ପାଇଁ ।

ସେ ଅଭିଜୀତ୍‌କୁ ଚାହିଁଲା । ସେହି ଭୀରୁପଣ । ନିଜକୁ ଦୂରେଇ ରଖିବାର ଅଭ୍ୟାସ । ହସିଲା ରତ୍ନ । ଭାବିଲା ନିଜେ ହିଁ ସେ ଆଗେଇ ଯିବ । ଯାହାକୁ ନିଜର କରି ନେଇପାରି ନଥିଲା ସେ ବୟସରେ ଆଜି ତାଙ୍କୁ ଜୋର କରି ନେଇଯିବ । ହେଉ ତାହା ବିଳମ୍ବ । ପଡ଼ନ୍ତ ବୟସ ।

ଅଭିଜୀତ୍ ଏବେ ସିଧା ଚାହିଁଲା ତା'ର ମୁହଁକୁ । ତା' ଆଖିର ଚାହାଁଣୀରେ କି ଯାଦୁ ଅଛି ଯେ ସେ ମୁଗ୍ଧ ହୋଇ ପଡୁଛି । କି ଭାଷା ସେ ବ୍ୟକ୍ତ କରୁଛି । ଅଭିଜୀତ୍‌ର କ୍ଷଣ କାଳ ପାଇଁ ମନେ ହେଲା କି ସୁନ୍ଦର, ଛଳଛଳ, ପରିପୂର୍ଣ୍ଣ ଚେହେରାର ନାରୀଟି ତାକୁ ଯେମିତି ଆକର୍ଷି ଧରିଛି । ତା'ର ଦୃଷ୍ଟି ଏବେ ବଡ଼ ଅର୍ଥପୂର୍ଣ୍ଣ । ତା' ଠିକ୍ ବୁଝିପାରୁଛି ରତ୍ନ । ହେଲେ ଅଭିଜୀତ୍ ନୀରବ । ଇଏ ଏକ ଲକ୍ଷ୍ମଣରେଖା । ଅତିକ୍ରମ କରିବକି ନାହିଁର ଅବସ୍ଥା ।

ଅଭିଜୀତ୍ ଚିରକାଳ ଏମିତି ଭୀରୁ । ଅଂଧକାର, ଲୋଡ଼ସେଡ଼ିଂ ହୋଇଛି ଅନେକବାର, ଏକୁଟିଆ ସେ କେତେ ବାହାନାକରି ଯାଇଛି ତାଙ୍କ ପାଖକୁ, ତଥାପି ସେ ହଲଚଲ୍ ହୋଇନାହାନ୍ତି । ସେଦିନ ତା'ର ଆକର୍ଷଣ ଯେ ଏତେ ଦୁର୍ବଳଭାବି କାନ୍ଦ କାନ୍ଦ ହୋଇଯାଇଥିଲା । କେଉଁ ନାରୀ ଏତେ ତପସ୍ୱୀନି ଯେ ତା'ର କଠୋର ବ୍ରତ, ଭଲପାଇବାର ହିମାଳୟକୁ ତା'ର ଚାହିଁବା ହଲେଇ ପାରି ନଥିଲା । ଆଉ ଏବେ ସେ କେମିତି ? କାହିଁକି ମୁହଁରେ ତାଙ୍କର ଉଜ୍ଜ୍ୱଳତା ନାହିଁ । ଚିନ୍ତାଗ୍ରସ୍ତ ମଣିଷଟିଏ ପରି ବସିଛନ୍ତି । ଗମ୍ଭୀର । ଅନ୍ୟମନସ୍କ । ତାଙ୍କ ପତ୍ନୀ କିପରି ସେ ଜାଣେନା । ଏ ମଝି ବୟସରେ ପ୍ରେମର ସେହି ଆକର୍ଷଣ ଅଛି କି ନାହିଁ, ତା'ବି ଜାଣେନା ସେ । ତେବେ ଖୁବ୍ ପାଇବାକୁ ଇଚ୍ଛା ହେଉଛି ଅଭିଜୀତ୍‌କୁ । ଭୀଷଣ ସେ ଇଚ୍ଛା । ଖୁବ୍ ତୀବ୍ର । କେମିତି ପାଇହେବ ଏଇ ଇଚ୍ଛାମାନଙ୍କୁ ?

— ଅଭିଜୀତ୍ ! ତୁମକୁ ଦେଖିବାର ତୀବ୍ର ପିପାସା ପାଇଁ ମୋତେ କ୍ଷମା କରିବ । ଏତେ ସମୟଧରି ଅଫିସ୍ ଛାଡ଼ି ଆସିଲଣି । ତୁମ କାମରେ ବାଧାଦେଲି । ମୁଁ କିଛି ମାସ ରହିବି ଏଠି । କାଲି ଆସିବ ।

ଅଭିଜୀତ୍ କିଛି ପ୍ରତିଶ୍ରୁତି ଦେଇପାରିଲାନି । କହିଲା- ଅଫିସ୍ ଟାଇମ୍‌ରେ ନୁହେଁ । ସଂଧ୍ୟାରେ ଦେଖିବା ।

— ଦେଖିବା ନୁହେଁ । ନିଃଶ୍ଚୟ ।

ଏଥର ଅଭିଜୀତ୍ ସାମାନ୍ୟ ହସି କହିଲା – ତୁମେ ଯାହା ଚାହିଁବ ସେଇଆ ନାଁ କ'ଣ !

Digitized by srujanika@gmail.com

— ସବୁବେଳେ ତୁମେ ଯାହା ଚାହିଁଚ ତା’ କଲ । ମୁଁ ବା କିଏ ତୁମର ? ମୋର ବା କି ଚାହିଁବା ଅଛି ? ମୁଁ ଏବେ ଟିକେ ଚାହିଁଲି, ରଖିବନି ! କୁହ । କହିଲା ବେଳକୁ ରତୁ ଅଭିଜୀତ୍‌ର ଦୁଇ ପାପୁଲିକୁ ଧରିନେଇଥିଲା । ତା’ର ହାଲକା ପରଫ୍ୟୁମର ସୁଂଗଧରେ ସେ ଆନ୍‌ମନା ହୋଇଗଲା । ଉତ୍ତାଳ ହୋଇଉଠିଲା ତା’ର ରକ୍ତ କଣିକା । ତା’ର ସ୍ନାୟୁ ଜାଗିଉଠିବାର ଟେର ପାଇଲା ସେ ।

: ହଉ ଆସିବି କହି ଅଭିଜୀତ୍ ବାହାରିଗଲା ।

ଭୀଷଣ ଅନ୍ୟମନସ୍କ ଥିଲା ସିଏ । ବାରମ୍ବାର ରତୁର ମୁହଁଟି ତା’ର ଚିନ୍ତାକୁ କାବୁ କରି ଧରିଥିଲା । ତା’ର ପାଲିସ୍‌କରା ମୁହଁ, କେଶ ବିନ୍ୟାସ, ପତଳା ଶରୀର, ସମ୍ମୋହନ କରି ରଖିଥିଲା ତାକୁ । ସେ ବହୁତ ଦିନପରେ ହାଲକା ହୋଇ ପଡୁଥିଲା । ତଳକୁ ମୁହଁକରି ଚୁପ୍‌ଚାପ୍ ବସୁଥିଲା । ଅବଶ୍ୟ କେଉଁ ଅସ୍ୱସ୍ତି ପ୍ରବଣ ମୁହୂର୍ତ୍ତରେ ଚାହିଁଥିଲା ଘଡ଼ିଏ ଜୀବନକୁ ଭୁଲିଯିବା ପାଇଁ । ବୋଧହୁଏ ଅତ୍ୟଧିକ ଭଲପାଉଥିଲା ଜୀବନକୁ । ନିଜକୁ । ଚାହୁଁଥିଲା ଆଉ କିଛି ବର୍ଷ ଉଷ୍ଣତା ନେଇ ବଂଚିବାକୁ । ନିଥରତା ନୁହେଁ । ଆବେଗମୟତା ଚାହିଁଥିଲା ସେ । ହୁଏତ ସେହି ଚାହିଁବା ତା’ ପାଇଁ ଥିଲା ସତ୍ୟ । କଠୋର ସତ୍ୟଟିଏ । ନହେଲେ ସେ କାହିଁକି ଏ ସବୁ ଭାବୁଥିଲା ଯାହା କେବେ ତା’ ଭାବନାରେ ଆସିବାକଥା ନୁହେଁ । ରତୁ ତା’ର କିଏ ? ସେ କ’ଣ କେବେ ରତୁ ପାଇଁ ଅପେକ୍ଷା କରିଥିଲା ? କେବେ ସ୍ପନ୍ଦିତ ହୋଇଥିଲା ? ନାଁ ତ... ତେବେ ତା’ ମନରେ ଏତେ ଢେଉ କାହିଁକି ? ଏତେ ଅସଂଯତ, ଅନାବନା ଭାବନାରେ କାହିଁକ ସେ ଚୁପ୍ ହୋଇଯାଉଛି ? ଲାଗୁଛି କାଲି ଯେମିତି ପଂହଚିଲେ ନିଜ ଉପରେ ତା’ର ସଂଯମ ହଜିଯିବ । ସେହି ପ୍ରଗଳ୍‌ଭା ନଦୀର ପ୍ରଖର ସୁଅରେ ସେ ଭାସିଯିବ ବହୁଦୂର । ଅଥଚ ଅର୍ପିତାକୁ ସେ କେତେ ଚାହେଁ । ପୂର୍ଣ୍ଣମନ ନେଇ । ଶହେ ପ୍ରତିଶତ । ଯାହାର ସୌନ୍ଦର୍ଯ୍ୟ, ମଧୁରତା, ଅନୁଭବକୁ ସେ ପ୍ରତିଟି ମୁହୂର୍ତ୍ତରେ ଚାହେଁ, ଅପେକ୍ଷାକରେ ପାଇବାକୁ । କାହିଁକି ଯେ ଅର୍ପିତା ଏମିତି ହୋଇଗଲା ? କେବଳ ସଂସାରୀ ବ୍ୟତିରକେ ଆଉ କିଛି ନୁହେଁ !

ଆଜି ବି ଡେରି ହେଲା ତା’ର ପଂହଚୁ ପଂହଚୁ । ଝିଅ ଯାଇଥିଲା ସଂଗର ବାର୍ଥଡ଼େ ପାର୍ଟିକୁ । ଫେରିନଥିଲା । ଅର୍ପିତା ଅପେକ୍ଷାକରି ବସି ରହିଥିଲା । ସେହି ଚିରାଚରିତ କାମପରେ ଝିଅକୁ ଆଣିବାକୁ ଯିବାକୁ କହିଲା ।

ଅଭିଜୀତ୍‌ର ମନ ଠିକ୍ କାମ କରୁନଥିଲା । କହିଲା - ଆଉ ଯାଇ ହେବନି । ମୁଁ ବହୁତ କ୍ଲାନ୍ତ । ବାପୁନ୍‌କୁ କୁହ ନେଇ ଆସୁ । ସେ ପଢୁଥିଲା - ବିରକ୍ତ ହୋଇ କହିଲା- ମୁଁ ଏସବୁ କରିପାରିବିନି ।

ଅର୍ପିତା ରୁକ୍ଷ କଣ୍ଠରେ କହିଲା - କେହି ତ ଯାଇ ପାରିବନି । ସେ ଆସିବ କେମିତି ?

Digitized by srujanika@gmail.com

'କେହି ତ' ଶବ୍ଦଟା ଟାଏଁ ଟାଏଁ ଅଭିଜୀତ କାନରେ ଭୂମିକଂପ ପରି ପଡ଼ିଲା । କାହିଁକି ଏମତି ରୁକ୍ଷ ହୋଇଗଲା ଅର୍ପିତା ! ସବୁକଥାରେ ଚିଡ଼ି ଚିଡ଼ି ହେବା । ସେ ବୁଝି ପାରିଲାନି । ବାପୁନ୍ ଗାଡ଼ି ନେଇ ବାହାରିଗଲା ।

ଅର୍ପିତାର ଏଇ କଣ୍ଠ କେତେ ସୁନ୍ଦର, ସୁଲଳିତ ଥିଲା ! ଗୋଟାଏ ପାର୍କରେ ଦିନେ ଅପେକ୍ଷା କରିବାକୁ କହି ଅଭିଜୀତ୍ ଅଫିସ୍‌ରୁ ବାହାରି ପାରିନଥିଲା । ଅଂଧାର ଆସିଥିଲା । ତଥାପି ମୁହଁ ତଳକୁ କରି ବସିଥିଲା । ଘାସ ଛିଣ୍ଡାଇ ଦୂରକୁ ଫୋପାଡୁ ଥିଲା ଅର୍ପିତା । ପଂହଚିବାପରେ ଆଖି ଛଳଛଳ ହୋଇଯାଇଥିଲା ତା'ର । କେତେ କଷ୍ଟ ଦେଲ ? କହି ପାଖକୁ ଲାଗି ଆସିଥିଲା । ତା' ବୁକୁ ଉପରେ ଅଧା ଆଉଜି ବସିଥିଲା । କହିଥିଲା- ଆଉ କେବେ ବି ଏମିତି କଷ୍ଟ ଦେବନି । ଏତେ ନିକଟରେ ଅର୍ପିତାକୁ ପାଇ ତନ୍ମୟ ହେବାର ବେଳ, ମୁଗ୍ଧ ହୋଇପଡ଼ିବାର ମୁହୂର୍ତ୍ତ । ସେ ସବୁ ଆଜି ଟିକେ ଫେରନ୍ତା ନାହିଁ ?

ଅର୍ପିତା କେତେଥର କହିଲାଣି - ଆଉ ସମୟ ଫେରେନି । ସମୟ ନଫେରୁ । ମନ କ'ଣ ଫେରେନି ? ଦେହର ହରମୋନ୍ ସଂଗେ ମନବଂଧା । ଦେହ ବୁଢା ହୁଏ, ମନ ବି । ସେ କିଛି ବୁଝିପାରେନା ତାକୁ । କେଉଁଠି ଯେପରି ତାଳକଟିଯାଏ । ତାକୁ ଯୋଡିବାକୁ ଇଚ୍ଛାକଲେ ବି ପାରେନା ।

ଅଭିଜୀତ୍ ଚୁପ୍‌ଚାପ୍ ଅଂଧାରରେ ଶୋଇରହିଲା । ସେହି ହାଲକା ପରଫ୍ୟୁମର୍ ଗଂଧ, କଲ୍ଲୋଳିନି ହସ, ତା'ର ଚାରିପାଖରେ ଘୂରିବାକୁ ଲାଗିଲା । ଆଖିରେ ତା'ର ଓହ୍ଲେଇ ଆସିଲା ପର୍ଯ୍ୟାପ୍ତ ନିଦ୍ରା ।

ପରଦିନ ଅଫିସରେ ପଂହଚି ପୁନଶ୍ଚ ଅପେକ୍ଷା କରୁଥିଲା ସେହି ହସକୁ । ଗୋଟାଏ ଚଂଚଳ ପ୍ରବାହିତ ପ୍ରପାତର ଧାରାକୁ । ଆଉ ଏତେଦିନଧରି ସୁପ୍ତ ମୌଲାନାଆଁ ଆଗ୍ନେୟଗିରି ପରି ତା'ର ଏ ଅବସ୍ଥାକୁ । ଯେମିତି ସେ ଜାଗିଉଠିବ, ତା'ର ଉଷ୍ମତରଳ ଲାଭା ମାଡିଯିବ । ତା'ର ଅସୁଖୀ ପଣସବୁ ପଛରେ ପଡିରହିବ ।

ଦିନଯାକ ଋତୁର ଫୋନକୁ ସେ ଅପେକ୍ଷା କରୁଥିଲା । ବଡବ୍ୟସ୍ତ ଲାଗୁଥିଲା । ନିଜ ଆଡୁ ଫୋନ୍ କରିବାକୁ ଭାବିଲେ ବି କରିପାରୁନଥିଲା । ତା'ର ଚିନ୍ତାଭାବନା, ଖୋଲା ହୃଦୟଟିକୁ ଦେଖେଇ ହୋଇଯିବା ଭୟରେ ସେ ନୀରବ । ଅଥଚ ଯନ୍ତ୍ରଣା ଜର୍ଜରିତ ।

ସଂଧ୍ୟା ପାଂଚଟାପରେ ତରତର ହୋଇ ଉଠିଗଲା ଅଭିଜୀତ୍ । ଲେଡି ରିସେପ୍‌ସନିଷ୍ଟ ଚାହିଁଲା ତାକୁ ଆଶ୍ଚର୍ଯ୍ୟ ହୋଇ । ଭାବୁଥିଲା କି ଆଉ ତା'ର ମାନସିକ ଅବସ୍ଥା କଥା । ଜାଣିପାରିଥିଲା କି ସେ ଅନ୍ୟନାରୀ ଲିପ୍ତ ।

ଋତୁ ବସିଥିଲା ପ୍ରତୀକ୍ଷିତ ନାୟିକାପରି । ସାମ୍ନୁକରା କେଶ ଢେଉହୋଇ ଖେଳୁଥିଲା । ଇଷତ୍ ବ୍ରାଉନ ଦିଶୁଥିଲା ମେହେଣ୍ଡି ଲଗାଇ । ପତଳା ହାଲକା ନୀଳ ଶାଢୀ ପିନ୍ଧି ଅପୂର୍ବ ଲାଗୁଥିଲା । ତା ମୁହଁର ହସ ଜ୍ୟୋସ୍ନାହୋଇ ଲାଗି ରହିଥିଲା ଅବା । ତା'ର

Digitized by srujanika@gmail.com

ଚାହାଣୀରେ କେତେ ଯୁଗର ଅପେକ୍ଷା ବାରିହୋଇପଡୁଥିଲା । ଢଳଢଳ ଆଖି ଦୁଇଟା ବଡ ରସୋତ୍ତୀର୍ଣ୍ଣ, ଜୀବନ୍ତ ଲାଗୁଥିଲା । ପ୍ରେମ ଆଣିଥିଲା ତା'ର ଏ ଜୀବନ୍ୟାସ । ନୂତନ ସଂସ୍କରଣ । ସେହି ସତେଜତା ଯେମିତି ଅନ୍ୟ ଏକ ସୁନ୍ଦରତା । ଯାହା ରକ୍ତ,ମାଂସର ଶରୀର ଦେଇ ପ୍ରକାଶିତ ହୁଏ ସତ, ହେଲେ ଜୀବନ ଶକ୍ତିଟିଏ ଝରିଯାଏ କେଉଁ ଉସରୁ । ତା' ତାକୁ ସତେଜ କରେ । ଆହୁରି ସୁନ୍ଦର କରେ ।

ଅଭିଜୀତ୍ ନିଜେ କିଛି ବୁଝିପାରିଲାନି । ସେ କ'ଣ ଏମିତି ଖୁସୀଖୁସୀ ଲାଗୁଥିବ ଋତୁ ଆଗରେ । ଠିକ୍ ତା' ପରି ? ତା'ର କ୍ଳାନ୍ତ ଚେହେରା ଉପରେ କ'ଣ ଦୋଳି ଖେଳୁଥିବ ଫୁଲ କେଣ୍ଡାଏ ଠିକ୍ ଶରତର କାଶତଣ୍ଡୀ ପରି ? --

ଋତୁ ହସିଲା ସେହି ହସ । ଯାହା ଭିତରେ ଅପର୍ଯ୍ୟାପ୍ତ ସମ୍ଭାର । ମୁଠାଏ ଗଂଗଶିଉଳି ଅବା ଝରିଗଲା । ସୁରଭିତ ହୋଇଗଲା ପରିବେଶ ।

— ଅଭିଜୀତ୍ ! ତୁମେ ଆଜି ଏତେ ସୁନ୍ଦର ଲାଗୁଛ ?

— ତୁମେ ବି !

— ମୋ ସୁନ୍ଦରତା କେଉଁଦିନ ତୁମ ଆଖିରେ ପଡିଥିଲା ଯେ ଆଜି କହୁଛ । ମୋତେ ତ ଟିକେହେଲେ କେଉଁଦିନ ଚାହିଁନା । ତୁମ ଆସିବାକୁ ମୁଁ ଅପେକ୍ଷା କରିଥାଏ ସବୁବେଳେ । ଝର୍କା ପାଖରେ ବସିଥାଏ । ଭାଇ ବେଳେବେଳେ କ'ଣ ଭାବନ୍ତି କୁହନ୍ତି ଘରକୁ ଯାଆ । ଡହରା ଛତରା ଟୋକା ସବୁ ରାସ୍ତାରେ ଯାଉଛନ୍ତି । ତୁମେ ଆସ । ଦୂରରୁ ଚାହିଁରୁହେ । ଏମତି କି କୋଠା ଉପରକୁ ଯାଇ ଦେଖେ ତୁମେ ଅପସରି ଯିବାଯାଏ । ତୁମେ ଚାହଁନି । ଆଇନା ସାମନାରେ ଠିଆ ହୁଏ । ଭାବେ ମୁଁ କ'ଣ ଏତେ ଅସୁନ୍ଦର ? କାହିଁକି ତୁମର ଆଡ ଆଖିରେ ପଡିଲିନି ? ଏମିତି କି ଅଭିମାନରେ ଆଇନାଦେଖା ଛାଡି ଦେଇଥିଲି । କୁହ ଅଭିଜୀତ୍ ଆଜି କେମିତି ମୁଁ ତୁମକୁ ସୁନ୍ଦର ଲାଗିଲି ? କହି ପୁନଶ୍ଚ ଆଖି ଛଳଛଳ କଲା । ଅଭିଜୀତ୍ ବିଚଳିତ ହୋଇଉଠିଲା ।

— ଋତୁ ଏ କି ଅଭିମାନ ? ଲୁହ ପୋଛ । ଏତେ ସୁନ୍ଦର ମୁହଁଟାକୁ ଖରାପ କରିଦେଉଛ । ଅଭିଜୀତ୍ ରୁମାଲ ବାହାର କରି ତା' ଗାଲରୁ ଲୁହ ପୋଛିଦେଲା ।

— ଏଥରକ ହସ ତ !

— ମୋର ଲୁହ ତୁମର ଅସହ୍ୟ । ମୋର ହସ କ'ଣ ତୁମକୁ ଭଲ ଲାଗିବ ?

— ଏମିତି କାହିଁକି ଭାବୁଛ ତୁମେ ? ମୋତେ କିଛି ଭଲଲାଗିବନି ବୋଲି !

— ସେମିତି କାହିଁକି ଲାଗୁଛି ମୁଁ ଜାଣେନା । ସବୁବେଳେ ତୁମେ ଦୂରଗତ । କେବେ ବି ମୋର ହୋଇପାରିବନି । କହି ଘୁଂଚି ଆସିଲା ଋତୁ ଅଭିଜୀତ୍ ପାଖକୁ । କେତେ ପାଖରେ ତୁମେ ଅଭିଜୀତ୍ ଆଜି ! ମୋତେ ଆଶ୍ଚର୍ଯ୍ୟ ଲାଗୁଛି । ଇସ୍ କେତେ

Digitized by srujanika@gmail.com

ପାଖରେ ! ସ୍ୱଗତୋକ୍ତି କଲା ସେ । ତା'ର ବାହୁ ଅଭିଜୀତ୍‌ର କୋଳରେ । ଅଭିଜୀତ୍ ତା'ର ହାତମୁଠାରେ ରତୁର ଆଂଗୁଳି ସ୍ପର୍ଶ କଲା । କୋଡିଏ ବର୍ଷର ସଂଚିତ ଶୀଳାଖଣ୍ଡରେ ଅବା ଚଳନ ଘଟୁଛି । ଭୂମିକଂପରେ ଧସିଯାଉଛି । ଭାଂଗି ଯାଉଛି ତା'ର ପ୍ରତିଟି ଇଲକ୍‌ଟ୍ରନ, ପ୍ରୋଟନ । ଅଭିଜୀତ୍‌ର ବଂଧନ ଏବେ ତାକୁ ଘେରି । ବିଶ୍ୱାମିତ୍ରର ତପଭଂଗ ହେବାର ବେଳା କି ?

ଅଭିଜୀତ୍ ତା ମୁହଁକୁ ଗଭୀର ଭାବରେ ଚାହିଁଛି । କ'ଣ ଦେଖୁଛି ଏତେ ? ତା' ପାଇଁ ପ୍ରତୀକ୍ଷାମାଣ ଛବି ସେ ମୁହଁରେ । ସେ ହାଲକା ଭାବେ ତା'ର ଓଠ ଛୁଆଁଇଲା ସେହି ପ୍ରତୀକ୍ଷିତ ନାୟିକା ଓଠରେ । ଯେପରି ପାଷାଣ ହୋଇଯିବା ଆଗରୁ ବା ହୋଇଯାଇଥିବା ଦେହ ତା'ର ଜୀବନ୍ୟାସ ପାଉଛି । ସେ ଆଖିବୁଜି ଦେଉଛି ସେହି ବିଭୋରତାରେ ।

ମ୍ୟୁଜିକାଲ ଘଣ୍ଟାରେ ସୁଲଳିତ ସ୍ୱର ସମୟ ବତାଉଛି ।ଅଭିଜୀତ୍‌ର ମଗ୍ନ ଦୁନିଆ ପ୍ରକୃତିସ୍ଥ ହେଉଛି । ସେ ଉଠୁଛି । ହାଲକା ହୋଇ ପଡୁଥିବା ମୁହୂର୍ତ୍ତମାନ ଭାଂଗି ଚାଲିଯାଉଛି ପୁଣି କେଉଁ ପିରାମୀଡର ଗହ୍ୱରକୁ । ସେଠି ଖାଲି ଅଂଧାର । ଶୀତଳତା । ହିମବାହ ଉପରେ ଜୀବନ ବସିଛି । ତଥାପି ଯିବାକୁ ହେବ । ଗୋଟାଏ ଶଗଡ ଗୁଳାରେ ଚାଲିବାକୁ ପଡିବ ଆହୁରି କିଛି ସମୟ । କେଜାଣି କେତେ ସମୟ । କେଜାଣି କେତେ ବର୍ଷ ।

ଆଜି ରତୁ ଖୁବ୍ ଖୁସୀ । ଅଭିଜୀତ୍‌କୁ ସେ ଆକର୍ଷି ପାରିଛି । ଘରଯାଏ ରାସ୍ତା ଭୁଲେଇ ଆଣିପାରିଛି । ଯାହା ପାରିନଥିଲା ଯୌବନରେ । ତା' ସେ ପାରିଛି । ହେଲେ ଥରେ ମାତ୍ର ସେ ଅଭିଜୀତ୍‌କୁ ଚାହେଁ । ଦର୍କାର ପଡିଲେ ସେ ଅଭିଜୀତ୍‌ପାଇଁ ତା' ନିଜ ସଂସାରକୁ ମଧ୍ୟ ଛାଡିଦେଇପାରେ । ସେ କଥା ସେ କେତେଥର ଏଇ ଦୀର୍ଘ କୋଡିଏ ବର୍ଷ ଧରି ଭାବିଛି । ହେଲେ ଏବେ ? ସେ କ'ଣ ପାରିବ ? କହିଦେଇ ପାରିବ କି ଅଭିଜୀତ୍ ତୁମେ ସବୁ ଛାଡ଼ି ମୋ ପାଖକୁ ପଳାଇ ଆସିପାରିବ ? କେଉଁଠି ଯେ ତୁମକୁ ଲୁଚେଇ ଦିଅନ୍ତି କେହି ଖୋଜି ପାଆନ୍ତେ ନି ଆମକୁ । ସେ ଜାଣେ ଅଭିଜୀତ୍‌ର ଗହିରୀଆ ହୃଦୟ, ମନକୁ ପ୍ରଗଳଭ କରି ତୋଳିବା ଏତେ ସହଜ ନୁହେଁ । ଯତ୍ କିଂଚିତ୍ ସେ ଆସିପାରିଛି ତା' କେବଳ ତା'ର ଏଇ ବିକଳପଣିଆ ପାଇଁ କି ଲୁହପାଇଁ ତା' ଜାଣେନା । ହୁଏତ ହୋଇପାରେ ସହାନୁଭୂତିଶୀଳତା । କିବା ଏମିତି ହୋଇପାରେ ମଝି ବୟସରେ ପ୍ରେମ ଛାଡିଛାଡି ଅବସ୍ଥା ହୋଇଥିବାବେଳେ ସେ ଗୋଟାଏ ପ୍ରଲୋଭନ ହୋଇପାରେ ବି ! ତା' ସେ ନିଃଶ୍ଚିତ ନୁହେଁ । ଅଭିଜୀତ୍‌କୁ ସେ ଏଯାଏ ଜାଣିପାରିନାହିଁ । ଖାଲି ଶାରୀରିକ ଆକର୍ଷଣକୁ ବଢାଇବାକୁ ଚେଷ୍ଟାକରିଛି । ଯେମିତି ଗୋଟାଏ କାଟାଲିଷ୍ଟର କାମପରି । ହେଲେ ତା'ର ହୃଦୟର ସ୍ପନ୍ଦନ, ଆନ୍ତରିକ ଚାହିଁବାର ସତ୍ତା କେତେଦୂର ପ୍ରଗଳଭ ତା' ସେ ବୁଝି ପାରିଛି କି ? ବଡ ଦୁର୍ଭେଦ୍ୟ ତାହା ।

Digitized by srujanika@gmail.com

ଅଭିଜିତ୍ ଆସୁଛି । ସବୁଦିନ କେତେ ଖୁସୀ, କେତେ ଆନନ୍ଦର ଧାରା ଓହ୍ଲାଇଛି ନିଥର ଦେହରେ, ମନରେ । ନଇ, ପାହାଡ, ପାର୍କରେ ବିତିଗଲାଣି କେତେ ମଧୁର ସଂଧ୍ୟା । ତା' ହାତର ଉଷ୍ଣତା କେତେବାର ତାକୁ ଉତ୍ତାଳ କଲାଣି । ହେଲେ ପାଇବାର ପ୍ରଗଳଭ ବାସ୍ନା ପ୍ରତିଦିନ ଆନ୍ଦୋଳିତ କରିଛି । କେବେ କୌଣସିଦିନ ଭରସି କହିପାରିନି ସେ ତା'ର ମନକଥା । ଏମିତି ହୁଅନ୍ତା ନି, ସେ ଚାହିଁଲେ ବିଦେଶ ପଳାନ୍ତେ ସେମାନେ । ହେଲେ ଅଭିଜୀତ୍ ଚୁପ୍ ।

ଆଜି ଅଭିଜୀତ୍ କହିଛି ପୁରା ଚାରିଘଣ୍ଟା ବିତାଇବ ତା' ପାଖରେ । ଫେରିଆସିବ ଅଫିସରୁ ଖୁବ୍‌ଶୀଘ୍ର । ତା' ଆଗମନରେ ଭିତରେ ଭିତରେ ତା'ର ଢେଉ ଉଠୁଛି । ଉଦ୍ଧତ, ଉଚ୍ଛଳ । ସେ ଘରଦ୍ୱାର ସଜେଇଛି ଫୁଲରେ ଫୁଲରେ । ଦାମୀ ପରଫ୍ୟୁମ୍‌ର ସୁବାସରେ ଭରା ସାରା ଘର । ସେ ଯେମିତି ଆଜି ପାଇଯିବ ତା'ର ଇପ୍‌ସିତ ପଦାର୍ଥ । ସେ ସ୍ୱପ୍ନରେ ଭରିଉଠିଛି । ତା'ର ଉନ୍ମୁଖ ସ୍ନାୟୁ ଅବା କିଶୋରୀ ହୋଇଛି ।

ଅଭିଜୀତ୍ ବଡ ହାଲକା ହୋଇ ପଡୁଥିଲା । ଗୋଟାଏ କିଶୋର ଚଂଚଳତା ତା' ଦେହରେ ପ୍ରବେଶ କରିସାରିଛି ଏଇ କେତେଦିନ ହେବ । କେମିତି ହୁଅନ୍ତା ଥରେ ଯଦି ସେହି ଉଚ୍ଛଳଧାରାରେ ଅବଗାହନ କରନ୍ତା । ତା' ଭିତରର ବଂଧ କେତେବେଳେ ଭଂଗିପଡିବ, ତା' ବି ସେ ଜାଣେନା । ଏଇ କେତେଦିନର ମିଳାମିଶାରେ ରତୁର ଶୋଷିଲା ତନୁମନ ସ୍ପଷ୍ଟ ହୋଇଉଠିଛି । ଯେମିତି ତାକୁ ନେଇ କୁଆଡେ ଚାଲିଯିବ । କୁଆଡେ କେଜାଣି । ସେ ନିଜର ଠିକଣା ବି ଜାଣେନି । ସେ ତାହେଲେ କ'ଣ ଏଇ ଶଗଡ ଗୁଳାର ଜୀବନରୁ ମୁକ୍ତିପାଇ ପଳାଇବ ? ହଁ...ଯିବନି ବା କାହିଁକି ? କ'ଣ ତା'ର ଅଭାବ । ତା' ହାତରେ ପ୍ରଚୁର ଡିଗ୍ରୀ । ଯେ କୌଣସି ଫରେନ୍ କଂପାନୀରେ ତାକୁ ଅଫର ମିଳିଯିବ । ସେ ଯାଇପାରିବ । ଯଥେଷ୍ଟ ଅର୍ଥ ଦେଇଦେବ ଅର୍ପିତାକୁ । ନିଜର କର୍ତ୍ତବ୍ୟରେ କାହିଁକି ଅବହେଳା କରିବ ? ପଇସା ଦର୍କାର ତ ।

ଆଜି ରତୁର ଜନ୍ମଦିନ । ସେ ଡାକିଛି । କ'ଣ ଗୋଟାଏ ତା'ପାଇଁ ଉପହାର ଦେବାକୁ ସେ ପଚାରିଥିଲା- ତା'ର ଚଏସ୍ । ସେ କାନପାଖକୁ ଲାଗିଆସି କହିଥିଲା — କ'ଣ ଦର୍କାର ବୁଝିପାରୁନା ତୁମେ ! ଆଜି ଯିବ ସେ । କ'ଣ ଦର୍କାର ତା'ର ଦେଇଦେବ ।

ଫୋନ୍ ଆସିଲା । ରତୁ କି ? ନାଁ..., ସେ ଅପେକ୍ଷା କରିବାକୁ ଭଲପାଏ । ବିରହରେ ଜଳିବାକୁ ଭଲପାଏ କୁହେ । ସ୍ୱପ୍ନ ଆଉ ପ୍ରତୀକ୍ଷାର କଷ୍ଟକୁ ନେଇ ତା'ର ଶରୀର ଜାଗ୍ରତ ହୁଏ । ଭାଂଗେ ପୁଣି ଗଢେ । ତେଣୁ ଫୋନ୍ କରିବାଟା ତାର ଖୁବ୍ କମ୍ । କେବଳ ଜରୁରୀ କଥା କହିବାକୁ । ମନର, ହୃଦୟର ଦରଦ ବାଣ୍ଟିବାକୁ ନୁହେଁ ।

କିଏ ତା' ହେଲେ ?

— ହାଲୋ !

— କ'ଣ ଚମକି ପଡିଲ । ଭୁଲିଗଲଣି କି କଣ୍ଠ ମୋର ।

ଟିକେ ବେଳାବେଳି ଆସିବ । ଦେହଟା ଭଲଲାଗୁନି ।

Digitized by srujanika@gmail.com

ଅଭିଜ୍ଞାତ୍ ଚମକି ପଡିଲା । ବଡ ଉଦାସ ହୋଇଗଲା । ଅର୍ପିତାର ଦେହ ଭଲନାହିଁ । ଖଟିଖଟି ହାଲିଆ ଦିଶୁଥିଲା । କାହିଁକି ଯେ ଏତେ କାମକରେ ! ଓହୋ! କିଛି ସେଗୁଡାକ ତାକୁ ଭଲ ଲାଗେନି । ନସର ପସର ହୋଇ ଘରକାମରେ ସବୁବେଳେ ଲାଗିଥିବ । ତାକୁ ଭାରି ବିଚଳିତ ଲାଗିଲା । ସେ ବସିପାରିଲାନି ସିଟ୍‌ରେ । ଅଫିସ୍ କାମ କରିବ କ'ଣ ଗାଡି ଛୁଟେଇ ଘରକୁ ଆସିଲା ।

ଅର୍ପିତା ଦେଖି ଆଶ୍ଚର୍ଯ୍ୟ । ତୁମେ ଏତେ ଶୀଘ୍ର ଆସିଲ ଯେ !

—ତୁମ ଦେହ ଖରାପ କହିଲ ।

''ମୋ ଦେହ ଖରାପ ପାଇଁ ତୁବେ ଏତେ ବ୍ୟସ୍ତ ହୋଇପଡିଲ'' ! କହି ଚାହିଁଲା ତାକୁ । ସେ ମୁହଁ ଦିଶୁଥିଲା ଖୁବ୍ କରୁଣ, ଶୁଖିଲା ଶୁଖିଲା । ବଡ ଉଦାର ଅଥଚ ପ୍ରେମମୟ । ଏକ ନଜରରେ ସେ ଦେଖିନେଲା ତା'ର ଏଇ ଉଦାସୀ ଚେହେରାକୁ । କହିଲା- ଚାଲ ଯିବା ଡାକ୍ତର ପାଖକୁ ।

— ନାଇଁ ମ, ଏଇ ଟିକେ ଜରୁଆ ଜରୁଆ ଲାଗୁଛି । କାଲିଯିବା ଯଦି ଭଲ ନ ହୁଏ । ଯା କହି କାମରେ ବ୍ୟସ୍ତ ରହିଲା ଅର୍ପିତା । ସେହି କାମ, ଖାଲି କାମ । ରାତି ଏଗାରଟାଯାଏ ମଧ୍ୟ ବିଛଣାକୁ ଆସିପାରୁନଥଲା ସେ ।

ଅର୍ପିତା ଆସିଲା । ଦେହଟିକେ ଉଷୁମ ଲାଗୁଥିଲା । ସେହି ଶାନ୍ତ, ସରଳ, ସୁନ୍ଦର ମୁହଁଟିକୁ ଚାହିଁଲା ଏବଂ ତାକୁ ଭାରି ଡର ଲାଗିଲା । ମନେହେଲା ଏହି ମୁହୂର୍ତ୍ତରେ ଯେପରି ସେ ଅର୍ପିତାକୁ ନିଜର ଆକୁଳ ବଂଧନରେ ଧରିରଖିବ, ଯାହାକୁ କେବେବି ଛାଡ଼ିଯିବା କଥା ଭାବିବ ନାହିଁ ।

ନିଦବାଉଳାରେ ଅର୍ପିତାର ହାତ ତା' ବୁକୁରେ । କେମିତି କେତେବେଳେ ନିଦଭଂଗା ଅବସ୍ଥାରେ ସେ ତା'ର ଛାତିକୁ ଆଉଁସି ଦେଇଛି । ତା'ର ବହୁତ ପାଖକୁ ଲାଗିଆସିଛି । ତା'ର ପାଦ ଛୁଉଁଛି ତା'ର ପାଦ । ମୁହଁଟି ଏବେ ତା ବୁକୁରେ । ତା' ହାତର ସମ୍ମୋହନ ସ୍ପର୍ଶ ତା'ସତ୍ତାରେ । ଭୀଷଣ ଆତ୍ମ ବିସ୍ମୃତ ଏଇ ମୁହୂର୍ତ୍ତମାନ । ସେ ଆଉଜାଇ ଆଣିଲା ଗଭୀର ଭାବରେ ଅର୍ପିତାକୁ । ଅନେ ବହୁବର୍ଷ ତଳର ସେହି ପ୍ରେମିକା ଅର୍ପିତା ତା' ବଂଧନରେ । ଲାଗୁଥିଲା ଆଦୌ ବଦଳିନି । ଯାହାଥିଲା ସେଇଆ ଅଛି । ସେ ଆଉ ଭାବିପାରିନଥିଲା ସେ ରାତିରେ କିଏ ତାକୁ ଅପେକ୍ଷା କରିଥିବ ଅଥଚ ସେ ଯାଇପାରିନି ।ଏତେ ଦିନପରେ ତା'ର ସମଗ୍ର ସତ୍ତାକୁ ଛୁଇଁ ଆନନ୍ଦର ଧାରା ଓହ୍ଲାଉଥିଲା । ବଡ ପରିପୂର୍ଣ୍ଣ ଲାଗୁଥିଲା । ସେ ଧୀରେଧୀରେ ଆଚ୍ଛନ୍ନ ହୋଇପଡୁଥିଲା ଅର୍ପିତାର ଅର୍ପଣରେ ।ଯେପରି ତା' କାନରେ ସେହି ଶବ୍ଦ ଅନୁରଣିତ ହେଉଥିଲା— ତୁମେ ପାରିଲେ ତ ! ସେ ଯେ ପାରିବନି ତା' କେମିତି ଅର୍ପିତାକୁ ଜଣାଥିଲା ?

□□□

Digitized by srujanika@gmail.com

ଅଡ଼ିଟର

ଗେଟ୍‌ରେ ପଶିଲା ବେଳକୁ କେହି କୁଆଡ଼େ ନାହିଁ । ବେଳ ସାଢେ ନଅଟା । ସକାଳୁ ଖାଁ ଖାଁ କରୁଛି ପରିବେଶଟା । ଝିପୁ ଝିପୁ ବର୍ଷା ହୋଇ ଛାଡିଯାଇଛି । ସାମ୍ନା କୃଷ୍ଣଚୂଡ଼ା ଗଛଟିରେ ଗଭୀର ସବୁଜିମା ନେଇ ପତ୍ରଗୁଡିକ ହଲୁଛନ୍ତି ଅପୂର୍ବ ଭଙ୍ଗୀରେ । କାଉଟାଏ ବସିଛି । ବସି ଉଡ଼ିଯାଉଛି ସାମ୍ନା ଲନ୍‌କୁ । ଖପଖପ ହୋଇ ଡେଉଁଛି ଏବଂ ଗ୍ରୀବା ବଙ୍କାଇ ଚାହୁଁଛି । କେମିତି ଗୋଟାଏ ରୁକ୍ଷ ଚେହେରାର କାଉଟା । ତା'ର ରଡ଼ିରେ ବି ଆହୁରି ରୁକ୍ଷତା । ସ୍କୁଟରରୁ ଓହ୍ଲାଇ ଷ୍ଟାଣ୍ଡ ମାରିବା ଭିତରେ ଏବଂ ମୁଣ୍ଡରୁ ହେଲମେଟ୍ ଓହ୍ଲାଇବା ଭିତରେ ଏ ସବୁ ଲକ୍ଷ୍ୟ କରିଥିଲା ସସ୍ମିତା । ଅଣ୍ଡିରା କାଉଟାର କି କୁତ୍ସିତ ରଡ଼ି । ଦିନଟା ଆଜି ଭଲରେ ଯାଉ । ଏସବୁ ବିଶ୍ୱାସ ହେଉ ବା ଅନ୍ଧବିଶ୍ୱାସ, ଏକୁଟିଆ ଥିବାବେଳେ ମନରେ ଝାପ୍‌ସା ଉଙ୍କିମାରେ । ଅଥଚ ଘରେ ଯଦି ବୋଉ ଏକଥା କୁହେ,ସେ ବିରକ୍ତ ହୁଏ ଏବଂ କୁହେ ଏ ସବୁ ଅନ୍ଧ ବିଶ୍ୱାସ । ବୋଉଠାରୁ ଦୂରରେ ରହିଲେ କାହିଁକି ମନେ ପଡ଼ିଯାଏ ସେ ବୁଝିପାରେନା । କେମିତି କେମିତି ଆଶଙ୍କା ବି ଆସେ ।

ସେ ସ୍କୁଟର ଉପରୁ ବ୍ୟାଗଟା ବାହାରକରି ଅଫିସର ଦୁଇମହଲା ଉପରକୁ ଉଠିଲା ଏବଂ ବାରଣ୍ଡାରେ ପହଞ୍ଚି ଦେଖିଲା ସୋଫା ଉପରେ କଳା ହୋଇ ଜଣେ ଭଦ୍ରଲୋକ ବସିଛନ୍ତି । ସେ ତରତର ହୋଇ ଅତିକ୍ରମ କରୁଥିଲା । ତେଣୁ ମୁହଁକୁ ସମ୍ପୂର୍ଣ୍ଣ ରୂପେ ଚାହିଁନଥିଲା । କେବଳ ସମଗ୍ର ଅବୟବ ତାଙ୍କର ଅସ୍ପଷ୍ଟ ରୂପଟିଏ ତିଆରି କରିଥିଲା ତା ଦୃଷ୍ଟିରେ । ସେ ସିଧା ରୁମ୍‌କୁ ପଶିଲା ଏବଂ ଚେୟାର ଉପରେ ବସିଲା ।

କିଛି ସମୟପରେ ଅଚିହ୍ନା ଭଦ୍ରଲୋକ ଜଣଙ୍କ ରୁମ୍‌ରେ ପଶିଲେ । ତା ରୁମ୍ ସାମ୍ନାରେ କେହି ଜଗୁଆଳୀ ବସନ୍ତି ନାହିଁ ଏବଂ ଯିଏ ସିଏ ପଶି ଉତ୍ପାତ କଲେ ବି ଚାରା ନାହିଁ । ଏମିତି କି ସେ ଫୋନ୍ କରୁଥିବା ଅବସ୍ଥାରେ ଜଣେ ଭଦ୍ରଲୋକଙ୍କୁ କହିଥିଲା ଟିକିଏ ଅପେକ୍ଷା କରନ୍ତୁ ଡାକୁଛି । ଭଦ୍ରଲୋକ ଜଣକ କୌଣସି ରାଜନୀତିକ ବଡ଼ପଣ୍ଡାଥିଲେ ଏବଂ କାଉଣ୍ଟରରେ ଯାଇ ଶୋଧିଥିଲେ । ନନ୍‌ସେନ୍‌ସ... ଆମ ପଇସା ଏଠି ଡିପୋଜିଟ୍ ରଖିଛୁ । ସେଥିରୁ ଚଳୁଛ, ଶଳା ଆମ ଚାକର ଏଠିସବୁ ବସିଛ.... ତୁମକୁ ସ୍ଲିପ୍ ଦେଇ ଭିତରେ ପଶିବୁ ? ସେ ଫୋନଟା ରଖି ଗୋଟାଏ ମିନିଟ୍ ଭିତରେ ତାଙ୍କୁ ଡାକିଥିଲେ ବି ତା ଭିତରେ ତାଙ୍କର ବିଷୋଦ୍‌ଗାର ହୋଇ ସାରିଥିଲା ଏବଂ ଷ୍ଟାଫମାନେ ତାକୁ ଏଇକଥା ପରେ କହିଥିଲେ ।

ସେ ଏଇ ବ୍ୟବସାୟିକ ଅନୁଷ୍ଠାନରେ ଚାକିରି କରିବାକୁ ଚାହିଁନଥିଲା । କିନ୍ତୁ କେଉଁଠି ଚାକିରି ମିଳିବ ତା ବି ଜଣା ନଥିଲା । ତେଣୁ ମନଦୁଃଖରେ ପ୍ରେମିକକୁ ଛାଡି ସ୍ୱାମୀ ବୋଲି ଗଳାରେ ବାନ୍ଧି ଦେଇଥିବା ପୁରୁଷଟି ସାଥିରେ ସହାବସ୍ଥାନ କଲାପରି ଏ ଚାକିରିକୁ ସେମିତି ସେ ଅନୁଭବ କରୁଥିଲା । ସକାଳୁ ସକାଳୁ ଜଣେ ଅନ୍ଧାର ଭଳିଆ

Digitized by srujanika@gmail.com

ଭଦ୍ରବ୍ୟକ୍ତିଙ୍କ ଆଗମନରେ ସେ ବିରକ୍ତ ନହୋଇ ମୁହଁକୁ ଚାହିଁଥିଲା ଏବଂ ସେ ମୃଦୁ୍ୟ ହସି ନିଜର ପରିଚୟ ଦେଇଥିଲେ । "ମୁଁ ଇଣ୍ଟରନାଲ ଅଡ଼ିଟର ।"

ସେ ଖୁସିହୋଇ କହିଲା- "ହଁ ଅଡ଼ିଟ୍ ସମୟ ତ ହୋଇଯାଇଥିଲା । ମୁଁ ଆପଣଙ୍କୁ ଅପେକ୍ଷା କରୁଥିଲି । ଆପଣଙ୍କର ବଦଳି ହେଲାନି କି ?"

- ନାଁ... ବଡ଼ ଦୁର୍ଭାଗ୍ୟ । ଏଇ ବ୍ୟାଚରେ ରହିଲି । ଅଡ଼ିଟ୍‌ରେ ଯାଇଛି କେତେବେଳେ କେମିତି ଭୁବନେଶ୍ୱର ଆସି ଘରକଥା ବୁଝିପାରିବି । ପନ୍ଦର ବର୍ଷ କଟିଲାଣି ବେଙ୍ଗଲରେ । ଏଣିକି ଯାହା ହେବ ।

ଲୋକଜଣକ ଥିଲେ ଖୋର୍ଦ୍ଧାର ପାଇକ ବଂଶଧର ଆଉ ସମ୍ପିତା ଯେଉଁଠି କାମ କରୁଥିଲା ସେ ଅଞ୍ଚଳର ନାମ ମଧ୍ୟ ଥିଲା ସେହି ପାଇକପୁତ୍ର ନାଆଁରେ । ବକ୍ସି ଜଗବନ୍ଧୁ ବିଦ୍ୟାଧର । ଜଣେ ଗ୍ରେଟ ପାଟ୍ରିଅଟ । ତେଣୁ କ୍ଷଣକ ପାଇଁ ରକ୍ତ ତାର ଚଞ୍ଚଳ ହୋଇ ଉଠିଥିଲା ଏବଂ ସତେ କି ରଣ ଦୁନ୍ଦୁଭି ବାଜି ଉଠିଥିଲା ସମଗ୍ର ସତ୍ତାରେ । ଲୋକଟାର ହାବଭାବ ଭିତରେ ଯୁଦ୍ଧଭୂମିର ସକ୍ରିୟତା ଫୁଟିଉଠୁଥିଲା ଏବଂ ଅନ୍ଧାର ଭଳିଆ ଦେହରେ ବିଜୁଳି ପରି ଚମକି ଉଠୁଥିଲା ତାର କାମ । ତଡ଼ିତ ବେଗରେ ସେ ଆରମ୍ଭ କରିଦେଇଥିଲା ଚେକିଂ । ତା ଭିତରେ ଫଟାଫଟ୍ ଭୁଲ୍ ବାଛିନେଇ ପାରୁଥିଲା । ବୟସ ଚାଳିଶ ଅତିକ୍ରମ କରିଥିଲେ ବି ଆଖିରେ ପ୍ରତକ୍ଷୁ ନଥିଲା । ତେଣୁ ଆହୁରି ଶୀଘ୍ର ଶୀଘ୍ର ଚେକିଂ କରିପାରୁଥିଲା ।

ଲୋକଟାର କଥାଥିଲା ଖୁବ୍ ସରଳ, ସାବଲୀଳ । ସମ୍ପୀତା ମଧ୍ୟ ଥିଲା ଖୁବ୍ ହାଲ୍‌କା ତାର ବ୍ୟବହାରରେ । ସେମାନେ ପରସ୍ପର ପ୍ରତି ସହଜ ଥିଲେ ଏବଂ ମଝିରେ ମଝିରେ ପାରିପାର୍ଶ୍ୱିକ ପରିବେଶକୁ ନେଇ ବେଶ୍ ଆଲୋଚନା କରିଥିଲେ । ମନେହୋଇନଥିଲା ଲୋକଟା କିଛି ଗ୍ୟାପ୍ ରଖି ତା ସହିତ ମିଶୁଛି । ଲୋକଟା ଥିଲା ଭୀଷଣ ଆକ୍‌ଟିଭ୍ । ତାର ମିଡିଲ ଇନସାଇଜର ଟୁଥଟି ନ ଥିଲା । କଥାଗୁଡ଼ାକ ଟିକେ ଫାସୁଫାସୁ ଶୁଣାଯାଉଥିଲା । ଘନଘନ ପାଣି ପିଇବାକୁ ତାକୁ ହେଉଥିଲା ଏବଂ ଇତିମଧ୍ୟରେ ସମ୍ପୀତାର ପାଣି ବୋତଲଟି ଶେଷ କରିଦେଇଥିଲା । ସମ୍ପୀତାର ପେଟ ବେମାରୀ ବାହାରିବା ପରଠୁ କଷ୍ଟକରି ପାଣିବୋତଲ ସେ ବୁହାଇ ନେଉଥିଲା ଅଫିସ୍ । କିନ୍ତୁ ସେ ବୁଝିପାରିଲା ନାହିଁ ଲୋକଟା ଅଫିସ୍ ଫିଲଟରରୁ ପାଣି ନପିଇ ତାରି ବୋତଲଟିକୁ ଦୃଢ ଭାବରେ ନେଇ ବ୍ୟବହାର କରିପାରୁଥିଲା । ବୋଧହୁଏ ଚାଲାକ ଥିଲା ଖୁବ୍ । କଣ ଗୋଟାଏ ଓର କରିପାରିଥିଲା ସେ । ବୁଝିନେଇଥିଲା କ୍ୟାଣ୍ଟିନ୍ ରୁମ୍‌ରେ ଥୁଆ ହୋଇଥିବା ଫିଲ୍‌ଟରଟିରେ ପାଣି ପିଇବାରେ କିଛି ଅସୁବିଧା ରହିଛି ।

ଦୁଇଟା ବେଳକୁ ଖାଇବା ସମୟ । ସେ ଏତେ ସମୟ ଧରି ଖୁବ୍ ଚାପରେ କାମ କରୁଥିବାରୁ ଖାଇବା କଥାର ଗୁରୁତ୍ୱ ଦେଇପାରିନଥିଲା । ନିଜର ଷ୍ଟାଫତ । ଏତେ ବା ଫରମାଲଟି କଣ ? ସେ ଅଫିସ କ୍ୟାଣ୍ଟିନକୁ ଡାକି ନେଇଥିଲା । କ୍ୟାଣ୍ଟିନ ବୟଟି ବିଚ୍‌ରା ଅଫିସକାମ, ବାହାରକୁ ତିନିଥର ଡ୍ୟୁଟିରେ ଯିବା ଆସିବା ଭିତରେ ଖାଲି ରୁଟି, ତରକାରୀ କରିପାରୁଥିଲା କି ବା ଭାତ ଡାଲି । ଭଜା ଟିକେ କରି ରଖିପାରୁଥିଲା । ଅଡିଟର ବାବୁଙ୍କୁ ସେ ସେହି କଥା ବୁଝାଇ ଦେଇଥିଲା । ସେ ବି ଗୁରୁତ୍ୱ ଦେଇ ନଥିଲା ତାଙ୍କୁ

Digitized by srujanika@gmail.com

ପୃଷ୍ଟିକର ଖାଦ୍ୟ ଓ ପାନୀୟ ଦେବାରେ । ତା ଅଫିସ୍‌ରେ ଗୋଟାଏ ମାତ୍ର ଅଫିସର ଥିଲେ ଏବଂ ସେ ବିଚରା ସମଗ୍ର କାଉଣ୍ଟର ଦେଖିବା ଭିତରେ କିଏ ଆସୁଛି, କିଏ ଯାଉଛି,ସେ କଣ ଖାଇବ ଏ ସବୁ ଚିନ୍ତାକରିପାରୁନଥିଲେ । ଭାରବୁହା ଗଧପରି ସମସ୍ତଙ୍କ ଅବସ୍ଥା । ଆଉ ତା ମୁଣ୍ଡରେ ତ ସହଜେ ଝୁଲୁଥିଲା ଖଣ୍ଡାଟି । ସବୁ ସମୟରେ ତାର ଆଖିଥିଲା ଅଡ଼ିଟରର ଚେକିଂ କରୁଥିବା ପେପର ଗୁଡ଼ିକରେ । ସତର୍କ ଦୃଷ୍ଟି ରଖିଥିଲା କେଉଁଠି କଣ ନ ବାହାରେ ଯେମିତି । ତେଣୁ ତାଙ୍କର ଖାଦ୍ୟ ଆଉ ପାନୀୟ କଥା ଚିନ୍ତା କରିବାକୁ ଫୁରସତ୍ କାହିଁ ? ହୁଏତ ଏମିତି ହୋଇପାରିଥାନ୍ତା, ଲୋକଟା ଆଉଠାଏ ବସିଥାନ୍ତା, ପିଅନ ହାତରେ ଖାତା, ପତ୍ର ମଗାଇ ଚେକିଂ କରିପାରିଥାନ୍ତା । କିନ୍ତୁ ଲୋକଟା ଥିଲା ଭୀଷଣ ଚାଲାକ ଏବଂ କରିନେଇ ପାରୁଥିଲା ନିଜ ଇପ୍‌ସିତ କାମ । ସାମନାରେ ବସି ରହିଲେ ଖୁବ୍ ତରତର ହୋଇ କାମ ସାରି ହେବ ଏବଂ ଚାରିଟା ବେଳକୁ ସେ ବାହାରିଯାଇପାରିବ । ଠିକ୍ ସେହି ସମୟରେ ତା'ର ଶ୍ୱଶୁରଙ୍କୁ ସେ ଫୋନ୍ କରିବ ଏବଂ ଅପେକ୍ଷା କରିବ ମାରୁତି କାର୍‌ଟା ଲାଗିବାଯାଏ । କାର୍‌ଟି ପହଞ୍ଚିବାପରେ ସେ ଝଡ଼ଭଳି ବାହାରି ଚାଲିଯାଇପାରିବ । ପ୍ରଥମେ ପ୍ରଥମେ ସେ ବୁଝି ନପାରିଲେ ବି ଶେଷ ଆଡ଼କୁ ସେ ବୁଝିନେଇଥିଲା କେତେଜଣ ଲୋକ ଏମିତି ପୃଥିବୀରେ ନିଜ କାମକୁ ଆଗ କରଗତ କରିନେବାକୁ ହେଲେ ଡେକୋରମ ବୋଲି ବୁଝା ଯାଉଥିବା ଗୋଟାଏ ଆବ୍‌ଷ୍ଟ୍ରାକ୍ଟ ପଦାର୍ଥକୁ ପଛକୁ ପେଲିଦିଅନ୍ତି । ସେଥିରେ ଅନ୍ୟଜଣେ ଯାହା ଭାବୁନା କାହିଁକି, ନିଜଫାଇଦା ତ ହୋଇଥାଏ । ଆଉ ଏଇ ଜିନିଷଟି ଯେ ଜଣେ କେହି ମାରିନେଉଛି, ତା ବୁଝୁଥିବା ବ୍ୟକ୍ତିକୁ ଜଣାଥିଲେ ବି ସେ ପାଟି ଫିଟେଇ କାହିଁକି ପ୍ରତିବାଦ କରିପାରେନି । କଣ ନିରର୍ଥକ ବୋଲି ଭାବେ ନାଁ କିଛି ଭୀରୁତା ବଶତଃ ହୁଏ ? ନାଁ କି ଲାଭ ମୁଣ୍ଡରେ ପୂରାଇ ଭାବି ଚୁପ୍ ହୁଏ ! କିନ୍ତୁ ଏଇ ସବୁ ବ୍ୟବହାର ମଣିଷ ପ୍ରକୃତରେ ଭୁଲିପାରେ ନାହିଁ । ଅନ୍ୟାୟ ଆଚରଣ କରି ନିଜ ସ୍ୱାର୍ଥକୁ ହାସଲ କରିନେଇ ତାକୁ ଅସମ୍ମାନିତ, ଅପମାନିତ କରିଥିବା କଥା ଗୋଟାଏ ବୁଝୁଥିବା ଲୋକ ଭୁଲିପାରେ ନାହିଁ । ଯେ ଯେତେ ଛୋଟ ଘଟଣା ହେଉନା କାହିଁକି ।

ତା ପରଦିନ ଲୋକଟା ବାରଟାରେ ଆସି ପହଞ୍ଚିଥିଲା ଏବଂ କହିଲା ମାଡ଼ାମ ! ଡେରି ହୋଇଗଲା । କଣ କରିବି ଆଉ ! ବଡ଼ ଝାମେଲାରେ ଫସିଯାଇଛି । ଭାରି ଟେନ୍‌ସନ୍ । ଘର ତୋଳା ଚାଲିଛି ତ । ମିସ୍ତ୍ରୀଙ୍କ ପଛରେ ଗୋଡେଇଗୋଡେଇ ଟାଇମ୍ ନଷ୍ଟ । ହଉ... ଆପଣଙ୍କ ପାଣି ବୋତଲଟା ତ କାହିଁ ଦେଖୁନି । ସେ ପ୍ରକୃତରେ ବୋତଲଟା ଲୁଚାଇ ରଖିଥିଲା ଏବଂ କହିଲା-ବାହାର କରିନି । ବାହାର କରିନାହାଁନ୍ତି କହି ସେ ଅପେକ୍ଷା କଲା ପାଣି ପିଇବାକୁ । ସେ ବାଧ୍ୟ ହୋଇ ବୋତଲଟି କାଢି ଥୋଇଲା ଏବଂ ହାରିଯାଉଥିବାର ଗ୍ଲାନିରେ ତା'ର ମୁହଁ ଫିକା ପଡି ଆସୁଥିଲା । କାରଣ ନଥାଇ ଜଣେ ଯେ ଅନଧିକାର ଚର୍ଚ୍ଚା କରି ନିଜର ଫାଇଦାକୁ ମାରିବାରେ ଦ୍ୱିଧାବୋଧ କରୁନି, ତା ଦେଖି ସେ ଆଚମ୍ବିତ ହୋଇଥିଲା । କାରଣ ତା ପୂର୍ବରୁ ଦୁଇଜଣ ଅଡ଼ିଟର ଆସିଥିଲେ । ସେମାନେ ପାଣି ମାଗିବାବେଳେ ସେ ନିଜର ବୋତଲଟି ବଢାଇ ଦେବାରୁ ବଡ଼ କନ୍‌ସସ୍ ଅନୁଭବ କରି

Digitized by srujanika@gmail.com

ମନା କରିଥିଲେ । ନିଅନ୍ତୁ କହିବା ପରେବି ସେମାନେ ବଡ଼ କୁଣ୍ଠିତ ହୋଇ ବୋତଲଟା ଧରିଥିଲେ । କଥାଟା ବଡ଼ ନଥିଲା ପାଣି ଟୋପେ ପିଇବାରେ । କିନ୍ତୁ ଅନ୍ୟ ଜଣଙ୍କ ଜିନିଷକୁ ଜବରଦସ୍ତ ବ୍ୟବହାର କରିବାର ଗୋଟାଏ ଦୃଢ଼ ଇଚ୍ଛା ତାର ଯେ ମାନସିକ୍ ଗଠନଟାକୁ ଅନ୍ୟ ସାମ୍ନାରେ ଆଇନା ପରି ପ୍ରତିଫଳିତ କରାଇ ଦେଉଛି, ତା ସେ ବୁଝୁନି ।

ଲୋକଟା ସାମ୍ନାରେ ବସୁଥିବାରୁ କଷ୍ଟମରଙ୍କୁ କଥା କହିବା ଏବଂ ଆଟେଣ୍ଡ କରିବା ତା ପାଇଁ ଅସୁବିଧା ଜନକ ହୋଇଉଠିଥିଲା । କାରଣ ଏଇ ଅଞ୍ଚଳଟା ବଡ଼ବଡ଼ିଆ ଶିକ୍ଷିତ ଗୋଷ୍ଠିଙ୍କ ପେଣ୍ଠସ୍ଥଳୀ । ସେମାନେ ଅତୀତରେ ବଡ଼ବଡ଼ ଚାକିରି କରିଥିଲେ ଏବଂ ଅବ୍ୟାହତି ନେଇ ନିଜର ଘର କରି ଏଇଠି ରହୁଛନ୍ତି । ଅନେକ ପରିବାର ଓଡ଼ିଶାର ଉଚ୍ଚ ବୁଦ୍ଧିଜୀବୀ ଥିଲେ ଏବଂ ଓଡ଼ିଶାର ପାରମ୍ପରିକ କାର୍ଯ୍ୟ ଭିତରେ ଓତଃପ୍ରୋତ ଜଡ଼ିତ ଥିଲେ । ସେମାନଙ୍କର ନାଆଁ, ଶିକ୍ଷା ସଂସ୍କୃତି କ୍ଷେତ୍ରରେ ବ୍ୟାପ୍ତ ଥିଲା । ତେଣୁ ସେ ସବୁବେଳେ ମୁଗ୍ଧ ହେଉଥିଲା ସମୟର ବେଳାଭୂମିରେ, ନିସ୍ତେଜ ହୋଇ ପଡ଼ିରହିଥିବା ଏମାନଙ୍କ ଐତିହ୍ୟ ଜାଣିବାକୁ । କେହି ଜଣେ ବିଖ୍ୟାତ ଶିକ୍ଷାବିତ୍‌ଙ୍କ ନାତୁଣୀ ଆସନ୍ତି । ବିଶିଷ୍ଟ ନୃତ୍ୟଶିଳ୍ପୀଙ୍କର ଭାଇଙ୍କ ଶାଶୁ ଆସନ୍ତି । ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ଅବଦାନ ଥିବା ଏଇ ପରିବାରର ଇତିହାସ ସେମାନଙ୍କ ମୁହଁରୁ ସେ ଶୁଣିବାକୁ ଭଲ ପାଏ । ନିଜର ମାଟି, ପାଣି, ପବନକୁ ଚିହ୍ନିବାକୁ, ଘନିଷ୍ଠ ହେବାକୁ ଖୁବ୍ ମଜା ଲାଗେ ତାକୁ । ପୃଥିବୀରେ ଯେ କୌଣସି ଜାଗାକୁ ଗଲେ ବି ମୋର ପରିଚୟ ହିଁ ମୋର ସମ୍ବଳ । ସେହି ଦମ୍ଭଧରି ମଥା ଉପରକୁ କରି ମଣିଷଟିଏ ଠିଆ ହୋଇପାରେ ତା ସେ ଭାବେ । ନହେଲେ ପରିଚୟ ନଦେଇ ଯେଉଁ ଓଡ଼ିଆମାନେ ପୃଥିବୀରେ ବଞ୍ଚିରହିବାକୁ ପ୍ରୟାସ କରିଥାନ୍ତି, ତାଙ୍କୁ ଦେଖିଲେ ରାଗ ତାର ଚହଟିଯାଏ । ଦିଲ୍ଲୀଯିବା ସମୟରେ ପୁରୁଷୋତ୍ତମ ଏକ୍ସପ୍ରେସ୍‌ରେ ସାମ୍ନାରେ ବସିଥିଲା ଟୋକା ଇଞ୍ଜିନିୟରଟାଏ । ତାକୁ କଟୁ ଆକ୍ଷେପ କରି କହିଥିଲା ରଖ ମ ତୁମ ବୈଶାଖ, ଜ୍ୟେଷ୍ଠ ମାସ କହିବା । ବଙ୍ଗଳାରେ ରହି ବଙ୍ଗାଳୀଙ୍କଠୁ ଶିଖିଛ ! ସେଗୁଡ଼ାକ ଆଉ କିଏ କହିବ । ଆମ ପିଲାଛୁଆ ସବୁ ଫରେନ୍‌ରେ ରହିବେ । ସେଦିନ ସେ ବଡ଼ ଅପମାନିତ ଅନୁଭବ କରିଥିଲା ଏସବୁ ଯୁବକଙ୍କୁ ଦେଖି । ଯେଉଁମାନେ ଭାବନ୍ତି ବଙ୍ଗାଳୀମାନେ ହିଁ ସାହିତ୍ୟ, ସଂସ୍କୃତି, ଭାଷାର ସ୍ୱାଭିମାନ, ଗାରିମା ବଜାୟ ରଖିବାକୁ ଠିକା ନେଇଛନ୍ତି । ସେମାନେ ନୁହଁନ୍ତି । ସେମାନେ ଚାକିରି ଖୋଜୁଛନ୍ତି, ଫରେନ୍ ଯିବେ ଏବଂ ସେମାନଙ୍କ ପିଲା ମେ, ଜୁନ୍ କହିବେ । ଅଥଚ ଏଇ ସ୍ୱାଭିମାନହୀନ, ମେରୁଦଣ୍ଡହୀନ ସରୀସୃପଙ୍କର ନିଜସ୍ୱ ପରିଚୟ କଣ ହେବ, ତା ବୁଝନ୍ତି ନାହିଁ । ବିଦେଶରେ ତାଙ୍କର ବା କି ମର୍ଯ୍ୟାଦା ଅଛି । ତା ସେ ବୁଝିବେ କେଉଁଠି ! ନିଜ ମାଟି,, ପାଣି, ପବନରୁ ଚଳେ ଶୋଷିନେଇ ଆନ୍ତରିକତାରେ ଫୁଲି ଉଠୁଥିବା ମନର ଅପାର ଆନନ୍ଦ, ପରିତୃପ୍ତି ଯେ କେତେ ତା ବିଦେଶରେ ନିଜର ସ୍ୱାଧୀନତା ହରାଇ ପଡ଼ିଥିବା ଏବଂ ସେକେଣ୍ଡ କ୍ଲାସ ସିଟିଜେନ୍ ହୋଇ ରହୁଥିବାର ଦୁଃଖ କଣ, ତା ସେ ବୁଝିନଥିଲା । ବିଦେଶର ମୋହରେ ସେ ସ୍ୱପ୍ନ ଜଗତରେ ଘୂରୁଥିଲା । ନିନ୍ଦୁଥିଲା ନିଜର କଲଚରକୁ । ସେ ଆଶ୍ଚର୍ଯ୍ୟ ହୋଇଥିଲା ଏଇସବୁ

Digitized by srujanika@gmail.com

ଯୁବପୀଢ଼ିଙ୍କୁ ଦେଖି । କାହିଁକି ଆମର ଏ ଦୁର୍ଦ୍ଦଶା କେଜାଣି ? ଯେମିତି ଦିନେ କାଲକାଟାରେ ନିଜ ସହକର୍ମୀ ରଥକୁ ଖୁବ୍ ଶୋଧିଥିଲା ଯେତେବେଳେ ସେ କମେଣ୍ଟ କରିଥିଲା-ତୁମ ଓଡ଼ିଶାର ଲୋକ ଆସିଛନ୍ତି । ସେଦିନ ରାଗଟା ତାର ମଥାରେ ପଶିଗଲା ଏବଂ କହିଲା ତୁମେ କେଉଁଠା ଲୋକ-ମାଡ୍ରାସ୍‌ରେ ଥିଲ ତାମିଲ, ହାଇଦ୍ରାବାଦରେ ଥିଲ ତେଲୁଗୁ ଆଉ ଏବେ କ'ଣ ବେଙ୍ଗଲୀ । ସମସ୍ତେ ବୁଝିବାପାଇଁ ସେ ତାକୁ ହିନ୍ଦୀରେ ଗାଳିଦେବା ଆରମ୍ଭ କରିଥିଲା । ଏ ସବୁ ଯୁବକମାନଙ୍କୁ ଦେଖିଲେ ତାର ଭୀଷଣ ଆଲର୍ଜି ଆସେ ।

ଏଇ ସମୟରେ ମିଶ୍ର ଭାଇନା ପହଞ୍ଚିଲେ । ବହୁଦିନ ପରେ ଆସିଥିବାରୁ ତାଙ୍କୁ ଦେଖି ସେ ବଡ଼ ଖୁସି ହୋଇଥିଲା । ତାଙ୍କ ଶଳା ଅସୁସ୍ଥ ଥିଲେ ଏବଂ ଘନ ଘନ ଡାଏଲିସିସ୍‌ରେ ଜୀବନ ମୃତ୍ୟୁର ସଂଘର୍ଷ କରୁଥିଲେ । ସେ ତାଙ୍କ ଦୁଃଖରେ ଦୁଃଖୀ ଥିଲା ଏବଂ ସେହି କଥା ସେ ପଚାରିବାରୁ କିଛି କହିଥିଲେ । ସେ ଜଣେ ରିଟାର୍ଡ଼ ଓ.ଏ.ଏସ୍. ଅଫିସର । ବୟସ ତେଷଠିଯାଏ ହେବ । ଜଣେ ଉଚ୍ଚଦରର କଷ୍ଟମର ମଧ୍ୟ । ସେ ଥିଲେ ଜଣେ ପ୍ରତିଷ୍ଠିତ କଲଚରଡ଼ ଫାମିଲିର ଲୋକ । ଓଡ଼ିଶାର ସାଂସ୍କୃତିକ ଅଭିବୃଦ୍ଧିରେ ତାଙ୍କ ପରିବାରର ଭୂମିକା ଅଗ୍ରଗଣ୍ୟ । ତାଙ୍କ ବଡ଼ଭାଇ ଏଠିକାର ଇଂରାଜୀ ମିଡ଼ିଅମ୍ ସ୍କୁଲର ପ୍ରତିଷ୍ଠାତା, କଲିକତାରୁ ବାହାରୁଥିବା ଗୋଟାଏ ପତ୍ରିକାର ପ୍ରତିଷ୍ଠାତା, ତାଙ୍କର ବନ୍ଧୁବାନ୍ଧବମାନେ ଖୁବ୍ ଏଜୁକେଟେଡ୍ ଏବଂ କେତେକ ସମ୍ବାଦପତ୍ରର ମୁଖ୍ୟ ଅଛନ୍ତି । ତା ଛଡ଼ା ସେ ବଡ଼ ନିର୍ଲୋଭ । ଶହେ ଟଙ୍କାରୁ ପାଞ୍ଚଶହ କରିବାକୁ କେବେ ସେ ବ୍ୟାଙ୍କ ଆସନ୍ତି ନାହିଁ । ଯାହା ପଇସା ସେଭିଙ୍ଗ୍‌ସ ଆକାଉଣ୍ଟରେ ପଡ଼ିଥାଏ । ଏମିତିକି କେତେକ ଲୋକଙ୍କୁ ସେ ଦେଖିଛି ବୟାଅଶୀ ବର୍ଷ ବୟସରେ ଦିନକୁ ଚାରିଥର ବ୍ୟାଙ୍କ ଆସିବା, ସୁଧ କେତେ ବଢ଼ିଲା ପଚାରିବା, ସେହି ହିସାବ କିତାବରେ ମଜ୍ଜି ରହିବା । ସେ କିନ୍ତୁ ଥିଲେ ବଡ଼ ଉଦାର ଏବଂ ଜୀବନକୁ ଜାଣି ପାରୁଥିବା ଛଳ ଛଳ ଅମାୟିକ ଭଦ୍ରଲୋକ । କିନ୍ତୁ ଅଡ଼ିଟରଟା ଥିଲା ଭୀଷଣ ଚୁଙ୍ଗ ଚୁଙ୍ଗ ଏବଂ ନିଜ କାମ ସାରି କେମିତି ଫେରିଯିବ ଶୀଘ୍ର, ସେଥିପାଇଁ ଯତ୍‌ପରନାସ୍ତି ଚେଷ୍ଟା କରୁଥିଲା । ତାଙ୍କର କିଛି ଗପିବା ବୋଧହୁଏ ତା ପାଇଁ ଅସହ୍ୟ ହୋଇଥିଲା ଏବଂ ରଡ଼ିଟାଏ ଦେଇଥିଲା-ଉଇଲ୍ ୟୁ ପ୍ଲିଜ ସଟ ଅପ୍ । ଏଠି ଅଡ଼ିଟ୍ ଚାଲିଛି । ତାର ଏ ପ୍ରକାର ବ୍ୟବହାର ବଡ଼ ଚରମ ସୀମାରେ ପହଞ୍ଚିଥିଲା ଏବଂ ସେ ସେହି ସମୟରେ ବଡ଼ ବିଚଳିତ ତଥା ମର୍ମାହତ ହୋଇ ପଡୁପଡୁ ଅନ୍ୟମନସ୍କ ହୋଇଗଲା ମିଶ୍ରବାବୁ କଣ ଭାବିଥିବେ ଚିନ୍ତାକରି । ମିଶ୍ରବାବୁ ବଡ଼ ସଂଯମୀ ଥିଲେ ଏବଂ କିଛି ନକହି ପଚାରିଲେ-କେଉଁଠୁ ଆସିଛନ୍ତି ? କଲିକତାରୁ । ଅଡ଼ିଟର । ହଉ ତେବେ ଅଡ଼ିଟ୍ କରନ୍ତୁ । ମୁଁ ଚାଲିଲି ମାଡ଼ାମ୍ କହି ସେ ଉଠିଯାଇଥିଲେ । ତାଙ୍କ ପରିବାରର ପ୍ରାୟ ଅନେକଙ୍କର ଭଲ ଡିପୋଜିଟ୍ ତାଙ୍କ ବ୍ୟାଙ୍କରେ ରହୁଥିଲା ଏବଂ ଲୋକଟାର ଏତାଦୃଶ୍ୟ ବ୍ୟବହାର ତାକୁ ସ୍ତବ୍ଧ କରିଦେଇଥିଲା । ଅନେକ ସମୟ ଯାଏ ସେ ଚୁପ୍‌ହୋଇ ବସି ପଡୁଥିଲା ଏବଂ ଭାବିଲାମାତ୍ରେ ବିଷାଦରେ ଭାଙ୍ଗି ପଡୁଥିଲା । ସେ ଅଡ଼ିଟରକୁ କହିଲା - ଜାଣନ୍ତି ? ସେ ଜଣେ ରିଟାର୍ଡ଼ ଓ.ଏ.ଏସ୍. ଅଫିସର ଓ ପ୍ରଭୁ ମିଶ୍ରଙ୍କ ସାନଭାଇ । ଆମର ଜଣେ ଭଲ୍ୟୁଡ଼ କଷ୍ଟମର୍ ।

Digitized by srujanika@gmail.com

: ଓଃ ! ଯେ ଚିଫ୍ ସେକ୍ରେଟାରୀ ଥିଲେ ଆଉ ବଡ଼ ଲେଖକ । ଏତିକି କହି ଚୁପ୍ ହେଲା । କିନ୍ତୁ ତା ମୁହଁରେ କୌଣସି ଦୁଃଖିତ ହେବାର ସୂଚନା ନଥିଲା ।

ତାର ବ୍ୟଥିତ ମନପ୍ରାଣରେ ଯେଉଁ ଝଟକା ଲାଗିଥିଲା ତାଠାରୁ ସେ ମୁକ୍ତି ପାଇ ପାରୁନଥିଲା । ବାରମ୍ବାର ତାର ଦରଦ, ବ୍ୟଥା, ଏକପ୍ରକାର କୋହ ଚାପିହୋଇ ପଡ଼ୁଥିଲା । ସେ ଅଡ଼ିଟରଟାକୁ ଗାଳିଦେଇ ପାରୁନଥିଲା । ଲୋକ ଦେଖି ବ୍ୟବହାର କରୁନି କାହିଁକି ବୋଲି ଚୁପ୍ କରାଇ ଦେଇପାରିଲାନି କାହିଁକି ? କ'ଣ ହୋଇଛି ତାର ଆଜିକାଲି ? ଉଦାସୀନତା ନାଁ ନିଥରତା ? ମନଟା ତାର ପୂର୍ବରାଗ ହରାଇ ବସିଲାଣି । ଏମିତି କି ଅପମାନକୁ ସେ ପ୍ରତିହତ କରିପାରୁନି । କିଏ କେମିତି ଗାଳିଦେଲେ ବି ଚୁପ୍ ରହୁଛି । ନୀରବରେ ଶୁଣୁଛି ଏବଂ ଭଦ୍ରଭାବେ ମତ ଦେଉଛି । ବୋଧହୁଏ ଏଇ ଜୀବନ, ଏଇ ପ୍ରବାହମାନ ସ୍ରୋତଠୁ ସେ ନିଜକୁ ଦୂରେଇ ନେବାର ମନଟିଏ ତିଆରି କରିନେଇଛି । ସେ ବଡ଼ ଏକୁଟିଆ ରହୁଛି । ଯେମିତି ଏଗୁଡ଼ାକ କ୍ଷଣସ୍ଥାୟୀ, ତାର ଜୀବନ ସହିତ କିଛି ଇମୋଟାନ୍ସ ନାହିଁ । ଅଯଥା ଏ ସବୁ ଭାବୁଛି । ଭାବି ନେଉଛି ଲୋକଟା ଅହଂକାର, ଅଜ୍ଞାନତାର ଅନ୍ଧକାରରେ ରହିଛି । ତା ସହିତ ଯୁକ୍ତି ନିରର୍ଥକ । ସେ ଯେପରି ଗୋଟାଏ ସ୍ଥିର ବିନ୍ଦୁ ଆଡ଼କୁ ଧାବମାନ ହେଉଛି । ତା ହେଉଛି ତାର କବିତା ପଢ଼ା ଏବଂ ଲେଖା । ଏଠି ସେ ମେହମାନ୍ । କାମ କରିବ କେବଳ ସିନିସିଅରଲି, ଅନେଷ୍ଟଲି । ବାସ ଏତିକି । ତା ଛଡ଼ା ସବୁବେଳେ ସେ ଯେପରି ପଳାତକ । କୁଆଡ଼େ ଖାଲି ପଳାଉଛି । ଏ ଅଫିସରେ ମନନାହିଁ, ସହକର୍ମୀଙ୍କ ସହ ମିଶିବା ନାହିଁ, ରିଜିଓନାଲ୍ ଅଫିସ ଯାଇ ପଲଟିକ୍ସ କରିବା ନାହିଁ । ଯେମିତି ଗୋଟାଏ ପଥଭୁଲା ପଥିକ ସେ । ଚାଲି ଆସିଛି ଏ ରାସ୍ତାରେ ଯେଉଁଠୁ ଆଉ ଲେଉଟିବାର ପ୍ରଶ୍ନ ନାହିଁ । ଟିକିଏ ସମୟ ପାଇଲେ ଦୌଡ଼ୁଛି କେଉଁ ଦୂର ଅଗନାଅଗନି ବନସ୍ତରେ ଛାଡ଼ି ଆସିଥିବା ପ୍ରାଚୀନ ଗୁହାକୁ । ସେଠି ସେ ପଶିଯାଉଛି । ନୀରବରେ ବସିଛି । ଚାରିଆଡ଼ ଅନ୍ଧକାର । ବତୀଟିଏ କ୍ଷୀଣ ଆଲୋକ ହୋଇ ଜଳୁଛି । ସେ ବସିଛି ଏକା ଏକା । ଆଖିରେ ତାର ବେଦନାହତ ଅଭିମାନ । ଖୋଲୁଛି କବିତାର ପୃଷ୍ଠା ।

''ସେ ସତେ ଆସୁଛି ଆଜି ଚଇତ୍ରର ପତ୍ରଝଡ଼ା ଧୂସର ସନ୍ଧ୍ୟାରେ ।
ସେ ବା ଗାଉଛି ଗୀତ ବସି ବସି ମୃତ ଏକ ବନ୍ଦରର ବତୀଖୁଣ୍ଟ ତଳେ ।''

ସେ ଚାହୁଁଛି । ସାରା ବନସ୍ତ ଯେପରି ପଞ୍ଜରାପରି ଫାଙ୍କା । ସବୁଜିମା ଝରିଯାଇଛି । ଖାଲି ହଳଦିଆ ପତ୍ରରେ ଭର୍ତ୍ତି । ଝରିପଡୁଛି ହରିତ୍ ପତ୍ର ଆଉ ସେ ଚାଲୁଛି ଖାଲି ଚାଲୁଛି । ଯେମିତି କେଉଁଥିରେ କିଛି ଯାଏ ଆସେ ନାହିଁ । କେଉଁଠି ମନେ ହୋଇଛି ଏଇ ଦିଗବଳୟ ପାରିହୋଇ ପଡ଼ିଲେ ତାର ଥକା ମେଣ୍ଟିଯିବ । ପୃଥିବୀର ବ୍ୟଥା ତାକୁ ଛୁଇଁ ପାରିବନି । ହେଲେ ବିଡ଼ମ୍ବନା ଯେତେ । ଏମିତି କେମିତି ସେ ଚାଲି ଆସିଲାଣି ଦୀର୍ଘ ଏକୋଇଶ ବର୍ଷ । ଶୁଷ୍କ ଏଇ ମରୁଭୂମିରେ କାକ୍ଟସପରି ସେ ବଞ୍ଚିଛି । କବିତା ଲେଖିବାର ଆକର୍ଷଣ ସବୁ ମୋହକୁ ତାର ତୁଟାଇ ସାରିଲାଣି । ଅଯଥା ଏ ଅହମିକାଧାରୀ ଲୋକଗୁଡ଼ାଙ୍କ ପଛରେ ମୁଣ୍ଡ ବ୍ୟଥା କରିବାକୁ ତାର ଇଛା ହେଉନାହିଁ । କେତେଜଣ ମଧ୍ୟ ତାକୁ ଭୀରୁ ବୋଲି କହିସାରିଲେଣି । ତାଳକୁ ତାଳ ପକାଇ ବିପରୀତ ୟୁନିଅନର ଥିବା ମେମ୍ବରଙ୍କୁ କାହିଁକି ସାଣ୍ଡିଦେଉନାହିଁ କହି ଭ୍ରୁକୁଟି କୁଞ୍ଚନ କଲେଣି । ତାକୁ ସେମାନେ ଫୋନ୍‌ରେ

Digitized by srujanika@gmail.com

ଧମକାଚମକା କଲେଣି । ତଥାପି କେଉଁ ଉଦାସୀନତା ତାକୁ ଘେରି ରହିଛି ନାଁ ନିବିଡ଼ ସତ୍ୟର ଅନୁଭବ ମନରେ ଆସିବାପରେ ଏସବୁ ଘଟଣାମାନ ତା ପାଇଁ ତୁଚ୍ଛ ହୋଇଛି !!

ସେଦିନ ଅବଶ୍ୟ ଅଡ଼ିଟର ଗଲାପରେ ମିଶ୍ରବାବୁଙ୍କୁ ସେ କ୍ଷମା ମାଗିଛି । ସେ ହସି ହସି ଉଡ଼େଇ ଦେଇଛନ୍ତି କଥାଟା । ପରଦିନ ପହଞ୍ଚି ଅଡ଼ିଟରଟି ଯୁଦ୍ଧଭୂମିର ଭେରୀନାଦ ପରି ତା କାନରେ ପକାଇ ସାରିଲାଣି ଲୋନ ଡିପାର୍ଟମେଣ୍ଟଟା ଆଦୌ ମେଣ୍ଟେନ କରିପାରୁନାହାନ୍ତି । କାହିଁ ଷ୍ଟକ ଷ୍ଟେଟମେଣ୍ଟ, କାହିଁ ଇନସ୍ୟୁରାନସ କଭର ନୋଟ, କିଛି କାହିଁ ଭଲ ଦିଶୁନି । ନମ୍ବର ତ ଏଇଠି କମିଯିବ ।

ସେ ହଠାତ୍ ଚମକି ପଡ଼ିଲା ଏବଂ କହିଲା ଦେଖନ୍ତୁ ଆଜ୍ଞା ଛ' ବର୍ଷ ଧରି ବ୍ରାଞ୍ଚ 'ଏ' ରେଟିଂରେ ଚାଲିଛି । ଆଉ ଯେପରି ନ କମେ । ୟାଠାରୁ ଆହୁରି ଖରାପ ଅବସ୍ଥାରେ ଗତବର୍ଷ ଥିଲା । ବାଲାନ୍‌ସିଂ ମଧ ହୋଇନଥିଲା କେଇଟା ଲେଜର୍ । ତଥାପି 'ଏ' ପାଇଥିଲା । ଆଉ ଆପଣ କହୁଛନ୍ତି କମିବ ।

— ମୁଁ କ'ଣ କରିପାରେ । ସବୁ ଏଇ, କହି-ଜଗନ୍ନାଥଙ୍କ ଫଟୋକୁ ଦେଖେଇଦେଲା ।

ଆସନ୍ତାକାଲି ସେ ଆସିବ ନାହିଁ, ଛୁଟିରେ ରହିବ କହି ତଡ଼ିତ୍ ବେଗରେ ତାର ଚେକିଂ କରିବା ଅବ୍ୟାହତ ରଖିଥିଲା ଏବଂ ଠିକ୍ ଚାରିଟା ବେଳକୁ ଶ୍ୱଶୁରଙ୍କ କାର୍‌କୁ ଅପେକ୍ଷା କରୁଥିଲା ।

ସମ୍ମିତା ପଚାରିଲା- ତାହେଲେ କାଲି ଛୁଟିରେ ରହିବେ ? ପୁଣି କଣ ଭାବି ସାଙ୍ଗେ ସାଙ୍ଗେ କହିଲା- ଛୁଟି କାହିଁକି ନେବି, ସେମିତି ରହିଯିବି । ପୁଣି କହିଲା-ଏକୋଇଶ ଦିନ କ୍ରମାଗତ ଅଡ଼ିଟ୍ କଲେ ଛଦିନ ଛୁଟି । ତେଣୁ ସେଇଟା ମିଳିବନି କଟିଯିବ ଛୁଟିନେଲେ । କାହିଁକି ଛୁଟିରେ ରହିବି ? ସମ୍ମିତା ବୁଝୁପାରୁନଥିଲା ଲୋକଟାର ମନସ୍ତତ୍ୱ । ଯଦି ମିଛ କହୁଛି କହୁ ବା ସତ କହୁଛି କହୁ । କିନ୍ତୁ ତାର ତିନିପ୍ରକାରର କଥା ସେ ବୁଝିପାରୁନଥିଲା । ସେ ବା କେଉଁ ଯାଉଛି ତାର ରିଜିଓନାଲ୍ ଅଫିସର ହାଇଅର ଅଥରିଟିଙ୍କୁ କହିବାକୁ । ସେ ତ ପଳାତକ ଏଠି, ତା ବା ସେ କଣ ବୁଝିବ ନୀତିପ୍ରତି ଏମିତି ଆଖିମାଡ଼ି ଚେକିଂ କରୁଥିବା ମଣିଷଟି ଆଉ ସ୍ତ୍ରୀର ଗହଣା କେଉଁ ଦୋକାନରେ ଗଢ଼ାହେବ, ସେ ଚିନ୍ତା କରୁଥିବା. ମଣିଷଟି ।

ସତୁକ ସତ ଚଂଗୁ ଚୁଂଗୁ ହୋଇ ସେ ସାରିଦେଇଥିଲା ତାର ଅଡ଼ିଟ୍ ଏବଂ ଶେଷଦିନ କୁଆଡ଼େ ଗଲା ଯେ ଗଲା । ଫେରିକି କହିଲା- ସ୍ତ୍ରୀ, ପିଲାମାନେ ଏବେ ପୁରୀଯିବେ, ପୁରୀରେ ଅଡ଼ିଟ୍ । ତାଙ୍କୁ ନେଇ ମାଂସ ତରକାରୀ ଖୁଆଇ ଆଣିଲି । ସେ ଟିକିଏ ଆଶ୍ଚର୍ଯ୍ୟ ହେଲା ଏବଂ ଭାବିଲା କାହିଁ ତାକୁ ତ ସାଙ୍ଗରେ ଯିବାକୁ ଡାକିନି । ପରେ ଭାବିଲା- ଯାଉ ଏକା ଏକା । ତାର ପରିବାର ଭିତରେ ସେ ବା କାହିଁକି ଯିବ !

ଅଡ଼ିଟର ଚାଲିଗଲା । ସେ ଅପେକ୍ଷା କରୁଥିଲା ଅଡ଼ିଟ୍ ରିପୋର୍ଟକୁ । ହସି ହସି କଥା କହି ଭଲ ବ୍ୟବହାର କରି ଶେଷ ଦିନକୁ ଖେଞ୍ଚା ମାରିଥିଲା ଲୋନ୍ ଡିପାର୍ଟମେଣ୍ଟଟା ଠିକ୍ ମେଣ୍ଟେନ୍ ହୋଇନି ।

Digitized by srujanika@gmail.com

କିଛିଦିନ ପରେ ଜଣେ ଭଦ୍ରବ୍ୟକ୍ତି ଆସି ପହଞ୍ଚିଥିଲେ ଏବଂ କହିଥିଲେ- ତୁମେ ଅଡ଼ିଟର୍‌କୁ ଟିକେ ଭଲ ଖାଇବା ପିଇବାକୁ ଦେଲନି ।

ସେ ଆଶ୍ଚର୍ଯ୍ୟ ହୋଇ ଚାହିଁଥିଲା ଏବଂ କହିଲା- କ୍ୟାଣ୍ଟିନ୍‌ରେ ଯାହା ହୋଇଥିଲା ତା ଖାଇଲା ।

— ଜାଣିଲ କି ! ତାର ସାଙ୍ଗ ଅଡ଼ିଟର ଆମ ବ୍ରାଞ୍ଚକୁ ଆସିଥିଲା । କହିଲା— ମାଡ଼ାମ୍ କଣ ଭଲ ଖାଇବାକୁ ଦେଲେନି । ତୁମେ ଟିକେ ମାଂସ ତରକାରୀ ମଗାଇ ଦେଲନି । ସମ୍ପୀତା କହିଲା - ଖାଇବାଠି କ'ଣ ଅଛି । ସେ ତ ଆମ ଷ୍ଟାଫ୍ । ଆମେ ଯାହା ଖାଇଲୁ ତାକୁ ଦେଲୁ । ମାଂସ ଖୁଆଇବା ପାଇଁ କେଉଁ ହେଡ଼ିଂରେ ଦେଖାଇବାକୁ ପଡ଼ିବ ବ୍ୟାଙ୍କର ! ସେମିତି କିଛି ପ୍ରୋଭିଜନ ତ ନାହିଁ !

— ସେ ଯାହାହେଉ ଦେଇଥାନ୍ତ ।

— ଆପଣ କହିଲେ - କେଉଁଠୁ ପଇସା ଡାଇଭର୍ଟ କରାଯାଇ ପାରିଥାନ୍ତା ! ତା ବ୍ୟତୀତ ମୁଁ ତ ନିରାମିଷ ଖାଏ । ପନିର ତରକାରୀ ମଗାଇଥିଲି ସେଥିରେ ବି ସବୁ ଷ୍ଟାଫ୍ ଖାଇବା ଦ୍ୱାରା ଶହେ ଟଙ୍କା ମୋ ନିଜ ହାତରୁ ଗଲା ।

— ନାଇଁ ମ ! ସେମାନଙ୍କୁ ଟିକେ ଭଲ ଖାଇବାକୁ ଦବାକଥା । ନହେଲେ ଖୁସୀ ହେବେନି । ଆଶା ଥାଏ ତାଙ୍କର । ଦେଖ ତୁମ ରେଟିଂ କଣ ହେଉଛି ! ସେ ତତ୍‌କ୍ଷଣାତ୍ ଏଇକଥା ଅନ୍ୟମାନଙ୍କୁ କହିଲା ଏବଂ ସେମାନେ ହସିଲେ ସସ୍‌ପିସିଅସ୍ ହସ । କହିଲେ- ମାଡ଼ାମ୍-ଆମେ ବି ଏଇକଥା ଶୁଣିଥିଲୁ ।

— ତା ମାନେ ଆପଣ କଥାଟାକୁ ଗୁରୁତ୍ୱ ଦେଇଛନ୍ତି ! କାହିଁ ଦିନକୁ ଆଠଶହ ଟଙ୍କା ହୋଟେଲ ଭଡ଼ା । ଦୁଇଶହ ଟଙ୍କା ଖାଇବା ଖର୍ଚ୍ଚ, ପଚାଶ ଟଙ୍କା ହାତଖର୍ଚ୍ଚ, ପୁଣି କଣ ପାଇଁ ଏତେ ଲୋଭ ?

— ସେ ସବୁ କିଏ ଦେଖୁଛି ଆଜ୍ଞା ? ଅନ୍ୟ ସବୁଠି ତ ଧୁମ୍ ଖାଇବାକୁ ଦେଉଛନ୍ତି ।

— ମୁଁ ଭାବିପାରୁନି ରାୟବାବୁ- ଏତେ ଉଚ୍ଚଶିକ୍ଷିତ ଭଦ୍ରଲୋକ ଜଣେ ଏମିତି ସବୁ ଭାବି ପାରନ୍ତି କେମିତି ! ଏତେ ଲୋଭ ତାଙ୍କ ଭିତରେ ଆସେ କାହିଁକି ! ଆଉ ଯଦିବା ଜଣେ ଦେଲା କି ନଦେଲା ତା ପ୍ରକାଶ୍ୟରେ କହିବୁଲନ୍ତି କିପରି ?

— ମାଡ଼ାମ୍ ! ଆପଣଙ୍କ ଏ କଥା କେହି ଶୁଣିବେନି । ଏଇଟା ଧର୍ମ । ଅଡ଼ିଟର ଆସିଲେ ଖାଇବେ ।

— ଦେଖନ୍ତୁ ! ମୋ ହାତରୁ ଖର୍ଚ୍ଚ କରି କେଉଁଠୁ ଖୁଆଇବି । ବ୍ୟାଙ୍କ୍ ତ ଦେଉନି । ତା ମାନେ ସେ କଣ ଚାହେଁ ବ୍ୟାଙ୍କର କେଉଁ ହେଡ଼ିଂରୁ ଲୁଚେଇ ଧପେଇ ତା ପିଛାରେ ଖର୍ଚ୍ଚ କରିଥାନ୍ତି ! ସେଇଟା ହୋଇଥାନ୍ତା ଧର୍ମ ?

— ଦେଖନ୍ତୁ ଅଡ଼ିଟ୍ ରେଟିଂ କଣ ହେଉଛି ।

— ସେ ଯାହା ଦେବ ଦେଉ ।

ସମ୍ପୀତାକୁ ବଡ଼ ତାଜୁବ୍ ଲାଗୁଥିଲା, ତାର ସତଟାକୁ କେହି ଗ୍ରହଣ କରୁନଥିଲେ । ସମସ୍ତଙ୍କ ମୁହଁରେ ହଁ ଦେବା ଉଚିତ ଥିଲା । ମିଥ୍ୟାଚାରଟା ଏତେ ଚେର ଲମ୍ବେଇ ତଳକୁ

Digitized by srujanika@gmail.com

ଯାଇଛି ଯେ ସେଇଟା ସତ ବୋଲି ସମସ୍ତଙ୍କୁ ଜଳ ଜଳ ଦିଶୁଛି । ସେ ଏମାନଙ୍କୁ କିଛି ବୁଝାଇ ପାରୁନି । ନିଜେ ଯନ୍ତ୍ରଣାରେ ଆଉଟୁ ପାଉଟୁ ହୋଇଯାଉଛି ।

ସେ ଅପେକ୍ଷା କରୁଥିଲା ତାର ରିପୋର୍ଟକୁ । ସତକୁ ସତ ତାର ଇଂରାଜୀ ଭାଷା ନୁହେଁ ତ । ଯେମିତି କ୍ରୋଧ ପ୍ରକାଶିତ ହୋଇଛି । ସ୍ପେଶାଲ ନୋଟ୍‌ରେ ସେସବୁ ଦେଇଛି । ଏକା ପଏଣ୍ଟରେ ଗତବର୍ଷ ଅଡ଼ିଟ୍‌ରେ ବ୍ରାଞ୍ଚ 'ଏ' ରେଟିଂ ପାଇଛି । ଅଥଚ ସତକୁ ସତ 'ବି' କରିଦେଇଛି । ଯେଉଁ ସୂଚନା ସେ ଆଗରୁ ଦେଇଯାଇଥିଲା ତା ହିଁ କରିଛି ।

ଯା ଭିତରେ ଜେନେରାଲ ମ୍ୟାନେଜର ମିଟିଂ ଡକା ହୋଇଛି । ସେ ବୁଝିପାରୁନି କି ଜବାବ ଦେବ । ତଥାପି ସେ ଚପା ରାଗରେ, ଅଭିମାନରେ ବାହାରିଯାଇଛି ମିଟିଂକୁ । ହେଲେ କୁରୁସଭା ପରି ବସିଛି ଏଠି ବ୍ରାଞ୍ଚ ମ୍ୟାନେଜରଙ୍କ ସଭା । ତା ସିରିଆଲ ପାଖେଇ ଆସୁଛି । ହୃଦ୍‌ସ୍ପନ୍ଦନ ତାର ବଢୁଛି । ସତେ ଅବା ଦୁଷ୍ଟ ଦୁଃଶାସନ ହାତରେ ତାର ତୁଟି ଅଟକି ରହିଛି । ତାର ଯାତନା, ପୀଡ଼ନରେ ସେ ମୁହ୍ୟମାନ । ବିବସ୍ତ୍ର ହୋଇ ଯିବାର ଭୟରେ ଛାତିରୁ ତାର ରୁଧିରପାତ ହେଉଛି । ପାଖେଇ ଆସୁଛି ତାର ସିରିଆଲ । ତା କାନକୁ ଶୁଭୁଛି ଦୁଷ୍ଟ ଦୁଃଶାସନର ହସ । ମିଛ ଅହମିକାରେ ବୁଡ଼ି ରହିଥିବା ଏଇ ମଣିଷମାନଙ୍କ ପାଇଁ କେତେ ଯେ ମାନସିକ ପୀଡ଼ନ ।

ପାଖେଇ ଆସୁଛି ତାର ସିରିଆଲ ! କଣ ବୁଝାଇବ ସେ ଜେନେରାଲ ମ୍ୟାନେଜରଙ୍କୁ ? ତଥାପି ସେ ଠିଆ ହୋଇପଡ଼ିଛି । କଣ କଣ ସବୁ କହିଚାଲିଛି । ତା ଭିତରେ ସେହି ପଳାତକର ନିଶା । ତାର ସ୍ଫୁରଣ ଘଟିଛି । ବଖାଣି ଚାଲିଛି ସେ ଗୋଟାଏ ପରେ ଗୋଟାଏ । ବିଶ୍ଳେଷଣ କରିଛି ଅଡ଼ିଟରର ମନସ୍ତତ୍ୱ । ମ୍ୟାନେଜରମାନଙ୍କର ହାସ୍ୟରୋଳ ଶୁଣାଯାଉଛି ତାକୁ । ହେଲେ ମ୍ୟାନେଜମେଣ୍ଟ ଖୁବ୍ ଗମ୍ଭୀର । ରାଗରେ ଜଡ଼ସଡ଼ ଦିଶୁଛନ୍ତି ଜେନେରାଲ ମ୍ୟାନେଜର ମିଃ କ୍ରିଷ୍ଣନ । ହଠାତ୍ ସେ ଠିଆ ହୋଇଗଲେ । ଚୁପ୍ । ସମସ୍ତେ ନିଶ୍ଚଳ । ବାକ୍‌ହରା । ହାସ୍ୟରୋଳ ବନ୍ଦ । "ମୋର ମନେ ପଡୁଛି ତୁମେ ବେଣୁପୁରର ବ୍ରାଞ୍ଚ ମ୍ୟାନେଜର ହୋଇ ଖୁବ୍ ଭଲ କାମ କରୁଥିଲ । ରିକଭରି କରିବାକୁ ଗାଁ ଗାଁ ବୁଲିଥିଲ । ଆଉ ମୁଁ କହିଥିଲି ତୁମ ବ୍ରାଞ୍ଚକୁ ଯିବି ଏବଂ ତୁମ ଫଟୋ ମାଗାଜିନ୍‌ରେ ଦେବାକୁ । ତୁମେ ସେହି ଭଉଣୀ ନାଁ ?"

ସେ ରିଜିଓନାଲ ମ୍ୟାନେଜରଙ୍କୁ ଚାହିଁଲେ ଏବଂ କହିଲେ - କିଏ ସେ ଅଡ଼ିଟର । ଏନକ୍ୱାରି ଇନ୍‌ଟୁ ଇଟ୍ ।

ସମସ୍ତେ ସ୍ତବ୍ଧ । ଏତେବଡ଼ ହଲ୍‌ରେ ସବୁକିଛି ନିଃଶବ୍ଦ । ଆଉ ସେ ତଳକୁ ମୁହଁକରି ବସିଥିଲା । ଗୋଟାଏ ପଳାତକର ନିଶା ତା ଭିତରେ ଧୀରେ ଓହ୍ଲାଉଥିଲା । ତାର ମନେ ପଡୁଥିଲା ପ୍ରତିଭା ଶତପଥୀଙ୍କ କବିତା ଦି ଧାଡ଼ି 'ତନ୍ମୟ ଧୂଳିରୁ' ।

"ବିଷାଦ କେବେ ନଥିଲା/କି ଆଜି ବି ନାହିଁ/ମୋର ଯେ କିଛି ସଂଯୋଗ ନଥିଲେ/ତୁମର ସ୍ନେହ କୋଉଠି, ଶୋକ କୋଉଠି ?"

□□□

Digitized by srujanika@gmail.com

ଉଦ୍‌ଭ୍ରାନ୍ତ ପଥିକ

ଏଥରର ପରି ବାହାରକୁ ଯିବାର ଉଦ୍‌ବେଳନ ମଧୁଲଗ୍ନା ଭିତରେ ନଥିଲା । ଜୀବନ ସମ୍ମୁଖୀନ ହୋଇଯାଇଥିଲା ଗୋଟାଏ ନିଚ୍ଛକ ବାସ୍ତବତାର । ସେଠି ସ୍ୱପ୍ନମାନ ସବୁ ଅପସରି ଯାଉଥିଲେ ଅଂଧକାରର ପୃଥିବୀକୁ । ସେ ପାଲଟି ଯାଉଥିଲା ନିଥର ଶୁଷ୍କ ଚରାଭୂଇଁ । ପ୍ରତିକ୍ରିୟାମାନ ଜମାଟ ବାଂଧି ଆସୁଥିଲେ ବରଫ ଖଣ୍ଡପରି । ମାସକ ତଳେ ବାପା ଚାଲିଗଲେ ପୃଥିବୀରୁ ହଠାତ୍ । ହୃଦ୍‌ଯନ୍ତ୍ର ନୀରିବ ଗଲା । ଦେଖିଲା ସେ ମୃତ୍ୟୁ କେତେ ଚୁପ୍‌ଚାପ୍ ଆଡ଼ମ୍ବରହୀନ ହୋଇ ବସିପଡ଼ିଲା ନିଜର କର୍ତ୍ତୃତ୍ୱ ଜାହିରକରି । ଜୀବନର ସବୁ ଆୟୋଜନ ନିମିଷେ ଶେଷ । ଜୀବନର ଘୋର ଜଟିଳତା କେତେ ସରଳତାରେ ଶେଷ ହୋଇଯାଏ । ହଠାତ୍ ଯେମିତି ସବୁକିଛି ଶୁଷ୍କ ପାଲଟିଗଲା ସତ୍ୟର ଏଇ ନିଷ୍ଠୁର ଚେହେରାଟିରେ । ସେ ହସି ପାରୁନଥିଲା ମଧ୍ୟ । ଏମିତି ଗୋଟାଏ ଅବସ୍ଥାରେ ଯିବାକୁ ପଡ଼ିବ ମୁମ୍ବାଇ । ଅଫିସିଆଲ ଡ୍ୟୁଟିରେ । ସେ କ'ଣ କହିବ କିଛି ବୁଝି ପାରୁନଥିଲା । ଏଠି ପୃଥିବୀ ଗତିଶୀଳ । ଜୀବନ, ଜଗତ ବି ! କେହି ଦୁଃଖରେ ଘଡ଼ିଏ ଥମକି ଚାହାନ୍ତି ନାହିଁ । ସେଥିପାଇଁ ସିନା ଜୀବନ ଏଠି ଏତେ ନିଷ୍ଠୁର । ତୁମ ମନର ଅସହାୟତାକୁ ସେମାନେ ବରଦାସ୍ତ କରନ୍ତି ନାହିଁ । ତୁମେ ଦୁଃଖରେ କାଚଖଣ୍ଡପରି ଗୁଣ୍ଡ ଗୁଣ୍ଡ ହୁଅ, ତଥାପି ସଳଖି ଠିଆ ହେବାକୁ ପଡ଼ିବ କେବଳ ନିଜକୁ ବଂଚାଇବା ପାଇଁ । ସେ ବା କେମିତି ମନା କରିପାରେ । ଚାକିରିର ଦାସ ସେ ।

ଷ୍ଟାଫ୍ ଡିର୍ପାଟମେଣ୍ଟ ମ୍ୟାନେଜର କହିଲେ ପ୍ଲେନ୍ ଟିକେଟ୍ କରି ଆଣୁଛି । ପରଦିନ ଯିବାକୁ ପଡ଼ିବ ଯେ ! କ'ଣ ଭାବି ସେ ଚୁପ୍ ହୋଇଗଲା ଏବଂ କହିଲା ''ନାଁ ଥାଉ । ମୁଁ ଟ୍ରେନ୍‌ରେ ଯିବି ।'' ଅଗତ୍ୟା ସେ ଚାପ ପକାଇଲେ - ଗୋଟାଏ ଦିନ ଭିତରେ ଆଦୌ ମିଳିବନି ଟିକେଟ୍ । ପୁଣି ପୂଜାବେଳ ।

— ତଥାପି ମୁଁ ଚେଷ୍ଟା କରେ । ଯଦି ନ ମିଳେ ବାଧ୍ୟ ହୋଇ ଯିବାକୁ ପଡ଼ିବ ।

ପ୍ରକୃତରେ ଗୋଟାଏ ଅସ୍ୱସ୍ତିବୋଧ ସେ ଫ୍ଲାଇଟ୍‌ରେ । ସାରାଟା ସମୟ ଭୟରେ କିଏ ବସିବ । ବରଂ ଟ୍ରେନରେ ବସି ମନଭରି ଦେଖିବ ସବୁଜ ପୃଥିବୀ ଖଣ୍ଡେ । କେତେ ଲୋକ, କେତେ ଦୃଶ୍ୟ । ବିଲ, ବଣ, ପାହାଡ଼, ନଦୀ, ହ୍ରଦ । ସେଥିପାଇଁ ତା'ର ଲୋଭ ଅନେକ । ଏକଥା କି ସେ ବୁଝାଇପାରିବ ଷ୍ଟାଫ୍ ଡିର୍ପାମେଣ୍ଟ ମ୍ୟାନେଜରଙ୍କୁ ।

ଭାଗ୍ୟକୁ ମିଳିଲା ଟ୍ରେନ ଟିକେଟ୍ । ସାଂଗରେ ବାହାରିଲେ ତା'ର ସାନଭାଇ ଏବଂ ତା'ର ସ୍ତ୍ରୀ । ବୁଲିବାର ନିଶା । ଦେଖିବାର ଅଭିପ୍ସା । ଚାଲନ୍ତୁ ।

ଟ୍ରେନରେ ଉଠି ସେ ଖୋଜି ନେଇଥିଲା ତା'ର ବର୍ଥ । ହେଲେ ଗୋଟାଏ ଉଦାସୀନ ପୃଥିବୀଟିଏ ଯେମିତି ତା'ର ସାରା ଅସ୍ତିତ୍ୱକୁ ଘେରି । ଆଗପରି ଭୟ ଭ୍ରାନ୍ତିହୀନ ଯାତ୍ରା ଅନୁଭବ କରୁନଥିଲା । ବରଂ ଭୀଷଣ ଗୋଟାଏ ଶୀଥିଳ, ଶୁଷ୍କ ପୃଥିବୀକୁ ଥିବା ସାମନା କରି ବସିଛି ସେ ।

Digitized by srujanika@gmail.com

ମନେ ପଡ଼ିଲା ବାଂଧବୀ ଅନୁର କଥା - ଭଲରେ ଯାଇ ଭଲରେ ଆସ । ଏଇକଥାଟା ଭାବି ସେ ଟିକେ ହସିଲା । କି ଭରସା ଅଛି ଗୋଡ଼ ଥରେ ଘରୁ କାଢ଼ିଲେ ନିଶ୍ଚିତରେ ଆସି ପଂହଚିବ ! ହୁଏତ ଚିରକାଳ ସାଧାରଣଭାବେ କଥାଟି ସମସ୍ତେ କହନ୍ତି - ଏବେ ଗଭୀର ଭାବରେ ଗୁରୁତ୍ୱ ଦେଇ ଭାବିବାର ବେଳ ଆସିଛି । ରାତିରେ ଶୋଇଥିବ ଆସିଯିବ ଗୋଧ୍ରାର ଭୟାବହତା । ହୁଏତ ଯାଇଥିବ ମନ୍ଦିରକୁ, ବାହାରି ଆସିବ ତୁମର ଡେଡ଼୍‌ବଡ଼ି ଗୁଳିରେ କ୍ଷତବିକ୍ଷତ ହୋଇ । ଭୟ, ଆଶଙ୍କା, ମୃତ୍ୟୁ ତ ପାଦପାଦେ ଲୁଚକାଳି ଖେଳୁଛି ସନ୍ତ୍ରାସବାଦୀଙ୍କ ଷଡ଼ଯନ୍ତ୍ର ତଳେ । ଜୀବନ ଜଗତଠାରୁ ମୁକ୍ତିପାଇ ନିର୍ବିକାର ଚିତ୍ତରେ ଭଗବାନଙ୍କୁ ଘଡ଼ିଏ ଡାକିବାବେଳେ ଚମକି ପଡ଼ିବାକୁ ହୁଏ ବୁଲେଟ୍ ଶବ୍ଦରେ । ପେଶିହୋଇ ଯିବାକୁ ହୁଏ ଅନ୍ଧାର ଭିତରେ । ଗୁଳିର ବର୍ଷାରେ । ତେଣୁ ସଂାଗଟିର କଥା ସେ ବେଶ୍ ଗୁରୁତ୍ୱଦେଇ ଭାବିଥଲା ଆଉ ରାତିରେ ସ୍ୱପ୍ନ ଦେଖିଥିଲା ଯେମିତି ଚାରିଆଡ଼େ ରକ୍ତର ଖେଳ । ଛୁରୀଟାଏ ଧରି ଘାତକ ଆସୁଛି । ପିଚିକି ପଡୁଛି ଲାଲ ତାଜା ରକ୍ତ ଅଚିହ୍ନା ଲୋକମାନଙ୍କର । କାହିଁକି ଏମିତି ଗୋଟାଏ ସ୍ୱପ୍ନ ଦେଖିଲା ବୋଲି ବିମର୍ଷ ହୋଇ ସେ ବସିରହିଥିଲା ଟ୍ରେନଟି ଛାଡ଼ିବା ସହିତ ।

ତା' ସାମନା ସିଟରେ ବସିଥିଲେ ଜଣେ ମାର୍ଜିତ ପୁରୁଷ । ଲମ୍ବା, ଗୋରା ତକ୍‌ତକ୍ ଶରୀର । ଦେଖିଲେ ମନେହୁଏ ଗୁରୁ ଦାୟିତ୍ୱଟାଏ ଝୁଲୁଛି ତାଙ୍କ ମଥା ଉପରେ । ଇଣ୍ଡିଆନ ଏକ୍ସପ୍ରେସର ପ୍ରତିଟି ଲାଇନ ଅଂାଗୁଠି ମାରି, ମୁଣ୍ଡ ହଲାଇ ପଢୁଛନ୍ତି । ଅବା ନ୍ୟୁଜଟା କାଲି ପରୀକ୍ଷାର ପଢ଼ିଯିବ । ଉପରକୁ ଚାହିଁ ତଳକୁ ମୁହଁ ପୋତୁଛନ୍ତି । ଯିବେ କୋହ୍ଲାପୁର । ତାଙ୍କ କଂପାନୀ ନେଇଛି ଖୋର୍ଦ୍ଧା-ଭୁବନେଶ୍ୱର ହାଇୱେର କାମ । କେଉଁଠି ଗୋଟାଏ ପାଣି ନାଳଯାଇଛି । ତାକୁ ତଦାରଖ କରିବାର ଦାୟିତ୍ୱଥିଲା ତାଙ୍କ ଉପରେ । ଫେରି ଯାଉଛନ୍ତି । ବୟସ ସତେଇଶ ଯାଏ ହେବ । ଅଥଚ ମୁହଁର ମାଚ୍ୟୁରିଟିରୁ ଲାଗୁଛି ଟିକିଏ ବେଶୀ ।

ଅଚାନକ ତା' ନାକରେ ଲାଗିଲା ଆଲକହଲ ପରି ଗୋଟାଏ ଗଂଧ । ଦୋହଲିଗଲା ତା' ଭିତରର ଗୋଟାଏ ସୁସଜ୍ଜିତ ମାର୍ଜିତ ପୃଥିବୀର ଭାଷା । ମନେ ପଡ଼ିଗଲା ଗତକାଲି ବିବର୍ଣ୍ଣ ପୃଥିବୀର ସ୍ୱପ୍ନ । ସେ ମୁହଁ ବୁଲାଇ ଚାହିଁଲା ତା' ପାଖରେ ବସିଥିବା ଯୁବକଟିକୁ. । ମଳିଚିଆ, ନିଃଷ୍ପ୍ରଭ ଚେହେରା । ଖୁଣ୍ଟାଖୁଣ୍ଟା ଦାଢ଼ି । ଇସ୍ତ୍ରୀ ନକରା ପ୍ୟାଣ୍ଟ୍ । ଉପରେ ଗେଂଜିଟାଏ । ବୋତାମ ଲାଗିନି ଗୋଟାଏ । ନହନହକା ଚେହେରା । ଯେମିତି ଅରଣ୍ୟର କେଉଁ ଅରମା ଗଛଟିଏ । ସତର୍କ ଘଣ୍ଟି ବାଜି ଉଠିଲା ତା' ଭିତରେ । ଟ୍ରେନରେ ବସି ଏହି ପିଲାଟା ଯିବ ତାଙ୍କ ସଂାଗରେ ଦୁଇଦିନ । ଓଃ ଗଡ଼ ।

ପିଲାଟା ବଡ଼ ଚଞ୍ଚଳ । ଅସ୍ଥିର ତା'ର ଅବୟବ । ଘଡ଼ିକି ଘଡ଼ି ଉଠିଯାଉଥିଲା କୁଆଡ଼େ କେଜାଣି ? ସେ ଭାଇକୁ କହିଲା - ନିହାତି ବାଜେ ପିଲାଟା । ହୁସିଆର ଥାଆ । ମଦଫଦ ଖାଇଲା ପରି ଲାଗୁଛି । ଆଲକ୍‌ହଲ ଗଂଧ ଆସୁଛି ।

ଭାଇ କହିଲା —— ନାଁଇ ମ ! ଏଡ଼େ ଛୋଟ ପିଲାଟା । ବୟସ ଏକୋଇଶ - ବାଇଶ ପରି ଲାଗୁଛି, ମଦ କାହିଁକି ଖାଇବ ?

Digitized by srujanika@gmail.com

ସେ ପୁନଶ୍ଚ ସନ୍ଦେହୀ ଆଖିରେ କହିଲା — ତା' ସୁଟକେସ୍‌ଟା କେଉଁଠି ? ଟେରୋରିଷ୍ଟ ନୁହେଁତ ?

ତା' ସ୍ତ୍ରୀ କହିଲା — ଟେରୋରିଷ୍ଟଙ୍କୁ ଆଉ କେତେ ବୟସ କି ? ଆଜିକାଲି ଏଇ ବୟସର ପିଲାମାନେ ଖରାପ ହେଉଛନ୍ତି । ମଦ ଖାଉଛନ୍ତି । ସବୁ ସମ୍ଭବ । ସେ ସଂତ୍ରସ୍ତ ହୋଇ ଚାହିଁଲା ସୁଟ୍‌କେସ୍‌ଟି ଆଡ଼େ । ତା'ରି ସିଟ୍‌ତଳେ ଥୁଆ ହୋଇଛି । ଯଦି ଫୁଟେ, ସମସ୍ତେ ଯିବା । ସେ ଗମ୍ଭୀର ହୋଇ ଭାଇକୁ ପଚାରିଲା - କ'ଣ ପଢ଼ିଛି ସେ ?

— ଏମି:ସି:ଏ କରିଛି ବୋଲି କହୁଥିଲା ।

— କୁଆଡ଼େ ଯାଉଛି ସେ ?

— ମୁମ୍ବାଇ ଚାକିରି କରିବାକୁ । କେତେବେଳେ ବି କହୁଛି ବୁଲିବାକୁ ।

— ମୁଁ ଜାଣେ ସେ ପିଲାଟିର ବକ୍ତବ୍ୟରେ କୌଣସି ସ୍ଥିରତା ନଥିବ । ତା'ର ମତଲବ ଭିନ୍ନ । ଏମ:ସି:ଏ କରିବା ପିଲା ତନ୍‌ଛନ୍ ହୋଇ ଯିବାକଥା । ଆଧୁନିକତା ରହିବା କଥା ବେଶ ପୋଷାକରେ । ଅଥଚ ଏମିତି ପାଗଳାଟାଏ ପରି କ'ଣ ଢଂଗରଂଗରେ ହୋଇଛି । ମିଛ କହୁଛି । ଏମ:ସି:ଏ କରିନି ।

— ସେ ତ ସେଇଆ କହିଲା ।

— ସେ କ'ଣ ଏଠିକାର ଲୋକ ?

— କେଜାଣି, ଜଣେ ତାକୁ ଛାଡ଼ିବାକୁ ଆସିଥିଲା ଷ୍ଟେସନକୁ । ହାତ ହଲାଉଥିଲା ଟ୍ରେନ ଛାଡ଼ିବାବେଳେ ।

— ସେ କ'ଣ ତା'ର ବାପା, ଭାଇ ନାଁ ସାଂଗ ?

— ସେମିତି କେହି ଲାଗୁନଥିଲେ ।

— ସେ କାହିଁକି ବାରମ୍ବାର ଭୁବନେଶ୍ୱର ଷ୍ଟେସନରେ ବସି ହିନ୍ଦୀ କହୁଛି । ପୁଣି ଦେହାତି ହିନ୍ଦୀପରି ଲାଗୁଛି ତା'ର କହିବାର ଭଂଗୀ । ସେ ପ୍ରଥମଥର ପାଇଁ ମୁମ୍ବାଇ ଯାଉନି ।

— କହିଲା ତ । ପ୍ରଥମଥର ପାଇଁ ଯାଉଛି । ହୋଇଥିବ ଅନ୍ୟ ସଂପ୍ରଦାୟର ।

ହଠାତ୍ ଭାଇର ବକ୍ତବ୍ୟରେ ରୁଂଧି ହୋଇଗଲା ନିଃଶ୍ୱାସ । ସଂକୁଚିତ ହୋଇଗଲା ତା' ମସ୍ତିଷ୍କର ମିଲିଅନ, ମିଲିଅନ କୋଷ । ହୃଦସ୍ପନ୍ଦନର ବେଗ ବଢ଼ିଗଲା ମହାବାତ୍ୟା ପରି । ତା' ହେଲେ ତା'ର ସନ୍ଦେହ କ'ଣ ଠିକ୍ ?

ସେ ନୀରବି ଗଲା । ଭାଇ ସଂଗରେ ବାର୍ତ୍ତାଳାପ ପରେ ସେ ଗମ୍ଭୀର ହୋଇଗଲା । ଆସିଲା ଚିଲିକାରେ ଦୃଶ୍ୟ । ନୀଳ ସମୁଦ୍ର । ନୀଳ ହ୍ରଦ । ସେ କିଛି ମନେଦେଇ ଦେଖିପାରିଲା ନି । ଆସ୍ତେ ଆସ୍ତେ ଘୋଟି ଆସିଲା ଅଂଧାର । ପୃଥିବୀ ଏବେ ଅଦୃଶ୍ୟ । ହୁଏତ ଅଂଧକାରର ଏଇ ପୃଥିବୀରେ ଆଲୋକର ସରୀସୃପଟାଏପରି ଦୂରରୁ ଦେଖାଯାଉଥିବ ଗାଡ଼ିଟିର ଛୁଟି ଚାଲିଥିବାର ଦୃଶ୍ୟ । ସେମାନଙ୍କ ପାଇଁ ଅଂଧକାର ଏଠି ଚଳମାନ ।

ରାତି ସାଢ଼େ ଆଠ ହେଲା । ଭୋକିଲା ଯାତ୍ରୀମାନେ ହଲିଚଲି ଟିକେ ବସିଲେ । ଚାହିଁଲେ ପ୍ୟାନଟ୍ରିର ଲୋକଟିକୁ । ଲୋକଟି ଆସିଲା ଏବଂ ବରାଦ ମୁତାବକ ଖାଦ୍ୟ

Digitized by srujanika@gmail.com

ସଜେଇ ରଖିଲା । ପରିବେଷଣ କଲା । ଇଂଜିନିୟର ଜଣଙ୍କ ଆଗ ଆରମ୍ଭକଲେ ଖାଇବା । ସେ ବାଥରୁମ୍‌କୁ ଉଠିଲା । ଫେରିବା ବାଟରେ ଦେଖିଲା ପିଲାଟା ବସିଛି ଅଂଧକାରର ପୃଥିବୀକୁ ମୁହଁକରି । ଠିକ୍ ଦରଜାକୁ ଆବୃତ କରି । ଗୋଡ଼ ଓହଳାଇ ।

ସେ ତା'ର ଏତାଦୃଶ୍ୟ କାଣ୍ଡରେ ଚମକି ପଡ଼ିଲା । ଭୟାନକ ରାଗରେ ତା'ର ସାରାଟା ଶରୀର ଦୋହଲିଗଲା । ଭାବିଲା ଜାବଡ଼ାଟାଏ ଦେବକି ? କାନଧରି ଉଠାଇ ଆଣିବ ତାକୁ । ଶୁଣିଥିଲା ଦରଜାଟା ଏତେ ଓଜନିଆ ଯେ ଆଉଜି ପଡ଼ି କେହି ଜଣେ ଟ୍ରେନରୁ ପଡ଼ି ଯାଇଥିଲା । ଅଥଚ ସେ ଠିକ୍ ସେମିତି ବସିଛି । କ'ଣ ତା'ର ମକ୍‌ସଦ୍ । କ'ଣ ଚାହେଁ ସେ ? ତା'ର କ'ଣ ଜୀବନକୁ ପରୱା ନାହିଁ । ଜୀବନଟା କ'ଣ ତା ହାତରେ କ୍ରୀଡ଼ନକ ? ଏମିତି ଖେଳୁଛି ସେ କଣ୍ଢେଇଟେ ଖେଳିଲାପରି ?

ରାଗ ଗରଗରହୋଇ ସେ ଭାଇକୁ କହିଲା - ସେ ପିଲାଟା ଟ୍ରେନର ଦୁଆର ମୁହଁରେ ଗୋଡ଼ ଓହଳାଇ ବସିଛି ।

— ଏମିତି ପରା ମରୁଛନ୍ତି ? ସେ ବିରକ୍ତିରେ କହିଲା ।

ସେମାନେ ଖାଇବା ଜିନିଷ ଖୋଲିଲେ । କେଜାଣି କ'ଣ ପାଇଁ ଗୋଟାଏ ମେହରବାନି ତା' ଛାତିତଳେ ମୁହଁ ଦେଖେଇ ଚାଲିଗଲା । ଦୁଃଖ କ'ଣ ଏମିତି ହଠାତ୍ ଆସେ ଦରଦ ସାଂଗରେ ଫେଣ୍ଟାଫେଣ୍ଟି ହୋଇ ? କାହିଁକି ଏମିତି କରୁଣ ଅନୁଭବଟିଏ ଆସିଲା ପିଲାଟିକୁ ନେଇ ? ଅଥଚ ମୁହଁରେ ଅଭିମାନର ରାଗ ଫୁଟାଇ କହିଲା - ଖାଇବା ଆରମ୍ଭ କର । କେତେ ନିଷ୍ଠୁର ଲାଗୁଥିଲା ସେତେବେଳେ ତାକୁ ? ଅଥଚ କେଉଁ ଅତଳାନ୍ତରେ ତା'ର ଅନୁଭବ ସ୍ଥିରହୋଇ ଯାଉଥିଲା ଆଉ ସେ ଚାହୁଁଥିଲା – ପିଲାଟିକୁ ଡାକନ୍ତା । ଦୁଇପଟ ପରଟା, ଆଳୁଭଜା ଟିକିଏ ବଢ଼େଇ ଦିଅନ୍ତା । ସମସ୍ତେ ସାଂଗ ହୋଇ ଖା'ନ୍ତେ । କେତେ ଆନନ୍ଦମୟ ହୋଇଉଠନ୍ତା ମୁହୂର୍ତ୍ତମାନ । ଅଥଚ କେଡ଼େ ଭାରି ଲାଗୁଛି ଏଇ ସମୟ । ତା'ର ବିବେକ ଭାରାକ୍ରାନ୍ତ ହୋଇପଡୁଛି ସିନା ! ଅଥଚ ପିଲାଟିର ଚାଲିଚଳନକୁ ନାପସନ୍ଦକରି ସେ ଏତେ ରୁକ୍ଷ ପାଲଟିଯିବାର କିଛି ଥିଲା ? ଗୋଡ଼ ଓହଳାଇ ଚଳନ୍ତା ଗାଡ଼ିରେ ବସିବାପରି ଗୋଟାଏ ଦୁଃଷ୍କର୍ମ କରିଛି ବୋଲି ଯେପରି ସେ ତାକୁ କ୍ଷମାକରି ପାରୁନି । ଏଡ଼େ ଦୁଃଷ୍ଟଟାଏ । ଜୀବନପ୍ରତି ଏତେ ଅମନୋଯୋଗୀ ।

ଠିକ୍ ଖାଇବା ମଝିରେ ସେ ପଂହଚିଲା । ପ୍ୟାନଟ୍ରିର ଲୋକଟିକୁ ଡାକିଲା । କ'ଣ ମିଳୁଛି ଖାଇବାକୁ ବୋଲି ପ୍ରଶ୍ନ କଲା । ସେ ତା'ର ଉତ୍ତର ଦେଇ ଆଗକୁ ଗଲା । ପୁଣିଥରେ ଫେରିଲା ବେଳକୁ ପୁନଶ୍ଚ ପ୍ରଶ୍ନ ତା'ର । ପୁନଶ୍ଚ ପ୍ୟାନଟ୍ରି ବାଲାର ଉତ୍ତର ମଧ । ସମସ୍ତେ ଖାଇ ସାରିବାପରେ ପ୍ୟାନଟ୍ରିବାଲାକୁ ଡାକି କହିଲା – ରୁଟି ଆଣ ଖାଇବି । ପ୍ୟାନଟ୍ରିବାଲା ଏଥର ବିରକ୍ତ ହୋଇ ପଡ଼ିଲା – ତେରେ ବିବି ନେ ବନାୟା ହାଏ । ତୁ ଇଧର ବୈଠକେ ଖାଏଗା !

ଏଇ କଟୁଶବ୍ଦରେ ସେ ଖାଇବାଛାଡ଼ି ମୁହଁ ଉଠାଇଲା ଏବଂ ମନକଲା ଏତେ ଅଶାଳୀନ ଶବ୍ଦ ସବୁ ପ୍ୟାନଟ୍ରିବାଲା ତାକୁ କାହିଁକି କହିଲା । ଏ ଶବ୍ଦରେ ଆଉ ଦୁଇଜଣ

Digitized by srujanika@gmail.com

ମଧ୍ୟ ଚାହିଁଲେ ପିଲାଟିକୁ । ସେ କିନ୍ତୁଥିଲା ନିର୍ଲିପ୍ତ । ମନେହେଉଥିଲା କ୍ଷୁଧାତୁର । କ'ଣ ଖାଇବାର ଚିନ୍ତାରେ ସେ ବେଶୀ ବ୍ୟସ୍ତଥିଲା ପ୍ୟାନଟ୍ରିବାଲାର ଅପମାନ କରୁଥିବା ଶବ୍ଦ ଠାରୁ । ଭାଇ କହିଲା – ସଂଧ୍ୟାବେଳୁ ସେ ପ୍ରକୃତରେ କିଛି ଖାଇନି । ଏବେ ସେ ଅପମାନକୁ ଭୁଲି ପୁଣି ଡାକିଲା ପ୍ୟାନ୍‌ଟ୍ରିବାଲାକୁ – ଯାହା ଅଛି ଆଣ ।

ପ୍ୟାନଟ୍ରିବାଲା ଭାତ, ତରକାରୀ ପୁଡ଼ିଆ ଦେଇଗଲା ଏବଂ ସେ ଯେହି ପୁଡ଼ିଆକୁ ଖୋଲି ନିଜର ଉଦର ପୂରଣ କରିଥିଲା ।

ଖାଇସାରି ମଧୁଲଗ୍ନା ଦୁଇଟା ପତ୍ରିକା ବାହାର କଲା ଏବଂ 'ସମ୍ବାଦ'ର ସ୍ୱନକ୍ଷତ୍ର ସଂଖ୍ୟା ପଢ଼ିଲା । ତା' ପାଖରୁ 'ଝଙ୍କାର' ନେଇ ପିଲାଟି ମନୋଜ ଦାସଙ୍କ ପ୍ରବଂଧ ଉପରେ ଆଖି ପକାଉଥିଲା । ତାକୁ ସନ୍ଦେହ ହେଲା ହିନ୍ଦୀ କହୁଥିବା ପିଲାଟି ପ୍ରକୃତରେ ଓଡ଼ିଆ ଜାଣେ ନାଁ ଏମିତି ଜାଣିଥିବାର ଅଭିନୟ କରୁଛି । କିଛି ସମୟ ପରେ ସେ ପତ୍ରିକାଟିକୁ ଫେରେଇ ଉଠିଗଲା ବାଥ୍‌ରୁମ ଆଡ଼େ ।

ଫେରିଆସିଲା ବେଳକୁ ସେ ଶୋଇକରି ପ୍ରଫେସର୍ ବେହେରାଙ୍କ କ୍ଷୁଦ୍ରଗଳ୍ପ 'ସମ୍ବାଦ'ରୁ ପଢୁଥିଲା ଏବଂ ତାକୁ ଦେଖି ସଂକୁଚିତ ହୋଇଗଲା । ତା' ସିଟ୍‌ଟି ଅଧିକୃତ ହୋଇଯାଇଥିଲା । ସାମନା ସିଟ୍‌ରେ ସେ ବସିଲା । ସେଠି ବସିବସି ସେ ତା' ମୁହଁକୁ ଚାହୁଁଥିଲା ଏବଂ ଆଖିରେ ଆଖି ମିଶେଇ ଟିକେଟିକେ ହସୁଥିଲା ! କି ପ୍ରକାର ହୋଇପାରେ ଏ ପିଲାର ମନସ୍ତତ୍ତ୍ୱ । ଜଣେ ଯଥେଷ୍ଟ ବୟସରେ ବଡ଼ ମହିଳା ଆଡ଼କୁ ଚାହିଁ ଏମିତି ହସିବାର ମାନେ ? ସେ ଭାଇର ସୁନ୍ଦରୀ ସ୍ତ୍ରୀ ଆଡ଼କୁ ଚାହିଁଲା ଏବଂ ତା'ର ବୟସ ଛବିଶବର୍ଷ ଥିଲା । ଅନେକଟା ସନ୍ଦେହ ପିଲାଟିର ହାବଭାବରେ ଫୁଟି ଉଠୁଥିଲା । ସେ ଚାହିଁଲା ତାକୁ ଦେଖୁଛି କି ନାହିଁ । ସତକୁ ସତ ସେ ବାରମ୍ବାର ସେହିଆଡ଼େ ଚାହୁଁଥିଲା ଏବଂ ହସୁଥିଲା ।

ପିଲାଟିର ଏଇ ଅସ୍ପଷ୍ଟ ଭାବଭଂଗୀ ସମସ୍ତଙ୍କୁ ସନ୍ଦେହ ଘେରରେ ରଖୁଥିଲା । ତା' ଆଡ଼କୁ ଅନ୍ୟ ଦୁଇଜଣ ମଧ୍ୟ ଚାହିଁ ଟିକେଟିକେ ହସୁଥିଲେ । ସେ କିନ୍ତୁ ରାତି ବଢ଼ିବା ସହିତ ତା'ର ଏ ପ୍ରକାର ବିଶୃଙ୍ଖଳିତ ଜୀବନଧାରାକୁ ନେଇ କଥା ହେବାକୁ ଇଚ୍ଛା କରୁନଥିଲା । ଆଉ କିଛି କରିବା ଭୟରେ ସାରାରାତି ବରଂ ସତର୍କ ରହିବାକୁ ପଡ଼ିବ ।

ଏବେ ରାତ୍ରି ଚଳମାନ । ଟ୍ରେନ ବି । ସମସ୍ତେ ସୁପ୍ତ । ଅର୍ଦ୍ଧ ରାତ୍ରି । ତା' ନିଦ ଭାଂଗିଗଲା । ଦେଖିଲା ଗୋଡ଼କୁ ଟେକି ସେ ବସି ରହିଛି । ଗୋଟାଏ କ'ଣକୁ ଜାକିଜୁକି ହୋଇ । ଏମିତି ଗୋଟାଏ ଭଂଗୀରେ ସେ ବସିଛି କାହିଁକି ? କ'ଣ ଭାବୁଛି ? କ'ଣ ପ୍ରେମିକାଟିଏ ତା'ର ଅଛି କି ? ଏ ଅଧରାତିରେ ଏମିତି ଭଂଗୀରେ ବସି ସେ କାହା କଥା ଏତେ ଭାବୁଛି ? ନାଁ ଏମିତି ଗୋଟାଏ ଅବିନ୍ୟସ୍ତ ଚରିତ୍ରର ପୁଣି ପ୍ରେମିକା କିଏ ହେବ ? କାହିଁକି ବା ପ୍ରେମକରି ଏଇ ପିଲାଟିକୁ ତା' ଭବିଷ୍ୟତକୁ ଅଂଧାର କରିବ ? ଆଜିର ପ୍ରେମିକାଟିଏ କ'ଣ ଦେବଦାସର ପ୍ରତିଛବିଟିଏ କାମନା କରେ ? ନାଁ ତା'ର ଶୃଙ୍ଖଳିତ ଜୀବନର ଭବିଷ୍ୟତ ଆଶା କରେ ? ନାଁ ଏମିତି ବସିବାର ମାନେ ଆଉ କିଛି ଥାଇପାରେ ?

Digitized by srujanika@gmail.com

ଭିଁଛି କରି ବସିବ କି ଆଉ ? ସମସ୍ତେ ଚମକି ପଡ଼ିବା ଆଗରୁ ବାରୁଦଗଦାର ଅଂଗାର ପାଲଟି ଯାଇଥିବେ ? ନାଁ ... ସେମିତି ମନେ ହେଉନି । ନିରିମାଖିପରି ବସିଛି । ପ୍ରତିକ୍ରିୟାହୀନ ପାଷାଣ ପିତୁଳାଟାଏ ପରି । ଆପଣା ଭିତରେ ଡୁବିଯାଇଛି । ଅଧାଶୁଆ ଅଧା ଚେଇଁବା ଭିତରେ ମଧୁଲଗ୍ନାର ଆଖି ଦାବି ହୋଇ ଆସିଲା । ସେ ହଜିଗଲା ନିଦରେ ।

ସକାଳ ଆସିଲା । ମଧୁର କେଉଁ ଅଦୃଶ୍ୟ ସଂଗୀତର ସ୍ୱର ଅବା ଭାସି ଆସୁଛି କେଉଁ ଆବାହମାନ କାଳରୁ ଏ ନରମ ଲଗ୍ନରେ । ମଧୁଲଗ୍ନା ବାହାରକୁ ଚାହିଁ ଚମତ୍କୃତ ହେଲା । ବିଶାଳ, ଆଦିଗନ୍ତ ବ୍ୟାପିଥିଲା ଦୂର ଆକାଶର । ପାଖରେ ଥିଲା ଶୁଷ୍କ, ଟାଂଗର ...ାଟି । ସତେଅବା ଗାଡ଼ିଟି ଚାଲିଛି ଅନନ୍ତ ଆଡ଼କୁ ।

ସାରାଦିନ ସେ ଚୁପ୍ । ପିଲାଟି କୁଆଡ଼େ ଯାଉଛି ତା' ମଧ ତା'ର ଆଗ୍ରହ ...ହିଲାନି । ଅନ୍ୟମାନଙ୍କର କୌତୁକର ସାମଗ୍ରୀ ସେ ହୋଇସାରିଥିଲା ।

ସଂଧ୍ୟା ଆସିଲା । ଆଉ ଗୋଟାଏ ମାତ୍ର ରାତି । ତା' ପରେ ଚଗଲା ପିଲାଟା ଟାଲିମିବ । ଯେ ଆଜିର ସହାଯାତ୍ରୀ । କେତେ ସହଯାତ୍ରୀ ଏମିତି ହଜିଯାନ୍ତି ଯାତ୍ରାରେ । ...ରେ ବି । ତେବେ ଆଗର ଦ୍ୱିରୁକ୍ତି ଭାବ ତା'ର ଆଉ ନାହିଁ । ଏଥର ସେ ଅଭିଭାବକ ...ଠାଣୀରେ ପ୍ରଶ୍ନ କଲା ।

— ତୁମ ଘର କେଉଁଠି ?

— ଭୁବନେଶ୍ୱରରେ ରୁହେ ।

— ନିଜ ଘର କଥା ପଚାରୁଛି ।

— ଆଠଗଡ଼ ପାଖରେ ।

— ଗାଁରେ କିଏ ଅଛନ୍ତି ?

— ବୋଉ ।

— ଏକା ବୋଉ ?

— ନାଁ ...ଦାଦା, ଖୁଡ଼ୀ, ଜେଜେ ମା'

— ବାପା ?

— କଟକରେ ।

— କ'ଣ କରନ୍ତି ?

— ସାମ୍ବାଦିକ ।

— ତୁମେ ଭୁବନେଶ୍ୱରର କ'ଣ ଏକା ରୁହ ।

— ମାମୁଁଙ୍କ କ୍ୱାଟରରେ ।

— ମାମୁଁ କ'ଣ କରନ୍ତି ?

— ବିଧାୟକ

— ସେଠି କେମିତି ରୁହ ?

— ଏମ: ଏଲ: ଏ କ୍ୱାର୍ଟରରେ ।

Digitized by srujanika@gmail.com

— ଖାଇବାକୁ କିଏ କରିଦିଅନ୍ତି ?

— ମାଜୀ ରୋଷେଇ କରେ ।

— ତୁମେ କ'ଣ ପଢ଼ିଛ ?

— ବି:କମ୍ ।

— ଏବେ କ'ଣ ପାଇଁ ପଢୁନା ?

— ଚାକିରି କରୁଛି ।

— କେଉଁଠି ?

— ଚାଟାର୍ଡ଼ ଆକାଉଣ୍ଟାଟ ପାଖରେ ।

— କେତେ ଟଂକା ଦିଅନ୍ତି ?

— ପନ୍ଦରଶହ ଟଂକା ।

— ସେଥି ରେ ତୁମର ଭବିଷ୍ୟତ କ'ଣ ?
ଚାକିରି ପାଇଁ ପଢୁନା ।

— ଦୁଇ/ତିନିଟା ଇଣ୍ଟର୍ଭ୍ୟୁ ଦେଇଥିଲି । ହେଲାନି । ଆଉ ପଢୁନି ।

— ନ ପଢ଼ି କେମିତି ଚାକିରି ପାଇବ ?

ସେ କିଛି ଉତ୍ତର ଦେଲାନି । ଚୁପ୍ ରହିଲା । ଗୁମ୍ ମାରିଗଲା । କହିଲା
— ମୋର ପରସେନ୍‌ଟେଜ୍ ଅଛି M.B.A କରିବାକୁ ।

ଖାଲି ପରସେନଟେଜ ଥିଲେ ହେବ ନାଁ ପରୀକ୍ଷା ଦେବାକୁ ପଡ଼ିବ CAT MAT ଇତ୍ୟାଦି । ତା'ପରେ ବି ଦୁଇ/ତିନି ଲକ୍ଷ ଟଂକା ଖର୍ଚ୍ଚ ।

— ସେଇ ତ କଥା । ବାପା ଭାରି ଷ୍ଟ୍ରିକ୍ଟ । ମନାକରିଦେଲେ । ଏମ:ବି:ଏ ପଢ଼ାଇବାକୁ ।

— ଆଉ ଭାଇ ଅଛନ୍ତି ?

— ହଁ ... ସେ ରିଜିଓନାଲ ମ୍ୟାନେଜର ଗୋଟାଏ ମେଡ଼ିସିନ୍ କଂପାନୀରେ । ତା'ର ମୋର ପଡ଼େନି ।

— ଦୁଇଜଣ ଭାଇ । ଅଥଚ ପଡୁନି । ଭାଇ ଘରକୁ ପଇସା ଦେଉଥିବେ ?

— ବୋଉକୁ ଦିଅନ୍ତି ।

— ଭାଇଙ୍କୁ କୁହ ତାଙ୍କ କଂପାନୀରେ ରଖିଦେବେ ।

— ସେ ମୋତେ ରଖିବନି । ମୋ କଥା ସେ କେବେ ଭାବେନି । ମୋ ପାଇଁ ଚାକିରି ବୁଝିବାକୁ ସେ ଇଚ୍ଛା କରେନା । ମୋତେ କେହି ଭଲପା' ନ୍ତି ନାହିଁ ।

— ସେମିତି କାହିଁକି ଭାବୁଛ ? ନ ହେଲେ ବ୍ୟବସାୟ କରୁନା ।

— ସେ ବହୁତ ଖଟଣୀ । କ୍ଷତି ବି ସହିବାକୁ ପଡ଼ିବ । ଡ୍ରେସ୍ ଦୋକାନଟାଏ କରିବାକୁ ପିଇସାଙ୍କ ଭାଇ କହୁଥିଲେ ।

Digitized by srujanika@gmail.com

— କର୍ଣ୍ଣାପିଟାଲରେ ଘର ନେଲେ ସଲାମୀ ପଚାଶ ହଜାର । କେଉଁଠୁ ଦେବ ?

ବୋଉ ପାଖରେ ଅଛି । ଭାଇ ଯାହା ପଠାଏ ବୋଉ ଖର୍ଚ୍ଚ ନକରି ରଖିଛି । ଦେଇଥାନ୍ତା । କିନ୍ତୁ ମୁଁ ସେସବୁ ପାରିବିନି । ପିଇସାଙ୍କ ସାନ ଭାଇର ଦୋକାନ ତେଲେଂଗାପେଣ୍ଠରେ । ଜଣେ ଭାଇ ଆରବରେ । ପିଇସା ଇଂଜିନିଅର । ସେ ଯାହା ବିକ୍ରି ହେଉପଛେ ଭାଇମାନଙ୍କ ଟଂକାରେ ଚଳିଯାଉଛନ୍ତି । ଆଉ ମୁଁ କାହିଁକି ନିଆଁକୁ ଡେଇଁବି ? ଏଠି ବରଂ ପନ୍ଦର ଶହ ଟଂକାରେ ଖଟିଲି ପାଇଲି । ଖର୍ଚ୍ଚ ଚଳିଗଲା ମାସଟାଏ । କ୍ଷତି ସହିବାର ନାହିଁ କି ମୁଣ୍ଡବ୍ୟଥା ନାହିଁ ।

— ଏମିତି କେତେଦିନ ତୁମେ ବୁଲିବ ? ଭବିଷ୍ୟତ କ'ଣ ?

ସେ ନିରୁତ୍ତର । ତାର ଆଗକୁ ଯିବାର ବାଟ ନାହିଁ, ସବୁ ଅନିଶ୍ଚିତ । ସେ ଗୋଟାଏ ଲକ୍ଷ୍ୟହୀନ ଉଦ୍‌ଭ୍ରାନ୍ତ ମଣିଷ ।

— ବାପା କ'ଣ କହୁଛନ୍ତି ?

— ସେ ତ ସଂଧ୍ୟା ହେଲେ ପଲଟିକାଲ ଲୋକଙ୍କୁ ନେଇ ବ୍ୟସ୍ତ । ଗପିବାହେଲା ସାର ।

—ତୁମେ ତାଙ୍କ ପାଖରେ ରହି ପଢୁନା ଚାକିରି ପାଇଁ ?

— ତାଙ୍କ ପାଖରେ ? ରହି ହେବନି ।

ସେ ଅଳ୍ପ ହସିଲା । ପିଲାଟାର ସ୍ୱାଧୀନତାହୀନ ଜୀବନ ବାପା ପାଖରେ ପଟିବନି ବୋଲି । କହିଲା - ମାମୁଁ ପଲଟିକାଲ ଲୋକ । ତାଙ୍କ ଘରକୁ ଅହରହ ଲୋକ ଆସୁଥିବେ । କେମିତି ପୁଣି ପଢୁଛ ?

— ପଢ଼େନି । ବାହାରେ ବୁଲୁଥାଏ ।

—କ'ଣ ବହୁତ ସାଂଗ ସାଥୀ ଅଛନ୍ତି କି ?

—ଦେଖୁ ନାହାନ୍ତି, କାଲିଠୁ ଆସି ମୁଁ କାହା ସାଂଗରେ ଗପୁଛି ? ମୋର ସାଂଗ କେହି ନାହାନ୍ତି ।

—ତା' ହେଲେ କେଉଁଠି ବୁଲ ? କି ପ୍ରକାର ସମୟ ଯାଏ ?

—ଏକୁଟିଆ ବୁଲୁଥାଏ ।

—ମାନେ ? ଏକୁଟିଆ କେଉଁଠି ମଣିଷ କ'ଣ ବୁଲିପାରେ ? ପାର୍କରେ ଯାଇ ବସ କି ? ନାଁ ରାସ୍ତାରେ ଚାଲୁଥାଅ ? ତୁମ ଘୁରିବାର ସ୍ୱରୂପଟା କେମିତି ?

ସେ କିଛି କହିପାରିଲାନି । କଳ୍ପନା ଜଗତରେ ବିଚରଣକରି କ'ଣ ଗୋଟାଏ କହିଦେଲେ ବି ବାସ୍ତବତାର ଛାଂଚରେ ତାହା ପଡୁନଥିଲା । ଆଉ ଚବିଶ ବର୍ଷର ଯୁବକଟି ତା'ର ପ୍ରଶ୍ନକୁ କାଟି ନିଜକୁ ଠିଆ କରାଇବାକୁ କିଛି କମ୍ ଚେଷ୍ଟା ମଧ୍ୟ କରୁନଥିଲା ।

— ଅନ୍ୟ ସମୟରେ ତୁମେ କ'ଣ କର ?

— ପଢ଼ାପଢ଼ି କରେ । ନଭେଲ୍ । ଇଂରାଜୀରେ, ଓଡ଼ିଆରେ । ଏଥର ତା'ର ତା' ପ୍ରଶ୍ନକୁ ଖାତିର ନକରି ସେ ଓଲଟା ପ୍ରଶ୍ନଟାଏ ତା' ଉପରକୁ ଫୋପାଡ଼ିଦେଲା ।

— ତୁମେ ଓଡ଼ିଆ ସାହିତ୍ୟରେ କାହାକୁ ପଢ଼ିବାକୁ ଭଲପାଅ ?

Digitized by srujanika@gmail.com

ହଠାତ୍ ତା' ପାଖରୁ ଏ ପ୍ରଶ୍ନ ସେ ଆଶା କରିନଥିଲା । ତା' ଭିତରେ ମହକି ଉଠିଲା ଗୋଟାଏ ପରିଚିତ ପୃଥିବୀର ବାସ୍ନା । ହଠାତ୍ ଭୂମିକଂପଟାଏ ହୋଇ ଧସିପଡ଼ିଲା ତା' ପ୍ରତି ଜାଗିଥିବା ଦ୍ୱିରୁକ୍ତି ପଣିଆ ।

— କ'ଣ ସାହିତ୍ୟ ପଢୁନାହାନ୍ତି କି ?

ସେ ହଠାତ୍ କହିପକାଇଲା । ଗୋପୀନାଥ ମହାନ୍ତିଙ୍କୁ ।

—କ'ଣ 'ପରଜା' ? ସେ ନୀରବ ରହିଲା ।

— କ'ଣ 'ଅମୃତର ସନ୍ତାନ' ?

— ନାଁ ... 'ମାଟି ମଟାଳ' ।

— ଆଉ ସୁରେନ୍ଦ୍ର ମହନ୍ତି, ମନୋଜ ଦାସ ?

— ହଁ ... ପଢ଼େ । ତେବେ ଗୋପୀନାଥଙ୍କ ଭାଷାର ସ୍ୱତନ୍ତ୍ରତା ବାରିହୋଇ ପଡ଼େ ।

— କାହିଁକି ଶାନ୍ତନୁ ଆଚାର୍ଯ୍ୟ ?

— ହଁ ତାଙ୍କର ବି । 'ନର-କିନ୍ନର', 'ଶକୁନ୍ତଳା' ... ।

—ମୁଁ କିନ୍ତୁ ଇଂରାଜୀ ନଭେଲ ବେଶୀ ପଢ଼େ । ଭାରି ମଜା ଲାଗେ । ଡୁବିଗଲା ପରିଲାଗେ ।

—ମୁଁ କିନ୍ତୁ ଇଂରାଜୀ ପଢ଼ିବାକୁ ଝୁଣ୍ଟେ ବାରମ୍ବାର । କିଏ ୯୦୮ ଅଭିଧାନ ଓଲଟାଇବ ।

—ଏଇ ତ ଦୋଷ । (ସତେ କି ସେ ଏବେ ତା'ର ଗାଇଡ) ପଢ଼ିଲେ ଦେଖିବେ କୁଆଡ଼େ ହଜିଯିବେ । ବଡ଼ ମଜା ।

— ତୁମର କିଏ ପସନ୍ଦ ।

— ସମରସେଟ୍ ମମ୍, ମାକ୍ସିମ ଗର୍କୀ । ବେଶୀ ପଢ଼େ ଦର୍ଶନ ବହି ।

— ଆଉ ନୂଆ ଜମାନାର ଏଇ ସିଡ଼ନି ସେଲଡନ ?

— ଦୂର । ସେ ଗୁଡ଼ାକ ଖାଲି ପଢ଼ିବା କଥା ।

—ତା' ମାନେ ତୁମେ ସେହି ପୁରୁଣା କାଳରେ ଅଛ ।

ସେ ହସିଲା ବେଖାତିର ଢଂଗରେ । ଜଣାଇଦେଲା ସାହିତ୍ୟରେ ପୁରୁଣା କ'ଣ ? କହିଲା ମୁଁ ଚାରି/ପାଂଚଟା ଗପ ଲେଖିଛି । ଗୋଟାଏ 'ସମ୍ବାଦ'ରେ ବାହାରିଥିଲା ।

— ବାଃ ! ଚମତ୍କାର । ତା' ହେଲେ ଲେଖିଚାଲ ।

— ନାଁ - ତା' ଆଉ ସମ୍ଭବ ନୁହେଁ । ଲେଖିବା ପାଇଁ ଅନେକ କିଛି ଛାଡ଼ିବାକୁ ହେବ । ଘର ପଲିଟିକ୍ସ । ବାହାର ପଲଟିକିସ୍ । ସବୁ । ଆଉ ନୁହେଁ ... ସେ ସବୁ ।

ବଡ଼ ଉଦାସୀନ ଲାଗୁଥିଲା ତା'ର ବକ୍ତବ୍ୟ । ସେ କହିଲା - କାହିଁକି ସମ୍ଭବ ନୁହେଁ । ତୁମ ବାପା ସେହି ଲାଇନର ଲୋକ ।

— ବାପା ଚାହାନ୍ତି ନାହିଁ । ବିରକ୍ତ ହୁଅନ୍ତି ଲେଖିଲେ । ତାକୁ ଆଚମ୍ବିତ ଲାଗିଲା । ସେହି ଲାଇନର ଲୋକ ଅଥଚ ଚାହାନ୍ତି ନାହିଁ । କହିଲା - ତା' ହେଲେ ତୁମେ ଆଗେ ଚାକିରି କରି ନିଜକୁ ପ୍ରତିଷ୍ଠିତ କର ସେଇଆ ଭାବି ମନା କରୁଥିବେ ।

Digitized by srujanika@gmail.com

— ଚାକିରି ? କ'ଣ ହେବ ପଇସା କମେଇ ? ମଣିଷର ଦୌଡ଼ ତ କେବଳ ସେହିଯାଏ । ଡାକ୍ତର, ଇଂଜିନିଅର, ଅଫିସର, କ୍ଲର୍କ, ପିଅନ ଯେଉଁମାନେ ଚାକିରି କରିଛନ୍ତି ସେମାନେ ଅଧିକା କ'ଣ କରୁଛନ୍ତି ? ବାହା ହୋଇ ଛୁଆକର । ପଇସା କମେଇ ଘରଟାଏ, ଗାଡ଼ିଟାଏ କର ।

— ତୁମ ବୟସ ମାତ୍ର ଚବିଶ । ଏଇ ବୟସରେ ଅଧିକାଂଶ ଏମିତି କହିଥାନ୍ତି । ଜୀବନକୁ ତୁମେ ଦେଖିନାହଁ । କୋଡ଼ିଏ ବର୍ଷ ପରେ ତୁମର ଏଇକଥା ନଥିବ । ବଦଳି ଯାଇଥିବ ।

ସେ ହଠାତ୍ କିଛି କହିଲାନି । ଟିକିଏ ଚୁପ୍ ରହି କହିଲା - ହଁ ... ହୋଇପାରେ ? ପାଖରେ ବସିଥିବା କଣ୍ଡାକ୍ଟର ଜଣଙ୍କ ହସିଲେ । ଗତକାଲିଠାରୁ ସେ ହିଁ ସମସ୍ତଙ୍କ କେନ୍ଦ୍ରବିନ୍ଦୁ ଥିଲା ।

ହକରଟିଏ ଆସିଲା ଗୁଟ୍‌ଖା ବିକ୍ରି କରିବାକୁ । ସେ ଗୋଟାଏ ପୁଡ଼ିଆ ଉଠାଇଲା ଏବଂ ପ୍ୟାକେଟ୍‌ଟି ଚିରିଲା ।

— ତୁମେ ଗୁଟ୍‌ଖା କାହିଁକି ଖାଉଛ ? ଆଉ ଅନ୍ୟ ନିଶା ବି ଥିବ । ମାନେ ପିଆପିଇ ?

— ହଁ ... ଟିକେଟିକେ । ତେବେ ପଇସା କାହିଁ ?

— ପଇସାଥିଲେ ପିଇଥାନ୍ତ ।

— ହଁ... ନିଶ୍ଚୟ । କ'ଣ ଅଛି ଏ ଜୀବନରେ । ବାହା ନହୋଇ, ଚାରିଆଡ଼େ ଭ୍ରମଣକରି, ପିଆପିଇକରି ମଜାକରିବାକୁ ମୋର ଇଚ୍ଛା । ଥରେ ମୁଁ ସିଗାରେଟ୍ ଭିତରେ ଡ୍ରଗସ୍ ଖାଇଥିଲି । ଗାଁକୁ ଗଲେ ଆହୁରି ଶସ୍ତାରେ ଭାଂଗ, ଗଂଜେଇ ମିଳିଯାଉଛି । କହି ହସିଲା ଏବଂ ଯୁକ୍ତି ଗୁଡ଼ିଏ ସଜେଇ ରଖିଥିଲା ତାକୁ ବୁଝାଇ ଦେବାକୁ । ଉଦ୍‌ଭ୍ରାନ୍ତ ଯୁବକ । ଜୀବନର କିଛି ଲକ୍ଷ୍ୟ ନାହିଁ । ଘର ପ୍ରତି ଅନୁରକ୍ତି ନାହିଁ । ନିଜ ପ୍ରତି ସମ୍ବେଦନଶୀଳତା ନାହିଁ ।

— ଏବେ କ'ଣ ଚାକିରି ପାଇଁ ମୁମ୍ବାଇ ଯାଉଛ?

— ପିଉସା ବଡ ଇଂଜିନିଅର । କହିଛନ୍ତି କଂପାନୀରେ ରଖେଇ ଦେବେ ।

— ତୁମକୁ ତ ବହୁତ ଖଟିବାକୁ ପଡିବ ।

ତାର ଅସ୍ଥିର ମାନସିକତାକୁ ଲକ୍ଷକରି ସେ କହିଲା ।

— ତା' ହେବ ।

ମନେହେଲା ଚାକିରିର କଷ୍ଟ ଉଠାଇବାକୁ ତା'ର ଆଦୌ ମନ ନାହିଁ । ଯେମତି ବାଧ୍ୟରେ ଯାଉଛି ।

— ତୁମ ନାଆଁ କ'ଣ ?

— ମୋ ନାଆଁ- ଶଙ୍କର ମିଶ୍ର ।

ହଠାତ୍ ପୁଲିସଟିଏ ଷ୍ଟେନଗନଧରି ଆସିଲା ଏବଂ ନିର୍ଦ୍ଦେଶ ଦେଲା ଝର୍କା ବନ୍ଦକରିବାକୁ । ଚମକି ପଡିଲା ମଧୁଲଗ୍ନା ଏବଂ ଅନ୍ୟମାନେ । କ'ଣ ହେଲା କି ? କ'ଣ ଘଟିଯିବାର ସମ୍ଭାବନା ଏଠି ଅଛି କି ? ନାଁ ଅନ୍ୟୋନ୍ୟ ଗୋଧ୍ରା ପାଲଟିଯିବ ଏଇ ମୁହୂର୍ତ୍ତରେ ?

Digitized by srujanika@gmail.com

ସେ କିଛି ଠଉରେଇ ପାରିଲାନି । ପଚାରିଲା ପ୍ୟାନଟ୍ରିବାଲାକୁ । କହିଲା— ସୋଲାପୁରଠାରୁ ଦଉନ୍ଦ ଯାଏ ଧୂ ଧୂ ନିପଟ ଟାଂଗର ମାଟିରେ ଗାଡିଯିବ । ପାଖରେ ଜନବସତି ମଧ ନାହିଁ । କେହି ଢେଲା ମାରିପାରେ । ଛଡେଇ ନେଇପାରେ ସ୍ତ୍ରୀ ଲୋକଙ୍କ ଗହଣା ଗାଣ୍ଠି । ଟ୍ରେନ ଅଟକାଇ ଯାତ୍ରୀଙ୍କୁ ଲୁଟ୍ କରିପାରେ ।

ଓଃ ! କି ଅନିଶ୍ଚିତତା ଦେଇ ଅତିକ୍ରମ କରିବାକୁ ପଡିବ । ସେ ଚୁପ୍‌ଚାପ୍ ବସିରହିଲା । ମନେହେଲା କେହି ଉଠିଲା କି ?ବିଭିନ୍ନ ଉପାୟରେ ସେମାନେ ଉଠନ୍ତି ଏବଂ ଧମକାଇବାକୁ ପଂହଚିଯା'ନ୍ତି । ଏକଦା ଛୁଆପିଲାଙ୍କୁ ନେଇ ଜେନେରାଲ କମ୍ପାର୍ଟମେଣ୍ଟରେ ଉଠିଥିଲେ । ପରେପରେ ଆକ୍ରମଣ କରିଥିଲେ ରିଜର୍ଭ କଂପାର୍ଟମେଣ୍ଟକୁ ।

ଏମିତି ଗୋଟାଏ ଟେନ୍‌ସନ୍ ବେଳକୁ ବୃଦ୍ଧଲୋକଟିଏ କ'ଣ ବୁଝିଛନ୍ତି କି ନାହିଁ ଝର୍କାଖୋଲି ଆରାମରେ ଚାହିଁଛନ୍ତି । ସମସ୍ତେ ଚିହିଁକି ଉଠିଲେ ତାଙ୍କ ଉପରେ । ବନ୍ଦକର...ବନ୍ଦକର... । ତାଙ୍କର ଆଖି ଫୁଟୁ କି ବ୍ରେନ ହେମରେଜ ହେଉ ଢେଲା ମାଡ଼ରେ ସେଥିପ୍ରତି ନିଘା ନଦେଇ ହାୱା ଖିଆ ଚାଲିଛି ? ସମବେତ ଜନତାର ବିରୋଧ ଝାମ୍ପ ମାରୁଥିଲା ବୁଢାଟିର ଅସହାୟତାକୁ । ବୁଢା କିଛି ସମୟପରେ ଉଠିଗଲେ ଦରଜା ପାଖକୁ । ହାୱା ଦରକାର । ଅସହ୍ୟ ଗରମ । ଏଠି ଜୀବନର ଚିନ୍ତା ତାଙ୍କର ତୁଚ୍ଛ ।

ବଡ ଅସ୍ୱସ୍ତିକର ପରିବେଶ । ଝର୍କା ନଖୋଲିବାର କଡା ନିର୍ଦ୍ଦେଶ ପୁଲିସର । ଷ୍ଟେନ୍‌ଗନ୍‌ଧରି ଯା' ଆସ କରୁଛି । ଚୁଂଗୁଚୁଂଗିଆ ପିଲାଟି ଏବେ ଆହୁରି ଅସ୍ଥିର । ଝର୍କା ଖୋଲ— ମୁଁ ଏ ଗରମରେ ଶୋଇପାରିବିନି । ପଡୁ ଢେଲା ମୋ ମୁଣ୍ଡରେ ।

ତା'ର ଦୁଃଷ୍ଟାମୀର ପୁନଃ ପ୍ରକାଶ ଘଟୁଥିବା ଦେଖି ମଧୁଲଗ୍ନା ଆଚମ୍ବିତ— କହିଲା ବିପଦକୁ କାହିଁକି ବରଣ କରିବ ଜାଣୁଜାଣୁ ? ଜୀବନଟି ? ତା'ଠୁ ମୂଲ୍ୟବାନ କିଛି ଅଛି ?ପୋଲିସ କଥା ଟିକେ ମାନ । କାହିଁକି କଥା ନମାନି ବିପଦକୁ ବରଣ କରିବ ?

— ଏତେ ଟିକେଟାଏ ଭୟ କ'ଣ ? ମୁଁ ଆହୁରି ପଇଁଚାଳିଶ ବର୍ଷ ବଂଚିବି । ତୁମ ବୟସ ଚାଳିଶଯାଏ ହେବ । ଆଉ ପଚିଶିବର୍ଷ ବଂଚିବ । ଏତେ ଗୁଡିଏ ଜୀବନ ଭୋଗକରି ସାରିଲଣି । କାହିଁକି ଡରୁଛ ?

— ସେଥିରେ କ'ଣ ଅଛି ? ଯେଝା ଜୀବନ ଯାହାର ।

— ଏଇତ ଖରାପ ।

ସେ ଯେପରି କହିବାକୁ ଚାହୁଁଥିଲା ଏମିତି ଏକକ ଚିନ୍ତା କରିବା ଉଚିତ ନୁହେଁ । ଅବା କିଛିହେଲେ ସାମନାରେ ଠିଆ ହୋଇ ତାକୁ ବଂଚେଇଦେବ ନିଜକୁ ତୁଚ୍ଛକରି ।

— ହବନି ? ମୋର ଜୀବନ ବହୁତ ମୂଲ୍ୟବାନ ମୋ ପରିବାର ପାଇଁ । ମୋର କେତେ ଆଶା, ସ୍ୱପ୍ନ, ମୁଁ କାହିଁକି ଜାଣୁଜାଣୁ ବିପଦର ସମ୍ମୁଖୀନ ହେବି । ବନ୍ଦକର ଝର୍କା ।

— କିଛି ହବନି ଅଚଳ କାହାବିନା ?

ସେ କହିଉଠିଲା— କାହିଁକି ଜଣେ ଜାଣୁଜାଣୁ ମରିବ ? ତା' ଜୀବନର କ'ଣ କିଛି ଆଶା,ଆଂକାକ୍ଷା,ସ୍ୱପ୍ନ, ତା'ର ସାର୍ଥକତା- ତଦ୍‌ଜନିତ ଆନନ୍ଦ କିଛି ନାହିଁ ?

Digitized by srujanika@gmail.com

— ହଁ... ତା' ଅଛି ।

କହି ସେ ପୁନଶ୍ଚ ନୀରବିଗଲା ।

କ'ଣ ବୁଝାଇବ ସେ ଏଇ ଉଦ୍‌ଭ୍ରାନ୍ତ ଯୁବକଟିକୁ । ଯାହାର ସ୍ୱପ୍ନ ପ୍ରତିଟି ମୁହୂର୍ତ୍ତରେ ଭୁଲୁଣ୍ଠିତ ହେଉଛି । ଜୀବନ ଯାହାର ମଦ, ଗଂଜେଇ, ଘୁଟୁକାରେ କବଳିତ । ଚାକିରି ପାଇବାର ସାଧନା, ଅଧବସାୟ,ଆତ୍ମ- ବିଶ୍ୱାସ ମଧ ନାହିଁ । ଜୀବନକୁ ସରସ ସୁନ୍ଦର, ରୁଚିଶୀଳକରି ସ୍ୱପ୍ନମୟ କରିବାର ଆକାଂକ୍ଷା ନାହିଁ, ସେ କି ଜାଣିବ ତା'ର ମରିବାରେ କିଛି ଅଚଳ ହୋଇପଡ଼ିବ କି ନାହିଁ ? ସେ କ'ଣ କେବେ ଦେଖିଛି ନିଜ ଲୋକଟିଏ ମରିଯାଉଥିବାର ଦୃଶ୍ୟ । ଆଉ ବଂଚି ଯାଉଥିବା ଲୋକଟିର ଦୁଃଖ, ଯନ୍ତ୍ରଣା, ସ୍ୱପ୍ନ ଭାଂଗିପଡେ କି ନାହିଁ, ପୃଥିବୀ ସ୍ଥିର ହୋଇଯାଏ କି ନାହିଁ ? ଘର ଅଚଳ ହୋଇ ଯାଏ କି ନାହିଁ ? ନିରର୍ଥକ ସବୁ ଯୁକ୍ତି ତା' ସାଙ୍ଗରେ । ମୃତ୍ୟୁଚିନ୍ତାରେ ତୁ ଯଦି ଉଦ୍‌ବିଗ୍ନ ନୋହୁ, ତେବେ ଜୀବନର ଚିନ୍ତା କରିଛୁ କି କେବେ ? କେହି'ପାରୁ' ତୋତେ ଭଲପାଇନାହିଁ ? କାହିଁକି ତୁ ଏମିତି ହେଉଛୁ ? କେହି 'ପାରୁ' ତା' ଜୀବନକୁ ଆସିଛି କି ନାହିଁ ଜାଣିବାକୁ ସେ କଥାଟା ବୁଲାଇ ପ୍ରଶ୍ନକଲା— ତୁମେ କ'ଣ ଦେବଦାସ ? ମଦ କାହିଁକି ଖାଉଛ ?

ସେ ବିରକ୍ତ ହୋଇ ପଡ଼ିଲା । କହିଲା- ସେ ସବୁ ସିନେମାର କଥା । ତା' ପଚାରିବାର ଉଦ୍ଦେଶ୍ୟ ବୁଝିପାରିଲା ନାହିଁ । ମଧୁଲଗ୍ନା ହସିଲା- କହିଲା- ଆଜି ସିନା ସିନେମାରେ ନିର୍ଦ୍ଦେଶକ ପରିବେଶ ବଦଳାଇଦେଇ ଚରିତ୍ର ଗୁଡ଼ିକୁ -ବିକୃତିଆ କରିଦେଲେ ।ହେଲେ ଶରତଚନ୍ଦ୍ର ଜଣେ ସିରିଅସ ଲେଖକ । ଜୀବନକୁ ଅନେକ ଦୃଷ୍ଟିରେ ଦେଖିଛନ୍ତି । ଚରିତ୍ରଗୁଡ଼ିକ ତାଙ୍କର ଅତି ନିକଟତର ଏବଂ ଅତି ନିଜର । ଚରିତ୍ରଗୁଡ଼ିକୁ ହଜମିଛନ୍ତି ସେ ।ଏବକାର ସିନେମା ହେଲା ତୁମ ଛବିଶ ବର୍ଷିଆ ଟୋକାଙ୍କପାଇଁ ।

ଅଗତ୍ୟା ଚୁପ୍‌ହେଲା ସେ । ନୀରବ ରହିରହି ଲୁନାଭାଲା ପାଖରେ କହିଲା— ଗାଡ଼ିରେ ବସିବସି ଏମିତି ଲାଗୁଛି— ପଳାଇବାକୁ ଇଚ୍ଛାହେଉଛି ।

ମଧୁଲଗ୍ନା ଜାଣିଥିଲା— ଏ ଗୋଟାଏ ଅସ୍ଥିର ସ୍ପେସିମେନ । କଦାପି ମୁମ୍ବାଇପରି ସଂଘର୍ଷମୟ ଜାଗାରେ ରହିପାରିବନି । କହିଲା— ତା'ହେଲେ ତୁମେ ଲୋକାଲଟ୍ରେନରେ ନିତି ଦୌଡ଼ାଧାପଡ଼ କରି ଚାକିରି କରିପାରିବନି ତ ? ପ୍ରତିଦିନ ଯାଅ ଷ୍ଟେସନ, ସିଡ଼ିଉଠ, ବ୍ରିଜପାରିହୁଅ, ପୁଣି ଓହ୍ଲାଅ । କେମିତି ଚଳିବ ?

କଣ୍ଟ୍ରାକ୍ଟରବାବୁଙ୍କ ଯାତ୍ରାଥିଲା ଲୁନାଭାଲାଯାଏ । କହିଲେ ଟଂକା ଶେଷ । ପିଲାଟି କହିଲା-ଯାତ୍ରା ଶେଷ କୁହ । ମଧୁଲଗ୍ନା କହିଲା- ଯାତ୍ରାର ଶେଷ ନାହିଁ । ତା'ର ମନେପଡ଼ିଗଲା ଆତ୍ମାର ଅବିନାଶୀ ଯାତ୍ରାକଥା । ପିଲାଟି ଚୁପ୍ ରହିଲା । କଣ୍ଟ୍ରାକ୍ଟର ଓହ୍ଲେଇ ଗଲେ । ସେମାନେ ଓହ୍ଲାଇବେ ଥାନେରେ ।

ପିଲାଟିର ଯୁକ୍ତିହେତୁ ତା'ପ୍ରତି ନମନୀୟତା ନଥିଲା ମଧୁଲଗ୍ନାର । ବରଂ ଠେସିହୋଇ କ'ଣଗୋଟାଏ ରହିଯାଉଥିଲା ତା' ଅନ୍ତଃକରଣରେ । ଭାବିଲା ନୀରବ ରହିବ । ଯାତ୍ରା ସରି ଆସୁଛି । ତାକୁ ଆଉ କିଛି କହିବା ଦରକାର ନାହିଁ । ଥାନେ ଷ୍ଟେସନରେ

Digitized by srujanika@gmail.com

ସେ ଓହ୍ଲେଇଲାବେଳେ କିଛି ନକହି ଚାଲିଆସୁଥିଲା । ପିଲାଟି ତା' ବ୍ୟାଗ୍ ବୁହାଇ ତଳେ ଛାଡ଼ିଦେଇଗଲା । ସେ କୁଣ୍ଠିତ ହସି ବିଦାୟର ଇଂଗୀତ ଦେଲା ।

ହେଲେ ଟ୍ରେନରୁ ଓହ୍ଲାଇ ସେ ସେହି ଚଗଲା ପିଲାଟା କଥା ହିଁ ଭାବୁଥିଲା । ସେ କଣ ସତରେ ମୁମ୍ବାଇ ସହରରେ ଚାକିରି ପାଇଲେ ରହିପାରିବ ? ଯାହାର ଏତେ ଟିକେ ଧୈର୍ଯ୍ୟ ନାହିଁ । ଜୀବନପ୍ରତି ସମ୍ବେଦନଶୀଳତା ନାହିଁ । ଅସହଜ ପୃଥିବୀ ଆଡକୁ ସେ ଫେରିଦେଖିବାକୁ ଇଛା କରେନା । ଦର୍ଶନ ଶାସ୍ତ୍ର ପଢ଼ିବା, ନଭେଲ ପଢ଼ିବାର ଝୁଙ୍କରେ ଯିଏ ବଂଚିପାରେ, ସେ ସତରେ କ'ଣ ଛାଡ଼ିଦେବ ଏସବୁ ଚାକିରି ପାଇଲେ ? ସେ ଅସ୍ଥିର ହେବ, ଅସହଜ ହେବ ଦୁନିଆକୁ । ଏମିତି ଅପମାନିତ ହେଉଥିବ ପ୍ୟାନଟ୍ରିବାଲାଠାରୁ ମଧୁଲଗ୍ନା ଯାଏ ।

ମନେହେଲା ଚଗଲା ପିଲାଟାଏ ହେଉପଛେ, ପଢ଼ିଛି ତ ସୁରେନ୍ଦ୍ର ମହାନ୍ତି, ମନୋଜ ଦାସ, ଶାନ୍ତନୁ ଆଚାର୍ଯ୍ୟ, ଗୋପୀନାଥ ମହାନ୍ତିଙ୍କୁ । ତାକୁ ମଧ୍ୟ ଉପଦେଶ ଦେଇଛି କିଛି ଲେଖିବାକୁହେଲେ ପଢ଼ିବାକୁ ହୁଏ । ଏମିତି କି ସେ କ'ଣ ଲେଖେ ମଧ୍ୟ ପଚାରି ନାହିଁ । ଆଉ ନାଆଁ କ'ଣ ମଧ୍ୟ ଜାଣିବାକୁ ଚାହିଁନାହିଁ । ତିଳେହେଲେ ମଧ୍ୟ ସେ ଖାତିର କରିବାକୁ ଚାହେଁନାହିଁ ଓଡିଆ ସାହିତ୍ୟରେ ଆମଭଳି କେଇଟା କ'ଣ ବି ଲେଖୁଛନ୍ତି । କହିଲା— ଏଇ କେତେଜଣଙ୍କ ବ୍ୟତିତ ଅନ୍ୟ ମାନଙ୍କୁ ଖାଲି ପଢ଼ିବା କଥା । ଏଇ ଶଙ୍କର ମାନେ ହିଁ ଯେମିତି ଚାଂଛି ହେଉଛନ୍ତି ତାଙ୍କ ସାହିତ୍ୟ ପଣିଆ ବେଖାତିର ଢଂଗରେ । ଆଉ ସମୟ, ମହାକାଳ, ସେ ତ ଆହୁରି ବଳଶାଳୀ ।

ତଥାପି ସେ ମନେକଲା ଶଙ୍କରଟା ଏମିତି ଚଗଲା ହୋଇ ଆଉ ପାଂଚଟା ଗଳ୍ପ ଲେଖୁ । ହେଲେ ସେହି ଉଦାସ ଆଖି— ନାଁ... ଆଉ ନୁହେଁ । ଲେଖିବାକୁ ହେଲେ ଅନେକ କିଛି ଛାଡ଼ିବାକୁ ହେବ । ତଥାପି ମଧୁଲଗ୍ନା ଅନୁଭବକଲା ଶଙ୍କରର ଏ ଅଭିମାନ, ଉଦାସୀନତା, ପରିବେଶ, ବେକାରୀର କଷ୍ଟ, ଯୁକ୍ତି ପ୍ରବଣତାକୁ ବଢେଇ ଦେଇଛି, ହେଲେ ଯେବେ ତା'ର ବାୟାପଣଟିଏ ଜାଗି ଉଠିବ, ସେ କ'ଣ ସତରେ ନଲେଖି ରହିପାରିବ !

□□□

Digitized by srujanika@gmail.com

ମଧ୍ୟାହ୍ନର ପକ୍ଷୀ

ବର୍ଷା ଓହ୍ଲାଇବ ଓହ୍ଲାଇବ ହୋଇ ଲୁଚକାଳି ଖେଳୁଥିଲା । ପୃଥିବୀ ଚାହିଁ ବସିଥିଲା ଆତୁର ଅପେକ୍ଷାରେ । ଓହ୍ଲାଇଥିଲେ ହୁଏତ ନିବିଡଭାବେ ଆଲିଂଗି ଧରିଥାନ୍ତା ତାକୁ ତା' ଛାତି ଉପରେ । ଶୋଷି ନେଇଥାନ୍ତା ନିଜ ବୁକୁରେ, ସବୁଜେଇ ଯାଇଥାନ୍ତା ଅସୀମ ବିସ୍ତୃତିରେ । କିନ୍ତୁ ବର୍ଷା ହେଉନି । ପବନରେ ଗୁମ୍‌ସୁମ୍ ଭାବ । ମାଟିରେ ରୁକ୍ଷତା । ଧୂଳି ଉଡୁଛି ରାସ୍ତାରେ । ଆଉ ଅନୁଭାର ଏଇ ଏକାକୀ ଚାଲୁଥିବା ରାସ୍ତାରେ । ତାକୁ ଆହୁରି ଅନେକଟା ରାସ୍ତା ଚାଲିବାକୁ ପଡିବ । ରାସ୍ତାଟା ଗୋଟାଏ କିଃମି ହେଲେ ବି ଲାଗୁଛି ଯେମିତି ଅନନ୍ତ ଆଡେ ତା'ର ବିସ୍ତୃତି ।

ସେ ସେମିତି ଚାଲୁଥିଲା ଛନ୍ଦାୟିତ ଠାଣୀରେ । ହାଉସିଂ ବୋର୍ଡରୁ ବାହାରି ଶିଖରଚଣ୍ଡୀ ବସ ଷ୍ଟପେଜ୍ ଆଡେ । ସେଠିକୁ ଗଲେ ସେ ଘରକୁ ଫେରିଯିବ ଟାଉନ୍‌ବସରେ । ଏଇ ନିଛାଟିଆ ରାସ୍ତାଟା ବେଶ ଆରାମଦାୟକ ହେଲେ ବି ଭୀତିପ୍ରଦ । ଏମିତ ତା'ର ମନେହୁଏ ।

ସେ ଆସିଥିଲା ଜଣେ ବଂଧୁ ଘରକୁ । ବଂଧୁଟି ବହୁଥର ଡାକିଲେ ବି ଏ ସମୟରେ ମଣିଷ ସବୁବେଳେ ଗୋଟାଏ ଛୁଟନ୍ତା ଗାଡି । ସମୟ ପାଇନାହିଁ ଆସିବାକୁ । ଆଜି ଶନିବାର । ଦୁଇଟା ବେଳୁ ଅଫିସ କାମ ସାରି ଆସିଥିଲା । ଏବେ ଚାଲିଛି ଗୋଟାଏ ହାଲକା ମୁଡ୍‌ରେ । ପଂହଚିବାକୁ ତାକୁ ଲାଗିବ ଗୋଟାଏ ଘଣ୍ଟା ଉପରେ । ଟାଉନ ବସଟିର କଚ୍ଛପ ଗତିପାଇଁ କେବଳ । ନହେଲେ କୋଡିଏ ମିନିଟ୍‌ରେ ସେ ହୁଏତ ପଂହଚି ପାରନ୍ତା । ୟୁନିଟ ୪ ରେ ସେ ରୁହେ ।

ପଛରୁ ଆସୁଛି ଗୋଟାଏ ମଟର ସାଇକେଲ । ତା'ର ଗମ୍ଭୀର ଧ୍ୱନିରେ ସେ ପ୍ରକୃତିସ୍ଥ ହେଲା । ଘୁଂଚିଗଲା ଗୋଟାଏ କଡକୁ । ଏକୁଟିଆ ଏଇ ନିରୋଳା ରାସ୍ତାରେ ବି ଭୟ । ଲୋକଟା ତାକୁ ଅତିକ୍ରମ କଲା ଆଉ ଦୂରରେ ଗାଡିରଖି ଠିଆହୋଇଗଲା । ସେ କ୍ରମଶଃ ଆଗଉଥିଲା ଏବଂ ତା' ମୁହଁର ମାଂସପେଶୀ ସବୁ କଠିନ ହୋଇ ଆସୁଥିଲେ । ଲୋକଟା ମୁହଁରେ ଦିଶୁଥିଲା ଦାଢିର ଜଙ୍ଗଲ । ସେ ପାଖକୁ ଆସିଲା ଏବଂ ଦେଖିଲା ଗୋଟାଏ ଉଦାସ ଅପରାହ୍ନର ଛାଇ ସେ ମୁହଁରେ । ସେ ବିଗଳିତ ହେଲା ଏବଂ ଚିତ୍କାର କଲାପରି କହିଲା — **ପ୍ରତ୍ୟୁଷ ଭାଇ ! ତୁମେ !**

—ଜାଣିଛି ପରା, ତୋତେ ପଛରୁ ଦେଖି ଚିହ୍ନିଦେଲି । ତୋ' ଢଂଗରଂଗ ଆଦୌ ବଦଳିନି । ଏକୁଟିଆ ଏମତି ଚାଲିଛୁ ଯେ ?

Digitized by srujanika@gmail.com

ମନହେଲା କହିବାକୁ, ତୁମେ କ'ଣ ଚାଲୁନା କି ? କିଏ ବା ଏଠି ଏକୁଟିଆ ଚାଲୁନି ! ସେ ଏଇକଥା ଭାବି ସାମାନ୍ୟ ହସିଲା ଏବଂ କହିଲା —କେମିତି ମଣିଷ ତୁମେ ! ଏତେ ବର୍ଷ ପରେ ଦେଖା ?

—ପନ୍ଦର ବର୍ଷ ପରେ ।

—ପ୍ରତ୍ୟୁଷ ଭାଇ ତୁମେ ଆଦୌ ବଦଳି ନାହଁ । ଯେମିତି ପତଳାଥିଲ ସେମିତି

—ରାସ୍ତା ଉପରେ ଠିଆହୋଇ କଥା ହେବା ନାଁ ଯିବା କେଉଁଠିକି । ଶିଖରଚଣ୍ଡି ପାହାଡ ଉପରେ ମନ୍ଦିର ଦେଖିଛୁ ?

—ନାଁ ।

—ଭୁବନେଶ୍ୱରରେ ରହୁଛୁ ନିଃଶ୍ଚୟ । ଅଥଚ ଏସବୁ ଦେଖିବୁନି ।

—ତୁମେ ସିନା ରେଂଜର । ପାହାଡ, ଜଂଗଲ ବୁଲିବୁଲି ଅଭ୍ୟାସ ହୋଇଗଲାଣି । ମୁଁ କେମିତି ଯିବି ?

—ତୋର ଏବେ ସମୟ ଅଛି କି ବୁଲିବାପାଇଁ ? ଆଉ ଘଡିଏ ସେଠିଯାଇ ବସିବା ପାଇଁ ? ତୋତେ ମୁଁ ବସଷ୍ଟାଣ୍ଡରେ ଛାଡିଦେଇଯିବି ।

—ତା'ହେଲେ ଚାଲ ।

ଅନୁଭାର ଗୋଟାଏ ତୀବ୍ର ଆକର୍ଷଣ ରହିଛି ଏଇ ପାହାଡ ଉପରକୁ ଯିବାକୁ । ଯାହାଙ୍କ ନାଆଁରେ ବସଷ୍ଟାଣ୍ଡରେ ନାଆଁ । ଅଥଚ ଏକୁଟିଆ ତ ଆଉ ଯାଇପାରିବନାହିଁ ।

ସେ ଘଡିକୁ ଚାହିଁଲା । ପାଂଚଟା ବାଜିବାକୁ ଯାଉଛି । ଛ'ଟା ଯାଏ ସେ ସମୟ ଦେଇପାରିବ ।

ପ୍ରତ୍ୟୁଷ ଭାଇଙ୍କର ସେହି ଆଗପରି କଥା କିଛି ବଦଳି ନଥିଲା ।

—ବସ୍ ପଛରେ । ନାଁ ଡର ଲାଗୁଛି ?

—ମୁଁ କାହିଁକି ଡରିବି ମ ? ମୁଁ କଣ ସ୍ନିଗ୍ଧା ଅପା ହେଇଛି କି ? ତାଙ୍କୁ ତ ପଛରେ ବସେଇ ନେଇ ପାରିଲନି, ମୋତେ ଡରାଉଛ !

ହଠାତ୍ ତାଙ୍କ ମୁହଁରେ ବିଷଣ୍ଣ ସଂଧ୍ୟାର କେଉଁ କ୍ଷୀଣ ଆଲୋକ ଧାରେ ସ୍ଥିର ହୋଇଗଲା । ସେ ହସିବା ଅବସ୍ଥା, ଥଟ୍ଟା କରିବାର ସେହି ସମୟରୁ ଫେରିଆସୁଥିଲେ । ହସହସ ମୁହଁ ଟି ଲୁଚିଗଲା । ଆଖିଦୁଇଟା ସ୍ଥିର ହୋଇଗଲା ।

ଅନୁଭା ଆପଣା ଭିତରେ ଡରିଗଲା । ଏମିତି ଗୋଟାଏ କଥା ସେ କାହିଁକି କହିପକାଇଲା । ତା'ର ଅବଚେତନ ମନତଳେ ଦୀର୍ଘ ବର୍ଷ ଧରି ସଂଚିତ କେଉଁ ବ୍ୟଥା ତା'ର ରୂପ ପ୍ରକାଶ କରିନେଲା । ଅବଲୀଳାକ୍ରମେ । ହେଲେ ଏବେ କ'ଣ କରାଯାଏ ? ପାଟିରୁ ଖସିଯାଇଛି ଶବ୍ଦ । ଧନୁରୁ ଖସିଯାଇଛି ତୀର । କ୍ଷତାକ୍ତ କରିଛି ପ୍ରତ୍ୟୁଷ ଭାଇଙ୍କ ଛାତିତଳର ପୁରୁଣା କ୍ଷତରେ । ଏବେ ରକ୍ତ ଝରିବା ହିଁ ସାର ।

ପ୍ରତ୍ୟୁଷ ଭାଇ ମୋଟର ସାଇକେଲର ଷ୍ଟାର୍ଟ ଦେଉଛନ୍ତି । ଘୁରାଉଛନ୍ତି ଅନ୍ୟ ଦିଗରେ । ବସିବା ପୂର୍ବର ମୁହୂର୍ତ୍ତ ଆଉ ବସିପଡିବାର ପର ମୁହୂର୍ତ୍ତରେ କେତେବା ତଫାତ୍,

Digitized by srujanika@gmail.com

ହେଲେ ଗୋଟାଏ ମସ୍ତ ଉଦାସୀନତା ଛାଇଗଲା ତାଙ୍କ ଚେହେରାରେ । ଭାଦ୍ରବ ମାସର ଖଣ୍ଡେ ମେଘ ଅବା ଚାଲିଗଲା ହସୁଥିବା ସୂର୍ଯ୍ୟ ଉପରେ ।

ପ୍ରତ୍ୟୁଷ ଭାଇ ଏବେ ବି ବଦଳି ନାହାଁନ୍ତି । ମୁହଁରେ ସେହି ଦାଢ଼ି । ସେହି ବେଖାପ କଥାବାର୍ତ୍ତା । କେଉଁଠୁ କ'ଣ ଆରମ୍ଭ କରିଥିବେ ଅଥଚ ପୁଣି କ'ଣ ତା' ଭିତରେ କହିପକାଉଥିବେ ।ସ୍ନେହକାତର ମଣିଷଟିଏ । ତାଙ୍କର ସେହି ସଂଳାପ ଶୁଣୁଶୁଣୁ ବେଳେବେଳେ ସେ ଭାବେ, ପ୍ରତ୍ୟୁଷ ଭାଇ ବୋଟାନି ନପଢି ଫିଲୋସଫି ପଢିଥିଲେ ଭଲହୋଇଥାନ୍ତା ।

କାହିଁକି ମଣିଷ ପୃଥିବୀକୁ ଆସିଥାଏ ? କାହିଁକି ସେ ଅନ୍ୟ ଉପରେ ନିର୍ଭର କରି ବଂଚେ । ନିଜେ କାହିଁକି ସମର୍ଥ ହୁଏନାହିଁ ଚାଲିବାର । ହୃଦୟର ଉତ୍ତାପଟିକୁ କାହିଁକି ଦେବାପାଇଁ ଅନ୍ୟକୁ ବ୍ୟାକୁଳ ହୁଏ ? କହନା ଅନୁଭା । ଏମିତି ଅସଲଗ୍ନ ସଂଳାପ ସବୁ ତାଙ୍କର ।

ସ୍ନିଗ୍ଧା ଅପା କିନ୍ତୁ ଶାନ୍ତ ହ୍ରଦଟିଏ । ଯାହା ଭିତରେ ମନେହୁଏ ଟେକାଟିଏ ପଡିଲେ ବି କେଉଁଠି ତରଂଗ ସୃଷ୍ଟି ହୁଏ ଜଣାପଡେ ନାହିଁ । ଗୋରା ଚକ୍‌ଚକ୍ ଶରୀର । ଢଉଳ ଢାଉଳ ମୁହଁ । ଆପଣା ଭିତରେ ସମାହିତ । ପାଂଚ ଫୁଟ ଇଞ୍ଚେଯାଏ ହେବେ । ଖୁବ୍ ଟ୍ରାଡିସନାଲ ଓଡିଆ ଘରର ଝିଅ । ଅଂଚଳ ଚାପାଦେଇ ଲୁଗା ପିନ୍ଧିଥିବେ । କଥା କହୁଥିବେ ମଧୁର ସଂଗୀତର ସ୍ୱରପରି । କବିତା ଲେଖନ୍ତି । ହଷ୍ଟେଲ ମାଗାଜିନଠାରୁ କଲେଜ ମାଗାଜିନ ଯାଏ କବିତା ପ୍ରକାଶିତ ହୋଇଥାଏ ତାଙ୍କର । ଦେଖିଲେ ତା'ର ସମ୍ମାନବୋଧ ଜାଗିଉଠେ ସେହି ବ୍ୟକ୍ତିତ୍ୱ ଉପରେ । କିନ୍ତୁ ପ୍ରତ୍ୟୁଷ ଭାଇ ଭିନ୍ନ ମଣିଷ । ସବୁବେଳେ ଉଦାସୀନତା ଛାଇଥାଏ ତାଙ୍କ ମୁହଁରେ । ଦାଢିର ଗହଳି ଭିତରେ । ବେଖାପ ଚାଲିରେ । ଲଗାମହୀନ କଥାବାର୍ତ୍ତାରେ । ମୁହଁଟି ଦିଶେ ସବୁବେଳେ କରୁଣ । ଯେମିତି କି ଏଇମାତ୍ର ସ୍ନିଗ୍ଧାଅପାଙ୍କୁ ନ ପାଇଲେ ବ୍ୟର୍ଥ ତାଙ୍କର ଜୀବନ । ବ୍ୟର୍ଥ ଏ ଦୁନିଆ । କାହାକୁ ନଚାହିଁ ନିଜସ୍ୱ ଭାବନାରେ ମଗ୍ନହୋଇ ଚାଲୁଥିବେ ଡିପାର୍ଟମେଣ୍ଟ ଭିତରେ । କ୍ଲାସକୁ ଯାଉଥିବେ ତ ଧରିଥିବେ ଖାତାପତ୍ର । ଅଥଚ ସବୁବେଳେ ତଳ ମୁହାଁ ।

ରେଭେନ୍‌ସା କଲେଜର ସବୁ ଡିପାର୍ଟମେଣ୍ଟଠାରୁ ତା'ର ବୋଟାନି ଡିପାର୍ଟମେଣ୍ଟ ତାକୁ ବଡ ରୋମାଣ୍ଟିକଲାଗେ । ସତେଅବା ଏତେବଡ କଲେଜର କୋଳାହଳରୁ ଗୋଟାଏ ବିଚ୍ଛିନ୍ନ ସବୁଜ ଦ୍ୱୀପ । ଭଲିକିଭଲି ଗଛବୃଛରେ ଭରା, ଡାଲିଆ, କ୍ରୋଟନ, ଥୁଜା, କୁଣ୍ଡରେ ବଢୁଥିବା ଫର୍ଣ୍ଣ, ସବୁଜ ଲନ୍‌ରେ ଠିଆ ହୋଇଥିବା ଅରକାରିଆ, ସବୁକିଛି ଗୋଟାଏ ରୂପରାଇଜର କାହାଣୀପରି ମନେହୁଏ ତାକୁ । ବୁଗେନଭେଲିଆ, ଲତା ବିତାନ ତଳେ ଥିବା ସିମେଣ୍ଟ ବେଂଚ, ସବୁକିଛି ମୋହମୟ ତା' ପାଇଁ । ରାସ୍ତାକଡର ବଡବଡ ଗଛ ରାଧାଚୂଡା, କୃଷ୍ଣଚୂଡା ସୃଷ୍ଟି କରୁଥାଏ ଛାଇ ଆଲୁଅର ଖେଳ । ସେ ଅଣ୍ଡର ଗ୍ରାଜୁଏଟ ଥିଲାବେଳେ ଲନ୍‌ରେ ଲୁଚିଲୁଚି ବସି କବିତାଲେଖେ । ତା' ଡିପାର୍ଟମେଣ୍ଟର ବ୍ରଜସାର,

Digitized by srujanika@gmail.com

ଅକ୍ଷୟ ସାର, ଲକ୍ଷ୍ମଣ ସାର, ଚନ୍ଦ୍ରଶେଖର ସାର, କମଳା ମାଡାମ, ସରସ୍ୱତୀ ମାଡାମ ସମସ୍ତେ ତାକୁ ଭଲପାନ୍ତି । ସେ ବୁଝିପାରେନା କାରଣବିହୀନ ସେହି ଭଲପାଇବାର ଉତ୍ସ କେଉଁଠି ? ବ୍ରଜ ସାରଙ୍କୁ ସେ କଥା ଦେଇଥିଲା, ପୋଷ୍ଟ ଗ୍ରାଜୁଏଟ ଏଇଠି କରିବ । ସେ ଖୁବ୍ ରାଗୁଥିଲେ ରେଭେନ୍‌ସାରୁ ଭଲ ଷ୍ଟୁଡେଣ୍ଟମାନେ ପୋଜିସନ ରଖି ବାଣୀବିହାରକୁ ପି:ଜି କରିବାକୁ ପଳାଉଛନ୍ତି । ସେ ଚତୁର୍ଥ ପୋଜିସନ ରଖିଲା । ବାଣୀବିହାର ଆସିଲାନି । ତୁଟାଇ ପାରିଲାନି ସେହି ମୋହମାୟା । ସବୁଜଦ୍ୱୀପର ମୁଗ୍ଧତା ।ପି:ଜି ଡିପାର୍ଟମେଣ୍ଟରେ ସେ କବିତା ଲେଖିବାକୁ ଆସୁଥିଲା ଗୋଟାଏ ନିଛାଟିଆ ଲାବୋରୋଟୋରୀ ଭିତରକୁ । କେହି କେଉଁଠି ନଥିବେ । ସେ ମଗ୍ନଥିବ ନିଜର ଭାବନାରେ । କିନ୍ତୁ ସେ ଥରେ ଆବିଷ୍କୃତ ହୋଇଯାଇଥିଲା ପ୍ରତ୍ୟୁଷ ଭାଇଙ୍କଦ୍ୱାରା ।

ବସିବସି କେତେବେଳେ ସେ ଲେଖୁଛି । ପଛରେ ଠିଆ ହୋଇଥିଲେ ପ୍ରତ୍ୟୁଷ ଭାଇ । ତା'ର ବିପୁଳ ମଗ୍ନ ଦୁନିଆରୁ ସେ ଯେତେବେଳେ ଫେରି ଲେଖିଥିବା କାଗଜଟିକୁ ଭାଂଗିବାକୁ ବସେ, ସେ ଉଠାଇ ନେଇଥିଲେ । କବିତାର ଶୀର୍ଷକ "ବାଳିଯାତ୍ରା" । ଖୁବ୍ ମନଦେଇ ପଢିଲେ ଏବଂ ସେହି ଚିର ଉଦାସୀନତା ଭୋଗୁଥିବା ଆଖିତକୁ ତାଙ୍କର ମେଘ ଉହାଡର ସୂର୍ଯ୍ୟକିରଣପରି ଧାରେ ଖୁସି ଝଲମଲ ହୋଇଉଠିଲା । ଆଚ୍ଛା ! ନାୟକଟି କିଏ ? ଏବେ ସେ କେଉଁଠି ? କି ପ୍ରକାର ଅପେକ୍ଷା ? ସେ ଖୁବ୍ ଖୋଲା, ସ୍ପଷ୍ଟ କଥା ସବୁବେଳେ କୁହନ୍ତି । ଯେମିତି ଲାଗେ ତା ଉପରେ ଅଧିକାରଟାଏ ରହିଛି । ସେମିତିଥିଲା ତାଙ୍କର ଜିଜ୍ଞାସା । କଣ କରିବ ସେ ? କ'ଣ ବା ଉତ୍ତର ଦେବ ? କାହାପାଇଁ ସତରେ ସେ କ'ଣ ଲେଖୁଥିଲା ? ସେ ମଣିଷଟି କେଉଁଠିଥିଲା ତା'ର ଠିକଣା ସେ ନିଜେକ'ଣ ଜାଣିଥିଲା ?

ସେ ପୁରୁଷଲୋକ । ତାଙ୍କର ଲାଜନାହିଁ । ପଚାରିଦେଲେ । ସେ ସେହି ରୁମ୍‌ରେ ବହୁକ୍ଷଣ ବସନ୍ତି । ସ୍ନିଗ୍ଧାଅପା ପରେ ପରେ ଆସନ୍ତି । ଦୁଇଜଣ ତଳକୁ ମୁହଁ ପୋତିଥିବେ ଗପକରୁଥିବେ । ସେହି ଅନିର୍ବଚନୀୟ ଅନୁଭବ ମଗ୍ନ ଦୁଇଟି ପ୍ରାଣର ସ୍ପନ୍ଦନ ସେତେବେଳେ କ'ଣଥିବ କିଏ ଜଣେ ? ଅଥଚ ତା'ପରି କେତେଜଣ ସେହି ରୁମ୍‌ଦେଇ ଗଲାବେଳେ ଦେଖୁଥିବେ ସେହି ବିରଳ, ଭାବପ୍ରବଣତାର ଦୃଶ୍ୟ । କିନ୍ତୁ ତା' କ୍ଲାସର ସବୁସଂଗମାନେ ଯେତିକି କବିତା ମଗ୍ନ, ସେତିକି ପ୍ରେମ ପାଇଁ ସହନଶୀଳ ଏବଂ ଦରଦୀ । ସେମାନଙ୍କର ସମ୍ମାନ ଏ ଦୃଶ୍ୟ ଦେଖିବାପରେ କମିଗଲାପରି କାହିଁକି ସେ ଅନୁଭବ କରେନାହିଁ । ବରଂ ତାଙ୍କୁ ଭଲପାନ୍ତି ସମସ୍ତେ ।

ସେଦିନ ଏଇପରି ଏକ ଦ୍ୱନ୍ଦ ଭିତରେ ତା'ର ଅବସ୍ଥା ସଂକଟାପନ୍ନ । କ'ଣ ସେ ଉତ୍ତରଦେବ ଭାବି ପାଟି ଆଫୁଆଫୁଂ । ତା'ର ଦୁର୍ଦଶାକୁ ରକ୍ଷାକରି ପଂହଚିଗଲେ ସ୍ନିଗ୍ଧା ଅପା । ସେ ମୁହଁ ବୁଲାଇଲେ ଅପାଙ୍କ ଆଡକୁ । ସେହି ମୌକାରେ ସେ ଛଡେଇ ନେଇଥିଲା କାଗଜ ଖଣ୍ଡିକ ଏବଂ ଝଡବେଗରେ ଯେତେବେଳେ ବାରଣ୍ଡାରେ ଚାଲୁଥିଲା ପିଟିହୋଇ

Digitized by srujanika@gmail.com

ଯାଇଥାନ୍ତା ଆଉ ଦୁଇଜଣ ସଂଗଙ୍କ ଦେହରେ । ସେମାନେ ତାକୁ ଧରି ପକାଇଥିଲେ । କୁଆଡେ ଯାଉଥିଲୁ ତୁ ? ତେଣେ ସମରେଶ ଆସି ବସିଛନ୍ତି । ଆମେ ତୋତେ ଖୋଜିବାକୁ ଯାଉଥିଲୁ ।

ସେମାନେ ଏମିତି ଗୋଟାଏ ଇଂଗୀତ ଦେଇ ହସରେ ତାଲିଗଲେ ଯେ ସତେ ଅବା ସେ ସମରେଶଙ୍କୁ ଭଲପାଉଥିଲା । ସମରେଶଙ୍କ ପାଇଁ ସେ କବିତା ଲେଖୁଥିଲା । କ'ଣପାଇଁ ସେ ତାଙ୍କ ଡିର୍ପାଟମେଣ୍ଟକୁ ଆସନ୍ତି ? ସେ କ'ଣ ତାକୁ ଭଲପାଉଥିଲେ ? ବଡ ଅପବାଦ ସିନା ଘଟନାହେଲା । କିନ୍ତୁ ତା'ର ପାଖର ମଣିଷଟିର ଅବସ୍ଥିତି ଏବେ କେଉଁଠି ? ସେ ଦୂରତା କ'ଣ ଅତିକ୍ରମ କରି ଆସି ପାରିବେ ସେ ? କଥାହେବେ ସ୍ନିଗ୍ଧା ଅପା, ପ୍ରତ୍ୟୁଷଭାଇଙ୍କ ପରି ? ଅଥଚ କେତେ ଗହୀରିଆ ତାଙ୍କର ସ୍ଥିତି । ସବୁବେଳେ ଆସୁଥାନ୍ତି ସ୍ୱପ୍ନରେ ,କବିତାରେ, ଏଇଡିପାର୍ଟମେଣ୍ଟର ଫୁଲର ହସରେ ।ଚଢେଇର କାକଳିରେ । ଫାଙ୍କା ପଡିଆର କୁହୁଡି ଉପରେ ।

ସେହିଦିନଠାରୁ ପ୍ରତ୍ୟୁଷ ଭାଇ ଯେତେବେଳେ ଦେଖା ହୁଅନ୍ତି ମାଗନ୍ତି କବିତାଟା । ପଚାରନ୍ତି ନାୟକର କଥା । ନିଃଶ୍ୱୟ କହିବୁ କାହାପାଇଁ ଲେଖିଛୁ । ପୁଣି ମୁହଁ ପୋତି ଚାଲନ୍ତି । କିଛି ବି ବଦଳେ ନାହିଁ ତାଙ୍କର । ସେହି କୃଷ୍ଣକୋମଳ ଦାଢି, ସେହି ବିରହୀ କବିତାଟିଏ ପରି ଚେହେରା, ଆଖିର ଉଦାସୀନତା । କିଛି ବି ବଦଳେ ନାହିଁ ।

ଏମିତି ବିତିଯାଏ ସମୟ । ସମସ୍ତେ ଦିନେ ନାଁ ଦିନେ ଛାଡନ୍ତି ସେହି ସବୁଜଦ୍ୱୀପ । ଛାପିହୋଇ ରୁହେ ସ୍ମୃତି ଆଉ ପଦଚିହ୍ନ । ସ୍ନିଗ୍ଧା ଅପାଙ୍କ ସାମନାରେ ସେ ଠିଆହୋଇପାରେନି । ତାଙ୍କ ବ୍ୟକ୍ତିତ୍ୱଟା ଏତେ ଚୁପ୍‌ଚାପ ଯେ ସେ କିଛି ପଚାରିପାରେନି ।

ପ୍ରତ୍ୟୁଷ ଭାଇ କୁଆଡେ ଚାଲିଯାନ୍ତି,ଆଉ ଦେଖା ମିଳେନା । ହଠାତ୍ କଲେଜ ଛାଡି ଯିବାର ତିନିବର୍ଷପରେ ଦେଖାହୁଏ ଗାଇନିକ୍ ଡିର୍ପାଟମେଣ୍ଟରେ । କଟକମେଡିକାଲ କଲେଜରେ । ସେ ବି ଯାଇଥାଏ ତାଙ୍କ ଭାଉଜଙ୍କ ଡେଲିଭରିପାଇଁ ଆଉ ତାଙ୍କ ଭାଉଜଙ୍କ ପାଇଁ ସେ ଆସିଥାନ୍ତି । ବାଟରେ କଥାବାର୍ତ୍ତା । ଏତିକି ଜାଣେ ସେ ରେଂଜର ଚାକିରି ପାଇଛନ୍ତି । ଜଏନ୍ କରିବେ । ସେ ସ୍ନିଗ୍ଧା ଅପାଙ୍କ କଥା ପଚାରିବ ଭାବି ପଚାରିପାରିନି ମୁହୂର୍ତ୍ତକ ଦେଖାରେ । ହେଲେ ସେହି ସ୍ନେହଭିଜା, ମନ, ନିର୍ଲିପ୍ତ ଆଖି, ଆଉ ଗହଳ ଦାଢି, କିଛି ବି ଯାଇ ନଥାଏ । ଆଉ ଆଜି ବି କ'ଣ ଯାଇଛି ?

ଦୀର୍ଘ ପନ୍ଦରବର୍ଷ । ସମୟ ଅତିକ୍ରାନ୍ତ ଅନେକଟା । ସେ ଚାହିଁଲା ଆକାଶକୁ । ଗୋଟାଏ ପକ୍ଷୀ ଚକର କାଟୁଛି । ଜୀବନ ଆଜି ମଧ୍ୟାହ୍ନରେ ଉପନୀତ । ସେହି ଏକୁଟିଆ ପକ୍ଷୀଟି କେତେ ସମୟ ଉଡିବ ? କେତେବେଳେ ସେ ଫେରିଯିବ ଆପଣା ନୀଡକୁ ? ସଂଧ୍ୟା ଆସିବ । ତାର ଡେଣା ଥକିଯିବ । ଆଉ ସିଏ ଆଶ୍ରୟ ନେବ ରାତିର କୋଳରେ ।

ହଠାତ୍ ବ୍ରେକ୍ ଦେଲେ ପ୍ରତ୍ୟୁଷ ଭାଇ୍ । ଆଉ ବାଟ ନାହିଁ ଉପରକୁ । ଗାଡି ଏଇଠି ରଖିଦେଇ ଉପରକୁ ଉଠିବା । ପାରିବୁ ତ ? ପିନ୍‌ପିନ୍ ପତଳା ଥିଲୁ । ଏବେ ମୋଟି ହେଲୁଣି । କେମିତି ଉଠିବୁ ?

Digitized by srujanika@gmail.com

—ତୁମ ସଂଗରେ ଏମତି ଦୁଇତିନି ଥର ଉଠିଲେ ପତଳା ହୋଇଯିବିନି ।

ପ୍ରତ୍ୟୁଷ ଭାଇ ଥମକି ଠିଆହୋଇପଡିଲେ । ସସ୍ନେହେ ଚାହିଁଲେ । ଦୁଃଖ ମାନ ତାଙ୍କ ଆଖିରୁ କୁଆଡେ ଛପିଯାଉଥିଲେ । ସେ ଏକ ବିହ୍ୱଳିତ ଅବସ୍ଥା । ଏକ ଅନୁଭବର ରୋମଂଚ । ସେ କେଉଁ ଦରଦୀ ହୃଦୟକୁ ଛଗେଇ ଦେବାର ମୁହୂର୍ତ୍ତ ।

—ମୋ ସଂଗରେ ଚାଲିବାର ଇଛା ଅଛି ତୋର ?

—କାହିଁ ମୁଁ କ'ଣ ଡରୁଛି କି ?

—ସତରେ ତୋର ଡରନାହିଁ । ପ୍ରୋମିଜ ।

ଏଇକଥା କହିଲାବେଳକୁ ଓଠ ଦୁଇଟା ତାଙ୍କର ଆଶ୍ଚର୍ଯ୍ୟଭାବେ ଭିଜି ଯାଇଥିଲା ।

ସେ ଉପରକୁ ଚାହିଁଲା । ରାସ୍ତାଟା ବଡ ଆବଡା ଖାବଡା । ପ୍ରତ୍ୟୁଷ ଭାଇ ରେଂଜର । ସେ ଚାଲିଯିବେ ଅଗନାଅଗନି ବନସ୍ତରେ । ବଂଧୁର ଏଇ ପାହାଡରେ । ସେ କ'ଣ ପାରିବନି ? ନିଃଶ୍ଚୟ ପାରିବ । ତେବେ ବି ତ ଲୋଭ ତା'ର ଏଇ ପାହାଡ ଚଢିବାକୁ । ଦେଖିବାକୁ ସବୁଜ ଧାନକ୍ଷେତ । ଦେଖିବାକୁ ଦୂରନ୍ତ ଆକାଶ ଆଉ ଏ ସହରକୁ ।

ଦୁଇକଡରେ ଭରିରହିଛି ହାଡଭଂଗା ଡାହି । ପବନରେ ଦୋହଲୁଛି ତା'ର ଈଷଦ୍ ବାଇଗଣୀ ଫୁଲ । ସ୍ୱାଗତମ୍‌ର ଠାଣୀରେ । ମନ ତାର କେଉଁ ନିବିଡ ସୁନ୍ଦର ସ୍ୱପ୍ନଟିଏପରି ହାଲକାହୋଇ ଭାସୁଛି । ଏତେଦିନପରେ ଅନ୍ତରଂଗ ସତ୍ତାଟିଏ କି ଏମତି ଦେଇଯାଏ ନିବିଡ ସୁଖାନୁଭବ ?

: ତୋର କବିତାର ନାୟକଙ୍କ କଥା ଏଯାଏ କହିଲୁନି ।

କାହିଁକି ଶୂନ୍ୟହୋଇ ରହିଗଲୁ ଯେ ?

ସେ ହସିଲା ଗୋଟାଏ ବାଆଁରେଇ ଦେବାପରି ହସ । ଅଥଚ କାନକୁ ଲାଗୁଥିଲା ଗୋଟାଏ ସୁଖ ବିଷନ୍ନ ମିଶା ଶବ୍ଦପରି । କହିଲା :

''ଖାଲି ଶୂନ୍ୟସ୍ଥାନଟିଏ ହୋଇ ରହିଯିବା କାହାକାହା କପାଳେ ତ ଥାଏ ।''

—ତୁ ଭାରି ଚାଲାକ । ଏମିତି କହି ଜୀବନକୁ କେତେ ଫାଙ୍କିଦେବୁ ଆଉ ?

ମନେ ମନେ ସେ ଭାବିଲା । ପ୍ରତ୍ୟୁଷ ଭାଇ, ତୁମେ କ'ଣ ଜୀବନ ବିମୁଖ ହୋଇନା ? ତୁମେ କ'ଣ ଫାଂକି ଦେଇନା ନିଜକୁ ? କାହିଁ ତୁମ ଆଖିର ସେ ଉଜ୍ଜ୍ୱଳତା ? କାହିଁ ବାଦ ଦେଲନି ସେହି ଦାଢ଼ିର ଜଂଗଲ ? ତୁମ ଭିତରେ କି ଶୂନ୍ୟତାଟିଏ ସବୁବେଳେ ନୀରବରେ ବସି ରହିନାହିଁ ? କାହିଁକି ବଦଳି ନାହିଁ ତୁମ ଚେହେରାର ପରିଭାଷା ? କ'ଣ ଖୋଜୁଛ ତୁମେ ?

ସେ ପଚାରିଲା –ପ୍ରତ୍ୟୁଷ ଭାଇ । ସ୍ନିଗ୍ଧାଅପା ଏବେ କେଉଁଠି ? କେମିତି ଅଛନ୍ତି କୁହ ।

ସେ ପୁନଶ୍ଚ ଗମ୍ଭୀର ହୋଇଗଲେ । ଦୃଷ୍ଟି ତାଙ୍କର ସ୍ଥିରହୋଇ ଆସୁଥିଲା ଅନେକ ଦୂରରେ । ପାଖେଇ ଆସିଥିଲା ପାହାଡ଼ ଶିଖର । ଠାକୁରାଣୀଙ୍କ ମନ୍ଦିର । ସାମାନ୍ୟ ବର୍ଷାରେ ଗଜୁରିଥିବା ଧାନ କ୍ଷେତର ସବୁଜିମା ରଚନା କରୁଥିଲା ମୋହ ।

ପ୍ରତ୍ୟୁଷ ଭାଇଙ୍କ ଆଖି ଦୁଇଟା ଥିଲା ଖୁବ୍ ସଜଳ । ଭଲପାଇବାର ଦରଦ ଏମିତି ଅଶ୍ରୁ ହୋଇଯିବ କି ? ଭାରାକ୍ରାନ୍ତ ଏଇ ମଧ୍ୟାହ୍ନରେ ? ନାଁ—ଅଶ୍ରୁ ଆସିଲାନି ।

Digitized by srujanika@gmail.com

ପୁନଶ୍ଚ ଚପେଇଦେଲେ ସବୁ କିଛି । ଚାହିଁଲେ ହସିଲା ଆଖିରେ । କହିଲେ ଭାରି ଇଚ୍ଛା ହୁଏ... ।

—— କୁହ କ'ଣ ଇଚ୍ଛା ହୁଏ ।

ଭାରି ଇଚ୍ଛା ହୁଏ ... ହଁ – ଢୋକ ଗିଳନି । କୁହ .... । ତୁ କୁହନ୍ତୁ... ।

——କ'ଣ କହନ୍ତି ? ସେ ହସିଲା ଜୋରରେ । କୁହନ୍ତୁ— "ଛୁଇଁ ଦିଅ ମୋ କୁମାରୀ ନିର୍ଜନ ପଣକୁ ... ।"

ସେ ହଠାତ୍ ହସବନ୍ଦକରି ସ୍ତବ୍ଧ ହେଇ ପଡୁପଡୁ, ଫିକା ପଡ଼ି ଯାଉଥିବା ଆଖିରେ କହିଲା – ଏ ସବୁ ତୁମର "ଶୁଦ୍ଧ ଚଗଲାମି" ।

ତୁମେ କ'ଣ ଜାଣ ନା

"କେତେ ଦିନୁ ମୁଁ ଯେପରି
ପାହାଡ଼ ଯାହାର
ଉପରେ ପଥର ଆଉ
ଭିତରେ ପଥର !"

କାହିଁ ଲାଗୁନି ତ । ବେଶ ହସୁଛୁ । ଅଫିସ୍ କାମ କରୁଛୁ । ଏଇ କେତେ କଥା କହିସାରିଲୁଣି, ପୁଣି ଅସଲ ବେଳକୁ ପଥର । ତୁ ପିଲାଦିନୁ ସେହି କବିତା ପଢ଼ିପଢ଼ି ବାସ୍ତବଜଗତରେ ନାହୁଁ । ବହୁତଟା ରମାକାନ୍ତୀୟ ହୋଇଛୁ । ନହେଲେ ଏମିତି ଫଟାଫଟ୍ ଖାଲି କବିତାରେ ଉତ୍ତର ଦେଉଛୁ ?

——ତୁମେ ହୋଇ ନାହଁ କି ?

ମୁଁ ଏବେ "ଶ୍ରୀରାଧା" ପଢୁଥିଲି । "ସରସ୍ୱତୀ ସମ୍ମାନ" ପାଇଛିତ ତେଣୁ ମନେଥିଲା । ଯାବୋଲି ତୋ ଭଳି ଅହରହ ତ ଭାସି ବୁଲୁନି କଳ୍ପନା ଜଗତରେ ।

——କେଜାଣି କିଏ କହିବ, ତୁମ ମନକଥା ଅବା ସ୍ନିଗ୍ଧା ଅପାଙ୍କୁ ପଚାରିଲେ ହେବ ।

ପୁନଶ୍ଚ ସେ ଗମ୍ଭୀର ହୋଇଗଲେ । ମେଘ ଖଣ୍ଡେ ଜଳୀୟ ବାଷ୍ପଭରା ହୋଇଆସୁଥିଲା । ବର୍ଷିବ କି ଏଇ ଧୂସର ମାଟିରେ । ପାଣି ମୁନ୍ଦିଏ ପାଇଁ ପୃଥିବୀର କି ଆକୁଳ ପ୍ରତୀକ୍ଷା ! ଆହା ।

ଟିକେ ରହି କହିଲେ - ତୁ କବିତାର ଦୁନିଆରୁ ଫେରି ମୋ ଦୁନିଆକୁ ଯଦି ଫେରନ୍ତୁ, ଭାରି ଖୁସୀ ହୁଅନ୍ତି । କହି ସେ ତାଙ୍କ ଓଠକୁ ନୁଆଁଇ ଆଣୁଥିଲେ । ତାଙ୍କ ଆଖିରେ ଝଲସି ଉଠୁଥିଲା କ'ଣ ଗୋଟାଏ ଦେଇଦେବାର ପଣିଆ । ସେ ଘୁଂଚିଗଲା । ମନେ ମନେ କହିଲା - ପ୍ରତ୍ୟୁଷ ଭାଇ ! ତୁମେ ତ ଦେବଦାସର ଭୂମିକାରେ ଚିରକାଳ । ଏବେ ବି ସେହି ଉଦାସୀନ ମୁହଁ । "ବାଲିଯାତ୍ରା" କବିତାର ନାୟକ, ପ୍ରେମିକ ପୁରୁଷ ମୋର ଡେର ନଈ, ସାତ ସମୁଦ୍ର ପାର ହୋଇ କେଉଁ ଅଜଣା ଦ୍ୱୀପରେ ଆଶ୍ରିତ । ବୟସ ଦେହ ଛାଡ଼ିଲାଣି । ଏବେ ଆଉ କି ଚପଳତା ? ରାତି ଦିନ ମୋ ଘରେ ଅନେକ ଶୂନ୍ୟତା । ଏଇ ଯେ ତୁମେ ଚାହୁଁଥିବା ଇଚ୍ଛାକୁ ସାକାର କରିଦେଇପାରେ, ବିଶ୍ୱାସ ଭାଂଗିଦେଇପାରେ

Digitized by srujanika@gmail.com

ଏତେ ନିର୍ଜନତାର । ହେଲେ ସେ ସବୁ ଥାଉ । ଥାଉ ତୁମରି ସ୍ନେହ, ଦରଦ । ସଂଚିତ ଥାଉ ମୋ ପ୍ରେମର ଅନିର୍ବଚନୀୟ ଦ୍ୟୁତି ।

ସେ ହାଲକା କରିବାକୁ ପରିବେଶକୁ କହିଲା - ପ୍ରତ୍ୟୁଷ ଭାଇ, ତୁମର ଭାରି ରସିକ ପଣିଆ ତ ! ସ୍ନିଗ୍ଧା ଅପା ତ ନାହାନ୍ତି । ମୋରି ଉପରେ ସାଧ ମେଣ୍ଟାଇବ ନାଁ କ'ଣ ?

—ହଁ ପରା... ଚାଲୁନୁ ତୋ ଘରକୁ । ନିର୍ଜନତାକୁ ଘଡ଼ିଏ ଆପଣାଇ ନେବା । ଚାଲେନା... ?

—ସେ ସବୁ ସ୍ନିଗ୍ଧା ଅପାଙ୍କ ପାଖରେ କହିବ ।

—ସତରେ ତୁ ଡରିଗଲୁ ନାଁ କ'ଣ ?

—ଆଉ ? ଡରିବିନି । ଥୁ...ଥୁ...ଥୁ କହି ସେ ଛାତିରେ ଛାପ ପକାଇଲା । ତାଙ୍କୁ ଚିଡ଼େଇବାକୁ । କହିଲା- ଚାଲଯିବା ।

ଆସିବାବେଳକୁ ଖୁବ୍ ଦ୍ରୁତ ମନେହେଉଥିଲା ପାହାଡ଼ ଗଡ଼ିବା । ପଛରେ ଥିଲା ସୂର୍ଯ୍ୟାସ୍ତ । ନାରଂଗୀ ଆଭା ଦିଗ୍‌ବଳୟରେ । ପ୍ରତ୍ୟୁଷ ଭାଇଙ୍କ ମୁହଁରେ ଓହ୍ଲାଉଥିଲା ଗୋଧୂଳି । ହୁଏତ ଆସିଯିବ ଧୂସର ସଂଧ୍ୟାଟିଏ । ସେ ଜାଣିଥିଲା ସ୍ନିଗ୍ଧା ଅପା ଆଉ ଆସିବେନି । ପ୍ରଥମ ହୋଇ ସେ ଗୋଟାଏ ବେସରକାରୀ କଲେଜରେ ଅଧ୍ୟାପିକା ଚାକିରି କରିଥିଲା । ସ୍ନିଗ୍ଧା ଅପା ସେଠି ଲାବୋରାଟାରୀ ଆସିଷ୍ଟାଣ୍ଟ ଥିଲେ । ସେହି କଲେଜର ଜଣେ ଫିଜିକ୍ସ୍ ଲେକଚରଙ୍କୁ ସେ ଭଲ ପାଉଥିଲେ । କଲେଜ କମନ୍‌ରୁମ୍‌ରେ ତାଙ୍କର ଜଣେ ସହକର୍ମୀ ପଚାରିଥିଲେ ପ୍ରତ୍ୟୁଷ ଭାଇଙ୍କ କଥା । ସେ କହିଥିଲେ - ସେ ଯେଉଁ ଭଲପାଇବା ଥିଲା ସେମିତି କିଛି ନୁହେଁ । ସେମାନେ ବାହା ହେବା ପାଇଁ ଯୋଜନା କରୁଥିଲେ । ସମୟ ବି ଠିକ୍ କରି ସାରିଥିଲେ । ସେ ଦୂରରେ ବସିଥିଲା । ଏକଥା ଶୁଣିବା ମାତ୍ରେ ତା' ମନରେ ନାଚି ଉଠିଥିଲା ଗୋଟାଏ ବିଷଣ୍ଣ ଗୋଧୂଳି । ଦାଢ଼ି ରଖିଥିବା ବିରହୀ ପ୍ରେମିକଟିଏ । ଯେମିତି ଚୁପ୍‌ଚାପ୍ ବଟାନି ଡିପାର୍ଟମେଣ୍ଟରେ ଚାଲିଛି । ଆଉ ଗେଟ୍ ପାରିହୋଇଗଲେ ବିଶାଳ ଖେଳପଡ଼ିଆ । ମାଡ଼ି ଆସୁଛି କୁହୁଡ଼ି । ହଜିଯାଉଛି ସେହି ନିର୍ବିକାର ମଣିଷଟି । କେଜାଣି କେଉଁଠି ?

ଆଜି ପ୍ରତ୍ୟୁଷ ଭାଇଙ୍କୁ ଦେଖି ସେ ହା...ହା...କାର କରି ଉଠିଛି । ସେହି ବେଦନା ଭିତରେ ସେ କଦାପି ଏଇକଥା ସ୍ନିଗ୍ଧା ଅପାଙ୍କର କହିପାରିବ ନାହିଁ, ତା' ସେ ଜାଣେ । କ'ଣ ବା କହିବ ସେ ଏଇ ମଧ୍ୟାହ୍ନରେ ? ଜୀବନ ତ ଏମିତି ଏଇ ମେଘ, ଖରାପରି ଛାଇ ଆଲୁଅର ଖେଳ । କେତେବେଳେ ପ୍ରଶାନ୍ତ, ଅସୀମ ତ କେତେବେଳେ ଶୂନ୍ୟ ଆଉ ଅଶାନ୍ତ ! ତଥାପି କ'ଣ ଜୀବନର ସ୍ରୋତ ଥମିଯାଏ ନାଁ ସ୍ପନ୍ଦନ ? ଏଇ ମିଳନ-ବିଚ୍ଛେଦ ପ୍ରାପ୍ତି-ଅପ୍ରାପ୍ତି, ପ୍ରେମ ଓ ବେଦନା ଭିତରେ ତା'ର ଗତି, ସେଇଥିରେ ହିଁ ମହିମାନ୍ୱିତ ହେଉଥାଏ ଚିରନ୍ତନ ଆନନ୍ଦର ଧାରା । ଏଇ ସତ୍ୟକୁ କ'ଣ ପ୍ରତ୍ୟୁଷ ଭାଇ ବୁଝିନଥିବେ ? ସେ ତାଙ୍କୁ କ'ଣ ବଝାଇବ ? କ'ଣ ବା ବୁଝାଇ ପାରିଛି ନିଜକୁ ?

□□□

Digitized by srujanika@gmail.com

ଫୋନ୍

ବାପା ! ବୋଉ ଆସିବ, ଶୀଘ୍ର କୁହ । ଘଣ୍ଟାକୁ ଚାହିଁଲା ଅରିନ୍ଦମ । ଚାରିଟା [illegible] ଯାଉଛି । ଅରୁଣାର ଘରକୁ ଫେରିବା ସମୟ ହୋଇ ଗଲାଣି ।

— କାହିଁକି ଏତେ ଛାନିଆ ହେଉଛୁ !

—ନାଇଁମ । ବୋଉ ଆସିଯିବ ତ ! ସେଥିପାଇଁ । ମାରିବ । କହିବ ଏତେ [illegible] କାହିଁକି ଫୋନ୍ କରୁଛୁ । ଦର୍କାର ନାହିଁ ।

— ସବୁବେଳେ କ'ଣ ସବୁର ଦର୍କାର ଥାଏ ?

ତୁ କାହିଁକି ଫୋନ୍ କଲୁ କହ ।

— ମୁଁ ସ୍କୁଲରୁ ଆସି ଖାଇସାରି ଶୋଇଥିଲି । ଏବେ ଉଠିଲି । ମନ ଖୁସୀ [illegible] ଟିକେ ଗପିବାକୁ ଭାବିଲି ।

—ସାବାସ ! ତୁ ଏବେ ଜାଣି ପାରିଲୁ ତ କାହିଁକି ଫୋନ୍ କଲୁ ! ଏକାଏକା [illegible] ହେବାରୁ ଫୋନ୍ କଲୁ ନା ।

ମନ ଖୁସୀ ପାଇଁ ।

ଆନନ୍ଦ ପାଇଁ ।

— ବାପା ! ମୁଁ ଆଜି ପରୀକ୍ଷାରେ ଜିରୋ ରଖିଛି ।

— ଜିରୋ କ'ଣ ପାଇଁ ?

— ମିସ୍ ଯାହା ଡାକିଲେ ମୁଁ କିଛି ଲେଖିନି ।

— କାହିଁକିରେ ଧନ ! ମନ କେଉଁଠି ଥିଲା ?

— ଜାଣିଛ ବାପା ! ଆମ ସ୍କୁଲକୁ ଲାଗି ଗୋଟାଏ ବଡ଼ ଆମ୍ବଗଛ ଥିଲା । ସେଇଟା ମହାବାତ୍ୟାରେ ଉପୁଡ଼ି ଯାଇଛି । ମୁଁ ସେଇଠିକୁ ଚାହିଁଥିଲି । ମୋ ମନ ଦୁଃଖ । ମିସ୍ ଯାହା କହିଲେ ଲେଖିନି । ଜିରୋ ଦେଇଛନ୍ତି ।

— ତୁ କାହିଁକି ଏତେ କଥା ଭାବୁଛୁ ?

— ମୋତେ କାନ୍ଦ ମାଡ଼ିଲା ସିଆଡ଼େ ଚାହିଁ ।

— ବୋଉ ଆସିନି କି ?

— ନାଁ । ତୁମେ ବୋଉକୁ କହିବନି ।

ବାପା ! ଗେଟ୍ ଖୋଲିବା ପରି ଶବ୍ଦ ଆସୁଛି । ମୁଁ ରଖୁଛି !

ଭୟରେ ଫୋନ୍ ଥୋଇଦେଲା ବୁବୁଲ ! ଚୁପ୍‌ଚାପ୍ ବସି ରହିଲା ଅରିନ୍ଦମ । ସାମନାରେ ଫାଇଲର ଜଂଗଲ ପଡ଼ି ରହିଥିଲା । କ୍ଷଣକେ ଦୀର୍ଘଶ୍ୱାସ ତା'ର ବାହାରି ଆସିଲା । ଅପର କେ:ଜିରେ ପଢୁଥିବା ଛୋଟ ପୁଅଟି ତା'ର ସ୍କୁଲରୁ ଫେରି ଏକୁଟିଆ

Digitized by srujanika@gmail.com

ଘରେ ଥାଏ । ସବୁବେଳେ ବସି ଟି.ଭି. ଦେଖୁଥାଏ । କ'ଣ କରିବ ବିଚାରା । ବାପା, ମା' ଚାକିରିଆ ହେଲେ ପିଲାଟି ଏମିତି ଏକୁଟିଆ ହୋଯାଏ । ବୋର୍ ହୁଏ । ତା'ର ବା ଦୋଷ କ'ଣ ? ବାପା, ବୋଉଙ୍କର ବୟସ ହେଲାଣି । ଉଚ୍ଚ ରକ୍ତ ଚାପ । ଘରେ କେହି ନାହାନ୍ତି । ସେଥିପାଇଁ ଫୋନ୍ କରିବା ଶିଖେଇ ଦେଇଛି ସେ ବୁବୁଲ୍‌କୁ । ଆଉ ମଧ୍ୟ ଆବଶ୍ୟକ, ଅନାବଶ୍ୟକର ଅଙ୍କ କେବେ ସେ କଷି ନାହିଁ । ସବୁବେଳେ ଏଇ ଫୋନ୍‌କୁ ନେଇ ଗୋଟାଏ ପଳାତକର ପ୍ରତିବିମ୍ବ ତା' ସାମନ୍ନାରେ ଭାସି ଉଠେ । ସେ ତା'ର ନିଜର । ତା'ର ଶ୍ରେଣୀ ପାର୍ଥକ୍ୟର । ସେ ସବୁବେଳେ ଦେଖେ ଗୋଟାଏ ଅପମାନିତ ହୋଇ ପଡୁଥିବା ବିମର୍ଷ ଚେହେରା ଅତୀତର ଅଇନାରେ ।

ସେତେବେଳେ ସେମାନେଥିଲେ କଟକ ସହରରେ ଭଡ଼ାଟିଆ । ଗାଁ ସ୍କୁଲରୁ ପାଶକରି କଲେଜରେ ପଢ଼ିବା ପାଇଁ କଟକ ଆସିବା କଥା । ନିମ୍ନ ମଧ୍ୟବିତ୍ତ ଶ୍ରେଣୀର । ତାଙ୍କ ଘରେ ଫୋନ୍ ବା କେଉଁଠୁ ଆସିବ । ତା ବ୍ୟତୀତ ଭଡ଼ାଟିଆ ଶବ୍ଦଟା ଏ ସହରର ସେକେଣ୍ଡ କ୍ଲାସ ସିଟିଜେନ୍‌ପରି । ଯେମିତି କି ଦୁର୍ଦ୍ଧର୍ଷ ଘରବାଲା ସାମ୍ନାରେ ସେମାନେ ହେୟ, ଅବହେଳିତ ମଣିଷ ଗୁଡ଼ିଏ । ତାଙ୍କର ଏ ସହରରେ କିଛି ଅଧିକାର ନାହିଁ । ପାଟି ଫିଟାଇ ନ୍ୟାୟ ଅନ୍ୟାୟକୁ ଦେଖାଇବାର ଟାଣ ପଣ ନାହିଁ । ସବୁବେଳେ ସେମାନେ ମାଲିକଙ୍କ ଦ୍ୱାରା ଚାପିହୋଇ ରହିବା ଯେପରି ତାଙ୍କର ଅଦୃଷ୍ଟ । ଫୋନ୍ ଥଲା ତା' ସଂଗଘରେ । ଯାହା ବାପା କ୍ଲାସ ଓ୍ୱାନ ଅଫିସର । ଗାଡ଼ି, ଫୋନ୍, ଫ୍ରିଜ୍, ଦାମୀ ସୋଫା ଇତ୍ୟାଦି ଯେତେ । ମଧ୍ୟବିତ୍ତ ଏବଂ କ୍ଲାସଓ୍ୱାନ ଅଫିସର ଷ୍ଟାଟସ ଭିତରେ ଥିଲା ଆକାଶ ପାତାଳ ଫରକ । ଯାହା ଦେଖିଲେ ବାଜିହୋଇ ପଡୁଥିଲା । ଆଜିର ମାର୍କେଟିଂ ଯେପରି ବିଶ୍ୱବ୍ୟାପ୍ତ ତା' ନଥିଲା । ସମୟଟା ଥିଲା ଭୀଷଣ ଧୂସର । ଡଲ୍ । ସେହିମାନଙ୍କ ଘରେ ଟିକେ ଫୋନ୍‌ରେ କଥାହେବା ପାଇଁ ସେ ଉଲ୍ଲସିତ ହେଉଥିଲା । ଦୂରକୁ ଚାଲିଗଲେ ସେଠୁ ଯାଇ ସାଂଗକୁ ଫୋନ୍ କରୁଥିଲା । କିନ୍ତୁ ସଂଗଟି କେବେ ଫୋନ୍‌ରେ ଏତେ ସମୟ ଗପୁନଥିଲା । ତା' ପଢ଼ିଶା ଘରକୁ ମଧ୍ୟ ଫୋନ୍ କରି ତାକୁ ଡାକୁନଥିଲା । ଭୀଷଣ ସଂଯତ ଥିଲା ସେ । ତା'ର ଏ କୃପଣ ପଣିଆ ବେଳେବେଳେ ବାଧୁଥିଲା ତାକୁ ।

କିନ୍ତୁ କଳ୍ପନାରେ ସେ ଦେଖୁଥିଲା ତା'ର ଗୋଟାଏ ଫୋନ୍ ଅଛି । ନିଦଭଂଗା ଗଭୀର ରାତିରେ ସେ ଚୁପ୍‌ଚାପ୍ ଡାଏଲ କରୁଛି ପ୍ରଜ୍ଞା ପାଖକୁ । ସାରା ରାତି ଗପୁଛି । ଠିକ୍ ହିନ୍ଦି ସିନେମାର ନାୟକ ନାୟିକା ପରି । ଅବା ସେ ଅପେକ୍ଷା କରୁଛି ତା'ର ସୁଲଳିତ ଦରଦୀ କଣ୍ଠ ସ୍ୱରକୁ । ତା'ର ଛାତିତଳେ ଝର୍ଣାର ଶୀତଳତା କୁଳୁକୁଳୁ ଶବ୍ଦ ତୋଳି ବହିଯାଉଛି ବହୁଦୂର । ଭିଜେଇ ଦେଉଛି ତା'ର ଟାଂଗର ଭୂମି । କିନ୍ତୁ ତା' ହୁଏନି । କଳ୍ପନାର ପକ୍ଷୀରାଜ ଘୋଡ଼ାରେ ଚଢ଼ି ସେ ପୃଥିବୀ ପରିକ୍ରମା କର ସତ, ହେଲେ ମଧ୍ୟବିତ୍ତ ପରିବାରର ଅସ୍ୱଚ୍ଛଳ ଅବସ୍ଥାରେ ଫୋନ୍‌ଟିଏ ରଖିପାରିବେ ସେମାନେ, ତା' କଳ୍ପନା କରାଯାଏନା । ତଥାପି ସ୍ୱପ୍ନ ଦେଖା ସରେନା, ନିଜକୁ ଭସାଇ ଦେଇହୁଏ, କାଗଜ କଲମରେ ରୂପଦେବାକୁ ହୁଏ । କଲେଜ ଯାଉଥିବା ପ୍ରେମିକା ହାତରେ ବଢେଇ ଦେବାକୁ

Digitized by srujanika@gmail.com

ହୁଏ ଚିଠି ଖଣ୍ଡିଏ । ଚକର ମାରିବାକୁ ହୁଏ ତା' ଘର ସାମ୍ନାରେ ବାରବାର । କିନ୍ତୁ ଫୋନ୍‌ଟିଏ କରିପାରେନା ।

ଘର ମାଲିକର ଫୋନ୍ ଥାଏ । ତାକୁ ଚାହିଁ ସେ ଖୁସୀରେ ଆତ୍ମହରା ହୁଏ । ଛପିଛପି ଯାଇ କେତେବେଳେ ଫୋନ୍ ଟିକେ କରିହେବ ଭାବେ । ହେଲେ ଥରେ ଅନୁମତି ନେଇ ଫୋନ୍ କଲାପରେ ବି ଲୋକଟା ଗାରେଡ଼େଇ ଚାହିଁବ । କିଛିଦିନ ଚପି ରହି ଥରେ କହିଲା ତୁ ଭୁବନେଶ୍ୱର କଥା ହୋଇ ଅନେଶତ ଟଂକା ଉଠାଇଛୁ । ସତରେ ଉଠିଥିଲା କି ନାହିଁ ସେ ଜାଣେନା । ତେବେ ଲୋକଟା ଡାହା ମିଛ କହୁଥିବାର ସେ ମନେକଲା । ଗୋଏ ପ୍ରକାର ମନା କରିବା ପାଇଁ ବାହାନା । ସେଦିନ ସେ ବଡ଼ ଅପମାନିତ ବୋଧ କରିଥିଲା ନିଜ ଭିତରେ । ଛୋଟ ହୋଇ ପଡୁଥିବା ଗୋଟାଏ ବିମର୍ଷ ଚେହେରା ଯେପରି ପ୍ରତିଫଳିତ ହୋଇଉଠିଲା ତା'ର କଳ୍ପନାରେ । କିନ୍ତୁ ଲାଳସା ଗୁଡ଼ାକ ବଡ଼ ଦୁର୍ବାର । ରହସ୍ୟମୟ । ସେ ବୁଝେନା ରକ୍ତକ୍ଷରଣର କଥା । ସଂଯମ ହୁଏନା । ପୁନଶ୍ଚ ଯାଏ । ଠିଆ ହୁଏ ଘରବାଲାର ବେଡ୍ ରୁମ୍‌ର ଦୁଆର ସାମ୍‌ନାରେ । ଜୁହେ... ଫୋନ୍ ଟିକେ କରିଥାନ୍ତି । ଲୋକଟା ଅଙ୍ଗାଳିଆ ଆଖିରେ ଚାହେଁ... ହସେ ଉଦ୍ଦେଶ୍ୟ ନେଇ । ତା' ସେ ବୁଝେ । ସେ ବି ହସିଦିଏ । ଗମ୍ଭୀର ରହିବାକୁ ଚେଷ୍ଟା କରୁକରୁ ।

ଆଜି ତାଙ୍କ ପାଖରେ ଘର ଅଛି । ଗାଡ଼ି ଅଛି । ଫୋନ୍ ଅଛି । ଟି.ଭି. ଯୁଗରେ ଟି.ଭି. ଅଛି । ଫ୍ରିଜ୍ ଅଛି । ପୃଥିବୀ ବଦଳି ଯାଇଛି । ବିଶ୍ୱବ୍ୟାପ୍ତ ମାର୍କେଟିଂ ଭିତରେ ସମସ୍ତଙ୍କ ପାଖରେ ସବୁ ଅଛି ।

ସେ ସେଥିପାଇଁ ଫୋନ୍‌ରେ ତାଲା ଦିଏ ନାହିଁ । ପିଲାଟିଏ ଗପୁଛି ଗପୁ । ଉନ୍ମୁକ୍ତ ହୋଇଯାଉ ତା'ର ଚିନ୍ତା । କହି ଶିଖୁ ସେ । ସଂକୁଚିତ କାହିଁକି କରିବ ସେ ତାକୁ ! ପଇସା ଏମିତି ଆସିବ ଆଉ ଯିବ । ହେଲେ ଛୋଟ ଶିଶୁଟିଏ ମନରେ ପଇସାର ସଂକୀର୍ଣ୍ଣତା ଭରି ଦେଲେ, ସେ ବି ତାଲା ପକାଇବା ଶିଖିବ । ଖର୍ଚ୍ଚ ହୋଇଯାଉଛି ବୋଲି ଅନ୍ୟକୁ କହିବ । ଶିଖିବ ସ୍ୱାର୍ଥପରତା । ସେ ବୁଝିବନି ଉଚିତ ଅନୁଚିତ ମୂଲ୍ୟ ଫୋନ୍ ବ୍ୟବହାର କରିବାର । ତା'ର ଆବେଗ ପ୍ରବଣ ମନଟିଏ ବାଧାପାଇ ବିରୋଧ କରିବ ତାକୁ । ତା' ମନରେ ରାଗ, ବିରକ୍ତି ଆସିବ । ମୁକ୍ତ ମନନେଇ ସେ କ'ଣ ବଂଚି ଶିଖିବ ?

ପୁନଶ୍ଚ ଫୋନ୍ !

— ବୁବୁଲ ! କ'ଣ ହେଲା !

— ବାପା ! ତୁମେ କାମ କରିକରି ବୋର ହେଉଥିବ । ସେଥିପାଇଁ ଫୋନ୍ କଲି ।

— କିଏ କହିଲା ତୋତେ ?

— ମା' କହିଲା ।

— ମା' ମନା କରିନି ଗପିବାକୁ ?

ନାଁ ତ ... ।

Digitized by srujanika@gmail.com

— ମା' କେମିତି ଜାଣିଲା ମୁଁ ବୋର ହୋଇଯାଉଥିବି ?

— ମୁଁ ଜାଣିନି ।

ତାକୁ ବଡ଼ ଆଶ୍ଚର୍ଯ୍ୟ ଲାଗେ ତା' ବୋଉ କେମିତି ମନକଥା ବୁଝିପାରେ !

— ବାପା - ଗୋଟାଏ କଥା ମୁଁ ଭୁଲିଯାଇଛି କହିବାକୁ ।

— କ'ଣ ଭୁଲିଗଲୁ ?

— ମୁଁ ନାଁ କାଲିଠାରୁ ତୁମ ସାଂଗେ ଫୋନ୍‌ରେ କଥା ହୋଇ ପାରିବିନି !

— କାହିଁକି ରେ ଧନ ?

— ତୁମର ମନେ ନାହିଁ । ମୋର ୟୁ:କେ:ଜି ସରିଗଲା । ଷ୍ଟାଣ୍ଡାର୍ଡ଼-ଓ୍ୱାନ୍ ହେବ ! କ୍ଲାସ ଆରମ୍ଭ ହେବ ନ'ଟା ଚାଳିଶରୁ ତିନିଟା ଚାଳିଶ ।

— ସତେ ତ !

— ତୁମେ କାହା ସାଂଗେ ଗପିବ ?

— ହଁରେ ଧନ, କାହା ସାଂଗେ ଗପିବି ? ନିଜ ସଂଗେ... ।

ହିଃ...ହିଃ ... ହୋଇ ବୁବୁଲ ହସିଲା । କହିଲା - ନିଜ ସଂଗରେ ଗପିବ ! ପାଗଳ କହିବେ ଲୋକ ।

— ହଁରେ ଧନ ! ସବୁ ମଣିଷ ପାଗଳ । ସେମାନେ ଏକାଏକା ହିଁ ଗପୁଥାନ୍ତି ସବୁବେଳେ । ତା' ଯେ ଶୁଣାଯାଏନି । ସେ କଥା ତୁ କ'ଣ ବୁଝିବୁରେ ଧନ ? ଏତିକି କହି ଦୀର୍ଘଶ୍ୱାସ ତା'ର ଓହ୍ଲାଇ ଆସେ ସ୍ତବ୍ଧ ଝଡ଼ପରି ।

— ମୁଁ କିନ୍ତୁ ସ୍କୁଲରେ ମୋ ସଂଗମାନଙ୍କ ସଂଗରେ ଗପିପାରିବି । ଖେଳିପାରିବି ।

— ଆଉ ମୁଁ ... ?

ମୁଁ କହିଲା ବେଳକୁ ତା' ଛାତି ଭିତରୁ କେଉଁ ଦୀର୍ଘଶ୍ୱାସ ଉତ୍ତୁରି ଦୂରପାହାଡ଼ରେ ଅବା ପିଟିହୋଇ ଫେରିଆସିଲା ସହସ୍ର ପ୍ରତିଧ୍ୱନି ହୋଇ ତା' ପାଖକୁ ।

ସେ ଚୁପ୍ ହୋଇଗଲା କ୍ଷଣକେ । ହଁ ... ବାପା ! ତୁ ଗପ । ତୋ'ର ବିସ୍ତୃତ ଦୁନିଆ ହେଉ । ମୁଁ ତ ଗୋଟାଏ ପରିତ୍ୟକ୍ତ ପୁଷ୍କରିଣୀ ପରି ନିସ୍ତରଂଗ ।

— ବାପା ତୁମେ କିଛି କହୁନା ଯେ !

ମୁଁ କୁଆଡ଼େ ଯାଉଛି କି ? ଏଇ ତ ଛ'ଘଣ୍ଟା ସ୍କୁଲକୁ ଯିବା କଥା ।

— ନାଁରେ ବାପା ! ତୁ କୁଆଡ଼େ ଯିବୁ ? ମୁଁ ହିଁ କୁଆଡ଼େ ଚାଲିଯାଉଛି ।

— ହଉ ରଖିଲି ।

ତା'ର 'ରଖିଲି' କଣ୍ଠ ସ୍ୱରରେ ଏତେ ସହାନୁଭୂତିଶୀଳତା, ଏତେ ଦରଦ ଫୁଟି ଉଠୁଥିଲା, ତା' କଣ ବୁବୁଲ୍ ବୁଝିଥିଲା ? କେବଳ ସେ ହିଁ ବୁଝିଥିଲା ।

□□□

Digitized by srujanika@gmail.com

ଘୂର୍ଣ୍ଣିତ ପୃଥିବୀ

— ସାର୍ ଫୋନ୍ ।

ଲେଡ଼ି ରିସେପସନିଷ୍ଟର ସୁମଧୁର ଅନୁଗତଭରା ମ୍ୟୁଜିକାଲ କଣ୍ଠ ସ୍ୱର କଟିଗଲାପରେ ଶୁଣାଗଲା କାହାର ଅଧିକାର ଥିବାପରି ଦରଦୀ କଣ୍ଠ ।

— କ'ଣ କରୁଥିଲ ତାମସ !

କଣ୍ଠଟା ଟିକିଏ ଭଂଗାଭଂଗା ଲାଗୁଛି ଅଥଚ ପୁନଶ୍ଚ ଯୋଡ଼ି ହୋଇ ଯାଉଛି ମୂଳ ସ୍ୱର ସହିତ ।

"କ'ଣ କରୁଥିଲ ତାମସ" ! ଯେମିତି କି କଥା ପଦଟିରେ ମନେ ହୋଇଥିଲା କେଉଁ ଏକାକୀ ନିର୍ଜନ ଉପତ୍ୟକାରେ ତା' ପାଇଁ ପ୍ରତୀକ୍ଷାମାଣା ନାରୀଟିଏ ପୃଥିବୀକୁ ଭୁଲି କହୁଛି ।

ଚମକି ପଡ଼ିଲା ସେ । ସେ ଚମକର ଜେଉ ତା'ର ସମଗ୍ର ଶରୀରକୁ ଆଚ୍ଛନ୍ନ କରିଗଲା କ୍ଷଣକେ । କିଏ ଏତେ ଦରଦଭରା, ନିଃସ୍ୱାର୍ଥପର ସ୍ୱରରେ ତାକୁ ସମ୍ବୋଧନ କରିପାରେ !

— ଚିହ୍ନିପାରୁନା କ'ଣ ମ !

ଏଥର ଅଟ୍ଟହାସ ସେ କଣ୍ଠରେ । କ୍ଷଣକେ ମନେହୋଇଥିଲା କେତେକେତେ ଆଦିମ ସମୟ ପାରହୋଇ ବହି ଆସୁଛି ସେହି ଦରଦୀ କଣ୍ଠ । ପୁଣି ଏକ ଝଲକରେ ଲୁଚି ଯାଉଛି । ଉଭେଇ ଯାଇଛି କେଉଁ ବିମୂର୍ତ୍ତ ଆତ୍ମାର ସ୍ପନ୍ଦିତ ଭାବାବେଗ ।

ସେ ମନେ ପକାଇବାକୁ ଚେଷ୍ଟାକଲା । ଏ ସ୍ୱର କାହାର ? କିଏ ସେ ହୋଇପାରେ । ନାଁ ଆଦୌ ମନେ ପଡୁ ନାହିଁ । ଏଇ ତା' କଂପାନୀର ମାର୍କେଟିଂ ମ୍ୟାନେଜର ଅଫ୍ ଆକାଉଣ୍ଟସର ପଦବୀରେ ବସି ହିସାବ ରଖିରଖି ମସ୍ତିଷ୍କ ନିଃସ୍ତବ୍ଧ ହୋଇଗଲାଣି ।

ସେ ଚୁପ୍‌ଚାପ୍ ରିସିଭରଟା ଧରି ଅପେକ୍ଷା କଲା ସେପଟୁ ପରିଚୟ ପାଇବା ଆଶାରେ ।

—ଭାବୁଥିଲି ମନେଥିବ ତୁମର । ଅଥଚ ଏତେ ଶୀଘ୍ର ଭୁଲଯିବ ଆଉ ଆଦୌ ଚିହ୍ନିପାରିବ ନାହିଁ କିଏ ଜାଣିଥିଲା ! ମଣିଷର ଏତେ ଶୀଘ୍ର ମେଟାମରଫୋସିସ୍ ହୋଇଯାଏ ! ଶ୍ଳେଷାତ୍ମକ ସ୍ୱରରେ ସେ ପୁନଶ୍ଚ କହିଲା– ମୁଁ ପଲ୍ଲବୀ ଶତପଥି ନାଓ ପଲ୍ଲବୀ ମିଶ୍ର । ବାବୁଙ୍କର ଏଥର ମନେ ପଡ଼ିଲା କି ?

— ଓଃ ! ତୁମେ ।

— କହିଲାପରେ ମନେ ପଡୁଛି ।

— ତୁମେ ଏବେ ହାଲେ। ଧୂମକେତୁ ପରି ଦୀର୍ଘ ବର୍ଷପରେ ଆସିଲେ କିଏ ମନେ ରଖିପାରେ ତୁମ କଣ୍ଠସ୍ୱରକୁ !

Digitized by srujanika@gmail.com

—— ମାନେ ? ଆସିଲି କ'ଣ ? ନଥିଲି କି ! ଛାଡ଼ ... ତୁମେ କାହିଁକି ପଚାରିବ । ନହେଲେ ଆଜି ତୁମେ ମୋତେ ଚିହ୍ନିପାରି ନଥାନ୍ତ ?

ଏପଟେ ଗୋଟାଏ ସ୍ତବ୍ଧ ନୀରବତା ଓହ୍ଲେଇ ଆସୁଥିଲା ତାମସ ମହାପାତ୍ର ଉପରେ । ଯେମତି କି କେଉଁ ଅନ୍ଧାରି ରାତିରେ ସେ ଠିଆ ହୋଇଛି ନିକାଂଚନ ପାହାଡ଼ ତଳେ ଆଉ ଶୀତଳ ହିମବାହ ଖଣ୍ଡେ ଧସିପଡୁଛି ତା' ଉପରେ । ସେ ଦବି ଯାଉଛି ଅକାତରେ, ସହସା । ତା' କଣ୍ଠ ଫିଟୁନି । ଅନେକ ଚିତ୍କାର କରି ଡାକିବାକୁ ଇଚ୍ଛା ଥିଲେ ବି ପାରୁନି । ଖାଲି ନିଶୂନତା । ଚାରିଦିଗ ଘେରି । ଅବା କେଉଁ ନିକଟତମ ନକ୍ଷତ୍ର ଫାଟି ଅଜାଡ଼ି ହୋଇପଡୁଛି ଶିଳାଖଣ୍ଡ । ତା'ର ଉଷ୍ଣତାରେ ସେ ଜଳିପୋଡ଼ି ଭସ୍ମ ହୋଇଯାଉଛି ।

ନିଷ୍ଠୁର ବାସ୍ତବତା କ'ଣ ଏମିତି ବେଳେବେଳେ ସାମନା ସାମ୍ନି ହୋଇଯାଏ । ତାକୁ ସହିବାକୁ ହୁଏ । ଆଉ ଏ ବୟସରେ ଭୂମିକଂପରେ ଧସିଯିବା ନୁହେଁ ବରଂ ସ୍ଥିର, ନିର୍ବିକାରତା ଶ୍ରେୟସ୍କର । ସେ ଯଥା ସମ୍ଭବ ପ୍ରକୃତିସ୍ଥ ହେବାକୁ ଚେଷ୍ଟା କରିଥିଲା ଏବଂ କହିଲା—— କୁହ.. ଶୁଣୁଛି ।

—— ତୁମକୁ ଦେଖିଲି କଲେଜ ଷ୍ଟ୍ରିଟ କ୍ରସିଂରେ । ବସ୍‌ରେ ବସିଥିଲି । ଭାବୁଥିଲି ତଡ଼ିତ ବେଗରେ ଓହ୍ଲେଇପଡ଼ି ଯାଇ ତୁମକୁ ଧରି ଆଣିବି । ହେଲେ ସେତେବେଳକୁ ତୁମେ ଦ୍ରୁତ ଅନ୍ତର୍ଦ୍ଧାନ ଆଉ ମୋ ବସ୍‌ଟା ବି ତା' ଗନ୍ତବ୍ୟ ରାସ୍ତାରେ... । ଏମିତି କାହିଁକି ହୁଏ ତାମସ ! ସେଦିନୁ ଭାବିଲି ତୁମେ କ'ଣ ଏଇ ସହରରେ ଅଛ ! ନାଁ ତୁମପରି ଆଉ କାହାକୁ ଦେଖିଲି । ଖୋଜ ନେଲି ତୁମ ବିଷୟରେ । ଫୋନ୍ ନଂ ସଂଗ୍ରହ କଲି । ଠିକ୍ ପାଇଗଲି ନାଁ ?

କ'ଣ କହିବ ତାମସ ! ସତରେ ସେ କାହାକୁ ବା ପାଇଲା ! ସମୟର ଏଇ ଦୀର୍ଘ ପନ୍ଦରବର୍ଷ ପରର ତାମସ ମହାପାତ୍ର ଆଉ ଅତୀତର ସେ କ'ଣ ସମାନ ? ନିଜ ଭିତରର ଜିଜ୍ଞାସାକୁ ଚାପି ଦେଇ ସେ ନୀରବ ରହିଲା । ସେପଟୁ ପଲ୍ଲବୀ ମିଶ୍ରର ଆକୁଳାୟିତ କଣ୍ଠ । ପୁଣି ବେଳେବେଳେ ଇଂଗୀତ ମିଶା ବି ।

——ତୁମେ ଏବେ କେଉଁଠୁ କହୁଛ ?

——କାହିଁ ଘରଦ୍ୱାର ଆମର ନାହିଁକି ?

——କେଉଁଠି ତୁମ ଘର ।

——ଆସିଲେ ସିନା ଦେଖିବ । ଆସ । ଏବେ । ତୁମକୁ ଦେଖିବାକୁ ପ୍ରବଳ ଇଚ୍ଛା । କଣ୍ଠରେ ତା'ର ଦରଦ ଘନ ହୋଇ ଆସୁଥିଲା । ଆକର୍ଷଣ କରିବାର ଭଂଗୀ ପ୍ରକାଶିତ ହୋଇଥିଲା ଠିକ୍ ଅତୀତ ପରି ।

ହେଲେ ତାମସ କାହା ଘରକୁ ଯିବ ? କାହା ପାଖକୁ ? ପଲ୍ଲବୀର ସ୍ୱାମୀ ଆଗରେ ଠିଆ ହେବ ଯେତେବେଳେ ସେ କି ବୁଝି ପାରିବେନି କିଛି । କିଏ ଏଇ ତାମସ୍ ମହାପାତ୍ର । ଯାହାପାଇଁ ତାଙ୍କର ମିସେସ୍‌ଙ୍କ ଆଖିରେ ଆନନ୍ଦର ଫୁଲଝରି ଠିକିରି ପଡୁଛି ! ଆଉ ଗୁମ୍‌ସୁମ୍ ହୋଇ ଠିଆ ହୋଇଛି ସେ । ବା ସାଧାରଣ ଗୋଟାଏ ଫର୍ମାଲ ବ୍ୟବହାରରେ ସୀମିତ ରଖୁଛି ନିଜକୁ !

Digitized by srujanika@gmail.com

—ଏବେ ତ ଯାଇ ପାରିବିନି ।

—ତୁମେ ଆଉ କେଉଁ ଦିନ ଆସିଥିଲ କି ? ମୁଁ କିନ୍ତୁ ତୁମ ପାଖକୁ ଚାଲିଯିବାକୁ ଇଚ୍ଛା କରେ ।

—ମାନେ ?

—ଖୁବ୍ ସରଳ । ତୁମେ ଯାହା କଥା ଭାବୁଛ ସେ ଚଳିଯିବେ ମ । ସବୁବେଳେ ତ ତାଙ୍କର ଅଫିସ୍ ଅଫିସ୍ ହୋଇ ଜୀବନ ବିତିଗଲା । ତାଙ୍କ କଥା ଛାଡ଼ । ତୁମ କଥା ଏଥର କୁହ । ୟୁ ଆର୍ ମାଇଁ ତାମସ୍ । ଓଃ ! ଏଇ ମୁହୂର୍ତ୍ତରେ ତୁମକୁ ଦେଖିବାକୁ ଇଚ୍ଛା । ଆସ । ଡେରି କରନି । ଠିକଣା ଲେଖ । ଫୋନ୍ ନଂ ବି । ଛାଡୁଛି । ଫୋନ୍‌ଟା ପଲ୍ଲବୀ ଛାଡ଼ିଦେବା ପରେ ଠିକଣାଟା ଲେଖି ନଥିଲା କି ଫୋନ୍ ନଂ । ଅବଚେତନ ମନତଳେ ସେ କ'ଣ ତା'ର ଫେରିଆସିବାକୁ ଚାହିଁ ନଥିଲା ।

ତାକୁ ବଡ଼ ନିଥର ଲାଗିଲା । ଝର୍କାର ପରଦା ଠେଲି ସେ ଚାହିଁଲା ଗଂଗାର ବୁକୁକୁ । ସବୁଦିନପରି କଲିକତା ସହରର ଅସଂଖ୍ୟ ଗାଡି, ଅଗଣନ ମଣିଷ ରାସ୍ତାରେ ଚାଲିଥିଲେ । କଲିକତା ସହର । ବଡ ଆଶ୍ଚର୍ଯ୍ୟ ଲାଗେ ତାକୁ । ଭରା ଫୁଲର ସହର, ଭରା ସାହିତ୍ୟର ସହର । କେତେ ଇତିହାସର ପଟ୍ଟଭୂମି ଏଠି ଧୂସର ହୋଇଗଲାଣି, ତଥାପି ସାହିତ୍ୟ ସରେନି ଏଠି, ପ୍ରତିଟି ଧୂଳିକଣାରେ ପ୍ରତିଧ୍ୱନିତ ହେଉଥାଏ ରବୀନ୍ଦ୍ର ସଂଗୀତ । ପ୍ରେମ, ଭାଲୋବାସା, ହୃଦୟର ଦରଦ ଦେଇ ଏଠି ଝରେ କେତେ ଅନୁଭବ, ଆଉ ସିଏ ତା'ଭିତରେ ଗୋଟାଏ ହୋଇ ହଜିଯାଏ । ହଜିଯାଏ ତା'ର ବିଡମ୍ବିତ ଅତୀତ । ପନ୍ଦର ବର୍ଷ କାଳର ପ୍ରବାହରେ ତା' ହୃଦୟର ଭଂଗା, ଗଢାର ଖେଳ ଶେଷକରି ସେ ଧାଇଁ ଥାଏ । ଏଇ ସ୍ରୋତସ୍ୱତୀ ପରି । ପଲ୍ଲବୀ ଶତପଥି ପଡିରହେ ନଦୀଟି ଗତି ବଦଳାଇ ନିଶ୍ଚିହ୍ନ ହୋଇଯାଇଥିବା ଗ୍ରାମପରି ।

ପଲ୍ଲବୀ ଶତପଥି । ଆଜି କାହିଁକି ଆଉ ଅତୀତର ପୁନରାବୃତ୍ତି । ଅତୀତ କି ଠିଆହୋଇପାରେ ସବୁବେଳପାଇଁ ବର୍ତ୍ତମାନ ଉପରେ ? ତୁମେ ଦିନେ ଆସିଥିଲ ନିଜ ଆଡୁ । କେଉଁ ନିପଟ ମଫସଲ ସ୍କୁଲରୁ ପାଶ୍‌କରି ଆସିଥିବା ତାମସ ମହାପାତ୍ର ଆଉ ସହରୀ ଝିଅ ଭିତରେ ଥିଲା ଅନେକ ତଫାତ୍ । ତୁମେ ପୁଣି କ୍ଲାସ ୱାନ ଅଫିସରଙ୍କର ଝିଅ । କନିକା ଲାଇବ୍ରେରୀରେ ତୁମ ସହ ପ୍ରଥମ ଦେଖା । ପାଖାପାଖି ବସି ପଢୁଥିଲ । ହୁଏତ ତୁମେ ଆମ ପ୍ରାକ୍ଟିକାଲ ଗ୍ରୁପ୍‌ରେ ଥିଲ । ଚିହ୍ନିଥିଲ । ପଚାରିଥିଲତୁମ ନାଁଆ ତାମସ ମହାପାତ୍ର ! ମୁଁ ମୁଣ୍ଡ ତଳକୁ ପୋତି ପଢୁଥିବା ଅବସ୍ଥାରେ କିଛି ଶୁଣି ତୁମକୁ ଚାହିଁଲି । ଚିହ୍ନାଚିହ୍ନା ଲାଗୁଥିଲା । ମୋର ବୋକାବୋକା ଚିହ୍ନିବା ଭଂଗୀରେ ତୁମର ଅଫୁରନ୍ତ ହସ ଝରି ପଡୁଥିଲା । "ମୁଁ ପଲ୍ଲବୀ ଶତପଥି । ତୁମ ଟୁ୍ୟଟୋରିଆଲ ଗ୍ରୁପର । ଆଜି ଫାଷ୍ଟ ଟରମିନାଲ ରେଜଲଟ୍ ବାହାରିଲା । ତୁମେ ଓଡିଆରେ ଛ' ପାଇଛ ଦଶରୁ । ମାଥସ୍‌ରେ ଦଶରୁ ଦଶ । ଓଡିଆ ପ୍ରଫେସରଙ୍କ ହାତରୁ ଷିକ୍ସଟି ପରସେଣ୍ଟ କିଛି କମ୍ ନୁହେଁ ।"

ସେ କିଛି ବୁଝିପାରିନଥିଲା । ବୋକାପରି ଚାହିଁ ରହିଥିଲା ପଲ୍ଲବୀକୁ । ପଲ୍ଲବୀ ଯେ ତାକୁ ଚିହ୍ନେ, ତା' ସେ ଭାବି ପାରିଲାନି ।

Digitized by srujanika@gmail.com

— ତମେ ତ କ୍ଲାସକୁ ଆସୁନା । କେମିତି ଜାଣିବ । ଏମିତି ଆବସେଣ୍ଟ ରହିଲେ ପରସେନ୍‌ଟେଜ୍ ସଟ୍ ହୋଇଯିବ । ପରୀକ୍ଷା ଦେଇପାରିବନି ଯେ !

ତା'ର ସେହି ଇନୋସେଣ୍ଟ କଥା ତାକୁ ଖୁବ୍ ଭଲ ଲାଗିଥିଲା । ସେ ଚାହିଁ ରହିଥିଲା ତା'ର ସରଳ, ଅନାବିଳ, ମୁହଁକୁ । ପ୍ରଥମ ଯୌବନ । ବସନ୍ତର ଛୁଆଁପାଇ କଅଁଳି ଆସୁଥିବା ଈଷତ୍ ଶାଗୁଆ ପତ୍ରପରି ମୁଲାୟମ । ଗଭୀର କଳାକଳା ଡୋଳା ଯୋଡାଏ । ଟାଣିଲା ଟାଣିଲା ଭ୍ରୁ । ନରମ ଓଠ । ଦୁଇଟା ବେଣୀ ଅବା ଝୁଲି ପଡିଥିଲା କେଉଁ ଅଙ୍କାବଙ୍କା ନଦୀପରି ପାହାଡ଼ି ଉପତ୍ୟକାରେ । ହଠାତ୍ ଓଠଟା କାମୁଡ଼ି ପକାଇଥିଲା ସେ ଗୋଟାଏ ଅପୂର୍ବ ରୋମାଂଚରେ । ଅବା ବହିଗଲା ଦମକାଏ ଦକ୍ଷିଣା ହାୱା ତା' ମନର ରୁଦ୍ଧଦ୍ୱାର ଖୋଲି । ସେ ତଳକୁ ମୁହଁ ପୋତିଦେଲା । ସେଦିନୁ କେଉଁଠି ଲାଗିଗଲା ସେହି ଟଣାଟଣା ଆଖି ଦୁଇଟା ତା' ଛାତିତଳେ ସେ ବୁଝିପାରିନଥିଲା ।

ସେଦିନୁ ସେ ପଲ୍ଲବୀକୁ ଦେଖେ । କ୍ଲାସରୁମ୍‌ରୁ ଉଠିଯାଉଥିବା ବେଳେ, ଛାତିରେ ବହି ଜାକି ସଂଗମାନଙ୍କ ସାଂଗରେ ଦୂରରୁ ହସିହସି ଆସୁଥିବା ବେଳେ । କେବେକେମିତି ଆଖିରେ ଆଖି ମିଶାଇ ଅନେକ କଥା କୁହେ ସେ । ଯେମିତି ଲାଗେ ଆନନ୍ଦର କେଉଁ ଧାରା ତା' ଭିତରେ ଭିତରେ ବହିଯାଉଛି ଆଉ ସେ କେଉଁ ପରୀ ରାଇଜର ରାଜକନ୍ୟାପରି ନିର୍ଜନ ବନଭୂମିର ସୁଶୀତଳ ଝର୍ଣାରେ ଅବଗାହନ କରୁଛି । ଲୁଚି ଲୁଚି ଦୂରରୁ ସେ ତାକୁ ଦେଖୁଛି ।

ସତକୁ ସତ ପରୀ ରାଇଜର ରାଜକନ୍ୟାପରି ପଲ୍ଲବୀ ଶତପଥି ଦିନେ ଶାଢୀ ପିଂଧି କ୍ଲାସକୁ ଆସିଲା । ପୂର୍ଣ୍ଣ ଯୌବନବତୀ ନାରୀ, ଅପରୂପ ସୌନ୍ଦର୍ଯ୍ୟରେ ଅବା ଝଲସାଇ ଦେଉଛି ମହୀମଣ୍ଡଳ । ସେ ଯେମିତି ସାମାନ୍ୟ ସ୍ଥାବର, ନର । କିନ୍ତୁ ସେଦିନ ଘଟିଗଲା ଗୋଟାଏ ଅଚାନକ ଘଟଣା/ଦୁର୍ଘଟଣା । ସଲଫ୍ୟୁରିକ ଏସିଡ୍ ଢାଳି ହୋଇଗଲା ତା'ର ଶାଢୀ ଉପରେ । ଡକ୍ଟର ମହେନ୍ଦ୍ର ରାଉତଙ୍କ ସାରାଟା କ୍ଲାସରେ ଅନର୍ଗଳ ବକ୍ତୃତାଥିଲା କେମିଷ୍ଟ୍ରୀ କ୍ଲାସରେ ଝିଅମାନଙ୍କ ଶାଢୀ ପିଂଧିବା ଆଉ ହୁସିଆର କାମ କରିବା ଉପରେ । ଯଦିଓ ସେ ତାର ନାଆଁ ଉଚ୍ଚାରଣ କରିନଥିଲେ, ତଥାପି ପିଲାମାନେ ବୁଝି ନେଇଥିଲେ କାହାକୁ ଉପଲକ୍ଷ୍ୟକରି ତାଙ୍କର ବକ୍ତବ୍ୟ । ସେଦିନ ଯେମିତି କାଠଗଡାର ଆସାମୀପରି ତା'ର ଅବସ୍ଥା । ଡକ୍ଟର ରାଉତଙ୍କ କ୍ଲାସରେ ଗୋଟାଏ ସାଧା ପେପରରେ ଉପସ୍ଥିତ ପିଲା ଦସ୍ତଖତ କରନ୍ତି ଆଟେଣ୍ଡାନ୍‌ସର ପ୍ରତୀକ ଭାବେ । ସେଇଟାବି ଦେଇନଥିଲେ ସେ । ଗୋଟିଏ ଚାପଟର ପଢ଼ାଇବା ଆଗରୁ ସେ ବିଷୟରେ ପ୍ରଶ୍ନ ପଚାରି ପଚାରି ସେ ବୁଝାନ୍ତି, କାହା ଭାଗରେ ପ୍ରଶ୍ନଟି ପଡିବ ସେଥିପାଇଁ ଭୟରେ ସମସ୍ତେ ବସି ରୁହନ୍ତି । ତା' ବି ପଚାରି ନଥିଲେ । ଏସବୁ ଭିତରେ ଯେ ଅସଲ ଆସାମୀ କିଏ ତା' ବୁଝି ନେଇଥିଲା ତାମସ । ତଳକୁ ମୁହଁ ପୋତି ସେ ବସି ରହିଥିଲା ଆଉ ଘଡି ଦେଖୁଥିଲା ଘନଘନ କେତେବେଳେ କ୍ଲାସ ସରିବ । ପ୍ରାକ୍‌ଟିକାଲ କ୍ଲାସରେ ସେଦିନ ଶାଢୀ ପିଂଧି ପଲ୍ଲବୀ ଖୁବ୍ ଅନ୍ୟମନସ୍କ ଲାଗୁଥିଲା । ତା'ର ଖୋଜିଲା ଖୋଜିଲା ଆଖି ଥିଲା ତାମସ ଉପରେ ।

Digitized by srujanika@gmail.com

ଆଖିରେ ଆଖି ମିଶିବା ଆଗରୁ ତା'ହାତରୁ ଖସି ପଡିଥିଲା ଏସିଡ୍ ବୋତଲ । ଭାଗ୍ୟକୁ କଟନ୍ ଶାଢ଼ୀ ପିଂଧିଥିଲା ଆଉ ବିଶେଷ କିଛି ଅଘଟଣ ଘଟିନଥିଲା ।

ପଚାରିବାରେ ପଲ୍ଲବୀ ହସି ଦେଇଥିଲା ଯେମିତି କି ସେମିତି କିଛି ଘଟିନାହିଁ । ସେ କିନ୍ତୁ ଖୁବ୍ ବ୍ୟସ୍ତ ହୋଇପଡିଥିଲା ଆଉ ଶାଢୀ ପିଂଧି ଆସିବା ଦରକାର ନାହିଁ ବୋଲି ଜୋର ଦେଇ କହିଥିଲା ।

ପଲ୍ଲବୀର ସେହି ନିର୍ଲିପ୍ତ ହସ । ଫାଙ୍କା ମୁହଁ । ''କ'ଣ କରିବି ଆଉ ! ମନହେଲା ।'' କହି ଶୀଘ୍ର ଶୀଘ୍ର ଚାଲିଯାଇଥିଲା ବଟାନି ଡିପାର୍ଟମେଣ୍ଟର ଲନ୍ ଭିତରକୁ ।

ଘଟଣାଟି ଘଟିବାର ପୂର୍ବ ଦିନ ପଲ୍ଲବୀ କଲେଜରୁ ଫେରିବାପରେ ଦେଖିଥିଲା ଘର ଶୂନଶାନ । ବାପା, ମା' କଟକ ବାହାରକୁ ଯାଇଛନ୍ତି । ଭାଇ ବି ନାହାଁନ୍ତି । ଚାକର ଟୋକାଟା ତା' ଆସିବା ପରେ ପରେ ମୌକା ପାଇ ବହାରିଗଲା । ଅପୂର୍ବ ଶୂନ୍ୟତା ଘର ଭିତରେ । ଥମଥମ ନିର୍ଜନତା । ଏ ନିର୍ଜନତା ଗୁଡାକ ବଡ ଶୂନ୍ୟତା ଆଣିଦିଏ । ଛାଟିପିଟି ଥୋଇଦିଏ ମଣିଷର ଅବିକଳ ସତ୍ତାକୁ । ପ୍ରକାଶିତ କରିଦିଏ ତା'ର ନଗ୍ନ ସତ୍ୟରୂପ । ଭରିଦିଏ ମନରେ ମିଳନର ଆକାଂକ୍ଷା । ଅବଦମିତ ସତ୍ତା ସବୁ ମୁକୁଳିତ ହୋଇଯାଏ ପାହାନ୍ତି ପହରର ଫୁଲପରି । ସେମିତି ଗୋଟାଏ ପରିବେଶରେ ସେ ବାହାର କରିଥିଲା ମା'ଙ୍କ ଶାଢୀ । ନାହିଥିଲା ଚୁଡି, ଅଳଙ୍କାର । ଆଇନା ସାମନାରେ ଠିଆହୋଇ ଦେଖିଥିଲା ତା'ର ସତର ବର୍ଷର ପୂର୍ଣ୍ଣ ନାରୀସତ୍ତା । ନିଜର ସୌନ୍ଦର୍ଯ୍ୟରେ ସେ ମୁଗ୍ଧ ହୋଇ ପଡ଼ିଥିଲା । ତା'ର ଆର୍ଦ୍ର ଓଠ, ପ୍ରତୀକ୍ଷିତ ଆଖିର ଅସୁମାରୀ ସ୍ୱପ୍ନର କ୍ଷିତ, ଉଦ୍ଦାମ ଛାତି ସବୁମିଶି ତାକୁ କବଳିତ କରୁଥିଲେ । ଲାଗିଥିଲା କେହି ଗୋଟାଏ ସୁଠାମ, ସୁନ୍ଦର, ସୁପୁରୁଷ ତା' ଆଡକୁ ନିର୍ନିମେଷ ଆଖିରେ ଚାହିଁଛି । ତା'ର ପ୍ରସାରିତ ବାହୁ । ହୃଦୟର ଅନୁରାଗ ଯେମିତି ଚିରଦିନ ତାକୁ ବଂଧନରେ ମଗ୍ନ କରିଦେବ ! ସେହି ସମୟରେ ମନେ ପଡିଥିଲା ତାମସର ମୁହଁ । ଦୀର୍ଘାଂଗ । ଗୋରା ତକ୍‌ତକ୍ । ସରଳ, ନିରୀହ ! ବେଶ ପୋଷାକ ଦାମୀ ନୁହେଁ, କିନ୍ତୁ ଆଖି ଦୁଇଟା କି ପ୍ରଜ୍ଞାଶୀଳ । ପୁଣି ଅନେକ ସ୍ୱପ୍ନରେ ନିମଜ୍ଜିତ । ସେ ଓଠର ଭାଷା ନି ନରମ । ଅବା କବିତାର ପଂକ୍ତି ଝରିପଡୁଛି । ଅଥଚ ଲାଜୁଆ ସ୍ୱଭାବର । କିଛି ନ କହିଲେ ବି ସେ ଆକର୍ଷିତ ହୋଇଯାଉଛି । ତା'ପର ଦିନ ମଧ୍ୟରେ ମୁକ୍ତି ପାଇପାରିନଥିଲା ସେହି ପରିପୂର୍ଣ୍ଣ ନାରୀ ସତ୍ତାରୁ । ଆଉ ଶାଢୀ ପିନ୍ଧି ଚାଲିଯାଇଥିଲା କ୍ଲାସକୁ । ତାମସର ଆଖିରେ ଆଖି ମିଶାଇବା ଆଗରୁ ଘଟିଯାଇଥିଲା ଏଇ ଘଟଣାଟି ।

ତାମସ ଖୁବ୍ ବ୍ୟଥିତଥିଲା ସେଥିପାଇଁ । ଆଉ ଏମିତି ଅସତର୍କ ଯେପରି ନ ହୁଅ— କହିଥିଲା ।

ପଲ୍ଲବୀକୁ ସେ କେଉଁ ଅଧିକାରରେ ଏମିତି ଜୋରକରି କହିପାରିଥିଲା । କି ଅଧିକାର ବା ଥିଲା ସେ ଶାଢୀ ପିଂଧୁ କି ଚୁଡିଦାର ପଂଜାବୀ । ସେଦିନ ଖୁବ୍ ଆଶ୍ଚର୍ଯ୍ୟ ହୋଇ ପଲ୍ଲବୀ ଚାହିଁଥିଲା ତା' ମୁହଁକୁ ସ୍ନେହରେ । ତୁମେ ପୁଣି ଏତେ ଜୋରଦେଇ କଥା କହିପାର ?

—ଓଃ ! ଆଜି ଯଦି କିଛି ହୋଇଯାଇଥାନ୍ତା ? କହିବିନି ?

Digitized by srujanika@gmail.com

ସେଦିନ ରାତିରେ ସେ ଆଦୌ ଶୋଇପାରିନଥିଲା । ପଢି ପାରିନଥିଲା । ଡକ୍ଟର ରାଉତଙ୍କ କ୍ଲାସର ସ୍ତବ୍ଧତା ତାକୁ ଘେରି ରହିଥିଲା । ବାରମ୍ବାର ପଲ୍ଲବୀକୁ ଦେଖିବାକୁ ଇଛା ହୋଇଥିଲା । ତା' ଛାତିତଳେ ଏତେ ଦରଦ କେଉଁଠୁ ଆସିଲା ବୁଝିପାରିଲାନି । ହୃଦୟର କଂଚାମାଟିରେ ସେଦିନ କ'ଣ ପ୍ରେମର ପ୍ରଥମ ଅଙ୍କୁରୋଦଗମ୍ ହୋଇଥିଲା । ସାରା ରାତି ଅନିଦ୍ରାରେ କଟିଯାଇଥିଲା । ମଧୁର କେଉଁ ଅନୁଭବର ଶୀତଳ ସ୍ପର୍ଶ ତାକୁ ଛୁଇଁ ଯାଇଥିଲା ଏଇ ପ୍ରବାହମାନ ଗଂଗାପରି । ମନେହୋଇଥିଲା ଖୁବ୍ ସ୍ୱର୍ଗୀୟ ସେ ଉତ୍ସ ।

ତା' ପରଠାରୁ ଅନେକ ସମୟରେ ଅଧୀର ଆବେଗରେ ପଲ୍ଲବୀ ପାଇଁ ତା'ର ଅପେକ୍ଷା । କେବେ ଯୋବ୍ରା ଆନିକଟ ପାଖରେ ବସିଛନ୍ତି । ଦେଖିଛନ୍ତି ପାଣିର ଭୀମକାନ୍ତ ଦୃଶ୍ୟ । କେବେ କେବେ କଲେଜ ପଡିଆକୁ ପାରିହୋଇଛନ୍ତି ଗପିଗପି ଧୀରେଧୀରେ । କେତେ ରୌଦ୍ର ଛାୟାରେ, ପୂର୍ଣ୍ଣିମା ରାତିରେ, ଭୋର ପବନରେ ତା' ରାସ୍ତାକୁ ଚାହିଁ ବସିବାର ଆବେଗ । ଗୀତ ସ୍କୁଲଯାଏ ସମୟେ ସମୟେ ଯାଇଛି । ମନଖୋଲା ଗପଟିକିଏ ପାଇଁ କି ବ୍ୟଗ୍ରତା ।

ଦିନେ କିନ୍ତୁ ଅତ୍ୟଧିକ ସାହାସିକ ପଦକ୍ଷେପ ନେଇ ପଲ୍ଲବୀ କହିଲା- ଚାଲ ସିନେମା ଯିବା । ବଡ ଆଶ୍ଚର୍ଯ୍ୟ । କନଜରଭେଟିଭ ବାପା, ମା'ଙ୍କ କଠୋର ନିଗଡରୁ ମୁକ୍ତିହେବା ପଲ୍ଲବୀ ଶତପଥି ପାଇଁ ଦୂରନ୍ତ ସ୍ୱପ୍ନଟିଏ । ସେ ପୁଣି ସାହାସ ସହକାରେ ବାହାରି ପଡିଲା, ସିନେମା । ଘରେ ମିଛକଥା କହି ଆସିଥିଲା —ଲେଡିଜ ହଷ୍ଟେଲରେ ଥିବା ସାଂଗ ପାଖକୁ ଯାଉଛି । ଏମତି କେମତି ମିଛକଥା କହିବା ଶିଖେଇ ଦେଇଥିଲା ଭଲପାଇବା, କେମିତି ଏତେ ଉଦ୍‌ଭ୍ରାନ୍ତ କରିଦେଇଥିଲା ଏ ଭଲପାଇବା । ବଡ ଆଚମ୍ବିତ । ସେଦିନ ସିନେମା ହଲର ସେହି ଅଂଧାର ଗୃହରେ ସେ ଢଳି ପଡିଥିଲା ତା'କଂାଧ ଉପରକୁ । କହିଥିଲା —ତୁମେ ଶୀଘ୍ର ଚାକିରି ପାଇଲ, ମୁଁ ତୁମ ପାଖକୁ ଚାଲିଯିବି ।

ସେଦିନ ସେ ଅବା ଖୁସିରେ ପାଗଳ ହୋଇଯିବ । ରାତିରେ ଫେରିଆସି କେତେ କଳ୍ପନାରେ ସେ ବିଭୋରଥିଲା । ସ୍ୱପ୍ନ ଦେଖିଥିଲା ପଲ୍ଲବୀକୁ । ଗୋଧୂଳି ରଂଗର ଶାଢୀ ପିଂଧିଛି । ମୁଣ୍ଡରେ ଚନ୍ଦନର ଟିପା । ନବବଧୂର ବେଶରେ ସେ ବସିଛି ଖଟ ଉପରେ ପ୍ରତୀକ୍ଷାମାଣ ହୋଇ । ଅଥଚ ଜୀବନର ଚରମ ବାସ୍ତବତା ଆସିବା ଆଗରୁ ସ୍ୱପ୍ନ ହିଁ ସବୁ ଏମିତି ଦୂରେଇଯାଏ । କୁହେଳି ପରି ଲୀନ ହୋଇଯାଏ । ନବବଧୂର ବେଶରେ କେହି ଆସେ ନାହିଁ । ଜନ୍ମ-ଜନ୍ମାନ୍ତରର ପାଇବାର କଳ୍ପନା ସବୁ ଗୁଣ୍ଡ ହୋଇଯାଏ କ୍ରସର ମେସିନରେ ପଶିବାପରି । ଆତ୍ମ-ବିଶ୍ୱାସ, ଦମ୍ଭ ପାହାଡପରି ଦିଶୁଥିଲେ ବି ତା' ତଳେ କେଉଁଠି ଡିନାମାଇଟ୍ ଲାଗି ଯାଇଥାଏ । ହଠାତ୍ ବିସ୍ଫୋରଣ ଘଟେ । ସ୍ୱପ୍ନକୁ ସାଉଁଟି ହୁଏନି ଆଉ । ଡହଳ ବିକଳ ହୋଇ ହାତ ବଢାଇଲେ ବି ଆଖିରୁ ଲୁହ ଝାରି ହୁଏନି । ବଡ ଫଗୁ, ଅସହାୟ ଅବସ୍ଥା ହୋଇ ପ୍ରତ୍ୟକ୍ଷ କରିବାକୁ ହୁଏ ଏ ସବୁକୁ ।

ବି:ଏସ: ସି ପରୀକ୍ଷାପରେ ଝିଅର ବୟସ ଏକୋଇଶ ହୋଇ ଯାଉଛି କହି ମିଜାଜୀ, କ୍ଲାସ ୱାନ ଅଫିସର ପିତା ପଲ୍ଲବୀର ବାହାଘର ଠିକ୍ କରିଦେଲେ । ଆହୁରି ପଢିବି କହି କାନ୍ଦିଥିଲେ ବି କିଛି ଶୁଣିନଥିଲେ ସେ । ଭୀଷଣ ଜିଦ୍‌ଖୋର, ରକ୍ଷଣଶୀଳ,

Digitized by srujanika@gmail.com

ବାପା ତା'ର । କହିଲେ - ବାହାଘର ହେଲାପରେ ବି ଢଣେ ପଢିପାରିବ । ତା'ର ଅନୁନୟ ଉଡିଯାଇଥିଲା ଶୁଖିଲା ପତ୍ରପରି ପ୍ରବଳ ହାଓ୍ୱାରେ । ଏ ସମୟରେ ସିଭିଲ ସରଭ୍ୟାଣ୍ଟିଏ ପାଇବା ଏତେ ସହଜ ନୁହେଁ । ପୁଣି ସରଳ ପିଲାଟିଏ । ମଦ ଖାଏ ନାହିଁ କି ସିଗାରେଟ୍ । ଆଉ ଅପେକ୍ଷା କଲେ ସୁଯୋଗ ହାତଛଡା ହୋଇଯିବ ।

ତଥାପି ପଲ୍ଲବୀ ଜିଦ୍ ଧରିଲା ବାହା ନ ହେବାକୁ । ଚିଠି ଲେଖିଥିଲା ତାମସକୁ । ପରୀକ୍ଷାପରେ ଗାଁକୁ ଚାଲି ଯାଇଥିଲା ତାମସ । ଥରେ ମାତ୍ର ଆସି ଦେଖା କରିବାକୁ କି ଆକୁଳ ଅନୁରୋଧ ତା'ର । "ମୋତେ ତୁମେ ନେଇଯାଅ ତାମସ । ଏ ଘରର ଦୁର୍ଭେଦ୍ୟ ପ୍ରାଚୀରରୁ ମୋତେ ମୁକ୍ତି ଦିଅ । ଯେଉଁଠି ମୋର ମାନସିକ ସ୍ୱାଧୀନତା ନାହିଁ । ଜାତି,ପଦବୀର ଗର୍ବରେ ସମସ୍ତେ ଅଂଧ । ଏଇ ପନ୍ଦରଦିନ ଭିତରେ ନ ଆସିଲେ ଆଉ ଦେଖା ହୋଇପାରିବନି ।

ଚିଠି ପାଇ ତାମସ ହତଭମ୍ବ ହୋଇପଡିଥିଲା । ଧୂ....ଧୂ ଖରାବେଳ । ଗାଁ ଶେଷମୁଣ୍ଡ ଶ୍ମଶାନ ପାଖରେ ବସିଥିଲା । ଦୂରଗତ ପକ୍ଷୀର ବିଳାପ ତା'ର କାନ୍ଦଣାକୁ ଆହୁରି କରୁଣ କରି ତୋଳିଥିଲା । ବାଉଁଶବୁଦାର କଡକଡ ଶବ୍ଦ ନିଃସହାୟ, ନିଃସଂଗ ମନେହୋଇଥିଲା ।

ଏତେ ହଠାତ୍ ପଲ୍ଲବୀ ଚାଲିଯିବ ଆଉ ତା' ଜୀବନ ଶୂନ୍ୟ ହୋଇଯିବ ? ସେ ଆଦୌ ପ୍ରକୃତିସ୍ଥ ହୋଇ ରହିପାରୁନଥିଲା । ସାରା ରାତି ଲୁହ ଗଡାଇ ସକାଳକୁ ଆଖି ଫୁଲିଯାଇଥିବାର ସେ ଦେଖୁଥିଲା । କ'ଣ କରାଯାଇପାରେ ? ନିମ୍ନମଧ୍ୟବିତ୍ତ ଶ୍ରେଣୀର ସନ୍ତାନ ସେ । ତା' ଉପରେ ପରିବାରର ଆଶା ଭରସା । ବାପା ସ୍କୁଲ ମାଷ୍ଟର । ଆହୁରି ଅନେକ ରାସ୍ତା ବାକି । ପାଠସାରି ଚାକିରି ପାଇବାଯାଏ । ଅନ୍ତତଃ ଏମ:ବି:ଏ ଚାର୍ଟାର୍ଡ ଆକାଉଣ୍ଟାନସି କରିବାକୁ ତା'ର ଇଛା । ସବୁ ସରିବା ଯାଏ ପଲ୍ଲବୀର ବାପା-ରୁକ୍ଷ,ଟାଂଗର, ରକ୍ଷଣଶୀଳ ପ୍ରକୃତିର ଯିଏ, ତାକୁ କଦାପି ରଖିବେ ନାହିଁ, ସେ ତା' ଜାଣେ । ଆଉ ପଲ୍ଲବୀର କଳ୍ପନାର ପକ୍ଷୀରାଜ ଘୋଡା ଝପଟାଇ ରାତାରାତି ନେଇ ଚାଲି ଆସି ପାରିବ, ସେ ଦୁର୍ବାର ସାହାସ ତା'ର ଅଛି । କିନ୍ତୁ ତା'ର ଉଜ୍ଜ୍ୱଳ ଭବିଷ୍ୟତ, ଆଲାଏଡ୍ ଅଫିସର ବର, ଏସବୁକୁ ତ୍ୟାଗ କରି ଅନିଶ୍ଚିତ ଭବିଷ୍ୟତ ହାତରେ କ୍ରୀଡନକ ହୋଇ ରହିଥିବା ପୁରୁଷଟି କି ଉପକାରରେ ଲାଗିପାରିବ । ଯାଉ ପଲ୍ଲବୀ । ତା ହୃଦୟର ପଲ୍ଲବରେ ସେମିତି ଦକ୍ଷିଣ ହାଓ୍ୱା ଲାଗି ଥରଥର କଂପୁ ଥାଉ, ଅନୁଭବରେ ନିବିଡ ହୋଇବଂଚିଥାଉ । ହେଲେ ପଲ୍ଲବୀର ଆର୍ତ୍ତ ଗୋଟାଏ ଧାଡି —ତୁମେ ଯଦି ମୋତେ ନ ନିଅ,ସତ କହୁଛି ଯେଉଁଠି କି ଗଲେ ବି, ଯେତେ ସନ୍ତାନର ଜନନୀ ହେଲେ ବି, ତୁମ ପାଖକୁ ମୁଁ ପଳାଇ ଆସିବି ।

ସତରେ କ'ଣ ତା' ସମ୍ଭବ ଆଉ ? ଇଏ କି ପାଗଳାମି ? ଯିଏ ଯାଏ, ସେ କ'ଣ ଆଉ ଫେରିପାରେ ? ପୁଣି ଆମ ସଂସ୍କୃତିରେ ? ଏସବୁ ଭାବପ୍ରବଣତାର କଥା । ତାମସ କିଛି ବୁଝିପାରୁନଥିଲା । ନୀରବରେ ଲୁହ ଢାଳିବା ଛଡ଼ା ଆଉ କିଛି କରିପାରିନଥିଲା ସେ ।

Digitized by srujanika@gmail.com

ହେଲେ ଅହରହ ସେ ଚମକି ପଡେ । କେଉଁଠି ବାହାଘରର ସା'ନାଇର ଶବ୍ଦରେ ଛାତି ତାର ଥରିଯାଏ । ଏକାକୀତ୍ୱ ତାର ସର୍ବାଙ୍ଗରେ ଛାଇଯାଏ । ସେ ଉଦାସ ହୋଇପଡେ । ଜୀବନ ଯେ ଆରମ୍ଭରୁ ଏମିତି ଭାଂଗିଯାଏ, ପିଷ୍ଟ ହୋଇଯାଏ ନିର୍ମମ ବାସ୍ତବତାରେ, ସ୍ୱପ୍ନ ପ୍ରବଣ, ଦରଦୀ ମନଟିଏ ତା'ର ବୁଝେନା ।

ପଲ୍ଲବୀ ଚାଲିଯାଇଥାଏ । କେଉଁଠି କି କେଜାଣି ? ସେ କେବେ କଟକ ସହର ଛାଡି କୁଆଡେ ଯାଇନଥାଏ । ସେ ଶୁଣେ ଆଜି ନାଗପୁରରେ ତ କାଲି ବିଳାସପୁରରେ, କାଲି ବର୍ଣ୍ଣପୁରରେ ତ ଆଜି ଚକ୍ରଧରପୁରରେ ।

କଳ୍ପନାରେ ଦେଖେ ପଲ୍ଲବୀ କେମିତି ବନ୍ଦୀହୋଇ ଯାଇଛି କେଉଁଠି । ତା' ମୁଣ୍ଡରେ ସିନ୍ଦୂରର ଗାର, ତା'ର ସ୍ୱପ୍ନିଳ ଆଖି, ଲୁହ ଭିଜା ନରମ ଓଠ, କେମିତି ଲାଗୁଥିବ ? ସେ କ'ଣ ସଂପୂର୍ଣ୍ଣ ସମର୍ପଣରେ ନିଜକୁ ହଜାଇ ଦେଇଥିବ ? କେଜାଣି କେମିତି ଥିବ ତା'ର ମନ ? କାହିଁ ଚିଠିପତ୍ର ତ ନାହିଁ । ଖବର ବି ସେ କିଛି ଜାଣେନା ।

ହଠାତ୍ ପଲ୍ଲବୀ ଦିନେ ଦେଖା ହୋଇଥିଲା ବାଣୀ ବିହାରରେ । ଟାଉନ୍‌ବସରୁ ଓହ୍ଲାଇ ଚାଲିଚାଲି ଆସୁଥିଲା । ଅପ୍ରତ୍ୟାଶିତ ଭାବରେ ଜୀବନର ସ୍ୱପ୍ନମୟ ଜଗତଟି ଏମିତି ନିଷ୍ଠୁର ବାସ୍ତବତା ରୂପରେ ଦେଖାଦିଏ । ସେତେବେଳେ କ'ଣ ଭାବିପାରିବ ମଣିଷଟି ? ନାଁ ଭାଗ୍ୟର ବିଦ୍ରୁପରେ ଲୁହ ଢାଳିବ ନାଁ ମୁହଁ ଫେରାଇନେବ ନିୟତିରୁ । କିଛି ବି ପାରେନା । ଖାଲି ଅବାକ୍ ହୁଏ ।

ପଲ୍ଲବୀ କାନ୍ଦିଲା କି ହସିଲା ନାହିଁ । ସସ୍ନେହେ ଚାହିଁ ରହିଲା ତାକୁ । ମୁହଁରେ ତା'ର ଉଦାସୀନତା ନଥିଲା । ଅବଶ୍ୟ ତା' ମନର ଅତଳାନ୍ତରେ ଯେ କି ଦୁଃଖ ଥାଇପାରେ ତା' ମୁହଁ ଦେଖି ବୁଝି ହୁଏନି । ଲାଗୁଥିଲା ଖୁବ୍ ନର୍ମାଲ । ଘର ସଂସାରୀ ମଣିଷପରି ମାଚ୍ୟୁରଅଡ । କହିଗଲା— ଏବେ କିଛି ଦିନ ମୁଁ ଘରେ ରହୁଛି । ଆସିବ ନିଃଶ୍ଚୟ । ଘରକୁ ଡାକିବାରେ ଆଉ ଦ୍ୱିଧା ନଥିଲା ତା'ର ।

ତାଙ୍କ ପରିବାର ଭୁବନେଶ୍ୱରରେ ରହୁଥିଲେ । ପଲ୍ଲବୀର ବାହାଘର ତିନିବର୍ଷ ହୋଇଯାଇଥିଲା । କଣ ମନେକରି ସେ ଯାଇଥିଲା ପଲ୍ଲବୀ ଘରକୁ । ବଡ ଅଜବ ଲାଗୁଥିଲା ପରିବେଶ । ବଡ କ୍ୱାଟର । ଦୁଇପଟେ ଲନ୍ । ମଝିରେ ରାସ୍ତା । ଲନ୍ ମଝିରେ ରାଭେନେଲା ଗଛଟି କଦଳୀପତ୍ର ସଦୃଶ ବାହୁମେଲି ଠିଆ ହୋଇଥିଲା । ଛୋଟଛୋଟ ଫୁଲଗଛ ହସୁଥିଲେ ତୀବ୍ର ଖରାର ଦହନରେ ବି । ଘରର ଦର୍ଜା ମେଲା । ସେ ଦେଖିନେଇଥିଲା ପଲ୍ଲବୀକୁ ଝର୍କା ଦେଇ । ଘରେ କେହି କୁଆଡେ ନାହିଁ । ସେ ପଲ୍ଲବୀ ବସିଥିବା ଘରକୁ ଯାଇ ତା' ଚେୟାର ପଛରେ ଠିଆ ହୋଇଥିଲା । କ'ଣ ଗୋଟାଏ ଲେଖିବାରେ ସେ ମଗ୍ନଥିଲା । ବଡ ଫର୍ଦ୍ଦର ଚିଠି । ତା'ର ସ୍ୱାମୀ ପାଖକୁ । ତା' ଆଖିରେ ପଡିଗଲା ସମ୍ବୋଧନରେ ''ମାଇଁ ଡିଅରେଷ୍ଟ... ।''

ଏଇ ସମ୍ବୋଧନରେ ସେ ଦୋହଲି ଯାଇଥିଲା । ଏମିତି କେହି ବ୍ୟକ୍ତି ଅଛି ସେ ପୁଣି ସବୁଠାରୁ ବଳି ପ୍ରିୟତମ ତା'ର । କ୍ଷଣିକେ ଥରିଯାଇଥିଲା ତା'ର ଏତେ ଦିନର ସଂଚିତ ଭଲପାଇବାର ମୂଳଦୁଆ । ଯେମିତି କି ଏଇ ମୁହୂର୍ତ୍ତରେ ତା'ର ଅଟଳ ବିଶ୍ୱାସ, ପ୍ରତୀକ୍ଷା, ସବୁ ଖଣ୍ଡଖଣ୍ଡ ହୋଇ ଧସିଯିବ । ମାଟିରେ ମିଶିଯିବ ।

Digitized by srujanika@gmail.com

ସେ ଖୁବ୍ ସନ୍ତର୍ପଣରେ ବାହାରି ଆସି ରାସ୍ତା ଉପରକୁ ଉଠିଲା । ବୈଶାଖ ମାସର ସେହି ଖରାରେ ପ୍ରବଳ ପବନରେ ଧୂଳିସବୁ ଉଡି ଚାଲିଥିଲା । କୃଷ୍ଣଚୂଡାର ଲାଲ ପାଖୁଡାରୁ ଯେମିତି କ୍ଷରଣ ହେଉଥିଲା ଟୋପାଟୋପା ରକ୍ତ । ତା' ହୃଦୟ ଫାଟି ରକ୍ତ ଝରିଲାପରି । ତା'ର ଦୁଇପାଦ ବଡ଼ ଅବଶ, ଶରୀର ଅନେକ କ୍ଳାନ୍ତ ଲାଗୁଥିଲା । ସେ ନିଜର ଅନ୍ୟମନସ୍କତାରେ ଝୁଣ୍ଟି ପଡୁପଡୁ ରହିଯାଇଥିଲା କେମିତି କେଜାଣି । ବୟସ୍କ ଲୋକଜଣେ ତା'ର ଏପ୍ରକାର ଖାପଛଡା ଚାଲିଚଳଣରେ ଚାହିଁ ଥିଲେ ଆଶ୍ଚର୍ଯ୍ୟ ଆଖିରେ । କହିଥିଲେ- ରାସ୍ତା ବଡ କଂକରିତ । ଭାରି ଟଂଗଣ ଏ ମାଟି । ଦେଖି କି ଚାଲୁନା । ଯଦି ପଡିଯାଉ ମୁଣ୍ଡରେ ଆଘାତ ଲାଗିଥାନ୍ତା । ସତେ ତ ! ତା' ହୃଦୟର ଆଘାତ ଏତେ ବଡ ଥିଲା ଯେ ସେ ଭୁଲିଯାଇଥିଲା ଝୁଣ୍ଟି ପଡିବାର ବ୍ୟଥା । ମନେମନେ ହସିଲା ଏବଂ ସ୍ୱଗତୋକ୍ତି କଲା- ମଉସା, ସବୁବେଳେ ସମ୍ଭାଳି କି ଚାଲିହୁଏନି । ତେବେ ଆଜି ଠୁ ସମ୍ଭାଳି କି ଚାଲିବାର ଚେଷ୍ଟାକରିବି ।

ସେଦିନୁ ସେ ନୀରବି ଯାଇଥିଲା । ସତେ ଅବା ସେଦିନର ଏସିଡ ବୋତଲଟା ତା' ମନର ତାଜମହଲରେ ଢାଳି ହୋଇଗଲା । ଅତୀତର ସଯତ୍ନେ ସାଇତା ପାଣ୍ଡୁଲିପିଟା ଧୂସର, ମଳିନ ହୋଇପଡିଥିଲା । ହାଲଭଂଗା ନାବିକପରି ତା'ର ଦଶା । ଚାରିଆଡ ଖାଲି ଦିଗନ୍ତବ୍ୟାପି ସମୁଦ୍ରରେ ଭାସିଯିବାର ଅବସ୍ଥା । କୂଳ-କିନାରାହୀନ ଜୀବନ । ସେଦିନ ବି ତା' ପାଖରେ କେହିନଥିଲେ । ତା' ମନର ସବୁଜ ଇଲାକା କେମିତି ଧ୍ୱସ୍ତ ବିଧ୍ୱସ୍ତ ହୋଇ ପଡିରହିଥିଲା ତା' ବା କିଏ ଦେଖିଥିଲା ? ପଲ୍ଲବୀର ଚିଠି ତ ବନ୍ଦହୋଇଯାଇଥିଲା । କେବେ ତାକୁ ଖୋଜିବାପରି ଅନୁଭବ ସେ କରିନଥିଲା । ଏକ ମୁହାଁ ହୋଇ ଜୀବନ ଗଢିବାରେ ସେ ଯେତେବେଳେ ମନସ୍ଥ, ସେତେବେଳେ ତାମସର ଜୀବନ ହିଁ ଭଂଗିଯାଇଥିଲା, ତା' ସେ କେବେ ବୁଝିପାରିବନି । ତଥାପି ପଲ୍ଲବୀ ଖୁସୀରେଅଛି ଆଉ ଗୋଟାଏ ଦାୟିତ୍ୱରୁ ସେ ତ ମୁକ୍ତ ହୋଇଯାଇଛି । ତା' ଛାତିତଳେ କାହାର ଭାର ଆଉ ନାହିଁ ତ । କେବେକେବେ ହାଲକା ସ୍ମୃତିପରି ସେ ଆସିଲେ ବି ସେଥିରେ କିଛି ଟାଣ ନାହିଁ । ଦୈନନ୍ଦିନ ଜୀବନରେ ଏ ନଦୀକୁ ଅଭ୍ୟାସ ବଶତଃ ଅନେଇବାପରି ଆଜି ପଲ୍ଲବୀ ଶତପଥିର ସ୍ମୃତି ।

ପାଂଚଟା ବାଜିଗଲାଣି । ଅଫିସ ଟାଇମ ଶେଷ । ଯିଏ ଯୁଆଡେ ଚାଲିଗଲେଣି । ଡ୍ରାଇଭରର ଡାକରେ ସେ ପ୍ରକୃତିସ୍ଥ ହେଲା । ବଡ ଉଦାସ ଲାଗୁଥିଲା । ତାକୁ ଏହି ସମୟରେ କେହି ଡିଷ୍ଟର୍ବ କରିବାକୁ ସେ ସହ୍ୟ କରିପାରୁନଥିଲା । ବିରକ୍ତ ହୋଇ କହିଲା- ତୁମେ ଯାଅ, ମୁଁ ବସରେ ଆଜିଯିବି ।

ଅତ୍ୟଧିକ ମାନସିକ ଭାରଥିଲେ କାହାର ଉପସ୍ଥିତି ତାକୁ ସହ୍ୟ ହୁଏନି । ସେ ଚାଲିଚାଲି ଇତଃସ୍ତତଃ ବୁଲେ । ଅନେକ ସମୟ ନିଏ କିଛି ଭାବିବାକୁ । ସେ ଗଂଗା କୂଳରେ ଆସି ବସିଲା ଘଡିଏ । ସେଠି ଡିଷ୍ଟର୍ବ ହେବା ମନେକରି ବସରେ ଉଠିଲା । ସି: ଆଇ: ଟି ମୋଡରେ ସେ ଓହ୍ଲାଇପଡିଲା । ବେଲିଆଘାଟାର ଏଇ ଅଂଚଳ ବେଶ ଶାନ୍ତ, ନୀରବ । ସେ ସୁଭାଷ ସରୋବର ରାସ୍ତାରେ ଉଠିଲା । ଅସରାଏ ବର୍ଷା ହୋଇ ଛାଡି

Digitized by srujanika@gmail.com

ଯାଉଥିଲା । ଶୀତଳ ପବନ ବହୁଥିଲା । ସେ ଚାହିଁଲା ରାଧାଚୂଡ଼ା, କୃଷ୍ଣଚୂଡା, ସୁନେରୀ ଫୁଲରେ ଭରିଯାଇଛି ଅପୂର୍ବ ପ୍ରାଚୁର୍ଯ୍ୟ । ଘରକୁ ନଫେରି ସେ ଗୋଟାଏ ସିମେଣ୍ଟ ବେଂଚରେ ବସିପଡିଲା । ଆପାତତଃ ରବୀନ୍ଦ୍ର ସରୋବରର ଚାରିଆଡ଼ ପ୍ରେମିକ ପ୍ରେମିକାଙ୍କର ମେଳା ବସିଲାପରି ଏଠି ନାହିଁ । ଯେମିତି 'କି କେଉଁ ଗାଉଁଲୀ ପରିବେଶପରି । ଶାନ୍ତ, ଶୀତଳ, ମଧୁର ପରିବେଶ । ଅସ୍ତଗାମୀ ସୂର୍ଯ୍ୟଙ୍କର ଲାଲ ଆଭା ପାଣି ଉପରେ ଦୋହଲୁଥିଲା । ପଞ୍ଜରାବଦ୍ଧ ହରିଣ ଶାବକ ଛାନିଆ ଆଖିରେ ଏଣେତେଣେ ତରକି ଚାହୁଁଥିଲେ । କୃଷ୍ଣଚୂଡାର ପାଖୁଡା ଖସିପଡି ଲାଲ ଶେଯ ତିଆରି କରିଥିଲା । ମନ କ୍ଷଣକେ ଦୁଃଖ ହୋଇଗଲା । ଆଜି ହଠାତ୍ କେଉଁଠୁ ବିଷାଦିତ ହୋଇଗଲାପରି ଦେଖାଯାଉଥିଲା ଝଡବୃଷ୍ଟିରେ ଦୋହଲି ଯାଇଥିବା ସରୋବରର ଚେହେରା । ବଡ କରୁଣ ଅଥଚ ଭୟଟିଏ ତାକୁ ଆଚ୍ଛନ୍ନ କରି ରଖିଥିଲା । ମିସେସ ମିଶ୍ର । ତୁମର ଶ୍ଳେଷାତ୍ମକ ହସ ଭଲ ଲାଗେନା । ହଠାତ୍ ତୁମେ କେଉଁଠୁ ଆସି ଠିଆହୋଇ ଯାଉଛ ସବୁ କିଛି ହଜିଗଲା ପରେ ସମୟ ସହିତ । ଡାକୁଛ ଜୀବନ ଗଢିବାକୁ । ବଡ ହାସ୍ୟାସ୍ପଦ ଶୁଭୁଛି ତୁମର ଏ କଳ୍ପନାରେ ଉଚ୍ଚାରିତ ଶବ୍ଦ କିମ୍ବା ସତକୁ ସତ କହୁଥିବା ଭଂଗୀ । ତା' କି ଆଉ ସମ୍ଭବ ପଲ୍ଲବୀ ମିଶ୍ର !

ତୁମେ ଭଦ୍ରଲୋକର ସହଧର୍ମିଣୀ । ସେ ଯେ ପଦସ୍ଥ ଅଫିସର । ଚରିତ୍ରବାନ୍ । ନିଷ୍ଠାପର । ସବୁ କିଛି । ତୁମେ ତାଙ୍କରି ସଂଗରେ ଚାଲିଯାଅ । ଜନ୍ମ-ଜନ୍ମାନ୍ତର ସଂପର୍କ ନେଇ । ଆଉ କୌଣସି ଦିନ ଆସ ନାହିଁ । ଏ ବୟସରେ ଏତେ ମୋହ ଆଉ ଶୋଭାପାଉନାହିଁ । ମୁକ୍ତ ହୋଇଯାଅ ଏ ସବୁରୁ ।

ଗୋଧୂଳିର ରଂଗ ଲିଭିଗଲାଣି ଅନେକବେଳୁ । ସଂଧ୍ୟା ଆସିଲା । ଆସିଲା ଅନ୍ଧାର । ଆକାଶରେ ଜହ୍ନ ନାହିଁ । ସହରରେ ଲୋଡ ସେଡିଂ । ତାରାଟିଏ ପ୍ରତିଫଳିତ ହୋଇ ଦୋଳି ଖେଳୁଛି ସରୋବର ଉପରେ । ଗଛମାନଙ୍କର ନକ୍ସା ବାରିହୋଇ ପଡୁଛି ତାରାର ଆଲୋକରେ ।

ସେ ଧୀର ପଦକ୍ଷେପରେ ଆସି ଠିଆହେଲା ତା'ର ଘର ସାମ୍ନାରେ । ପିଲାମାନେ ଅଜା ଘରକୁ ଯାଇଥିବାର ମନେ ପଡିଲା । ଘରେ ଏକାଥିବ ଦୀପିକା ।ସେ କଲିଂବେଲ୍‌ରେ ହାତମାରିଲା ସବୁଦିନ ପରି । ଟକ୍‌ଟକ୍ ଶବ୍ଦ । ସେ ପ୍ରକୃତିସ୍ଥ ହେଲା । ସହରରେ ଲୋଡସେଡିଂ । ଠକଠକ୍ କଲା ଦର୍ଜାରେ । ଦୀପିକା ଦ୍ୱାର ଖୋଲିଲା । ଛିଟିକିଣିଟା ଦେଉ ଦେଉ ଓହଳି ପଡିଲା ତା' ବେକରେ । ଯେମିତି କି ଏ ଅଂଧାର, ନିଃଶବ୍ଦ ଘରେ ଅନେକ ଯୁଗରୁ ତାକୁ ସେ ଅପେକ୍ଷା କରିଥିଲା । ତା'ର ଛନ୍ଦାୟିତ ତନୁ ଢେଉ ହୋଇ ଆସୁଥିଲା ଆସ୍ତେ ଆସ୍ତେ । ଖୁବ୍ ନିବିଡ ଭାବେ ସେ ଚାପିଧରିଲା ତାକୁ । ତା'ର ପିପାସିତ ଓଠ, ତା'ର ସମଗ୍ର ସତ୍ତା ଯେପରି ସମୁଦ୍ର ପାଲଟି ଯାଉଥିଲା ସେ ସ୍ପର୍ଶରେ । ସେ ଅନୁଭବ କରୁଥିଲା ଏତେକ୍ଷଣଧରି ଗୋଟାଏ କୁକୁରି ଯାଇଥିବା, ଭୟଭୀତ ହୋଇ ପଡିଥିବା ସତ୍ତା ଧିରେଧିରେ ଅପସରି ଯାଉଛି ଆଉ ସେ ଦମ୍ଭଧରି ଠିଆହୋଇପାରିଛି ଦୀପିକାର ବଂଧନରେ ।

□□□

Digitized by srujanika@gmail.com

କେତେ ବୋକୀ ଝିଅଟା

ଶରତ ଆକାଶ । ଝୁଲି ରହିଛି ଖଣ୍ଡେଖଣ୍ଡେ ମେଘ । ରହିରହି ଝରିପଡୁଛି ଅସରାଏ ବର୍ଷା । ପବନରେ ଶୀତଳତା । ଅଫିସ ଘଡିରେ ଏବେ ଚାରିଟା । ପୂରବୀ ଉଠିବ । ତା' ଉପର ଅଫିସରକୁ ଆଉ କହିବା ଦରକାର ନାହିଁ । ଦୁଇଟା ପୂର୍ବରୁ ତା'ଫୋନ୍ ଆସିଥିଲା । ସେ କହି ରଖିଛି ।

ପୂରବୀ ତା'ର ଡ୍ର'ର ଚାବି ପକାଇଲା । ଶବ୍ଦରେ ଚାହିଁଲେ ଅଂଜନା ଦିଦି କାଗଜ ଉପରୁ ମୁହଁ ନ ଉଠାଇ । ତାଙ୍କର ବକ୍ର ଚାହାଣୀ ବଡ ସନ୍ଦେହଭରା । ଫୋନ୍‌ରେ କଥାହେଲାବେଳେ ମଧ୍ୟ ଚୁପଚାପ୍ ଶୁଣୁଥିଲେ ସେ । ତା' ପୂରବୀ ଜାଣେ । ଏବେ ସେ ସମସ୍ତଙ୍କୁ ପଛକରି ବାହାରିଗଲା । ଚାଲି ତା'ର ଖୁବ୍ ଦ୍ରୁତ । ସେ କଥା ବୁଝିଲେ ଅଂଜନା ଦିଦି । ସେତେବେଳକୁ ଛ' ମହଲାର ଏଇ ବଡ ଆୟତନ ବିଶିଷ୍ଟ ଚଟାଣକୁ ସେ ଅତିକ୍ରମ ସୀମା ଉପରେ ଦିଆ ହୋଇଥିବା କାଚର ଦରଜା ଠେଲୁଥିଲା ।

ଦରଜା ଠେଲି ସେ ବାରଣ୍ଡାରେ ଠିଆହେଲା । କାଛରେ ଥିଲା ବଡବଡ ଝର୍କା । ଝର୍କା ବାହାରେ ଆକାଶର ବିରାଟ କାନଭାସ । ଗଂଗାନଦୀରେ ଚାଲିଥିଲା ନୌକାଟିଏ । ଛନ୍ଦାୟିତ ତା'ର ଗତି । ମନେହେଲା ଆକାଶ, ନଦୀ, ନୌକା ମିଳନର ଗୋଟାଏ ଅସୀମ ଲଗ୍ନରେ ପରସ୍ପରର ନିବିଡ । ସେ ଶିହରିତ ହେଲା କଥାଟା ଭାବି । ଆକାଶରେ ମେଘ ଜମୁଛି । ବଡ ଗୁମସୁମ ଭାବ । ଏବେ ଆକାଶ, ବତାସରେ ଦେବୀ ଆବାହନୀ ମନ୍ତ୍ରର ଗୋପନ ଝଂକାର । ଅଥଚ ତାକୁ ବଡ ଫାଙ୍କା ଲାଗୁଛି । ଅଫିସ ଛୁଟି ହେବାର ପୂର୍ବ ମୁହୂର୍ତ୍ତମାନ କ'ଣ ଏମିତି ନିଃଶ୍ଚଳ । ଅନେକଥର ଏଇଠି ଠିଆହୋଇ ସେ ଏଇ ଶୂନ୍ୟତାକୁ ଅନୁଭବ କରିଛି । ଗୋଟାଏ ଖାଁ ଖାଁ ଭାବ । ସେ କଥା ଅନ୍ୟ କାହାକୁ ଲାଗିଛି କି ? ହୋଇଥିବ । ନାଁ ତା' ଭିତରେ ଶୂନ୍ୟତା ଏମିତି ରୂପ ପ୍ରକାଶ କରେ ।

ଗୋଟାଏ ଟୁଂ ର ଶବ୍ଦ । ସେ ମୁହଁ ଫେରାଇଲା ଦୂରଦିଗନ୍ତରୁ । ଲିଫଟ୍ ଆସିଲା । ସେ ଭିତରକୁ ପାଦ ଦେଉଦେଉ ଯୁବ ପିଅନଟି ତାକୁ ଧକ୍କାମାରି ଚାଲିଗଲା । ଅନ୍ୟ ଦୁଇଜଣ ବୁଢା ପିଅନ ତା' ଭିତରେ । ସେମାନଙ୍କ ବୟସ ଷାଠିଏ ଉପରେ ଲାଗୁଥିଲା । ସେମାନେ ଠିଆହୋଇଥିଲେ ମୂରବୀ ସୁଲଭ ଠାଣିରେ । ମୁହଁ ତାଙ୍କର ଭାବଲେଶହୀନ । ସେ ଯୁବ ପିଅନଟି ଉଦ୍ଦେଶ୍ୟରେ କହିଉଠିଲା- ଧକ୍କା କ୍ୟୋଁ ମାରତା ହାଏ ? ସେ କିନ୍ତୁ କ୍ଷୀପ୍ର ଗତିରେ ଚାଲିଯାଉଥିଲା । ତା' ପିଠିପଟର କାମିଜଛଡା ଆଉ କିଛି ଦିଶୁନଥିଲା । ଲିଫଟ୍‌ଟା ଖସି ଆସୁଥିଲା ତଳକୁ । ଶାଳୀନତାର ଅବକ୍ଷୟକୁ ଢାକୁଥିଲା ଲଜ୍ଜାରେ । ଯାଏ ପଳାଇଯାଏ । ବୁଢାଦୁଇଟି ଗୁଂଜରି ଉଠିଲେ । କ'ଣ ଗୋଟାଏ କହିଲେ ହିନ୍ଦୀରେ । ବଡ ଅସ୍ପଷ୍ଟ । ପ୍ରତିକ୍ରିୟା ଫୁଟି ଉଠୁଥିଲା ତାଙ୍କ ମୁହଁରେ । ବିରୋଧାଭାସ ସ୍ପଷ୍ଟ ହେଉଥିଲା ସେହି ଭଂଗୀରୁ । କିନ୍ତୁ ସେତେବେଳକୁ ତା'ର ଅନ୍ତରଂଗ ସତ୍ତାରେ ଆଗ୍ନେୟଗିରିଟିଏ ଜନ୍ମନେଇ ମରିଯାଇଥିଲା । ସେହି ସିଝିଯାଇଥିବା ଅସ୍ତିତ୍ୱକୁ ସେ ଠେଲିବାକୁ ଚାହିଁଥିଲା

Digitized by srujanika@gmail.com

ଦୂରକୁ । ତେଣୁ ଦୁଇଦଣ୍ଡ ନୀରବ ରହିଲା । ଲିଫଟ୍ ତଳେ ଲାଗିଲା । ବୁଢା ପିଅନ ଦୁଇଟି ଚାଲିଯାଉଥିଲେ । ମନେହେଲା ଭୁଲିଯାଉଥିଲେ ଘଟଣାଟା । ସେମିତି ହୁଏ । କେତେ ଘଟଣା ଏମିତି ଘଟିଥାଏ । ସମୟ, ଘଟଣା ଏବେ ଅତୀତ । ସେ ଠିଆ ହେଲା ତଳମହଲାରେ । ମେଘ ଆସିବ କି ? ଚାହିଁଲା ଆକାଶକୁ ।

ତଳ ମହଲାଟା ମାଟିଠାରୁ ଅନେକ ଉଚ୍ଚା । ଅଣ୍ଡର ଗ୍ରାଉଣ୍ଡରେ ଘର । ଗେଟଯାଏ ଢାଲୁହୋଇ ଗଡି ଆସିଛି । ତା'ପାଦ ତଳେ ଏବେ ମାଧ୍ୟାକର୍ଷଣ ଦ୍ରୁତ । ଆକାଶରେ ବର୍ଷାଟା ଗର୍ଭବତୀ ସ୍ତ୍ରୀପରି ଭାରିଭାରି । ବର୍ଷା ତୁମେ ଓହ୍ଲାଅ ।ସେ ଆକାଶକୁ ଚାହିଁଲା । ତା'ର ଶୁଖିଲା ଓଠ । ଆଖିପତା ବି । ବିନ୍ଦୁ ବିନ୍ଦୁ ହିମ ତା' ଶରୀରରେ । ବର୍ଷା ତୁମେ ଆସିବନି । ମନେହେଲା ଶୂନ୍ୟରେ ପ୍ରସାରିତ ତା'ର ବାହୁ । ସେ ବଡ ମନମରା । ଗୋଟାଏ ଅସମ୍ଭବ ଦୁର୍ଭେଦ୍ୟ ଖୋଳ ତା' ଚାରିପାଖରେ । ଇଚ୍ଛାମାନ ରଂଗଛଡା । କେଉଁ ଗୋଟାଏ ଭୂଖଣ୍ଡରେ ଠିଆହୋଇଛି । ରଂଗତୂଳୀ ସବୁ ଭଂଗା । ବିଛାଡିହୋଇ ପଡିଛି ତା' ଚାରିପାଖରେ । ବାକ୍ସରୁ ଶୁଖିଯାଇଛି ରଂଗ । ଏମିତି କାହିଁକି ହେଲା ?

ସେ ପିନ୍ଧିଥିଲା ଗୋଟାଏ ଦୁଇଶହ ଟଂକିଆ ଟାଂଗାଇଲ ଶାଢୀ । ଏଠିକୁ ଆସିବାପରେ ଅଂଜନା ଦିଦି ଶିଖାଇ ଦେଇଥିଲେ ଆଂଚଳ ଛାଡି ଚାଲିବାକୁ । ଫୁରୁଫୁରୁ ଉଡୁଥିବା କେଶଗୁଡିକ ଆୟତରେ ରଖିବାକୁ ବଂଧନ ଦରକାର । ରୁନୁ ଦି' ଶିଖାଇ ଦେଇଥିଲେ କ୍ଲିପମରା । କେତେ କିଏ ତାକୁ କ'ଣ ସବୁ ଶିଖାଇଲେ ଏଇ ପୋଷାକ ପରିଚ୍ଛଦକୁ ନେଇ । ଗ୍ଲାମରକୁ ନେଇ । ହେଲେ ସେ କ'ଣ ବା ମନେରଖିଲା । ଏବେ ଶାଢୀଟା ଲୋଚାକୋଚା ଲାଗୁଛି । ଗୋଟାଏ ଥରରେ ଇସ୍ତ୍ରୀ ଗଲା । ଏବେ ଡାହାଣ ହାତରେ କଂଚଟେକି ସେ ଚାଲିବ । କାନରେ ରିଂ ଦୁଇଟା ଉଣେଇଷ ଅଣସ୍ତରୀ ମସିହାରୁ ଝୁଲୁଛି ଗୋଟାଏ ପ୍ରାଗ୍ ଐତିହାସିକ ସହରର ବିଧ୍ୱସ୍ତପରି । ସେ ବା କ'ଣ କରିପାରେ । ମନ ତ ତା'ର ବଡ ଅବୁଝା । ସେହି ଅବୁଝା ପାଇଁ ଏତେ ଦଶା । ତେବେ ସେ କେମିତି ଦେଖାଯାଉଛି ? କ'ଣ ଗୋଟାଏ ଦୈନତା ତା' ଆଭୂଷଣରେ କି ?

ସେ ଏଇକଥା ଭାବୁଭାବୁ ଠିଆ ହୋଇଥିଲା ରାସ୍ତାଧାରରେ ସମୟର ଅଚିହ୍ନା, ନିଶ୍ଚିହ୍ନ ମନୋମେଣ୍ଟପରି । ରାସ୍ତାପାରିହେବାକଥା ଏ ଯାଏ ଭାବିନି । ତା'ର ଘୋର ଭାଂଗି କିଏ କିଛି କହିଲା । ଚିହ୍ନା କଣ୍ଠ "କହାଁ ଜାନା ହାଏ "। ଶବ୍ଦ ଗୁଡାକ ବଡ ଭାରିଭାରି ହୋଇ ତା' କାନକୁ ଲାଗିଲା । ଚାହିଁଲା । ପଣ୍ଡିତଜୀ । ତାଙ୍କ ଅଫିସର ବୟସ୍କ ପିଅନଟି । ଗୋଟାଏ ମସ୍ତ ଉଦାସୀନତା ତାର ବକ୍ତବ୍ୟରେ । ମୁଣ୍ଡରେ ତାର ଚନ୍ଦନ ସିନ୍ଦୁରର ବହଳ ପ୍ରଲେପ । ବିତେଇ ଦେଲାଣି ଚାଳିଶ ବର୍ଷ ଏ ସହରରେ । ଗୋଟାଏ ନିଃସଂଗ ନକ୍ଷତ୍ରପରି ସେ ଦପ୍‌ଦପ୍ କରେ । ଚାହିଁଥାଏ ୟୁ:ପି ର କେଉଁ ଗାଁରେ ଛାଡି ଆସିଥିବା ସ୍ତ୍ରୀ ଏବଂ ପିଲାଛୁଆଙ୍କୁ । ତାକୁ ଦେଖିଲେ ଜଗନ୍ନାଥ ଦେଶର ଲୋକ କହି ଭକ୍ତିରେ ପ୍ରଣାମ କରେ । ସେତେବେଳେ ତା'ର ଆଖିବୁଜି ହୋଇ ଆସେ । ସେ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ନମସ୍କାରଟା ଦେଇ ପ୍ରତି ନମସ୍କାର କରେ । କଲିକତାର ଏଇ ଲକ୍ଷଲକ୍ଷ ମଣିଷଙ୍କ ଭିତରେ ସେ ଯେ ତା'ପରି ଉଦାସ ଏବଂ ଏକା, ତା' କଣ୍ଠର ସ୍ତିମିତ ସ୍ୱରରୁ ଜଣାପଡେ ।

Digitized by srujanika@gmail.com

ସତେ ତ ! ସେ କୁଆଡେ ଯିବ ? କୁଆଡେ ତାର ଗତିପଥ ସେ ନିଜେ କ'ଣ ଜାଣେ ? ସେ କଥା ସେ ପଣ୍ଡିତଜୀଙ୍କୁ କେମିତି କହିବ ? ବିମର୍ଷତା ଭାଂଗି ସେ କହିଲା- କଷ୍ଟମ ଅଫିସ । ଓଡିଆ ଲୋକଜଣେ ଡାକିଛନ୍ତି ଘର ଦେଖିବାକୁ ।

ସେ ଚୁପ୍ ରହି ହାତ ଦେଖାଇ ଦେଲା । ଅଳ୍ପ ବାଟ ତ ଚାଲିଯାଅ । ସେ ନୀରବ ରହିବାକୁ ଇଚ୍ଛା କରୁଥିଲା । ତା'ମନର ଶାନ୍ତ ହ୍ରଦରେ ଟେକାଟିଏ ପଡୁପଡୁ ପଥରଟାଏ ପଡିବାର ଭୟରେ ସେ ଆଗେଇଲା । ପୁନଶ୍ଚ ସେ ଚୁପ୍ । ଏ ସହରର ଶବ୍ଦର ନର୍କରେ ମହାସମୁଦ୍ରର ଗଭୀର ବୁକୁପରି ସେ ନିଃଷ୍ଫଳ । ଅବା ଗୋଟାଏ ନୀରବ ଅହଙ୍କାର ।

ରାସ୍ତା ପାରହୋଇ ସେ ଚାଲିଲା କଷ୍ଟମ ଅଫିସକୁ । ଷ୍ଟ୍ରାଣ୍ଡ ରୋଡରେ । ତା' ଅଫିସ ନେତାଜୀ ସୁବାସ ରୋଡରେ । କେତେ ପାଖ ସତରେ । ହେଲେ ଚାଲିଲା ବେଳକୁ ଗୋଡ ଦୁଇଟା ତା'ର ଭୀଷଣ ଭାରିହୋଇ ପଡୁଛି । ମିଃ ପରେଶ ମହାପାତ୍ର ତାକୁ ଅପେକ୍ଷା କରୁଥିବେ । ଏ ସହରରେ ଘର ପାଇବା ବଡ କଷ୍ଟକର । ଲାଗଲେ ନହୁଏ । ନିରୁତ୍ସାହିତ ଇଚ୍ଛାମାନଙ୍କୁ ବନ୍ଦୀ କରିବାକୁ ହୁଏ ବେଳେବେଳେ !

ପହଞ୍ଚି ଦେଖିଲା ମିଃ ମହାପାତ୍ର ଠିଆ ହୋଇଛନ୍ତି ବାହାରେ । ତାଙ୍କୁ ଅପେକ୍ଷା କରିଛନ୍ତି । ପିନ୍ଧିଛନ୍ତି ଧଳା ସୁଟ, ସାର୍ଟ । ମଧ୍ୟମ ଉଚ୍ଚତା । କଳା ମଟମଟ୍ ଶରୀର ସଂଗକୁ ଗୋଟାଏ ଆଖିଟେରା । ବଡବଡ ଚଷମା ଢାଙ୍କି ରଖିଛି ସେହି ଦୁର୍ବଳ ଅଂଶକୁ ।

''କ'ଣ ଯିବା ତ ? ତାଙ୍କର ଓଠରୁ ଝରିପଡୁଛି ଖିଏ ହସ । ଉଇଁ ଆସୁଥିବା ଜହ୍ନର କିରଣ ପରି । ସେ ନିରୁତ୍ତର । ମିଃ ମହାପାତ୍ର ଗାଡିର ଦରଜା ଖୋଲି ବସିପଡିଲେ । ସେ ଅଗତ୍ୟା ଏପଟ ଦରଜାଖୋଲି ବସିଲା ।

ମିଃ ମହାପାତ୍ରଙ୍କୁ ଏଠିକୁ ଆସିବାପରେ ଥରେ ଦେଖିଥିଲା । ବିଶେଷ ପରିଚୟ ତାଙ୍କ ସହ ନାହିଁ । ମୀନୁ ତାଙ୍କ ସ୍ତ୍ରୀ । କଟକରେ ଅଛି ତା'ର ଗୋଟାଏ ବ୍ୟାଙ୍କ ଲକର । ତା' ମା' ସଂଗରେ ସେ ପ୍ରାୟ ଆସେ କଷ୍ଟମର ଭାବେ । ହେଲେ ମୀନୁ ଯେପରି ଆପଣାର ମଣିଷପରି ସଦା ସରଳ, ହସହସ । ଆତ୍ମୀୟତା ଆଣି ଦେଇଥାଏ ବଂଧନ । ନହେଲେ ତା'ପରି କମ୍ କଥା କହୁଥିବା ମଣିଷଟିଏ ସଂଗରେ ସେତୁଟିଏ ତିଆରି କରିବା ବଡ଼ କଷ୍ଟ । ମୀନୁର ବଡ଼ ଭାଇ ଭାରତୀୟ ପ୍ରସାଶନ ସେବାରେ ଏବଂ ତା ବ୍ୟାଚର । ରେଭେନ୍‌ସା କଲେଜରେ ତାଙ୍କ ଷ୍ଟୁଡ଼େଣ୍ଟ ୟୁନିନର ଲିଡ଼ର ଥିଲେ । ଖୁବ୍ ଅମାୟିକ । ଇତିହାସରେ ପ୍ରଥମ ଶ୍ରେଣୀରେ ପ୍ରଥମ । ଗୋଟାଏ ଚଂଚଳ ଝଡ଼ପରି ତାଙ୍କର ବକ୍ତୃତା । ସରକାର ଦାବୀ ମାନିବା ଯାଏ ଦୋହଲାଯାଇ ଦେବେ ଆସନ । ମୀନୁର ଅକୃତିମ ବ୍ୟବହାର । ଫୁଟି ଯାଇଥିବା ଫୁଲଟିଏ ପରିଖୋଲା । ଅନ୍ତରଂଗ ତା'ର ଅଭିବ୍ୟକ୍ତି । ଏଠିକୁ ଆସିବା ଆଗରୁ ସେ ମୀନୁକୁ କହିଥିଲା: ମୋର ତ କଲିକତା ଟ୍ରାନସଫର ହୋଇଯାଇଛି, କେଉଁଠି ରହିବି ସେହି ଚିନ୍ତା ମୋର । ମୀନୁର ଉତ୍‌ଫୁଲିତ ହସ । ପରିଷ୍କାର ବକ୍ତବ୍ୟ : ଯେଉଁ ଦିନ ଯିବେ ମୁଁ ଆସି ଆପଣଙ୍କୁ ଷ୍ଟେସନରୁ ନେଇଯିବି । ଆମ ଘରେ ରହିବେ । ତା'ର ଏଇ ଅକପଟ ପ୍ରକାଶ ଭଂଗୀ ତାକୁ ମୁଗ୍ଧ କରିଥିଲା । ଆନ୍ତରିକତାର ଶୀତଳ ଛୁଆଁରେ ତା'ର ଅନ୍ତର କ୍ଷଣକେ ଦରଦୀ ହୋଇ ଉଠିଥିଲା । ଅଥଚ ସହରଟି ଥିଲା ତା' ପାଇଁ ନୂତନ । ତେଣୁ ରହସ୍ୟମୟ । ତା'ର ଆଦି, ଅନ୍ତ ମଧ ଅସ୍ୱଷ୍ଟ ତା'

Digitized by srujanika@gmail.com

ପାଇଁ । ସେ ହସିଥିଲା କୃତଜ୍ଞତାର ହସ । ଏ ସହରକୁ ସେ ଯେ ଆସିଗଲା ସେହିକଥା ଜଣାଇ ଦେବାକୁ ସେ ଥରେ ଯାଇଥିଲା ଗରିଆ ହାଟରେ ଥିବା ତାଙ୍କ ସରକାରୀ କ୍ୱାର୍ଟରର ଆର୍ପାଟମେଣ୍ଟକୁ । ସେଇଠି ଦେଖିଥିଲା ମୀନୁର ସ୍ୱାମୀ ମିଃ ମହପାତ୍ରଙ୍କୁ । ମାତ୍ର ଥରଟିଏ । ହୁଏତ କିଛି ବାକ୍ୟ ବିନିମୟ ନହୋଇ ଥାଇପାରେ ମୀନୁର ଉପସ୍ଥିତିରେ ।

ସେ ପୁନଶ୍ଚ ଚାହଁଲା ଆକାଶକୁ । ବର୍ଷା ଥମଥମ । କୁଆଡ଼େ ଛୁଟିଯାଉଛନ୍ତି ଏତେ ମେଘ ଏ ସହରର ମଣିଷମାନଙ୍କ ପରି ! ସାମ୍ନାରେ ଷ୍ଟ୍ରାଣ୍ଡ ରୋଡ଼ର ଦକ୍ଷିଣ ରାସ୍ତା । ଟ୍ରାମ୍ ଲାଇନ୍ ଯାଇଛି । ଏ ଖାଲ ଉପରେ ଦୋହଲି ଦୋହଲି ଆୟୁସାଡ଼ାରଟି ଦିନେ ଜରାଜୀର୍ଣ୍ଣ ହେବ । କିଏ ବା ନ ହୁଏ ? ସେ ବଡ଼ ବ୍ୟତିବ୍ୟସ୍ତ ହୋଇ ଚୌରଂଗୀ ଉପରେ ଥିବା ବିରାଟ ସୋ' ରୁମ୍‌ରୁ 'ଭାରତ' ସୁ' କିଣିଥିଲା ଦୁଇଶହ ଟଙ୍କା ଦେଇ । ଅନ୍ୟାନ୍ୟ ଯୋତାର ଦରଠାରୁ ଯିଏ ଆଉ ଶହେଟଙ୍କା ଅଧିକା ଥିଲା । କାଳେ କିଛିଦିନ ଯିବ । ହେଲେ ଏବେ ଚାଲିଲେ ଶୁଣାଯାଉଛି ଠକ୍‌ଠକ୍ । ସୋଲଟା କାଠ । ପାଦ ବିଣ୍ଡ ହୋଇଗଲାଣି । କ'ଣ କରାଯାଏ ? ସହର ସହିତ ଖାପିବାକୁ ପଡ଼ିବ ।

ଗାଡ଼ି ଚାଲିଛି ରାଜଭବନ ସାମ୍ନାରେ । ରାସ୍ତାଟି ଅଭିଜାତ ଭରା । ଭାରତବର୍ଷକୁ ଶାସନ କରୁଥିବା ପ୍ରଖ୍ୟାତ ଶାସକମାନଙ୍କ ଗାଡ଼ି ଦିନେ ଏଇ ରାସ୍ତାରେ ଯାଉଥିବ । ଏ ରାସ୍ତା ଉପରେ ଶୋଇଛି ବିଲୀୟମାନ ଇତିହାସ । ସେ ଏକ ଝଲକରେ ଚାହିଁଲା ସେହି ଭବନକୁ । ଗାଡ଼ିର ପଂହରିବା ପରି ଗତି । ଶୀତଳ ହାୱାର ଆମେଜ । ଶରତର ବାସ୍ନା ତା' ସ୍ନାୟୁରେ । ପାର୍ବଣର ଆଗମନରେ ସହର ମୁଖର । ପବିତ୍ରତାର ଛୁଆଁ ବତାସରେ । ଡାହାଣ ପଟରେ ତା'ର ପାବନୀ ଗଂଗା । ଗାଡ଼ିର ଏବେ ବାଧାବିହୀନ ଅନନ୍ତ ଗତି ଅବା । ବେଶ ସ୍ୱଚ୍ଛଳ ।

ସେ ପୁନଶ୍ଚ ଚାହିଁଲା ଆକାଶକୁ । ବର୍ଷା ଓହ୍ଲାଇବ କି ? କୁହୁଡ଼ିର ଅସ୍ପଷ୍ଟ ଆଗମନ । ସେ ମୁହଁ ଭିଜାଇଲା ଶୀତଳ ହାୱାରେ । ଆଗରେ ଟ୍ରାଫିକ୍ ସିଗ୍‌ନାଲ । ରେଡ୍‌ରୋଡ୍ । ଗାଡ଼ି ଠିଆହୋଇଛି ଶିଶୁଟିକୁ ମା' ଆକଟିଲାପରି ।

ଗାଡ଼ିର ଝର୍କାପାଖରେ ଫୁଲ ବିକାଳୀ ପିଲାଟିର ଦରୋଟି ମୁହଁ । ହାତରେ ତା'ର ରଜନୀଗଂଧାର ସ୍ତବକ । ଏଇ ଫୁଲପରି ନହନହ ତା'ର ଶରୀର । ଅଙ୍କୁରିତ ଯୌବନ ତା' ଦେହରେ । ପେଟ ଚାଖଣ୍ଡକ ପାଇଁ ଏତେବଡ଼ ସହରରେ ତା'ର କେତେ ଯେ ସଂଘର୍ଷ । ସେତିକି ତତ୍ପର ସେ ସୁନ୍ଦର କଥା ଛଳରେ ଫୁଲ ବିକ୍ରିକରି ମହକାଇ ଦେବାକୁ ପ୍ରେମୀଯୁଗଳଙ୍କ ଅନ୍ତରାତ୍ମା । ସେ ଚାହିଁଲା ତା'ର ଉଚ୍ଛ୍ୱସିତ ବକ୍ତବ୍ୟରେ । ମିଃ ମହାପାତ୍ର ଫୁଲତୋଡ଼ାଟିଏ ଆଣି ତା' ହାତକୁ ବଢ଼ାଇ ଦେଲେ । ପିଲାଟି ପଇସା ପାଇଁ ଅପେକ୍ଷା କଲା । ସେ ତତ୍‌କ୍ଷଣାତ୍ ତା'ର ଦାମ୍ ଦୁଇଟଂକା ପିଲାଟିକୁ ଦେଲା ।

ଫୁଲର ସ୍ତବକ ତା' ହାତରେ । ଆଖି କିନ୍ତୁ ବିରସ ଗୋଟାଏ ଦିଗ୍‌ବଳୟ ଆଡ଼େ । ଚୁପ୍‌ଚାପ୍ ସେ । ସାମ୍ନାରେ ସବୁଜ ଭୂଖଣ୍ଡ ଗୋଟାଏ । ନାଆଁ ତା'ର ମଇଦାନ । ଘାସ ଉପରେ ଲାଗିଛି ବର୍ଷା ବିନ୍ଦୁ । ନିଗିଡ଼ି ପଡୁଛି ପାଣି । ଗୁଗୁଚିଆ ଭର୍ତ୍ତି ହୋଇଛି । ଦିନେ ସେ ଆସିଥିଲା ଏଠିକୁ । ତା' ଶାଢ଼ୀରୁ ଏବେ ବି ଛାଡ଼ିନି ଗୁଗୁଚିଆ ଫୁଲ । ପଂଝାଏ ଚଢ଼େଇ ଉଡ଼ିଯାଉଛନ୍ତି ଅନିର୍ଦ୍ଦିଷ୍ଟ ପଥରେ । କିନ୍ତୁ ଶୃଙ୍ଖଳିତ । ଛନ୍ଦପକା କବିତାପରି

Digitized by srujanika@gmail.com

ସେମାନଙ୍କ ଠାଣୀ । ସୁଲଳିତ ଝଂକାର ତାଙ୍କ କଣ୍ଠରେ । ଏ ଦୃଶ୍ୟ ଗୋଟାଏ ମଧୁର କବିତାପରି । ମାତୃଭାଷା ପରି । ସେ ଅନ୍ୟମନସ୍କ ହୋଇଗଲା କ'ଣ ଭାବି । ଉଦାସ ଗୋଧୂଳିଟାଏ ଓହ୍ଲାଉଥିଲା ତା' ସତ୍ତାରେ ଅସ୍ତରାଗର ରଂଗରେ ନିଜକୁ ଭିଜାଇ । ଗୋଧୂଳିର ରଂଗ ସହିତ ତା' ଭିତରର ବିରୋଧାଭାସ । ସେଥିପାଇଁ କି ଏମିତି ମନେ ହେଉଥିଲା ତା'ର । ପିଠିରେ ତା'ର କାହାର ସ୍ପର୍ଶ । ସେ ଚମକି ପଡ଼ିଲା ନିଜ ଭାବନାରୁ ଫେରି । ''ଆପଣ ସିଲିଗୁଡ଼ି ଡ୍ୟୁଟିରେ ଯାଉଛନ୍ତି ?''

ହଠାତ୍ ଅସହଜ ସେ । ଲୋକଟାର ପ୍ରଥମ ଇଂଗୀତରେ । କେତେବେଳୁ ଦୂର ସମୁଦ୍ରରୁ ଝଡ଼ଟାଏ ଉଠି ଆସୁଥିଲା କି ? ଏମିତି ଅକସ୍ମାତ ତା' ଚକ୍ରରେ ପଡ଼ିଯିବ ସେ ତ ଜାଣିନଥିଲା । ଝଡ଼କୁ ସେ ବନ୍ଦୀ କରିନେଲା ତା' ସତ୍ତାରେ । ବିଧ୍ୱସ୍ତର ଭଂଗାରୁଜା ଶବ୍ଦ ଶୁଣାଗଲାନି ତା' ଲୋମକୂପ ଡେଇଁ । ଏ କିପରି ଗୋଟାଏ ଅବସ୍ଥା ଯେ ! ଦୀର୍ଘଶ୍ୱାସରେ ଲିଭୁରି ଗଲା ତା'ର ଯେତେକ ଅସ୍ୱସ୍ତି । ସେ ଚଳେଇ କହିଲା— ହଁ ଡ୍ୟୁଟି ପଡ଼ିପାରେ । ଏବେ ତ ଜଏନ୍ କଲି ।

ସେ ଚାହିଁଲା ତା'ର ତିରିଷ ବସନ୍ତର ଛୁଆଁ ଶରୀରକୁ । ଦୁଇଶହ ଟଂକିଆ ଟାଂଗାଇଲ ଶାଢ଼ୀଟା ସେମିତି ବି ଲୋଚାକୋଚା ହୋଇ ତା' ଦେହରେ । କାନରେ ଥିଲା ଉଣେଇଶିଶହ ଅଣସ୍ତୁରୀ ମସିହାର ରିଂ ଦୁଇଟା । ହାତରେ ବ୍ରୋଂଚର କାଚ । ଲମ୍ବା ବେଣୀ ଟାଏ ପଛକୁ । ଗହଳ କେଶ । ସେ ତ ବବ୍‌କଟ୍ ହେୟାର କରିନଥିଲା । ଦେହରେ ମାଖିନଥିଲା ଦାମୀ ଫରପ୍ୟୁମ । ସାକ୍ଷାତ୍‌ରେ ମଧ ବତିଶ ଦାନ୍ତ ଦେଖେଇ ହାଲୋ ହାଏ କହିନଥିଲା । କି ଆଖିରେ ତା'ର ଖେଳେଇ ନଥିଲା ସାତ ରଂଗର ଇନ୍ଦ୍ରଧନୁ । ଏମିତି କୌଣସି ଦରଜାକୁ ସେ କ'ଣ ଉନ୍ମୁକ୍ତ କରିଦେଇଥିଲା ତେତିଶ ବର୍ଷର ଏଭ କଷ୍ଟମ ଅଫିସରଙ୍କ ପାଇଁ ? ନାଁ । ତା' ଚାରିପାଖରେ ଅନ୍ଧକାରର ବହଳ ଖୋଳପା । ଉଦାସୀନତାର ଲମ୍ବାଛାଇଟାଏ ପଡ଼ିଛି ତା' ଅବୟବରେ । ଗୋଟାଏ କି ଅନିଶ୍ଚିତତା ଭୋଗୁଛି ସେ ସବୁବେଳେ । କଟକ ଛାଡ଼ିଲା ଦିନୁ ସେ ବଡ଼ ଦୁଃଖୀ ।

ଗାଡ଼ି ଆଗଉଥିଲା । ଶବ୍ଦର ଅରଣ୍ୟ ଭିତରେ ସେ ବସିଛି ନିଃଶବ୍ଦହୋଇ । ଅନେକ ସମୟ ଅତିକ୍ରାନ୍ତ । ଗୋଟାଏ ଲମ୍ବା ସଫର୍‌ପରି ଲାଗୁଥିଲା ଏଇ ଜାମ୍ ଭିତରେ । ଗରିଆହାଟ ଆସିଲା । ଦଶମହଲାର ଏଇ ବିଲ୍‌ଡ଼ିଂ । ଦୁଇ ମହଲାରେ ମିଃ ମହାପାତ୍ରଙ୍କ ଘର । ସେ ଲିଫ୍‌ଟରେ ଉଠିଲା । ଘର ଦୁଆର ମୁହଁରେ ତୁଳସୀଗଛ । ଗତଥର ଆସିଲାବେଳେ ତା' ଉପର ବ୍ୟାଚର ଜିତା ଅପା ଆସିଥିଲେ ମୀନୁ ଘରକୁ । କଟକର ଲୋକ । ବେଂଗଲୀ । ଖୁସୀ ହୋଇଥିଲେ ତାକୁ ଦେଖି । କହିଲେ - ନ' ମହଲାରୁ ସବୁଦିନ ଦେଖନ୍ତି ଦୁଇମହଲାରେ କେହି ଜଣେ ତୁଳସୀ ଗଛରେ ପାଣି ଦିଅନ୍ତି । ସେ ନିଃଶ୍ଚୟ ଓଡ଼ିଆ ସ୍ତ୍ରୀ ଲୋକଟିଏ ହେବ । ଓଡ଼ିଆମାନେ ହିଁ ପଂରପରିକ । ନହେଲେ ବେଂଗଲରେ ଏସବୁ କିଏ ମାନେ ? ତୁଳସୀ ଗଛ । ସିନ୍ଦୂର ମରା ହୋଇଛି । କାଚ ଝୁଲୁଛି । ନାଲି ଶଂଖା । ମୀନୁର ବୟସ ସତେଇଶ ଯାଏ ହେବ । ଅଥଚ ମୀନୁ ପରମ୍ପରା ମାନେ । ବଡ଼ ଘରୁଆ ସ୍ତ୍ରୀ ଲୋକ । ଯେ ନାଇଟି ପିଂଧେ ନାହିଁ । ଶାଢ଼ୀ ପିନ୍ଧିଥାଏ । ଅଂଚଳ ଚାପା ଦେଇ । କାନି ଖୋସି ଥାଏ ଅଣ୍ଟାରେ କାମ କଲାବେଳେ । ନୁସୁରୁପୁସୁରୁ

Digitized by srujanika@gmail.com

ହୋଇ ଘରକାମରେ ଲାଗିଥାଏ । ପୁଅର ଜନ୍ମଦିନରେ ମଧ କେକ୍ କାଟି ନଥିଲା । ମହମବତୀ ଲିଭାଇ ନଥିଲା । ହାପିବର୍ଥ ଡ଼େ ଟୁ ୟୁ କହି ତାଳିବାଡ଼େଇ ନାଚିନଥିଲା । ମୀନୁ ଓଡ଼ିଆ ଘରର ଚଳଣୀ ଅନୁସାରେ ପିଠା କରିଥିଲା । ସେହି କଥାକୁ ସେ ଅଭିଭାବକ ଠାଣୀରେ ତା' ଆଗରେ ବଖାଣିଥିଲା । କ'ଣ ପାଇଁ ଅପା କେକ୍ କାଟିବୁ ? ଆମର କ'ଣ ଓଡ଼ିଆତ୍ୱ ନାହିଁ ! ପରମ୍ପରା ନାହିଁ । ମୁଁ ଯାଉଥିଲି ଏଇ ଫେସନ କରିବାକୁ । ଯାଉନା ... । ଏଠି ଯେତେକ ଅଫିସର ଅଛନ୍ତି, ତାଙ୍କ ଛଇଛଟକ ଦେଖିଲେ ତୁମେ ତାଜୁବ ହେବ ।

ବାଃ ! ଚମତ୍କାର ମୀନୁର ବିଚାର । ପରମ୍ପରା କିଛି ଛୋଟିଆ ଜିନିଷ ନୁହେଁ । ସମୟର କେତେ ପଥ ଅତିକ୍ରମି ପରମ୍ପରା ତିଆରି ହୋଯାଇଛି । ତାକୁ କାହିଁକି ସେ କାମୁଡ଼ାଏ ଦେବ ? ଟୁକୁରାକରିବ ? ଭଲ କରିଛି ମୀନୁ । ଖୁବ୍ ଭଲ । ପିଲା ଦୁଇଟିଙ୍କୁ ନେଇ କେତେ ହସମୁଖର ଜୀବନ । ସତେ ଅବା ମୀନୁ ମୁହଁରେ ହସ ସୁଖମାନଙ୍କ ପିଠିରେ ବସି ଦିଗନ୍ତ ଛୁଉଁଥାଏ । ସେ ଆଶ୍ଚର୍ଯ୍ୟ ହୁଏ ।

ତା' ହାତରେ ସେହି ରଜନୀଗଂଧାର ସ୍ତବକ । କବାଟ ଖୋଲିଦେଉଛି ମୀନୁ । ହସର ଫୁଆରା ନିଗିଡ଼ି ପଡୁଛି ତା'ର ଛୋଟଛୋଟ ଓଠରୁ । ତା' ହାତକୁ ସେ ବଢ଼ାଇ ଦେଉଛି ଫୁଲ କେରିକ । ମୀନୁ ଆଗେଇ ଯାଉଛି ଧୀରେଧୀରେ, ତାକୁ ପଛକରି । ଡ୍ରଇଁ ରୁମ୍ ଅତିକ୍ରମି ଯାଉଛି । ଫୁଲମାନଙ୍କ ତଣ୍ଟିଚିପି ଥୋଇ ଦେଉଛି ଅବଲୀଳା କ୍ରମେ ଏକ ବିଶେଷତ୍ୱହୀନ ଜାଗାରେ । ଓଲଟି ଚାହୁଁଛି ତାକୁ ଆଉ ହସୁଛି କି ଗୋଟାଏ ଉଦ୍ଦେଶ୍ୟମୂଳକ ହସ ?

ଡ୍ରଇଁ ରୁମ୍‌ର ନରମ ଗଦୀଉପରେ ପୂରବୀର ଅନଭ୍ୟସ୍ତ ଶରୀର । ପ୍ରାଚୁର୍ଯ୍ୟର ଆଖି ଝଲସିଆ ରୂପରେ ତା'ର ଆଖିପତା ଦବିଯାଉଛି । ସେ ଚୁପ୍ । ମିଃ ମହାପାତ୍ର ଡ୍ରେସ ବଦଳାଇ ଟ୍ରାଉଜର ପଂଜାବୀ ପରିହିତ । ଡ୍ରଇଁ ରୁମ୍‌ରେ ତାକୁ ସଂଗ ଦେବାକୁ ବସିଛନ୍ତି ।

ମୀନୁ ହାତରେ ଦି' ପିଆଲା ଚା' ! ଆଖିରେ ଭରା ହସର ଜୁଆର । ବଡ଼ ପାରପାମ୍ପରିକ । ଅନ୍ତରଂଗ । ଝର୍କା ଖୋଲା । ଝର୍କା ଆରପଟେ ଚେନାଏ ଆକାଶ । ପୁନଶ୍ଚ ଧୂସର ରଂଗରେ ନିଜକୁ ସଜାଉଛି । ଉପରେ ଘୂରୁଛି ପଂଖା । ଚା' କପରୁ ଉଠୁଛି ଧୂଆଁ । ମିଃ ମହାପାତ୍ର ଅସମ୍ଭବ ଭାବରେ ଗମ୍ଭୀର । ଚୁପ୍ । ମୀନୁ ସାମ୍‌ନାରେ ସେ ଯେପରି ଗୋଟାଏ ସରଳ ନିଃଷ୍ପାପ ଶିଶୁପରି ଦିଶୁଛନ୍ତି । ନହେଲେ ଅବା କେଉଁ ସାଧାରଣ ସଂସାରୀ ଲୋକଟିଏ । ଯେମିତି କି ମୀନୁ ହିଁ ତାଙ୍କ ଏଇ ସଂସାର ନୌକାର କାଣ୍ଡାରୀ ।

ସଂଧ୍ୟା ଢଳୁଛି । କୁହୁଡ଼ି ମଖା କଲିକତାର ଆକାଶ । ବର୍ଷା ହୋଇନି । ପବନରେ ଶୀତଳତା । ତା' ପାଇଁ ଏଇ ଥଣ୍ଡା ରତରତ ସଂଧ୍ୟା ବଡ଼ ଓଜନିଆ । ଯେମିତି କି ଗୋଟାଏ ଝଡ଼ ଉଠିଆସିବ ଆଉ ତାକୁ ସ୍ତବ୍ଧ କରିଦେବ । ହୁଏତ ବିଧ୍ୱସ୍ତ ବି । ଠିକ୍‌ଭାବେ ସେ ବୁଝିପାରେନା ନିଜକୁ । ଧୂସର ପୃଥିବୀଟାଏ ଆସନ ଜମାଏ ଏମିତି ଦିନମାନଙ୍କରେ । ସେ ବଡ଼ ବିପର୍ଯ୍ୟସ୍ତ ହୁଏ ।

ମୀନୁ ହାତରେ ପୁଣି ପକୁଡ଼ି ପ୍ଲେଟ । ମିଃ ମହାପାତ୍ରଙ୍କ ଲାଳାୟିତ ଆଖି । ଅଥଚ ଭଦ୍ର, ସୁଧାର । ବିନୀତ ଛାତ୍ରଟିଏ ପରି । ବାକ୍ୟ ହୀନ । ନାରୀ ଅତିଥି ସାମ୍‌ନାରେ

Digitized by srujanika@gmail.com

ଏତେ ଶାଳୀନତା । ମୀନୁ ହସିଲା ତା'ର ପାରମ୍ପରିକ ହସ । ନିତିଦିନିଆ ଜୀବନର । ନିଅ କହି ମିଃ ମହାପାତ୍ରଙ୍କ ଆଁରେ ଖଣ୍ଡେ ପକାଇଦେଲା । ମିଃ ମହାପାତ୍ର ଥଟ୍ଟା କଲେ ନାହିଁ । ଗଭୀର ହୋଇଗଲା ତାଙ୍କ ଚାହାଣୀ । ଏକ ଝଲକରେ ସେ ଦେଖିଲା । ମୁହଁ ବୁଲାଇନେଲା । ବଡ଼ ବୋକାବୋକା ଲାଗିଲା ତା'ର ଉପସ୍ଥିତି ସେଠି ତାକୁ । ତା' ସାମ୍ନାରେ ସେହି ଧୂସର କାନ୍‌ଭାସ । ଦୃଷ୍ଟି ତା'ର ସ୍ଥିର । କାନ୍ଥରେ ଗୋଟାଏ ଝିଟିପିଟିର ଚୁଁ...ଚୁଁ... ଶବ୍ଦ । ଏତେ ବଡ଼ କାନ୍ଥରେ ଏକାକୀ ଝିଟିପିଟି । ମନେହେଉଥିବ ପୃଥିବୀ ଉପରେ ମଣିଷଟିଏ ପରି । ମୀନୁ ନଥିଲା । ଏବେ ମିଃ ମହାପାତ୍ର ଚୁପ୍ । ତା' ଆଡ଼େ ସାମାନ୍ୟ ମୁହଁ ଫେରେଇଲେ । ସେ ତାଙ୍କୁ ଚାହିଁଲା ଏକ ଝଲକରେ । ମୁହଁ ଫେରାଇ ଦେଖିଲା ଝିଟିପିଟିକୁ । ଏବେ ସେ ଦେଖାଯାଉଛି ଗୋଟାଏ ଡାଇନୋସିରସ୍ ପରି । ଡେଇଁ ପଡ଼ିବ କି ତା' ଉପରକୁ । ତା' ସାମ୍ନାରେ ଗୋଟାଏ ଆଦିମ ପୃଥିବୀର ଫ୍ଲାସ ବ୍ୟାକ୍ । ପୃଥିବୀରେ କେତେ ରକମର ପ୍ରାଣୀ ଆଉ ତାଙ୍କର ଲୀଳା । ଆହାଃ !

ମୀନୁ ଆସୁଛି । ହସର ବର୍ଣ୍ଣାଳୀଛଟା ଭିତରେ । ଅଜାଡ଼ି ହୋଇପଡୁଛି ତା'ର ହସ । ଛାପିହୋଇ ଯାଉଛି ମହାକାଳର ପ୍ରେକ୍ଷାପଟରେ । କେତେ ଯେ ନିବିଡ଼ ଅନୁଭୂତି ତା'ର ଏଇ ସତେଇଶବର୍ଷର ଜୀବନ ଭିତରେ !

—ଅପା ! ପୂଜା ଚାନ୍ଦା କେତେ ଜାଣିଛ ? ଆମ ଘରୁ ନେବେ ଦେଢ଼ ଶହ ଟଂକା । ଖିଆପିଆ ଧୂମ ହେବ । ମିଃ ମହାପାତ୍ର ପୂଜା କମିଟିର ପ୍ରେସିଡେଣ୍ଟ୍ । ଶେଷଦିନ ଯେମିତି ସିନ୍ଦୂର ବୋଳାବୋଳି ହେବେ ସ୍ତ୍ରୀ ଲୋକମାନେ ତୁମେ ଆସିଲେ ଦେଖିବ ।

ଖୁବ୍ ସୁନ୍ଦର ବେଂଗଲୀ କହିପାରେ ସେ । ପାଟିକୁ ଚାପିଚାପି । ବଂଗଳାର ଚାଲିଚଳଣ ବଖାଣେ ବିଭିନ୍ନ ଭଂଗୀ କରି । ଏବେ ପୁନଶ୍ଚଃ ସେ ସେହି ଭୂମିକାରେ । ହସିହସି ନୟାନ୍ତ ସେ । ଅଥଚ ଏତେ ସହଜରେ ସେ ହସିପାରେନା । ବଡ଼ ଦୋଷଟାଏ ତା'ର । କେହି ତାକୁ ଗ୍ରୁପ୍‌ରେ ଅନ୍ତରଂଗ କରନ୍ତି ନାହିଁ । ସେଥିପାଇଁ ବହୁକଥା ଜାଣିପାରେ ନାହିଁ । ନିଜର ଉଦାସୀନ ପୃଥିବୀରେ ନିତ୍ୟ ଘୂରାଫେରା କରିବା ତା'ର ଅଭ୍ୟାସରେ ପଡ଼ିଯାଏ ।

ମୀନୁ ଉଠିଗଲା । ମିଃ ମହାପାତ୍ର ଚୁପ୍ । ପାଖାପାଖି ସେମାନେ । ଗୋଟାଏ ଘରେ । ବଡ଼ ଅପାଠ୍ୟ ପରସ୍ପରର । ଅପସରି ଯାଉଛି ମୀନୁର ପାଦ ଶବ୍ଦ । କିଚେନ୍ ରୁମ୍‌ରେ ଟୁଂ ଟାଂ ଶବ୍ଦ । ବାହାରେ ଗୋଟାଏ ଗତିଶୀଳ ଘୂର୍ଣ୍ଣିତ ପୃଥିବୀ । ଅଥଚ ଏ ଡ୍ରଇଁ ରୁମ୍‌ର ବଡ଼ବଡ଼ ସୋଫା ଉପରେ, ବଂଧେଇ ଆର୍ଟ ଭିତରେ, ବଡ଼ ଫୁଲଦାନୀ ଭିତରେ, କାର୍ପେଟ ଭିତରେ ସମୟ ସ୍ଥିର । ଅଚଂଚଳ ।

ତା'ର ଧୂସର ଦୃଷ୍ଟି ପୁନଶ୍ଚ ସେହି ଝର୍କା ଆରପଟେ । ବର୍ଷା ଆସିନି ! ପବନରେ ଥମଥମ ଭାବ । ଠିକ୍ ତା' ଭିତର ପରି । ମୀନୁ ଆସୁଛି । ହାତରେ ତା'ର କିଛି ସୁସ୍ୱାଦୁ ଖାଦ୍ୟ । ମୀନୁ ଚାହିଁଲା ତା' ମୁହଁକୁ । କ'ଣ ବୁଝିଲା କେଜାଣି । କ'ଣ ଭାବୁଥିବ ମୀନୁ ? ଅନୁଭବଶୂନ୍ୟ ପଥରଟାଏ ବସିଛି କି ତା'ର ଡ୍ରଇଂ ରୁମ୍‌ରେ ? ସେ ତ ମୌନ ଚିରକାଳ ।

Digitized by srujanika@gmail.com

କ'ଣ ଖୋଜେ କେଜାଣି ସେହି ମୌନତା ଭିତରେ ? ଏମିତି ତା'ର ଦିନଟାଏ ଗଲାଣି । ପୁଣି ଓଲଟିଯିବ ରାତିର ପୃଷ୍ଠା । ସକାଳ ହେବ । ପୁଣି ଆସିବ ଗୋଟାଏ ଦିନ । ତାପରେ ମାସ । ପୁଣି ବର୍ଷ । ତା'ଦେହରେ ଆସିବ ଏକତ୍ରିଶ ବସନ୍ତ... ।

—ଅପା ଟିକିଏ ଖିରି ଖାଅ । ଯିବା ତ ଘର ଦେଖିବାକୁ । ଏଇ ପାଖରେ ମ । ଡେରି ହେବନି ।

ଟ୍ରେ'ରେ ଏବେ ତିନିଟା ପ୍ଲେଟ । ବୋଧହୁଏ ମୀନୁର କାମ ସରିଲା । ଏବେ ସ୍ଥିର ହେବ । ଗୋଟାଏ ପ୍ଲେଟ ତା'ର ନିଃଶ୍ଚୟ ।

ମୀନୁ ବସିପଡ଼ିଲା ସୋଫା ଉପରେ । ବାହାରେ ପଡ଼ିଥିବ ଅସଜଡ଼ା ରଜନୀଗଂଧା । ମୀନୁ ଗୋଟାଏ ପାରମ୍ପରିକ ସ୍ତ୍ରୀ ଲୋକ । ଅବହେଳିତ ଏଠି ରଜନୀଗଂଧାର ମହକ । ଡ୍ରଇଂରୁମ୍‌ରେ ସେ ସଜାଏ କି ? ନାଁ ଏତେ ମନଦିଏ ନା ଡ୍ରଇଂରୁମ୍‌ରେ ସଜାହେଉଥିବା ଜିନିଷ ପ୍ରତି ।

—ଅପା ! ଗରିଆହାଟରୁ କ'ଣ କିଣିଲଣି ? ମୁହେଁ ମୁହେଁ ତା'ର ବଜାରଦର । ମୁଣ୍ଡ କ୍ଲିପଠାରୁ, ଶାୟା, ବ୍ଲାଉଜ, ବେଡ଼ସିଟ୍, ତକିଆଖୋଳ ଯାଏ ।

ପୂରବୀ କହିଲା- ହଁ ଆସିଥିଲି ଗତ ସପ୍ତାହରେ । ହେଲେ ଗୋଟାଏ ବ୍ଲାଉଜରେ ପଂଚଟଙ୍କା ଅଧିକ ଠକିନେଲା । ଏଇକଥା କହି ପ୍ରକାଶ କରିଥିଲା ତା'ର ଗ୍ଲାନି । ଅସହାୟତା ।

ମୀନୁ ତା'ର ଠକିଯାଇଥିବା ଗ୍ଲାନି, ଅସହାୟତାକୁ ଅନୁଭବ କଲା । ତା'ର ସେହି ଉଚ୍ଛ୍ୱସିତ ହସ । ପୂର୍ଣ୍ଣିମାର ଢେଉଟାଏ ଅବା ହସିହସି ମୁଣ୍ଡ କଚାଡ଼ି ଦେଉଛି ଉପକୂଳରେ । ସେ ଟିକିଏ ସଂକୁଚିତ ହୋଇଗଲା ସେ ହସରେ । ଅନେକ ପଛରେ ପଡ଼ିଯାଉଥିଲା । ଆସଲାଦିନୁ ସେ ମୁଗ୍ଧ ହୋଇ ଦେଖିଥିଲା ଜବ୍ ଚାର୍ଣ୍ଣକର ଏଇ କଲିକତାକୁ । ଉଲ୍ଲସିତ ହେଉଥିଲା ପାଣିରେ, ପବନରେ । ଚଳଚଂଚଳ ଜୀବନ ପ୍ରବାହରେ । ତିନିଶହ ବର୍ଷର ଏଇ ସହରର ଛନ୍ଦପତନରେ ଭାରତବର୍ଷର କେତେ ଇତିହାସ ଲୁଚିଯାଇଛି ତାକୁ ଖୋଜୁଥିଲା । ହେଲେ ଏ ବଜାର ଦର କଥା ଆଦୌ ଭାବି ପାରିନି ।

ଏ ପ୍ରକାର ଏକ ବଡ଼ ଲଜ୍ଜାରୁ ସେ ମୁକ୍ତି ଖୋଜିଲା ,ବେଳକୁ ମୀନୁର ଠୋ ଠୋ ହସବନ୍ଦ । ଆଖି ନଚେଇ କହିଲା - ଆମର ପଡ଼ିଶା ଜଣେ କଷ୍ଟମ ଅଫିସର ଅଛନ୍ତି । ମମତା ଅପା । ସେ ତ ତୁମଠୁ ଆହୁରି ବୋକା । ତାଙ୍କୁ ଠକିଥାନ୍ତା ପନ୍ଦର ଟଂକା । ଯା କହି ସେ ଆହୁରି ହସିଲା ଏବଂ ତା' ଭିତରକୁ ସ୍ତବ୍ଧକରି ଠିଆ ହେଉଥିଲା ତା'ର ଏ ଅଜ୍ଞତା । ସେ ଚାହିଁଲା ସେହି ହସକୁଡ଼ୀ ଝିଅକୁ । କେଡ଼େ ସରଳ ସତରେ । କେଡ଼େ ଅମାୟିକ । କେଡ଼େ ଉଚ୍ଛ୍ୱାସପୂର୍ଣ୍ଣ । କି ସୁନ୍ଦର ଭାବରେ ଘର ସଜାଇଛି ଭଳିଭଳି ଚିଜରେ । ବଜାରଦରକୁ ଠିକ୍‌ଭାବେ ବୁଝିପାରିଛି, ମନେ ରଖିଛି । ବଡ଼ ଅଫିସରକୁ ବାହା ହୋଇଛି । ଅଥଚ କେଡ଼େ ବୋକା ଝିଅଟା ! ଏଇ ଘରଟି ସଜାଉ ସଜାଉ, କେତେବେଳେ ନିଜର ମଣିଷଟି ତାକୁ ଠକିଚାଲିଛି ସେ କଥା କ'ଣ ସେ ବୁଝିପାରିଛି ?

□□□

Digitized by srujanika@gmail.com

ବେଳାଭୂମି

ଡିସେମ୍ବରର ଏଇ ଶୀତ ସକାଳରେ ପିକ୍‌ନିକ୍ ଯିବାର ଖୁସୀ ସିପ୍ରା ଭିତରେ ଜଡ଼ ହୋଇ ପଡୁଥିଲା । ସେ ଜାଣିଥିଲା ସୁମୀତ୍ ଏବେ ଉଠିବେନି । ବରଂ ବିରକ୍ତ ହେବେ ତାଙ୍କ ସୁଖନିଦ୍ରାକୁ ଭାଙ୍ଗିଦେଇ ବାହାରକୁ ଯିବାକଥା ମନେ ପକାଇଦେଲେ । ସେ କ'ଣ କରିବ ଭାବି ବାଥ୍‌ରୁମ୍ ଆଡକୁ ଉଠିଗଲା ଏବଂ ଗିଜର ଅନ୍‌କରି ଗାଧୋଇଲା । ଝର୍କା ପଟେ ଚାହିଁଲା ଅସ୍ପଷ୍ଟ କୁହୁଡିରେ ଠିଆ ହୋଇଥିବା ଘରଗୁଡିକୁ । ସଂକ୍ରମିତ କଂକ୍ରିଟର ଜଂଗଲ ଚାରିପାଖରେ । ହାୱାରେ ବିଷ । ନିଃଶ୍ୱାସ ନେବାକୁ ଏଠି ପରିଷ୍କାର ବିରଳ ବାୟୁ ନାହିଁ । ଯାହାହେଉ ଆଜିଟିକେ ସେମାନେ ବାହାରିଯିବେ ସହରଠାରୁ ଦୂରକୁ । ସେଠି ବେପରୱା ହାୱା ସଂଗରେ ଖେଳିବାକୁ, କଥା କହିବାକୁ ।

ସିପ୍ରା ବାଥ୍‌ରୁମ୍‌ରୁ ଫେରିଲା । ତଥାପି ସୁମୀତ୍ ଶୋଇଥିଲେ । ସେ ଜାଣେ ପିକ୍‌ନିକ୍ ଯିବାକୁ ତାଙ୍କର ଇଚ୍ଛା ନାହିଁ । ସେ ଡରିଡରି ଏକଥା ଗତକାଲି ତାଙ୍କୁ ଜଣାଇଥିଲା । ଏଇଟା ମଧ୍ୟ କହିଥିଲା ପଡାପଡୋଶୀରେ ଘରକରି ରହିଛନ୍ତି । ଅନ୍ୟମାନଙ୍କ ମନଟାଳି ଦେବା ଉଚିତ ହେବନି । ସେ ପିକ୍‌ନିକ୍ ଚାନ୍ଦା ଦେଇଦେଇଛି । ସୁମୀତ୍ କଥାଟା ଶୁଣି ଖୁସୀ ହୋଇନଥିଲେ ବରଂ ଗମ୍ଭୀର ହୋଇ କହିଥିଲେ - ମୋତେ ନ ପଚାରି କାହିଁକି ଏମିତି କଲ ? ପୁଅକୁ ନେଇ ସଂଗରେ ଯାଇଥାନ୍ତ ।

ସିପ୍ରା କିଛି ଯୁକ୍ତି କରିନଥିଲା । ସେ ଜାଣେ ପୁଅ ଏବେ ବଡ ହେଲାଣି । ତା'ର ସଂଗସାଥିର ପ୍ରସସ୍ତ ଦୁନିଆ । କେତେ ଟିକେ ବା ସେ ସମୟ ଦେଉଛି ବାପା, ମା'ଙ୍କୁ ? ଏଇକଥା ସେ ସୁମୀତ୍‌ଙ୍କୁ ବୁଝାଇ ପାରିବ କି ? ସେ କେବଳ କହିଥିଲା ପୁଅ ବଡ ହୋଇଗଲାଣି, ଆମ ସଂଗରେ ଯିବାକୁ ରାଜି ହେଉନି ।

ଏବେ ସାତଟା ହେବାକୁ ଯାଉଛି । ଶୀତଦିନ । ସମୟ କୁଆଡେ ଗଡିଯିବ । ସେ ସୁମୀତ୍‌ଙ୍କ ପାଖରେ ଠିଆ ହୋଇଗଲା ଏବଂ ଦେହରେ ହାତଦେଲା । ସୁମୀତ୍ ଚାହିଁଲେ ଏବଂ ତାଙ୍କ ଆଖିରୁ କିଛି ଭାବାର୍ଥ ପଢିହେଲାନି । ବରଂ ସେ ଚାହୁଁଥିଲା ନିତିଦିନିଆ ଏଇ ଶଗଡଗୁଳାର ଜୀବନରୁ ମୁକ୍ତିପାଇଁ ଘଡିଏ ଦେହ, ମନ ଡେଇଁଉଠୁ ବାହାରର ପାଣି, ପବନ ଖାଇ । ନଚେତ୍ ଏମିତି ନିଥର ହୋଇଯିବାରେ କିଛି ମାନେ ହୁଏନାହିଁ ।

ସେ ତତ୍‌କ୍ଷଣାତ୍ କହିଲା—କାମ ସାରୁନା । ବସ୍ ପାଖରେ ସାଢ଼େ ଆଠରେ ପଂହଚିବାକୁ ପଡିବ ।

ସୁମିତ୍ ବିରକ୍ତ ହୋଇପଡିଲେ । ଦ୍ୱିଧା ପ୍ରକାଶକଲେ ଯିବାକୁ ।

—ତୁମେ ଚାଲିଯାଅ । ଇଚ୍ଛା ହେଉନି ଯିବାକୁ ।

—ଆଜି ରବିବାର । ଗଲେ କିଁ କ'ଣ ହୋଇଯାଉଛି ତୁମର ?

—ମୋତେ ଭଲ ଲାଗୁନି । ବାଧହୋଇ କାହିଁକି ଯିବି । ମୁଁ ଯିବା ନଯିବା ଠି ତୁମର କ'ଣ ଅଛି । କେତେ ଲୋକ ତ ଯାଉଛନ୍ତି । ତାଙ୍କ ସଂଗରେ ଚାଲିଯାଅ ।

Digitized by srujanika@gmail.com

ସିପ୍ରା ଏଇ ରୁକ୍ଷତାରେ ଭିତରେ ଭିତରେ ଦୋହଲିଗଲା ଏବଂ ଗୋଟାଏ ଏକୁଟିଆବୋଧ ତା' ଉପରେ ଛାଇଗଲା । ତା' ଅନ୍ତରର କେଉଁ ଗହୀରିଆ ସତ୍ତାଟା ନିଃସଂଗ ହୋଇଗଲା । ସେ ଦୀର୍ଘଶ୍ୱାସ ନେଲା । ଜବାବ୍ ଦେବାଟା ଏଇ ମୁହୂର୍ତ୍ତରେ ସମୀଚିନ ନୁହେଁ ଭାବି ଚୁପ୍ ରହିଲା ।

—ଉଠ ନା ପ୍ଲିଜ କହି ସାମାନ୍ୟ ହସିବାର ଚେଷ୍ଟାକଲା । ଯଦିଓ ସେ ଜାଣିଥିଲା ଏଇ ହସଟି ଏବେ ବଡ ଅପ୍ରାକୃତିକ ମନେହେଉଥିବ ବାହାରକୁ । ଆଖି ଦୁଇଟି ମଧ୍ୟ ସଂକୁଚିତ ହୋଇ ଯାଉଥିଲା ସେହି ଇଚ୍ଛାହୀନ ହସ ସହ । ତା' ସେ ଅନୁଭବ କଲା ।

—ଗୋଟିଏ ଦିନ ରବିବାର । ମୁଁ ଟିକେ ବିଶ୍ରାମ ନେଇଥାନ୍ତି । ବୁଲାବୁଲିକରି ଦିନଟା ନଷ୍ଟହେବ । କିଛି ଲାଭ ଅଛି ?

—ଲାଭକ୍ଷତିର ହିସାବ କରି ତୁମେ ବ୍ୟବସାୟ ଚଳାଅ । ଜୀବନ ନୁହେଁ । ବାହାରିଗଲେ ବୁଝିବ ଏଇ ଶୀତ ସକାଳ, କୁହୁଡି, ଘାସ ଉପରେ କାକର ଟୋପା, କେମିତି ଲାଗିବ । ଟିକେ ତ ଚେଂଜ ଦରକାର ।

—ଚେଂଜ କ'ଣ ଲାଗିବ ? ଯୁଗହେଲା ପଇସାର । ପଇସା କମାଇ ପାରିଲେ ତୁମର ପ୍ରେଷ୍ଟିଜ । ଆଉ ଷ୍ଟାଟସ । ସେସବୁ ଚିନ୍ତାକର ।

ସୁମୀତ୍‌ଙ୍କର ଏଇ ଯୁକ୍ତି ଖୁବ୍ ଶୁଷ୍କ ଲାଗୁଥିଲା ତାକୁ । ତା' ଗୋଡତଳେ ଯେମିତି ଲମ୍ବିଯାଉଛି ଗୋଟାଏ ମସ୍ତ ମରୁଭୂମି । ସେ ଝୁଙ୍କିଝୁଙ୍କି ଚାଲିଛି ଆରବ ଦେଶର ଗୋଡ଼ଠୁ ମୁଣ୍ଡଯାଏ କଳାକପଡାରେ ଢଂକା ନାରୀଟିଏପରି । ଗଭୀର ତୃଷ୍ଣାରେ ତା'ର ସମଗ୍ର ଶରୀର ଆଉଟୁ ପାଉଟୁ । ମୁଣ୍ଡ ଉପର ତୀବ୍ର ସୂର୍ଯ୍ୟ ତାପ । ମନେହେଉଛି ଏମିତି ଚାଲିଲେ ସେ ଶେଷ ହୋଇଯିବ ଆଉ ବଂଚିବ ଜଡ ପିଣ୍ଡୁଳାଟାଏପରି ।

ତା'ର ନୀରବତାରେ ସୁମୀତ୍ କ'ଣ ମନେକଲେ କେଜାଣି ବାଥରୁମ୍‌ରେ ପଶିଲେ । କାମସାରି ଫଟାଫଟ୍ ପ୍ୟାଣ୍ଟ ସାର୍ଟ ଦେହରେ ଗଳାଇ ଆଗନ୍ତୁକପରି ବସି ରହିଲେ ଅପେକ୍ଷା କରିବାର ଢଂଗରେ । ଅବା ନିଜ ଘରେ ସେ କୁଣିଆ । ବାହାରିଲ କି ଶୀଘ୍ର ଯିବାକୁ ? କେତେବେଳେ ତୁମ ବସ୍, ଫସ୍ ଆସିବ ଶୁଣେ ? ଆଚ୍ଛା ପାଲା ଲଗାଇଛ ।

ସେତେବେଳକୁ ସିପ୍ରା ଶାଢୀ ପିନ୍ଧୁଥିଲା । ଆଖି କୋଣରେ ତା'ର ସାମାନ୍ୟ ଲୁହ ଜକେଇ ଆସିଥିଲା । ସବୁବେଳେ ମଣିଷଟାର ଏତେ ଅରୁଚି କ'ଣ ପାଇଁ ? କାହାକୁ ବା ସେ ଏକଥା କହିବ ?

ଦୁଇଜଣ ଏବେ ଘରୁବାହାରି ରାସ୍ତା ଉପରେ ଚାଲୁଥିଲେ । ସୁମୀତ୍ ନୀରବ । କାହା ମୁହଁରେ ହସ ନାହିଁ । ଏଇ ନୀରବ କଷ୍ଟର ସାମନ୍ନା ସାମ୍ନି ହୋଇ କେତେଦିନ ସେ ଚଳିବ ।

ବସ୍ ପାଖରେ ପହଂଚିଲା ବେଳକୁ ଅନ୍ୟ ଦମ୍ପତି ପଂହଚିଥିଲେ । ଏମାନଙ୍କ ଡେରିଦେଖି ଥଟ୍ଟାକଲେ । ସିପ୍ରା ଅଗତ୍ୟା ହସିଲା । କିନ୍ତୁ ସୁମୀତ୍ ତାଙ୍କର ସେହି ଏକୁଟିଆ ସତ୍ତାକୁ ଜାହିରକରି ଅଲଗା ରହୁଥିଲେ ।

ଗୋଟାଏ ସିଟରେ ଦୁଇଜଣ ପାଖାପାଖି ବସିଥିଲେ ବି ଦୁଇଜଣ ଚୁପ୍ । ଶୀତ ସକାଳଟା ଖୁବ୍ ନୀରଳସ, ମଛର ଲାଗୁଥିଲା ସିପ୍ରାକୁ । ଯଦିଓ ଝର୍କା ସେପଟେଥିଲା

Digitized by srujanika@gmail.com

ପୃଥିବୀର ବଦଳିଯାଉଥିବାର ଦୃଶ୍ୟ । ଆମ୍ବ ବଉଳମାନ ଝୁଲୁଥିଲା, ଲଙ୍କାଆମ୍ବ ଗଛର ପତ୍ର ବୁଢାହୋଇ ଆସୁଥିଲା ନବଯୌବନର ଅପେକ୍ଷାରେ, ଝାଉଁବଣ, ବାଲିବନ୍ତ ସବୁ ମୋହମୟ ଥିଲା । ସେମାନେ ଆସିଥିଲେ କୋଣାର୍କ ପାଖର ବେଲେଶ୍ୱର ମହାଦେବଙ୍କ ପୀଠସ୍ଥଳୀକୁ । ଯେଉଁଠି ଝାଉଁବଣ ଖୁବ ଘଂଚ । ନିର୍ଜନ ବାତାବରଣ ।

ଭୁବନେଶ୍ୱରରୁ ପଂହଚିବାକୁ ଦେଢଘଣ୍ଟା ସମୟ ନେଇଥିଲା ବସଟି । ଅଥଚ ଏଇ ଦୀର୍ଘ ସମୟ ଯେପରି ଅନେକ ଯୁଗପରି ସିପ୍ରା ଉପରେ ବହିଯାଇଥିଲା ସୁମୀତ୍‌ଙ୍କର ନିଥରତାରେ । ମଧ୍ୟ ବୟସରେ କ'ଣ ଏମିତି ପ୍ରାଣୋଚ୍ଛ୍ୱାସ କମିଯାଏ ମଣିଷର ? କିଛି ଆଗ୍ରହ ଆସେନି ।

ବେଲେଶ୍ୱର ପାଖରେ ପଂହଚି କେତେଜଣ ସ୍କଟ୍ ନିରୂପଣ କରିବାକୁ ଛୁଟାଛୁଟିକଲେ । କେତେଜଣ ଜଳଖିଆ ଖାଇବାପାଇଁ ବନ୍ଦୋବସ୍ତ କଲେ । କେତେଜଣ ଶୀତଦିନ ସତ୍ତ୍ୱେ ବି ବଡବଡ ପଇଡ ପିଇବାରେ ଲାଗିଲେ । ଅଥଚ ସୁମୀତ୍ ଚୁପ୍ । କେତେସମୟ ବେଲେଶ୍ୱରରେ ବୁଲାବୁଲି କରିବାପରେ ଏବେ ସମୁଦ୍ରକୂଳକୁ ଯିବାକୁ ହେବ । ଯେତେ ଦେଖିଲେ ବି ସମୁଦ୍ରର ମୋହ ବଡ ଆକର୍ଷଣୀୟ । ସବୁବେଳେ ସିପ୍ରାର ଲୋଭ ସମୁଦ୍ରପାଇଁ । ଯଦିଓ ସେ ପିଲାଦିନୁ ସମୁଦ୍ରକୂଳେ ବଢିଆସିଛି ।

ସମୁଦ୍ର ପାଖରେ ପଂହଚି ସିପ୍ରା ଏକ ରକମ ଚପଳ କିଶୋରୀ ପାଲଟି ଯାଉଥିଲା । ସେଇଟା ତା'ର ଚିରାଚରିତ ଢଂଗ । ପିଲାଦିନୁ । ମନେହେଲା ସୁମୀତ୍ ଆସନ୍ତେ କି ତା' ସଂଗରେ, ତାଙ୍କ ହାତଧରି ଦୌଡନ୍ତା ଏଇ ବାଲିବନ୍ତ ଉପରେ । ସୁମୀତ୍ ଚାଲୁଥିଲେ ପଛରେ । ସେ ଅଟକି ଯାଇ ଧରିନେଲା ତାଙ୍କୁ । ଝିଙ୍କିଲା ଶୀଘ୍ର ଆସିବାର ଇଂଗୀତ ଜଣାଇ । ସେ ଅଳ୍ପ ଆଗକୁ ଆସିଲେ ବି ପୁଣି ରହିଲେ ପଛରେ । ଚାଲୁଥିଲେ ମନ୍ଥର ଗତିରେ । ଏବେ ସେ ଭାବିଲା ଖୁବ୍ ଜୋରରେ ଚାଲିବ । ଅଥଚ୍ ମନର ପକ୍ଷୀଟି ଅସୀମତାକୁ ଛୁଉଁଥିଲେ ବି ମଧ୍ୟ ବୟସର ଶରୀର ନେଇ ସେ ଆଉ ଦୌଡିପାରୁନଥିଲା । ସୁମୀତ୍‌ଙ୍କ ହାତ ଛାଡିହୋଇ ଯାଉଥିଲା । ସବୁକେମିତି ଛନ୍ଦହୀନ ହୋଇଯାଉଥିଲା । ଏଇ ନିଷ୍ଠୁର ସତ୍ୟକୁ ଅନୁଭବକରି ସେ ହସିପକାଇଲା ।

—ଆସ ଯିବା କିଛି ଦୂର ।

—ମୁଁ ଏ ଖରାରେ ଯାଇପାରିବିନି । ଭଲ ଲାଗୁନି । ତୁମେ ଯାଅ । ମୋ ପାଇଁ ଅପେକ୍ଷାକରନି ।

ସିପ୍ରା ବଡ ଅସହାୟ ହୋଇ ଚାହିଁଲା ସୁମୀତଙ୍କ ମୁହଁକୁ । ତଳକୁ ମୁହଁ ପୋତିଦେଲା । ନୀରବରେ ଚାଲିବାକୁ ଲାଗିଲା । ଆଦିଗନ୍ତ ଜଳରାଶି ଉପରୁ ସାପର ଫଣାପରି ମାଡିଆସୁଥିଲା ସରସର ହୋଇ ଉନ୍ମାଦ ଢେଉ । ଅଗଣିତ ମଣିଷର ପାଦଶବ୍ଦରେ ନିରୋଳା ବେଳାଭୂମି ଏବେ ମୁଖର । ଅନେକ ଗୁଡିଏ ପିକ୍‌ନିକ୍ ପାର୍ଟି ଆସିଛନ୍ତି । ନିର୍ଜନତା ଭାଂଗିଯାଇଛି ଏଠି । ବେପରୱା ହୋଇ ସମସ୍ତେ ଘୁରୁଛନ୍ତି । ଅନୁଭବ କରୁଛନ୍ତି ମହାପ୍ରକୃତିର ଜାଗତିକ ସୁଖ । ଆଉ ଯେଉଁମାନେ ଏଇ ତୀବ୍ର ସୁଖର ଅଧିକାରୀ ସେମାନେ ହେଲେ ଯୁବକ, ସେମାନେ ଉତ୍ତାଳ ଯୌବନ । ଭୋଗର ପିପାସା ତାଙ୍କ ଭିତରେ ଏଇ ଲହରୀ ପ୍ରାୟ ଉଚ୍ଛୁଳି ଉଠୁଛି ।

Digitized by srujanika@gmail.com

ସିପ୍ରା ଦେଖିଲା ଚାରିଜଣ ଯୁବକ ଖପଖାପ ହୋଇ ଡେଇଁପଡିଲେ ଉତ୍ତାଳ ଲହରୀମାଳାକୁ । ଅନନ୍ତ ସାଗରକୁ ପରଓ୍ୱା ନକରି । ସେମାନେ ଯୌବନ । ସେମାନେ ଲଗାମହୀନ । ସେ ପୁନଶ୍ଚ ଚାଲିବାକୁ ଲାଗିଲା । ଖୋଜିଲା ଶଂଖ, ଶାମୁକା । ଗୋଟାଏ ହେଲେ ପାଇଲାନି । ସବୁ କ'ଣ ଉଭାନ ହୋଇଗଲେ । ଯେମତି ତା' ଭିତରର ସ୍ମୃତିପରି, ସ୍ୱପ୍ନପରି । ଆଜିକାଲି ସ୍ମୃତି ଆସେନାହିଁ, ସ୍ୱପ୍ନମାନେ ମଧ ଛଡ । ମୃତ ଉପତ୍ୟକାରେ ଶ୍ୟାମଳ ଭୂମିଟାଏ ସିଏ ବି ଖୋଜି ହାରିଯାଏ । ଠିକ୍ ଆଜିପରି । ଏଇ ସମୁଦ୍ର ବେଳାରେ ।

ଖରା ଝଲସୁଥିଲା । ଶୁଖିଲାବାଲିରେ ପାଦ ତା'ର ପୋତିହୋଇ ପଡୁଥିଲା । ଦୂରସାଗରରେ ଜଳ ଦିଶୁଥିଲା ଆହୁରି ନୀଳ । ଆହୁରି ଚିକ୍‌ଚିକ୍ । ମୁଣ୍ଡ ଉପରେ ଶୀତଦିନର ଟାଣୁଆ ଖରା ନ ଥିଲେ ବି ଏବେ ମଧ୍ୟାହ୍ନ । ସିପ୍ରା ପୁଣି ଖୋଜିଲା ସୁମୀତ୍‌ଙ୍କୁ । ପଛକୁ ଚାହିଁଲା । ଦେଖିପାରିଲାନି । ଚାଲୁଚାଲୁ ସେ ପ୍ରାୟ ତିନି କି:ମି ବାଟ ଚାଲି ଆସିଲାଣି । ଏବେ ଖୁବ୍ ନିର୍ଜନ ଏ ଜାଗା । ତା'ର ଚାଲି ଏବେ ଅନେକ ବେପରଓ୍ୱା । କଣ୍ଠରେ ଅସଲଗ୍ନ କବିତା । ତା' ନିଜ ତିଆରି । ସାମ୍‌ନାରେ ଶୁ ଖିଲା ଡଂଗାଟାଏ । ଜୁଆର ଆସିଲେ ନୋଳିଆ ଡଂଗାଟିକୁ ମେଲି ଦେବ ଦୂର ସାଗରରେ । ସେ ମଧ ଭାବେ ସେହି ଦୂର ସାଗରରକଥା । 'ଓଲଡ୍ ମ୍ୟାନ୍ ଆଣ୍ଡ ଦି ସି'ର ଏକୁଟିଆ ସେହି ବୁଢାଟି କଥା । ଭାବେ କ'ଣ ଗୋଟାଏ ଖୋଜିବାକୁ ସମୁଦ୍ର ଭିତରକୁ ଯିବ ଡଂଗାରେ ବସି । କିନ୍ତୁ ତା' କି ସମ୍ଭବ ଆଉ ? ବାସ୍ତବତାର କଠିନ ଘେରାଟୋପ ଭିତରେ ସେ ଅଣନିଶ୍ୱାସୀ । ଆଜିକାଲି ସୁମୀତ୍ ବି ରୁକ୍ଷ ବାସ୍ତବତାର ମଣିଷଟିଏ । ଅନ୍ତରଂଗ ମୁହୂର୍ତ୍ତମାନ କେଉଁ ଦୂର ଅତୀତର ଝାପ୍‌ସା ସ୍ମୃତିପରି । ଏମିତି ଜୀବନଟାଏ ସେ ବଂଚିଛି ଭାବିଲେ ଆଶ୍ଚର୍ଯ୍ୟ ଲାଗେ ।

ପାଦ ତା'ର ଅଟକିଗଲା । ଦୁଇଟି ଯୁବକ ଯୁବତୀ ଡଂଗାକୁ ଆଉଜି ବସିଛନ୍ତି । ବୋଧହୁଏ ବାହାରର ଟୁରିଷ୍ଟ । ସେ ଆଗେଇ ପାରୁନି । ସେମାନେ ଏବେ ମନ୍ଦିର ଗାତ୍ରର ଦୁଇଟି ପଥରର ମୂର୍ତ୍ତି । ଜଣଙ୍କର ଓଠ ଉପରେ ଆଉ ଜଣଙ୍କର ଝୁଙ୍କି ପଡୁଥିବା ମୁହଁ । ତା'ର ସ୍ଥିତିକୁ ସେମାନେ ଅନୁଭବ କରି ପାରିଲେନି । ସେମାନଙ୍କ ଅନ୍ତରଂଗ ଏଇ ମୁହୂର୍ତ୍ତ, ଜୀବନର ଶ୍ୟାମଳ ସାରାଂଶ । ଏଇ ମୁଦ୍ରାକୁ ଭାଂଗିଦେବାକୁ ତା'ର ଇଛା ହେଲାନାହିଁ । ସେ ମୁହଁ ବୁଲାଇଲା ଅନ୍ୟଦିଗକୁ । ସେହି ସମୟରେ ଗୋଟାଏ ବ୍ୟଥାବୋଧ ତା' ଛାତିତଳୁ ଅତଡ଼ା ଖସିଲାପରି ଧସିପଡିଲା । ଶିର୍‌ଶିର୍ ହୋଇଗଲା ସମଗ୍ର ଶରୀର । ମଧ ବୟସର ନାରୀଟିଏ ଭିତରେ ମଥାପିଟିଦେଲା ଉତ୍ତାଳ ଗୋଟାଏ ତରଂଗ । ସେ ତଳକୁ ମୁହଁପୋତି ଛାତି ଆଉଁସି ଦେଲା । ଡଂଗା ଆଉ ସମୁଦ୍ର, ଜୀବନ ଆଉ ସୁଖ, ଢେଉ ଏବଂ ଉଦ୍ଦାମତା ଏସବୁ କାହିଁକି ତା' ପାଇଁ ଏମତି ହୋଇଯା'ନ୍ତି ।

ଭିଜାବାଲିର ଧାରେଧାରେ ସେ ଫେରୁଛି । ମାଛଖିଆ ପକ୍ଷୀଟିଏ ଫଡ୍‌କିନି ଉଡ଼ିଗଲା । ବୋବେଇ ଉଠିଲା । ଝାଉଁବଣ ସବୁ ଶିହରିତ ହେଲା ପବନ ଛୁଆଁରେ । ସେ ଅନ୍ୟମନସ୍କଥିଲା । ବଡ ଢେଉଟାଏ ଆସି ଭିଜେଇ ଦେଲା ତାକୁ । ଅଝଟ ପ୍ରେମିକ ପରି ଅଳିକରୁଥିଲା ତା' ଦେହରେ ଗୁଡେଇହୋଇ ଯିବାକୁ ଉଦାତ୍ତ ଭଂଗୀରେ । ଚିରକାଳ ଢେଉ ଆଉ ପ୍ରେମିକ ଏମିତି ବେଖାପ । ସେ ଚାହିଁଲା ସେହି ଢେଉର ଫେରିଯିବାର

Digitized by srujanika@gmail.com

ଛନ୍ଦକୁ । ଯିଏ ଡାକୁଥିଲା ଆ... ଆ... ବାହୁ ପ୍ରସାରିତ କରି । ତା'ର ସେହି ଭିଜେଇ ଦେବାର ତତ୍ପରତାମି ଦେଖୁଥିଲା ସମୁଦ୍ରକୁ ମୁହଁକରି ବସିଥିବା ଟୋକାଟା । ହସିଲା । ଆଖିରେ ତା'ର କାମନାର ଆମନ୍ତ୍ରଣଥିଲା ଏଇ ନିରୋଳା ପରିବେଶରେ । ସିପ୍ରା ଏକ ଝଲକ ଚାହିଁଲା ସେହି ଯୁବକଟିକୁ । ଢେଉର ମାଡରେ ତା'ର ଶାୟା, ଶାଢୀ ଛନ୍ଦୁରିହୋଇ ଯାଉଥିଲା । ଯୁବକଟି ବୟସରେ ତା'ଠୁ ଛୋଟଥିଲା ଅନେକଟା । ଅଥଚ ଚାହୁଁଥିଲା ବଡ ଅତୃପ୍ତ ଚାହାଣୀରେ ।

ସିପ୍ରା ତାକୁ ଅତିକ୍ରମ କଲା ଏବଂ ଚାଲୁଥିଲା ସେମିତି ଛନ୍ଦହୀନ ଗତିରେ । ଏତେଦିନପରେ ସଂସାର ଗଣ୍ଡିରୁ ବାହାରି ଏମିତି ଗୋଟାଏ ବଂଧନ ମୁକ୍ତ ପରିବେଶରେ ଆତ୍ମ- ଆବିଷ୍କାର କରୁଥିଲା । ଯେଉଁଠି ତା' ଚାରିପାଖରୁ ଜଡବାଦୀ ସଂସାରର ଖୋଳପା ଆପଣାଛାଏଁ ଖସି ପଡୁଥିଲା । ଏମିତି ସମସ୍ତଙ୍କର ହୁଏ କି ? ଅନ୍ତତଃ ସୁମୀତ୍‌ଙ୍କର ? ପଇସା, ପ୍ରାଚୁର୍ଯ୍ୟର ନିରବଚ୍ଛିନ୍ନ ଦୌଡପଛରେ ଯାହାର ସବୁ ସମୟ ଚାଲିଯାଉଛି ?

ସେ ଚାଲୁଚାଲୁ ପାଖେଇ ଆସିଥିଲା ଏବଂ ଦେଖିଲା ଅଧିକାଂଶ ମଣିଷ ପ୍ରାର୍ଥନା ଭଂଗୀରେ ଠିଆହୋଇଛନ୍ତି ସମୁଦ୍ରକୁ ଚାହିଁ ନିଃଶ୍ଚଳ ଭାବରେ । ସେମାନଙ୍କ ଭିତରେ କ'ଣ ସେହି ମୁକ୍ତ ମଣିଷଟିଏ ଆତ୍ମ- ପ୍ରକାଶ କଲା କି ସମୁଦ୍ରର ଏଇ ନିଃସୀମ ସୌନ୍ଦର୍ଯ୍ୟରେ ବୁଡି ? ଜାଗି ଉଠିଲାକି ମୁକ୍ତି ପିପାସା ଘର ସଂସାରର ଚାପରୁ ? ଯେମିତି ଏଇ ଉତ୍ତାଳ ଢେଉ, ପବନ ତା' ମସ୍ତିଷ୍କର ସବୁ ଭାରକୁ ଉଡାଇନେଇ ତାକୁ କରିଦେଇଛି ଛନ୍ଦହୀନ କବିତା । ନାଁ ଆଉ କିଛି ଦେଖୁଛନ୍ତି ସେମାନେ ସମୁଦ୍ର ଭିତରେ ?

ସୁମୀତ୍‌ଙ୍କୁ ଖୋଜିଲା । ଏଇ ଭିଡଭିତରେ ସେ ଦେଖିପାରିଲାନି । ପରିବେଶ ଏଠି ବିପନ୍ନ । ମଣିଷ ଆଜି କ୍ଳାନ୍ତ । ପିକ୍‌ନିକ୍ ଜାଗାରେ ଅସଂଖ୍ୟ ମଣିଷର ଭିଡ । ସେ ମୁହଁ ବୁଲାଇଲା ସମୁଦ୍ର ଆଡକୁ । ଦେଖୁଥିଲା ଲହରୀର ଉଦ୍ଦାମତାକୁ । ମଥା କଚାଡି ବେଳାଭୂମିକୁ ଆବୋରି ନେବାକୁ । ଲହରୀ ସବୁବେଳେ ଉଦ୍ଦାମ । ବେଳାଭୂମି ସବୁବେଳେ ଏମିତି ଅଂଗୀକାରବଦ୍ଧ । ହେଲେ ତା'ର ? ମଣିଷଙ୍କର ? ବାର ସମସ୍ୟା ଭିତରେ ଗୋଟାଏ ବିପନ୍ନ ବିକଳାଂଗ ମାନସିକତା ନେଇ ଏଇ ଲହରୀ ଦେଖିବାର ଆଖି କାହିଁ ? ତଥାପି କଳ୍ପନାରେ, ଅନୁଭବରେ ମେହସୁସ୍ କରିବାକୁପଡେ ଥରେଥରେ ଏଇ ମୁଣ୍ଡ କଚାଡି ଆବୋରିନେବାର ଭାବକୁ ।

ସିପ୍ରା ପାଖେଇ ଆସିଲା । ଏବଂ ଆଖିରେ ପଡିଲା ସେହି ଯୁବକ ମାନଙ୍କୁ । ଯେଉଁମାନେ ଖପ୍‌ଖାପ୍ ଡେଇଁଥିଲେ ସମୁଦ୍ରକୁ । ଦେଖେଇ ଦେଇଥିଲେ ସେମାନଙ୍କ ସ୍ମାର୍ଟନେସ୍ । ଏଇ ଯୁବକମାନଙ୍କର କି ପ୍ରକାର ପ୍ରବୃତ୍ତି ? ଗୋଟାଏ ତା' ଗ୍ରୁପକୁ ଛାଡି ଅନେକ ଭିତରକୁ ଚାଲିଯାଇଥିଲା । ସେହି ଦୃଶ୍ୟ ପ୍ରଥମେ ଦେଖି ସେ ମନେମନେ ବିରକ୍ତ ହୋଇଥିଲା । ଏତେ ଦୂରରେ ତୁ ବୁଡୁଛୁ କାହିଁକି ? ଦେଖେଇ ହେଉଛୁ ? ନାଁ ଜୀବନର ଭୋଗକରିବାର ମୁହୂର୍ତ୍ତ ଯୌବନକୁ ବିନିଯୋଗ କରୁଛୁ ? କ'ଣ ପାଇଁ ତୋ'ର ଏ ଦୁର୍ଦ୍ଦମ ଅଭିସାର । ହେଲେ ରାଗିଲେ ବି ସେ କିଛି କହିପାରିଲାନି । ତା' ଭାଇ ଦୀପୁର ବୟସ ହେବ ପିଲାଟି । ଦୀପୁ ହୋଇଥିଲେ ସେ କ'ଣ କରିଥାନ୍ତା ? ଭାବିଲାବେଳକୁ ମୁଣ୍ଡ ଗୋଳମାଳ ହୋଇଗଲା ।

Digitized by srujanika@gmail.com

ଏବେ ସେହି ବେପରୱା ଯୁବକଟି । ମହାସିନ୍ଧୁ, ଅତଳ, ଅଥଳ, ଅନନ୍ତ ଯା'ର ବ୍ୟାପ୍ତି । ତା'ରି ଗର୍ଭରେ । ଉଗ୍ର ଲହରୀର କବଳରେ । କେତେ ଅନିଶ୍ଚିତତା ମଣିଷର ଏଇ ସାମାନ୍ୟ ସତ୍ତା ଏଠି । ଅଥଚ ପିଲାଟା କେତେ ଦୁର୍ଦ୍ଦାନ୍ତ, କେତେ ଅସଂଯତ । ଏ କି ପ୍ରକାର ସାହାସ ସଂଗରେ ଖେଳ ?

ତାର ହାଲକା ହୋଇପଡିଥିବା ମନ ଏବେ ହଠାତ୍ କେଉଁ ସତର୍କ ଘଣ୍ଟିରେ ଓଜନିଆ ହୋଇପଡୁଛି । ସବୁ ଟୁରିଷ୍ଟ ନିଃଶବ୍ଦ ପ୍ରତିମାପ୍ରାୟ ଠିଆହୋଇଛନ୍ତି ସମୁଦ୍ରଧାରରେ । କାହାପାଟିରେ କଥା ନାହିଁ । ଦୃଷ୍ଟି ସ୍ଥିର ସେହି ବିନ୍ଦୁରେ । ମହାଗର୍ଜନ ସମୁଦ୍ରର । ସେହି ଗର୍ଜନ ଏବେ ଆଲିଂଗିନେବାର ବାର୍ତ୍ତାବହ ନୁହେଁ କି ଉଦ୍ଦାମ ପ୍ରେମିକ ନୁହେଁ । ଏବେ ତାହା ମହାକାଳକୁ ଅତିକ୍ରମି କେଉଁ ବିକଟାଳ ଶବ୍ଦପରି ସମସ୍ତଙ୍କୁ ସ୍ତମ୍ଭୀଭୂତ କରିଦେଉଛି । ସମସ୍ତେ ଏଠି କିଛି କରିପାରୁନଥିବାର ଅସହାୟତାରେ ମଗ୍ନ । ସମୁଦ୍ରଲହରୀ ଲମ୍ବିଯାଉଛି ଶତସହସ୍ର ଫଣାହୋଇ । ପିଲାଟି ଚାଲିଯାଉଛି ତା'ର ଏଇ କବଳରେ । ଅଥଚ କିଏ ଦୌଡ଼ି ଯିବ ? କିଏ ସମୁଦ୍ର ଭିତରକୁ ଯିବ ? ଭୟଙ୍କର ଫାଶରୁ ଟାଣିଆଣି ପାରିବ ? ସେ ବାତୁଳିପ୍ରାୟ ଦୌଡିବାକୁ ଲାଗିଲା । ଉପାୟ ଖୋଜିଲା । କେହି ସେଠିକାର ଲୋକ ନାହାନ୍ତି କି ଧୀବର ଜାତିର । ସମସ୍ତେ ଏଠି ଆଗନ୍ତୁକ । ବାବୁ ଭୟା । ଗାଁ ଗଣ୍ଡା ପାଖରେ ନାହିଁ । କେବଳ ନିର୍ଜନ ବାଲିବନ୍ତ, ଝାଉଁବଣ, ସମୁଦ୍ରର ଅଟ୍ଟହାସ୍ୟ । ନିୟତିର ଅଦୃଶ୍ୟ ହାତର ଖେଳରେ ଏବେ ପିଲାଟି ଢେଉ ସଂଗେ ଆସୁଛି ପୁଣି ଫେରିଯାଉଛି ଫେରନ୍ତା ଢେଉରେ । ବଂଚିବାର ନିଶାରେ ସଂଘର୍ଷ ଜାରି ରଖିଛି । ଅଥଚ ସେ କ'ଣ ପାରିବ ? ଏତେବଡ ମହାସାଗରର ବିଶାଳ ଅସ୍ତିତ୍ୱ ଆଗରେ ତା'ର ଏ ପ୍ରୟାସ କେତେଦୂର ସଫଳ ହୋଇପାରିବ ? ଅନନ୍ତ ସିଂଧୁ ସାମନାରେ କେତେଟିକେ ବା ସତ୍ତା ସେ ? କେତେଟିକେ ଶକ୍ତି ? କେମିତି ଆସିବ ?

ସେହି ପିଲାଟି ସଂଗରେ ଆସିଥିବା ସଂଗସାଥି ଏବେ ହତଭମ୍ବ । ସ୍ତବ୍ଧ, ନିର୍ବିକାର । ଝିଅମାନଙ୍କର ଓଢଣୀ ଗଣ୍ଠିପକାଇ ଲମ୍ବାକଲେ ବି ପାଉନାହିଁ । ତା' ଅଗରେ ଝାଟିଟାଏ ବାଂଧି ଫୋପାଡିଲେ ବି ସାମାନ୍ୟ ଅସ୍ତିତ୍ୱ ତା'ର ଭାସିଯାଉଛି ଲହରୀର କ୍ରୁଧିତ ଆଖିରେ । କିନ୍ତୁ ମଣିଷର ମନ ତ ଉଡନ୍ତା ପକ୍ଷୀ । ମନେ ହେଉଛି ହଁ....ପହଁଚ ଯିବ । ଏଇ ଓଢଣୀ ରୂପକ ରକ୍ଷାକବଚଟି ପରାକ୍ରମୀ ଲହରୀର ଗର୍ବଭାଂଗୀ ପଂହଚିଯିବ ପିଲାଟି ପାଖରେ । ସେମାନେ ପୁନଶ୍ଚ ଯୋଡୁଛନ୍ତି ଆଉ ଖଣ୍ଡେ ଓଢଣୀ । ଆଶା ରଖୁଛନ୍ତି ପଂହଚିଯିବ । ହେଲେ ନିଷ୍ଠୁର ନିୟତି । ପିଲାଟି ସହିତ ଦୂରତ୍ୱ ବଢିଚାଲିଛି ଓଢଣୀର । କେତେଜଣ ନିରାଶ ହୋଇ ଦୌଡୁଛନ୍ତି ସେହି ଡଂଗାଟି ପାଖକୁ । ସେମାନେ କ'ଣ ପହଂଚିପାରିବେ ସେହି ଡଂଗାଟି ପାଖରେ ? କେତେ ସମୟ ଲାଗେ ସେଠି ପହଞ୍ଚିବାକୁ ଆଉ ସେହି ଘଡିକ ମୃତ୍ୟୁକୁ ଅଟକାଇ ଅପେକ୍ଷା କରିବାକୁ ? ସେହି ଫାଙ୍କ ଭିତରେ କେତେଦୂର ପିଲାଟା ସଂଘର୍ଷ କରୁଥିବ ? ଡଂଗା ପାଖରେ ପଂହଚି ସେଇଟିକୁ ବାଲିରୁ ଉଠାଇ ସମୁଦ୍ରର ଲହରୀରେ ସେମାନେ ଠିକ୍ ଭାବେ ବୁହାଇ ଆଣିପାରିବେ ଯେମିତି ନୋଳିଆମାନେ ଆଣନ୍ତି ? ସେ ଅଭିଜ୍ଞତା କି ଅଛି ଏଇ ଦୌଡୁଥିବା ମଣିଷଙ୍କ ପାଖରେ ? ସେମାନଙ୍କର ଏଇ ଦୌଡିବା ଭିତରେ କ'ଣ ନିର୍ଭର ପ୍ରତିଶ୍ରୁତିଟିଏ ରହିଛି ବଂଚାଇବାର

Digitized by srujanika@gmail.com

? ଆସନ୍ନ ମୃତ୍ୟୁର ଏଇ ପଞ୍ଝା ଭିତରୁ ସେମାନେ କ'ଣ ଟାଣିଆଣି ପାରିବେ ? ସେମାନଙ୍କର ଏଇ ଦୁର୍ବାର ପରିକଳ୍ପନାରେ ଉପକୃତ ହେବାକୁ କେତେ ସମୟ ଦରକାର ? ସିପ୍ରା ସେଇଠି ଠିଆହୋଇ ପଡିଲା ଏବଂ ଚାହିଁଲା ଦିଗ ବିଦିଗ ଶୂନ୍ୟ ହୋଇ ଛୁଟୁଥିବା ସେହି ଯୁବକମାନଙ୍କୁ ।

ନାଁ... କୌଣସି ଉପାୟ ନାହିଁ ଆଉ । ଏବେ ସମସ୍ତେ ଧ୍ୟାନରତ ପରି ଠିଆହୋଇଛନ୍ତି । ଅବା ଟି: ଭି ପର୍ଦ୍ଦାରେ ଦେଖୁଛନ୍ତି ଗୋଟାଏ ଲାଇଭ ଟେଲିକାଷ୍ଟର ଛବି । କେତେବେଳେ ମୃତ୍ୟୁ ଆସି କବଳିତ କରିବ ତାକୁ । ଆଉ ପିକ୍‌ନିକ୍‌ରେ ଆସିଥିବାର ସମସ୍ତ ଆନନ୍ଦ ଯେ ନଷ୍ଟ ହୋଇଗଲାଣି ଫେରିଲେ ବି ସେମାନେ ଅନ୍ନଛୁଇଁ ପାରିବେନି ତା' ସମସ୍ତେ ହେଜିଲେଣି ।

ସିପ୍ରା ଏକଲୟରେ ଚାହିଁ ରହିଛି । କିଏ ସେହି ଯୁବକ ? କାହାର ପ୍ରେମିକ ? କାହାର ପୁତ୍ର ? କାହାର ଭାଇ ? ଏତେ ସୁନ୍ଦର ଶରୀର । ଭରନ୍ତ ଯୌବନ । ତା'ର ପ୍ରେମିକା କ'ଣ ତା'ସଂଗରେ ଆସିଛି ? ଯଦି ଆସିଥାଏ କ'ଣ ଭାବୁଥିବ ସେ ? କ'ଣ ଭାବୁଥିବ ଯୁବକଟି ? ମୃତ୍ୟୁର ଛାଇ ଯେଉଁଠି ଲମ୍ବି ଆସୁଛି ତା'ର ସମଗ୍ର ଶରୀର ଢାଙ୍କି ।

ଏବେ ତୁମର କାହାକଥା ମନେପଡୁଛି ? ବାପା, ବୋଉ, ଭାଇ, ଭଉଣୀ । ସେମାନଙ୍କ ମୁହଁ ଛବିହୋଇ ଭାସିଯାଉଛି କି ? ନାଁ ସବୁଦିଗରୁ ତୁମେ ବ୍ଲାଙ୍କ । ଭୟ ଲାଗୁନି ? ଜୀବନ ମୃତ୍ୟୁର ଏଇ ସନ୍ଧିକ୍ଷଣରେ କାହାକୁ ତୁମେ ଆଶ୍ରୟ କରୁଛ ? ଧନ୍ୟ ତୁମେ । ଧନ୍ୟ ତୁମର ସାହାସ । ତୁମର ମସ୍ତିଷ୍କ, ହୃତପିଣ୍ଡ କେତେ ଶକ୍ତ । ତୁମେ ଏବେ ବି ସଂଘର୍ଷ କରିଚାଲିଛ । ବିବଶ ହୋଇପଡିନାହଁ । ତୁମେ ଏଇ ମୁହୂର୍ତ୍ତରେ ଇଶ୍ୱରଙ୍କ ଦରବାରରେ ହାତଯୋଡି ସବୁକିଛି ଉୟଭାବନା ଛାଡି କ'ଣ ଉତ୍ସର୍ଗୀକୃତ ହୋଇପାରିଛ ? କିଏ ବା ଆଉ ବଂଚାଇ ପାରିବ ତୁମକୁ ଏ ବେଳାରେ ? ସେହି ଅଦୃଷ୍ଟ ଭାଗ୍ୟ ବିଧାତା । ଯାହା ହାତରେ ତୁମ ଜୀବନ ମୃତ୍ୟୁର ଦଣ୍ଡିପଲା ।

ସିପ୍ରା ଠିଆହୋଇଥିଲା ସମୁଦ୍ରକୁ ଚାହିଁ । ଭାବୁଥିଲା ଜୀବନର ସ୍ୱପ୍ନ କି ଏମିତି ପୋଛି ହୋଇଯାଏ ଗୋଟାଏ ମୁହୂର୍ତ୍ତରେ । ଏତେ ସମାରୋହ ବିଳୀନ ହୋଇଯାଏ ଆଖିର ପଲକ ପାତରେ ? ତା' ଭିତରୁ ଗୋଟାଏ କାନ୍ଦଣାର ସ୍ୱର ଉଠି ଆସୁଥିଲା । ପିଲାଟା ରୂପାନ୍ତରିତ ହୋଇଯାଉଥିଲା ତା'ର ଛୋଟ ଭାଇ ଦୀପୁକୁ । ତା'ର ଛାତିଫଟାଇ ଡାକିବାକୁ ଇଛାହେଉଥିଲା... ଦୀପୁରେ....ତୁ ଫେରିଆ ....ଫେରିଆ.... । ଜୀବନର ଅନେକ ରାସ୍ତା ବାକି, ଅନେକ ସ୍ୱପ୍ନ ଆହୁରି ବାକି ।

ମନେହେଲା ଦୀପୁ ଡାକୁଛି । କେହିତୁମେ ସନ୍ତରଣ ଜାଣିନା କେମିତି ? ମୋତେ ଏଠୁ ବଂଚାଅ । ମୁଁ ବଂଚିବାକୁ ଚାହେଁ । କାହିଁକି ଠିଆ ହୋଇଛ ମୂକ, ନିର୍ବାକ ହୋଇ ?

ସିପ୍ରା ପୁନଶ୍ଚ ଦୌଡିଲା ବାତାଳପ୍ରାୟ । କେଉଁଠିକୁ ଦୌଡୁଛି ତା' ବି ଜାଣିନି । କ'ଣ ଯେ କରିପାରିବ ତା' ବି ବୁଝେନା । ରାସ୍ତାରେ ଭେଟିଲା ତା' ଗ୍ରୁପର ପରିଡାବାବୁଙ୍କୁ । ସେ ବୁଦ୍ଧିଆଲୋକ ବୋଲି ତା'ର ମନେପଡିଗଲା । କ'ଣ ଗୋଟାଏ ଉପାୟ ଥାଇପାରେ ଉଦ୍ଧାରିବାର ପଚାରି ଦେବକି ?

Digitized by srujanika@gmail.com

—ପରିଡାବାବୁ ! କୁହନ୍ତୁ ପିଲାଟା କେମିତି ବଂଚିବ । କ'ଣ ଗୋଟାଏ ପ୍ଲିଜ ଶୀଘ୍ର ଭାବିଲେ । ପିଲାଟା ଓ:ୟୁ:ଏ:ଟି ରେ ଏମ: ସି:ଏ କରୁଛି । ବୟସ ଏକୋଇଶ । ଆଜି ଯେତେବେଳେ ଅନ୍ୟପିଲାମାନେ ଫେରିଯିବେ ଅଥଚ ଏ ପିଲାଟି ନଥିବ, କେମିତି ବଂଚିବେ ତା' ବାପା,ବୋଉ !

ପରିଡାବାବୁ ସାମାନ୍ୟ ନିରୁତ୍ତର । ସତେ କି ତାଙ୍କ ଭିତରେ ସେହି ପିଲାଟିକୁ ବଂଚାଇବାର ଅଲିଖିତ ରହସ୍ୟଟିଏ ଅଛି । ଗୁମ୍‌ମାରି କହିଲେ —ଆମ ବସ୍ ରହିଛି ବଂଧ ଉପରେ । ଟ୍ୟୁବଥିବ ଦେଖନ୍ତୁ ।

—ଟ୍ୟୁବ୍....? ନାଁ... ନାହିଁ ଟ୍ୟୁବ୍ । ତା'ସେ ଜାଣେ । ତଥାପି ସିପ୍ରାର ମନେହେଲା ସେଠି ରହିଛି ସୁନ୍ଦର ଗୋଟାଏ ଟ୍ୟୁବ । ଗାଡି ଭିତରେ କେଉଁଠି ହେଲେ ଅଛି । ପବନରେ ଫୁଲି ଉଠିଛି ତା'ର ଅବୟବ । ସେ ଜାହିର କରୁଛି ତା'ର ଅସ୍ତିତ୍ୱ । ମୁଁ ଅଛି ଜୀବନର ରକ୍ଷା କବଚହୋଇ ଏଇ ଗାଡିରେ । ତୁମେମାନେ ଏତେ ବିବ୍ରତହୋଇ କୁଆଡେ ଛୁଟାଛୁଟି କରୁଛ ? ସିପ୍ରାର ଆଖିରେ, କଳ୍ପନାରେ ଏବେ ଅନେକ ଆଶାର ପ୍ରଦୀପ । ଟ୍ୟୁବର କଳ୍ପନାରେ ସେ ମସଗୁଲ । ସେଠି ଯେ ଟ୍ୟୁବ ନାହିଁ ତା' ସେ ଜାଣେ । କିନ୍ତୁ ମନେହେଉଛି ସେଠି ଟ୍ୟୁବ୍‌ଟା ରହିବା କଥା । ସେ ମାନିନେବାକୁ ଚାହେଁନା ସେହି ନିର୍ମମ ବାସ୍ତବତା । ତା' ହୃତପିଣ୍ଡକୁ ଜଡ କରିଦେଉଛି ଏଇ ଛବିଟି —ପିଲାଟି ଲହରୀର ପ୍ରକୋପରେ ଆସୁଛି, ପୁନଶ୍ଚ ଫେରିଯାଉଛି । ପାରୁନି ଅତିକ୍ରମ କରି ମୃତ୍ୟୁରୁ ଜୀବନକୁ । ଆହାଃ... ଆଦୌ ଯେ ପାରୁନି ।

ସିପ୍ରାର ଏଇ ଉଦ୍‌ଭ୍ରାନ୍ତ ଗତି, ଉଦ୍‌ଭଟ ମାନସିକତା ଭିତରେ ଖୋଜିଲା ସୁମୀତ୍‌ଙ୍କୁ । ଦେଖିଲା ପଲକହୀନ ଆଖିରେ ସେ ଚାହିଁଛନ୍ତି ପିଲାଟିକୁ । ମୁହଁଟି ଦିଶୁଛି ବଡ ଭୟାଚ୍ଛନ୍ନ । କରୁଣ । ଗୋଟାଏ ବିବର୍ଣ୍ଣ ମଧ୍ୟାହ୍ନ ଅବା ଓହ୍ଲେଇ ଆସିଛି ତାଙ୍କ ଚେହେରା ଉପରେ । ସେ ବ୍ୟାକୁଳ କଣ୍ଠରେ କହିଲା —ସୁମୀତ୍ ! ଟ୍ୟୁବ୍‌ଟା ନେଇ ଆସିବ ଟିକେ ଗାଡି ଭିତରୁ । ସୁମୀତ୍ ଘୋରକାଟି କହିଲେ—ଟ୍ୟୁବ୍ ? ଟ୍ୟୁବ୍ କେଉଁଠି ?

—ତୁମେ ଯାଅ । ମୋର ମନେହୁଏ ଟ୍ୟୁବ ଅଛି ସେଠି । ସୁମୀତ୍ ଟିକେ ଥଂଗେଇ ଥଂଗେଇ କହିଲେ —ଯିବି...? ଟ୍ୟୁବ ନ ଥିବ ଲାଗୁଛି । ଥିଲେ ତ କାମରେ ଲାଗନ୍ତାଣି ?

—ପ୍ଲିଜ ତୁମେ ଟିକେ ଦୌଡିଯାଅ । ସ୍ଥିର ହେବାର ମୁହୂର୍ତ୍ତ ଏ ନୁହଁ । ଥଂଗେଇ ଚାଲିବାର ସମୟ ନୁହଁ । ପାଗଳପ୍ରାୟ ତା'ର ଆର୍ତ୍ତନାଦ ।

ଏବେ ଯେ ସେ ଆଉ ସକାଳର ସୁମୀତ୍ ନାହାଁନ୍ତି । ଯେପରି ଅନ୍ୟ ଏକ ସୁମୀତ୍ । ତାଙ୍କର ରୂପ, ରଂଗ, ଚେହେରା ପାଲଟି ଯାଇଛି ଗୋଟାଏ ଦରଦୀ କବିତା । କଠୋର ସତ୍ୟଟାଏ ତାଙ୍କର ସାମନାରେ ଘଟିଗଲା । ତାକୁ ପ୍ରତ୍ୟକ୍ଷ କରି ସେ କ'ଣ ଏମିତି ହୋଇଗଲେ । ସୁମୀତ ଏବେ ଦୌଡୁଛନ୍ତି । ସିପ୍ରା ଖୁସୀ । ଆଶାର ମଶାଲଟାଏ ଅବା ଅଂଧାର ଭିତରେ ସେ ଖୋଜି ପାଇଛି । ସୁମୀତ୍‌ଙ୍କ ପ୍ରତ୍ୟକଟି ପାଦ ଆଗେଇବାରେ ସେ ସନ୍ତୁଷ୍ଟ । ଟ୍ୟୁବ୍ ମିଳୁ ବା ନ ମିଳୁ । ତା' କଥା ମାନିଛନ୍ତି । ଗୋଟାଏ ଭରସା, ଆଶାର ପ୍ରତିଶ୍ରୁତି ଅବା ଲେଖିହୋଇଯାଉଛି ସେ ଅତିକ୍ରମ କରୁଥିବା ସମୁଦ୍ରବାଲି ଆଉ

Digitized by srujanika@gmail.com

ଗାଡିର ନିକଟବର୍ତ୍ତୀ ହେବାରେ । ହଁ... ପଂହଚିଲେ ସେ ବସ୍ ପାଖରେ । ନେଇ ଆସିବେ ତା' ଭିତରୁ ଉପ୍‌ସିଦ୍ ଟ୍ୟୁବଟି ।

ସିପ୍ରା ଚାହିଁଛି ସୁମୀତ୍‌ଙ୍କୁ । ବସ୍ ଭିତରୁ କେହିଜଣେ ଦୌଡୁଛି ଚିଲପରି । ତା'ର ପ୍ୟାଣ୍ଟ, ସାର୍ଟ ସବୁ ଫୋପାଡି ଦେଉଛି ବାଲି ଉପରେ । ହାତରେ ଦଉଡି । ପତଳା ଶରୀରର ମଣିଷଟିଏ । ତୀବ୍ର, ଅତିତୀବ୍ର ତା'ର ଗତି । ଯେମିତି କି କେଉଁ ଗହନ ନିଦରୁ ଉଠିଛି ଚମକି ପଡି । ପଂହଚି ଯାଇଛି ସମୁଦ୍ର ପାଖରେ ।

ସେ ଖପ୍‌କିନି ଡେଇଁ ପଡୁଛି ସମୁଦ୍ରକୁ । ଉତ୍ତାଳ, ଉଦ୍ଧତ ଭୟାନକ ସେହି କାଳ ଢେଉର ଅଂହକାରକୁ ଚାପିଦେଇ ତା 'ର ପତଳା ଶରୀରରେ । ତା'ର ଉନ୍ନତ ଫଣାକୁ ସେ ଖାତିର କରେନାହିଁ । ଅତିକ୍ରମକରି ପଂହଚି ଯାଇଛି ଯୁବକଟି ପାଖରେ । ଦଉଡିଟା ବଢାଇବ କ'ଣ ହାତ ବଢାଇ ଦେଉଛି ସେ । ଦୀର୍ଘ ପଇଁଚାଳିଶ ମିନିଟ ମୃତ୍ୟୁ ସଂାଗରେ ଯୁଝିଯୁଝି ବିଷଣ୍ଣ ସେହି ଯୁବକର ଶେଥା ପଡିଯାଇଥିବା ହାତରେ ତଥାପି ଜୀବନୀ ଶକ୍ତି ଅଛି ଲମ୍ବି ଆସିବାକୁ ମୃତ୍ୟୁର ବଳୟରୁ ଜୀବନକୁ । କିଏ ସେହି ? କାହାର ଏ ହାତ ? ଯାହାକୁ ଧରିନେଇ ସେ ବାହାରିଯିବ ଏବେ ମୃତ୍ୟୁର ସୀମାରେଖା ଡେଇଁ ?

ସେ ହାତ କି କେଉଁ ଦେବଦୂତର ? ଯିଏ ଓହ୍ଲାଇ ଆସିଲା ପୃଥିବୀ ପୃଷ୍ଠକୁ ଜୀବନ ଦାନ ପାଇଁ ? ଯେତେବେଳେ ତା'ର ଆଖିରେ ପୃଥିବୀ ଧୂଆଁଳିଆ, ଗୋଡ ଲାଗିଯାଉଛି ତଳକୁ, ବାରମ୍ବାର ସିଧା ଠିଆହେବାର ଚେଷ୍ଟା କରୁଛି, ଦେହ ଶେଥା ପଡିଗଲାଣି, ଯେତେବେଳେ ସମସ୍ତ ପାପର ଭୋଗକୁ ସ୍ୱୀକୃତି ଜଣାଇ ସେ ମୃତ୍ୟୁକୁ ଅପେକ୍ଷାକରିଛି, ଠିକ୍ ସମସ୍ତଙ୍କୁ ତଟସ୍ଥ କରାଇ, ପାପର ସୀମାରେଖା ପାର କରାଇ ଏ ହାତ ଲମ୍ବି ଆସିଲା ତାକୁ ଉଦ୍ଧାର କରିବାକୁ ।

ଯୁବକଟି ଏବେ ପାର ହୋଇଯାଉଛି କ୍ରୁରକାଳର ସହସ୍ର ଫଣାକୁ । ତା' ଆଖିରେ ଏବେ ସୁନ୍ଦର ପୃଥିବୀ । ରଂଗ ବେରଂଗ ପୋଷାକ ପିଂଧା ସହସ୍ର ମଣିଷ । ଯେମିତି ଗୋଟାଏ ମହୋତ୍ସବ । ସେ ହେଉଛି ଜୀବନ । ଯୁବକଟିର ତଥାପି ଅଭିମାନ ନାହିଁ କି ଅଭିଯୋଗ, ବରଂ ରହିଛି କୃତଜ୍ଞତାବୋଧ, ବଂଚିଯାଇଥିବାର ଆତୁର କରୁଣତା । ଲମ୍ବହୋଇ ଶୋଇପଡି ମୁଣ୍ଡିଆ ମାରୁଛି ସମୁଦ୍ର ଉଦ୍ଦେଶ୍ୟରେ । ଆଖିରେ ତା'ର ଲୁହ । ଜୀବନ ପ୍ରତି ମମତ୍ୱବୋଧ ।

ସମସ୍ତେ ଏବେ ଯୁବକଟିକୁ ଘେରି ଠିଆ ହୋଇଛନ୍ତି । ଆଖିରେ ଆନନ୍ଦର ଝଲକ । ଆଶ୍ଚର୍ଯ୍ୟ ବିସ୍ମୟରେ ଭରା । ବଡ ଦରଦ, ସହାନୁଭୂତି ଏବେ ସମସ୍ତଙ୍କ ଛାତିତଳେ । ଏଇ ଗଭୀର ଆନନ୍ଦଧାରା ଯେପରି ବାଲିବନ୍ତ, ଝାଉଁବଣ, ପବନର ସଁ...ସଁ...ଶବ୍ଦରେ ପ୍ରକାଶିତ ହେଉଛି ।

ସିପ୍ରା ଆଗେଇ ଚାଲିଛି ଯୁବକଟି ଆଡକୁ । ତା' ହୃଦୟରେ ଆଜି ଅନେକ ରଂଗର ମହୋତ୍ସବ । ଯୁବକଟି ସ୍ତବ୍ଧ ହୋଇ ଠିଆହୋଇଛି । ଆଖିରେ ଲୁହଟଳମଳ । ଓଠର ଶବ୍ଦ ଅସ୍ଫୁଟ । ସିପ୍ରା ଆଗେଇ ଯାଉଛି । ପଣତ କାନିରେ ପୋଛି ଦେଉଛି ତା' ଦେହର ବାଲି । ମୁଣ୍ଡ ସାଉଁଳି ଦେଉଛି । ଅଠା ଅଠା କେଶକୁ କେରିକେରି କରି ଖୋଲିଦେଉଛି । କୋଳେଇ ନେଉଛି ତାକୁ । ଆଖିରେ ତା ଅମାନିଆ ଲୁହ । ତୁ ବଂଚିଛୁ ?

Digitized by srujanika@gmail.com

ଦୀପୁ... ତୁ... ବଂଚିଲୁ ? ପିଲାଟା କିନ୍ତୁ ଖୁବ୍ ନିର୍ବାକ୍ । ମହାକାଳର ଏ ସନ୍ଧିକ୍ଷଣରୁ ଫେରି କି ଉତ୍ତର ଦେବ ସେ ? ପ୍ରକୃତିସ୍ଥ ହେବାକୁ ତାକୁ ସମୟ ଦରକାର ।

ସିପ୍ରାର ବିହ୍ୱଳତା ବଢୁଥିଲା । ସୁମୀତ୍ ପାଖେଇ ଆସି ଧରିନେଲେ ତା'ର ହାତ । ଡାକିଲେ - ଆସିଯିବା ।

ସିପ୍ରା ଆଖି ପୋଛୁଥିଲା । କହିଲା-ପିଲାଟା ବଂଚିଗଲା ମୁଁ କେତେ ଖୁସୀ ତୁମେ ବୁଝି ପାରିବନି ।

—ମୁଁ ବି । ଆଜି ଆଉ ଘରକୁ ଫେରିବାକୁ ଇଚ୍ଛା ହେଉନି । ମନହେଉଛି ଏଇ ନିଃଶବ୍ଦ ବେଳାଭୂମିରେ ଘଡିଏ ଅଟକିଯିବାକୁ । ଚାଲ 'ଯାତ୍ରିନିବାସ'ରେ ଆଜି ରାତିଟା ରହିଯିବା ।

ସୁମୀତ୍ଙ୍କ କଣ୍ଠରେ ଅବିଶ୍ୱାସନୀୟ ଦରଦ । ସିପ୍ରା ଆଚମ୍ବିତ ହେଲା । ଏତେ ହଠାତ୍ ସୁମୀତ୍ ଏମିତି ପ୍ରସ୍ତାବଟାଏ ଦେବେ ଜାଣିନଥିଲା ।

—ସତ କହୁଛ ?

—ହଁ... ଭୀଷଣ ଭାବରେ ମୋର ବିଶ୍ରାମ ଦରକାର ।

ଖାଇବା ସହ ସେମାନେ ଉଠିଲା ବେଳକୁ ଅସ୍ୱଚ୍ଛ ଅଂଧାର ଘେରି ଆସିଥିଲା ବେଲେଶ୍ୱରର ଝାଉଁବଣ ଉପରେ । କୁହୁଡି ଘନ ହେଉଥିଲା । କୋଣାର୍କରେ ଓହ୍ଲାଇ ପଡିଥିଲେ ସେମାନେ । ନୂଆ ମନପ୍ରାଣ ନେଇ ଅବା ଚାଲୁଥିଲେ ଯାତ୍ରୀନିବାସର ଲମ୍ବା ଲନ୍‌ରେ । ବୁକିଂସାରି ସୁମୀତ୍ କାଉଣ୍ଟର ଉପରୁ ଚାବି ଆଣିଲେ । ସିପ୍ରାର ବିଭୋର ଅବସ୍ଥା । ବନ୍ଦ ରୁମର ଝର୍କା ଖୋଲି ଦେଖିଲା ଝାଉଁବଣ ଉହାଡୁ ଜହ୍ନ ଉଇଁ ସାରିଛି । ସମୁଦ୍ରର ଘୁ...ଘୁ ଗର୍ଜନ ଶୁଭୁଛି । ସଂଚରି ଯାଉଛି ତା'ର ସମଗ୍ର ସତ୍ତାରେ । ସେ ମନେ ମନେ ଉଚ୍ଚାରଣ କଲା ଆହାଃ ! କି ସୁନ୍ଦର ଶୀତ ରାତି । ଲାଗିଲା ଆଜି ଏତେ ଦିନପରେ ସୁମୀତ୍ ତାର ଖୁବ୍ ପାଖରେ । ତାର ଅନ୍ତରଂଗ ସତ୍ତାରେ । ଅନୁଭବରେ, ପ୍ରତ୍ୟକ୍ଷ ନିଃଶ୍ୱାସରେ ରହିଛନ୍ତି ସେ । ସୁମୀତ୍ ଖୁବ୍ ପାଖରେ ଠିଆହୋଇ ଥିଲେ । ତାଙ୍କର ନିଃଶ୍ୱାସ ତା' ଦେହରେ ଲାଗୁଥିଲା । ତାଙ୍କ ହାତର ଛୁଆଁ ତା'ର କାନ୍ଧରେ । କଣ୍ଠ ବାଷ୍ପାକୁଳ । "କଣ ହୋଇଥାନ୍ତା ସିପ୍ରା ଆଜି ଯଦି ସେ ପିଲାଟା ଜାଗାରେ ତୁମେଥାନ୍ତ" !

ସିପ୍ରା ଘୂରିଚାହିଁଲା ସୁମୀତ୍‌ଙ୍କୁ । ମଥା ଥାପିଦେଲା ତାଙ୍କ ବୁକୁରେ । ସୁମୀତ୍‌ଙ୍କର ବଂଧନ ଶକ୍ତ ହେଉଥିଲା ତା'ର ଚାରିପାଖରେ । ମନେ ହେଉଥି ଲା କେଉଁ ଅଦୃଶ୍ୟ ମହାକାଳ ହାତରୁ ସେ ସିପ୍ରାକୁ ଛଡେଇ ଆଣିଛନ୍ତି ଆଉ ଗଭୀର ବଂଧନରୁ କେହି ନେଇଯାଇ ପାରିବେ ନାହିଁ । ସିପ୍ରାର ମନେହେଲା ଆସ୍ତେ ଆସ୍ତେ ସୁମିତ୍ ପାଲଟି ଯାଉଛନ୍ତି ସକାଳର ସେହି ଦୁଃଷ୍ଟ ଉଦ୍ଦାମ ଢେଉ । ଆଉ ବେଳାଭୂମି ହୋଇ ସବୁ ଉଦ୍ଦାମତାକୁ ଆବୋରି ନେବାକୁ ସେ ଅନେକ ଯୁଗରୁ ଉଦ୍‌ଗ୍ରୀବ ।

□□□

Digitized by srujanika@gmail.com

ଅନ୍ବେଷଣ

ରାତି କେତେହେବ କେଜାଣି । ଗୋଟାଏ ପକ୍ଷୀର ଡାକ ତାକୁ ବଡ ବିକଟାଳ ଲାଗିଲା । କ୍ରମାଗତ ଭାବେ କର୍କଶ ସ୍ୱରରେ ଡାକିଉଠିଲା । ଚାଉଁକିନା ନିଦ ଭାଂଗିଗଲା ନମିତାର । ସେ ଗାଲେଇ ଶୁଣିଲା, ପକ୍ଷୀଟି ଆଉଥରେ ଡାକି ଉଠିବ କି ? ନାଁ । ପୁନଶ୍ଚ ନୀରବତା ପୃଥିବୀ ଉପରେ । ଅବା କେଉଁ ଆଦିମ ଯୁଗର ପୃଥିବୀଟାଏ । ମଣିଷର ଜନ୍ମ ଏଠି ହୋଇନି । କେବଳ ବଡବଡ ସରୀସୃପମାନେ ଆତଯାତ ହେଉଛନ୍ତି । ସେ ଆଖିବୁଜି ପୁନଶ୍ଚ ଶୋଇବାକୁ ଚେଷ୍ଟାକଲା । ନିଦଟା ଆସିଗଲେ ଚଟାପଟ୍ ସମୟ ଚାଲିଯାଆନ୍ତା ଆଉ ସକାଳ ହୋଇଯା'ନ୍ତା । ତା'ର ଏ ଛାତିଥରା ଭୟ ମଧ୍ୟ ଆତ୍ମ- ଗୋପନ କରନ୍ତା ତା'ନିଜଠାରୁ । ହେଲେ ତା' ହେଲାନି । ତା'ମଥା ଭିତରକୁ ଗୋଟାକପରେ ଗୋଟାଏ ଦୃଶ୍ୟ ଭାସି ଆସିଲେ । ସେ ସେହିମାନଙ୍କୁ ନେଇ ଖେଳିଲା ।

ବିଜନ ଭାଇ ଆଜି ଆସିଥିଲେ । ଠିଆ ହୋଇଥିଲେ ତା' ଗେଟ୍ ସାମନାରେ । ରାଉରକେଲା ଷ୍ଟିଲ ପ୍ଲାଣ୍ଟରେ ସେ ଫୋରମ୍ୟାନ । ତାଙ୍କର ବା ସମୟ କାହିଁ ଆସିବାକୁ । ଏତେଦୂର ବଂଧମୁଣ୍ଡା ପରି ଜାଗାକୁ । ଗୋଟାଏ ବସ, ଅଟୋ ବଦଳାଇ । ତଥାପି ଗାଁର ପିଲାବୋଲି ତା' ପାଖକୁ ଆସିଥିଲେ । ଆସି ବାହାରେ ଠିଆହୋଇଥିଲେ । ଗେଟରେ ଝୁଲୁଥିଲା ମସ୍ତଗୋଟାଏ ତାଲା । ଘରର କବାଟ, ଝର୍କା ସବୁ ବନ୍ଦ । କ୍ବାଟର ଗୁଡିକ ଏତେ ଛଡାଛଡା ଯେ ପ୍ରତ୍ୟେକଟି ଯେମିତି କେଉଁ ନିର୍ଜନ ଦ୍ୱୀପ । ସେ ଆଶାୟିତ ଆଖିରେ ଏପଟ ସେପଟକୁ ଚାହିଁ ଘର ଭିତରକୁ ପଶିବାର ଉପାୟ ଖୋଜି ପାଇନଥିଲେ । ଝର୍କା ଫାଙ୍କରେ ସେ ଦେଖୁଥିଲା ବିଜନ ଭାଇଙ୍କର ସେହି ଅସହାୟ ହୋଇ ଠିଆ ହୋଇଥିବାର ଭଂଗୀ । ପାଖପଡିଶାଙ୍କୁ ନ ପଚାରି ପାରୁଥିବାର ରୁଦ୍ଧ ଆବେଗ । ଅନୁଚ୍ଚାରିତ ସେହି ଶବ୍ଦର ଢେଉ ଯେମିତି ତା' କାନରେ ପଡୁଥିଲା ପାହାଡ଼ ତଳେ କେହି କାହାକୁ ଡାକିଲାପରି । କିନ୍ତୁ ସେ କ'ଣ ଭାଂଗିଦେଇ ପାରିବ କି ରାଜେଶର ସେହି ଆସ୍ୱର୍ଦ୍ଧା ? ଗୋଇଠାଟାଏ ମାରିବକି ଏଇ କବାଟରେ ସମସ୍ତଙ୍କୁ ଦେଖେଇ ? ନାଁ ... ଚେଷ୍ଟାକରି ପାରିବ ଭାଂଗିଦେବାକୁ ତା' ପ୍ରତି ଅବମାନନାର ଏଇ ପ୍ରାଚୀର ? ସେ କିଛି ପାରିଲାନି । ନୀରବରେ ଆଖି ଛଳଛଳ କଲା । ବିଜନଭାଇ କ'ଣ ବୁଝିଲେ ତଳକୁ ମୁହଁ ପୋତି ଠିଆ ହୋଇହୋଇ ଶେଷରେ ଚାଲିଗଲେ ଯେଉଁବାଟରେ ଆସିଥିଲେ । ତାଙ୍କ ଚାଲିଯିବାର ଗତି ଏତେ ଶୂନ୍ୟତା ତା' ଭିତରେ ଦେଇଗଲା କାହିଁକି ? ସେ ନଥିକିନି ଖଟ ଉପରେ ପଡିଲା ଏବଂ କରୁଣ ରଡିରେ କାନ୍ଦି ଉଠିଲା ।

ରାଜେଶ ଫେରିବାଯାଏ ପୃଥିବୀର ଆଲୋକ ତା' ପାଇଁ ବନ୍ଦ । କେବେକେମିତି ଅତିଷ୍ଠ ହେଲେ ଝର୍କା ଖୋଲି ସେ ନୀରବ ଆଳାପ କରୁଥିବ ଘର ସାମନ୍ାର ବିରାଟ

Digitized by srujanika@gmail.com

ପଡିଆ, ଅଦୂର, ଶାଗଆନ ଗଛ ଏବଂ ଦୂର ଟାଂଗରର ପାହାଡ ସାଂଗରେ । ରାଜେଶ ଟ୍ରେନ୍‌ରେ ଡ୍ରାଇଭର । ଦିନ ରାତି ମିଶି ଡ୍ୟୁଟି । ସେ ତାଲା ପକାଇ ସାଂଗରେ ନେଇଯାଏ ଚାବି । ସେ ନାଚାର । ପଡିଶା ଘର ବି ଭୟରେ ପାଖ ମାଡନ୍ତିନାହିଁ । ଗଲାବେଳେ ଉହୁଁକି ଚାହିଁବେ । ହସାହସିହୋଇ ଚାଲିଯିବେ । କାହାକୁ କହିବ ସେ ଏଇ ଲାଜାକର କଥାକୁ ?

ସେ ବି ରାଜେଶକୁ କେତେଥର ହସି ହସି କହିଲାଣି ମୋତେ ଏମିତି ଚାବିପକାଇ କାହିଁକି ଯାଉଛ ?

ରାଜେଶ ଗାରେଡ଼େଇ ଚାହିଁବ ତା' ଆଡେ । ପାନଖିଆ ଲାଲ ଦାନ୍ତ ଦେଖେଇ କହିବ—ମୁଁ ତୋତେ ବହୁତ ଭଲପାଏ ।

ନମିତା ହସେ । ବାସ୍ ମୁଁ ତୁମକୁ ବହୁତ ଭଲପାଏ । ସେ ତ ଗୋଟାପଣେ ତା'ର ହୋଇସାରିଛି । ବରବେଶ ସାଜି ରାଜେଶ ଯାଉଛି ପାଲିଙ୍କି ଚଢି । ଶଂଖ, ହୁଳହୁଳି ଧ୍ୱନି ଶୁଣିଛି ତା'ଗାଁ ର ଆକାଶ, ପବନ, ଗଛ,ଲତା । ଦଶଦିଗପାଳଙ୍କୁ ସାକ୍ଷୀ ରଖି ସେ ବାହାହୋଇଛି । ପୁଣି କେଉଁ ଛିଦ୍ରରେ ପଶି ଆସୁଛି ସେହି ଦାନବଟିଏ ? ଅହରହ ଅକ୍ତିଆର କରୁଛି ତାକୁ ଆଉ ଏଇ ମାନସିକତାରେ ଅସ୍ଥିର କରୁଛି । ସେ ବୁଝିପାରୁନି । ସାମନା କରିପାରୁନି ସେହି ଖର୍ବକାୟ ଦାନବଟିକୁ । ଯାହା ହାତରେ ଝଲସୁଛି ତୀକ୍ଷ୍ଣ ଖଡ୍ଗ । କିଛି ହେଲେ ଖସିପଡିବ ତା' ବେକ ଉପରେ ।

ନମିତା କେତେଥର ଜୋରଦେଇ କହିଲାଣି—ମୁଁ ତୁମକୁ ଭଲପାଏ । ତୁମର ସ୍ତ୍ରୀ । ଜନ୍ତୁ ନୁହେଁ । ଜନ୍ତୁକୁ ବି ମଣିଷ ଖୋଲା ଛାଡିଦେଇ ଯାଉଛି । ତୁମେ ମୋ ଉପରେ ଭରସା ରଖ । ତୁମର ସଂଗ ସାଥୀ କ'ଣ ଭାବୁଥିବେ । ସାହିପଡିଶା କ'ଣ କହୁଥିବେ ?

ରାଜେଶର ଚାହାଣୀ ରୁକ୍ଷତାରେ ବଦଳିଯାଏ । ତା' ଆଖିରେ ଘୋଟିଆସେ ସନ୍ଦେହର କୁହୁଡି । କୁହେ ସାହି ପଡିଶା ଭାରି ଚାଲିଆ । ମୋର ସଂଗସାଥି ମଦୁଆ କେଉଁଠୁକାର । ସେମାନେ ତୋତେ ଆଖେଇବେ । କଂଚାଗିଳି ଖାଇଯିବେ କେଉଁଦିନ । ତୁ କେବଳ ମୋର ।

ଏ ପ୍ରକାର ବିତଣ୍ଡା ଯୁକ୍ତି ଆଗରେ ନମିତା ଠିଆହୋଇ ପାରେନାହିଁ । ନରମିଯାଏ । ଏସବୁ ମଣିଷ ମନର ଗଭୀର ବିଶ୍ୱାସର କଥା । ଅନୁଭବର କଥା । ଯାକୁ ବାଡ ପକାଇ ରୋକିହୁଏ ନାହିଁ । ସାତସିଂଧୁକ ଭିତରର ଫରୁଆରେ ବନ୍ଦୀ କରାଯାଇପାରେନା । ଯା କେମିତି ରାଜେଶ ବୁଝେନା ? ତାକୁ ହସଲାଗେ । ସେ ଦୁଃଖରେ ହସେ କି ସୁଖରେ ବୁଝିପାରେନା ।

ବର୍ଷେ ହୋଇଗଲାଣି ସେମାନଙ୍କ ବାହାଘର । ଏଠି ଆସି ସେ ରାଜେଶ ପାଖରେ ରହିଛି ସତ, ହେଲେ କାହା ସଂଗରେ ମିଶିବା ଦୂରେ ଥାଉ, ନିଜର ମୁକ୍ତି ଖୋଜିଖୋଜି ସେ ହାରିଯାଇଛି । ସବୁବେଳେ ବନ୍ଦୀନି ଅବସ୍ଥା । ତଥାପି ନୀରବରେ ସେ ସହିଛି । ହସିହସି ଲୋକଟାକୁ ଅନୁଭବେଇବାକୁ ଚାହିଁଛି ସ୍ୱାମୀ ସ୍ତ୍ରୀ ଭିତରେ ସନ୍ଦେହ କେତେ

Digitized by srujanika@gmail.com

ଭୟାନକ, କେତେ ପ୍ରଳୟଙ୍କରୀ । ସେ ଧ୍ୱଂସ କରିଦେବ ସିନା, ମନକୁ ବାଂଧି ରଖିପାରିବନି । ବରଂ ତାକୁ ମିଳୁ ପୃଥିବୀରେ ସମ୍ମାନର ସହ ବଂଚି ରହିବାକୁ ପାଣି, ପବନ, ଆଲୋକ । ମୁକ୍ତ ବାତାୟନ, ମୁକ୍ତ ଦରଜା । ତଥାପି ରାଜେଶ କ'ଣ କିଛି ଶୁଣେ ନାଁ ବୁଝେ ।

ବାହାଘର ଛ' ମାସପରେ ବାପା ଆସିଥିଲେ । ପାଂଚଶହ କି:ମି ଦୂରରୁ । ବଡି ଭୋରରୁ ପଂହଚିଥିଲେ । ତାଙ୍କ ହାତରେ ଭାରିହୋଇ ପଡୁଥିଲା ଦୁଇଟା ବ୍ୟାଗ । ରାତି ଅନିଦ୍ରା ଜନିତ କ୍ଳାନ୍ତି ଯାଇନଥିଲା ତାଙ୍କ ଚେହେରାରୁ । ଦେଖୁଥିଲେ କାହାଣୀପରି ଅସୁରଟାଏ ରାଜକୁମାରୀକୁ ବନ୍ଦୀକରି ରଖିବାର ଏଇ ଅବସ୍ଥାକୁ । ବାହାରେ ଆସୁଥିଲା ବୈଶାଖର ନିର୍ଘାତ ଖରା ଏ ଅଂଚଳର । ସୂର୍ଯ୍ୟ ତାପରେ ଠିଆ ହୋଇ ରହିବାଥିଲା ବଡ ନିଦାରୁଣ । ସେ କ'ଣ ମନେମନେ ଭାବୁଥିଲେ କେଜାଣି ? ସେମିତି ଠିଆ ହୋଇଥିଲେ । କିଛି ସମୟ ସେ ଏ ଦୃଶ୍ୟ ଦେଖି ଆଉ ରହିପାରିନଥିଲା । ଖୋଲି ଦେଇଥିଲା ଝର୍କା । ତା' ପାଟିରୁ ବାହାରିଥିଲା ବାପା ! କେତେ କରୁଣ, କେତେ ଉର୍ଦ୍ଧ୍ୱ ସ୍ୱରରେ ସେ ଡାକୁଥିଲା କେଜାଣି । ବାପା ଚାହିଁଲେ ତାକୁ । ସେ ରୋକିପାରିନଥିଲା ତା'ର ଲୁହ । ସବୁ ବଂଧନ ଭାଂଗିରୁଜି ଛାରଖାର କରି ଚାଲିଯିବାକୁ ଚାହୁଁଥିଲା ସେ । ବାପାଙ୍କ ଛାତି ଉପରେ ଲୋଟିପଡି କାନ୍ଦିବାକୁ ଇଚ୍ଛା ହେଉଥିଲା ଯେମିତି ବିଧାତାର କାନଯାଏ ସେ ଶବ୍ଦ ପଂହଚି ହୃତକଂପ ସୃଷ୍ଟିକରେ । ତାକୁ ବି ଡଗେଇଦିଏ ।

ବାପା ଆସ୍ତେ ଆସ୍ତେ ପ୍ରକୃତିସ୍ଥ ଅବସ୍ଥା ହରାଉଥିଲେ । ସତେଅବା କେଉଁ ଦୂରନ୍ତ ବାଲିରେ ଗୋଡ ତାଙ୍କର ପୋତିହୋଇ ପଡୁଛି । ସେ ପଡିଯିବେ କି ? ନାଁ ମଥାରେ ହାତଦେଇ ଘଡିଏ ବସିପଡିଲେ ବାହାରେ ତିଆରି ହୋଇଥିବା ସିମେଣ୍ଟ ବେଂଚ ଉପରେ । ଆଖିରେ ତାଙ୍କର ଟଳଟଳ କରୁଥିଲା ଲୁହ । ପୁଣି ହସିବାକୁ ଚେଷ୍ଟା କରୁଥିଲେ । ହସଟି ଦିଶୁଥିଲା କରୁଣ ଚିତ୍ରପରି । କହିଲେ —ବୁଝୁଛି ମା' । କ୍ୱାଇଁ ଚାବିନେଇ ଡ୍ୟୁଟିକୁ ଯାଇଥିବେ । ମୁଁ ଯାଇ ତାଙ୍କଠୁ ନେଇ ଆସିବି । କେଉଁଠି ଥିବେ ?

: ସେ ଗାଡିନେଇ ବାହାରକୁ ଯାଇଥିବେ । ଦୁଇଦିନ ପରେ ଫେରିବେ ।

: ତା' ହେଲେ ମୁଁ ଯାଉଛି । ପଡିଶା ଘରେ ବ୍ୟାଗ୍ ଦୁଇଟି ଥୋଇଦେଇ ଚାଲିଯିବି ବିଜନ ପାଖକୁ । ସେଠି ଗାଧୋଇ,ଖାଇ ଗାଁକୁ ଚାଲିଯିବି । ତୋତେ ଦେଖିଲି, ଆଉ ଦର୍କାର ନାହିଁ ରହିବା । ଯାହା କହିବା କଥା ମୁଁ ବିଜନକୁ କହିବି । ସେ ତୋ' ସଂଗେ ଦେଖାହେଲେ କହିଦେବ ।

ସେହି ମୁହୂର୍ତ୍ତରେ ତା'ର ମୁଣ୍ଡପିଟି ଆହୁରି କାନ୍ଦିବାକୁ ଇଚ୍ଛା ହୋଇଥିଲା । ବାପାଙ୍କ ପ୍ରତି ଏ ଅସମ୍ମାନକୁ, ଅସହାୟ ପଣିଆକୁ ସେ ଆଦୌ ସହ୍ୟ କରିପାରିନଥିଲା ସେଦିନ । ଦୁଃଖରେ, କ୍ଷୋଭରେ, ଅପମାନରେ ପଚିଯାଉଥିଲା ତା'ର ଆୟୁଷ । ସେ ଅନୁଭବ କରୁଥିଲା ତା' ହୃଦୟର କରୁଣତମ ମୁହୂର୍ତ୍ତମାନ କେମିତି ସାମ୍ନା ସାମ୍ନି ହୋଇପାରନ୍ତି ଗୋଟାଏ ଗୋଟାଏ ନିଛକ ବାସ୍ତବତାକୁ । ଆଉ ଆଜିର ଏଇ ମୁହୂର୍ତ୍ତଟା ଚୂଡାନ୍ତ ହୋଇ ଠିଆହୋଇଥିଲା ତା' ସାମନାରେ ।

Digitized by srujanika@gmail.com

ଡ୍ୟୁଟିରୁ ଫେରି ରାଜେଶ ଜୋତା ବଦଳୁଥିଲା । ତା' ଟିକେ ଦେବୁକି ? କହିବାପୂର୍ବରୁସେ ଝାମ୍ପି ପଡିଥିଲା ତା' ଉପରକୁ ପାଗଳପ୍ରାୟ । ''ତୁମର ସ୍ୱାମୀ ପଣିଆ ବହୁତ ହୋଇଗଲା । କା-ପୁରୁଷ, ଦୁର୍ବଳ କେଉଁଠିକାର । ସ୍ତ୍ରୀକୁ ଚାବିପକାଇଯିବ । ମୋ ବାପା ଆସି ଫେରିଗଲେ ଦୁଆର ମୁହଁରୁ । ବାହାର ଲୋକପରି । ମୁଁ ଏଠି ଆଦୌ ରହିପାରିବି ନାହିଁ । ମୋତେ ଛାଡିଦେଇ ଆସ ।'' ପ୍ରତିବାଦରେ ସ୍ୱରଥିଲା ଏତେ ତୀବ୍ର, ଏତେ ଅସହ୍ୟ, ରାଜେଶ ଆଗରୁ କେବେ ବି ସାମନା କରିନଥିଲା । ସବୁବେଳେ ଗୋଟାଏ ମୃତ ଆଗ୍ନେୟଗିରି ପରି ଶୋଇରହିଥିବା ତା'ର ସ୍ତ୍ରୀ ଗୋଟାଏ ଜୀବନ୍ତ ଆଗ୍ନେୟଗିରି ପାଲଟି ପାରେ ତା' ସେ କଳ୍ପନା କରିନଥିଲା ।

ସେ ପାନଖିଆ ପାଟିକୁ ସେମିତି ବୁଲାଉଥିଲା ଆଉ ତା' ପାଟିରୁ ବାହାରି ଆସୁଥିଲା ମଦ, ସିଗ୍ରେଟର ତୀବ୍ର ଘୃଣିତ ଗଂଧ । ସେ ପାନ ପିକ ଫୋପାଡି ଆସି କହିଲା —କ'ଣ କହିଲୁ—ତୋତେ ବାହାହୋଇଛି । ପୁଣି ଛାଡିଦେଇ ଆସିବି ବାପଘରେ । ହାତରେ ରୋଷେଇକରି ଖାଇବି । ବାପ ଫେରିଗଲା ତ କ'ଣ ହେଲା ? ଛାର ସ୍ତ୍ରୀ ଲୋକଟା ମୋ ଉପରେ ହାକିମ ଦେଖେଇବୁ ? ଚୁପ୍‌ଚାପ୍ ରହ । ତୋ' ବାପାର ବଡ ଲୋକି ତୁ ରଖ । ତୋ ଭଉଣୀ, ଭିଣୋଇ ବଡ ଅଫିସର ତାକୁ ରଖ । କୁଆଡେ ଯାଇ ପାରିବୁନି । ଆହୁରି ଶକ୍ତ ଶିକୁଳି ଲଗେଇବି ଏ ଘରେ । ଆହୁରି କୋଲପ ଦୁଇଟା ଅଧିକା ପକାଇବି । ତୋ' ବାପା, ଭାଇ ମୋର କ'ଣ କରିପାରିବେ ?

—ଚୁପ୍ । ମୋ ବାପା, ଭାଇ ନାଆଁ ଧରିବନି କହୁଛି ।

ଗୋଟାଏ ଶକ୍ତ ଚାପୁଡା ପଡିଥିଲା ନମିତା ଗାଲରେ । ଚାପୁଡା ନୁହେଁ ତ ଯେମିତି ଗୋଟାଏ ଭୂମିକଂପରେ ଦୋହଲି ଗଲା ତା'ର ମର୍ଯ୍ୟାଦାବୋଧ ।

ସାରାରାତି କାନ୍ଦିକାନ୍ଦି ସକାଳୁ ତା'ର ଆଖିଫୁଲି ଯାଇଥିଲା । ରାଜେଶ ମୁହଁରେ ନଥିଲା ଅନୁତାପର ଛାପ । ବରଂ ଯଥାରୀତି ସେ ନିତ୍ୟକର୍ମ ସାରି ବାହାରି ଯାଇଥିଲା ତାସପାଲି ପକାଉଥିବା ଆଡ୍ଡା ଜାଗାକୁ । କାରଣ ତା'ର ଆଜି ଅଫ୍ ଡେ ଥିଲା । ଖରାବେଳେ ଆସି ଖାଇବ । ଟିକିଏ ବିଶ୍ରାମ ନେଇ ପୁଣି ଚାଲିଯିବ ସେହି ତାସ୍ ଆଡ୍ଡାକୁ । ଫେରିଲାବେଳକୁ ଗୋଡ ତା'ର ଟଳମଳ ହେଉଥିବ । କେତେବେଳେ ହାରିବାର ଅସହ୍ୟତାରେ ସଂଗମାନଙ୍କ ସଂଗରେ ମାରପିଟ୍ ହୋଇଥିବ, ସେହି ଅଶ୍ରାବ୍ୟ ଭାଷାକୁ ଆସି ତାକୁ ଶୁଣାଇବ । ସେ ରାତି ଦୁଇଟାଯାଏ ଚାହିଁ ବସିଥିବ । ଖେଳୁଥିବ ନିର୍ଜନତା ମାନଙ୍କ ସହ । କାହିଁକି ଯେ ଲୋକଟାକୁ ସେ ବାହାହେଲା ଆଉ କେଉଁ ପରୀପ୍ରେକ୍ଷୀରେ ସେଇଟାଥିଲା କ'ଣ ଗୋଟାଏ ଭୁଲ ?

କେଉଁଟା ଭୁଲ ବା ଠିକ୍ ମଣିଷ କ'ଣ ଜାଣିପାରେ ? ଆଉ ଝିଅଟିଏ ? କେତେ ସ୍ୱପ୍ନକୁ ସଜେଇ ତିଆରି କରିଥାଏ ମନର ରାଜକୁମାରକୁ । କିଶୋରୀ ବୟସରୁ ନିୟତ ତିଆରି କରୁଥାଏ ମୁଗୁନି ପଥରରେ ଖୋଦେଇ ମୂର୍ତ୍ତିଟିଏ ପରି ନିଜର ସ୍ୱପ୍ନର ପୁରୁଷକୁ । ଅଥଚ ବାସ୍ତବତାରେ ପଂହଚି ସେ ଦେଖେ ସେଇଟା ଗୋଟାଏ ମହମର ମୂର୍ତ୍ତି । ଯିଏ

Digitized by srujanika@gmail.com

ସହିପାରେ ନାହିଁ ସାମାନ୍ୟ ଉତ୍ତାପ । ଚାରିଆଡୁ ବିଛାଡି ହୋଇପଡେ ବୈଶାଖର ନିଆଁ । ବର ମିଳୁନି । କିଏ କମ୍ ପାଠ ପଢିଛି । କିଏ ଚାକିରି କରିନି । କିଏ ସୁନ୍ଦର ନୁହେଁ । କିଏ ଖାଉଛି ମଦ, ବିଡି, ସିଗାରେଟ । କିଏ କାହାକୁ ଠକିଦେଇଛି । କିଏ ମାଗୁଛି ଯୌତୁକର ପାହାଡ । ଏମିତି କେତେକ'ଣ । ଓଃ ! ଏସବୁ ଝଡକୁ ମୁହାଁମୁହିଁ ହୋଇ କେତେ ବା ସହିପାରେ କଳିଟି ? କେତେ ବା ବରଦାସ୍ତ କରିପାରେ ବର୍ଷବର୍ଷ ଧରି ? ସ୍ୱପ୍ନର ସେହି ମୁଗୁନିପଥର ଖୋଦିତ ମୂର୍ତ୍ତି ଉପରେ ପଡେ ଅହରହ ହାତୁଡି ପ୍ରହାର । ସେ ଭାଂଗି ଖଣ୍ଡଖଣ୍ଡ ହୋଇଥାଏ । ତା'ର କରୁଣ ବିଭିଷୀକାମୟ କ୍ଷତାକ୍ତ ଭାଂଗି ପଡିବାକୁ ସେ ଦେଖେ । ନୀରବରେ ଚପିଯାଏ । ସେ ଜାବୁଡି ଧରେ ସେହି ମହମର ମୂର୍ତ୍ତିକୁ । ସେ କେବଳ ତରଳୁଥାଏ । ସେ କ୍ଷାନ୍ତ ହୁଏ ତା'ର ସ୍ୱପ୍ନରୁ । ଚାହେଁ ସମୟର ବାସ୍ତବତାକୁ, ବାପା, ମା'ଙ୍କର ଅସନ୍ତୋଷର ତୀବ୍ରତାକୁ । ସେ ଏସବୁ ସ୍ୱପ୍ନଭଂଗାର ଘୂର୍ଣ୍ଣିରେ ବାଟ ହୁଡିଯାଏ । କେଉଁଠି ହଁ... କେଉଁଠି ନାହିଁ କରିବ ସେ ବାଛବିଚାର ଆଉ ରୁହେନାହିଁ । ହଁ...ନାହିଁର ଦ୍ୱନ୍ଦ ଭିତରେ ତିଆରି ହୋଇଯାଏ ନିଜର ଭବିତବ୍ୟ ।

ବହୁ ଖୋଜାଖୋଜି ପରେ ତାକୁ ବର ମିଳିଲାନି । ବର ନ ମିଳିବାର ଅପବାଦ ଆଖପାଖ ଗାଁରେ ସଂକ୍ରମିତ ହୋଇଯାଇଥିଲା । ଶଙ୍କର ମାଷ୍ଟ୍ରଙ୍କ ଝିଅକୁ ବର ମିଳୁନି । କି ତୀବ୍ର ମାନସିକ ପୀଡନ ବାପାଙ୍କର । ସବୁ ଭିତରେ ଅଚାନକ ଆସନ୍ତି ରାଜେଶର ବାପା ଏବଂ ନିଜେ ରାଜେଶ । ରାଜେଶର ବାପା ପରିଚୟ ଦିଅନ୍ତି । କେଉଁ ଗୋଟାଏ କର୍ପୋରେସନରେ ଚାକିରି କରୁଥିଲେ । ଦୁଇବର୍ଷ ତଳେ ଅବସର ନେଇଛନ୍ତି ସେକ୍ସନ୍ ଅଫିସରରୁ । ଦୁଇଟି ଝିଅ । ଦୁଇଟି ପୁଅ । ଦୁଇଝିଅ ବିବାହିତ । ରାଜେଶ ବଡ । ବି:ଏସ: ସି ପାଶ କରି ରେଲୱେ ଡିର୍ପାଟମେଣ୍ଟରେ ଚାକିରି ପାଇଁ ଇଣ୍ଟରଭ୍ୟୁ ଦେଇଥିଲା ଡିଜେଲ ଆସିଷ୍ଟାଣ୍ଟ ଭାବରେ, ପାଇ ଯାଇଛି । ଏବେ ବଂଧମୁଣ୍ଡାରେ ପୋଷ୍ଟିଂ । ରାଜେଶର ଉଚ୍ଚତା ପାଂଚଫୁଟ ଛ' ଇଂଚ ଯାଏ ହେବ । ସ୍ୱାସ୍ଥ୍ୟବାନ । ଗାଁରେ ତାଙ୍କର କୋଡିଏ ଏକର ଜମି ରହିଛି । କୋଠାଘର । ଅବସର ନେଲାପରେ ରାଜେଶର ବାପା ହୋମିଓପାଥି କରନ୍ତି । ଗାଁରେ ଡାକ୍ତରବାବୁ ବୋଲି ଖୁବ୍ ଖାତିର ତାଙ୍କର । ଆଉ ରାଜେଶର ମଧ୍ୟ ଚାକିରି ଜାଗାରେ କ୍ୱାଟର, ଯାତାୟତ ମାଗଣା । ସବୁକିଛି ସୁବିଧା ରହିଛି ଗୋଟାଏ ପରିବାର ଚଳାଇବା ପରି । ପ୍ରସ୍ତାବଟା କିଛି ମନ୍ଦ ନଥିଲା ।

ତାର ପୋଡା କପାଳକୁ ମାଟ୍ରିକ ଖଣ୍ଡକ ସେ ବହୁକଷ୍ଟରେ ପାଶକରି ଗାଁ ପାଖ କଲେଜରେ ଆଇ: ଏ କ୍ଲାସରେ ନାଆଁ ଲେଖାଇଥିଲା । ଇଂରାଜୀରେ ଏତେ ଦୁର୍ବଳ ଯେ ଦୁଇ ,ତିନିଥର ଫେଲ୍‌ହେବାପରେ କପିକରି ପାଶ୍ କରିଥିଲା । କିନ୍ତୁ ବି:ଏ ଫାଇନାଲରେ ପାଶ୍‌କରିବା ତା'ପାଇଁ ଦୁରୁହ ବ୍ୟାପାର ହୋଇଉଠିଲା । ତଥାପି ଚେଷ୍ଟାର ଅଭାବ ନଥିଲା ତା'ର । ରାତିଦିନ ଲାଗି ମୁଖସ୍ଥକରି ଆୟତ କରିବାକୁ ଚାହିଁଥିଲା ପାଠ । ଖୁବ୍ ଗଭୀରଭାବେ ଇଚ୍ଛା କରିଥିଲା ଗ୍ରାଜୁଏଟ ହେବ । କିନ୍ତୁ ହୋଇପାରିଲାନି । ନିଜ ଉପରେ ତା'ର କେତେ ଅଭିମାନ ହୋଇଛି । ଆଖିରୁ ଲୁହ ଝରିଛି । ହେଲେ ଛୋଟ ପଣିଆରୁ ତା' ମନକୁ ମୁକ୍ତ

Digitized by srujanika@gmail.com

କରିପାରିନଥିଲା । ବି:ଏ ପାଶ କରିନଥିବା ଝିଅପାଇଁ ବ୍ବାଇଁ କେଉଁଠି ମିଳିବେ । ସେହିକଥା କହିନପାରିଲେ ବି ବାପା ସବୁବେଳେ ଗରଗର ହେଉଥିଲେ । ସେ ସବୁ ଅନୁଭବ କରିଥିଲା ଛାତିକୁ ପଥରକରି । ଦ୍ରବୀଭୂତ କରିନେଇଥିଲା ରୁଦ୍ଧବେଦନା, ଅପମାନ । ତା'ର ବଡ ଭଉଣୀ ଓ:ଏ: ଏସ ପାଇଲା, ଭିଣୋଇ ବି ଓ:ଏ: ଏସ । ଅଥଚ ସେ ହିଁ ହାରିଯାଉଥିବାର ଗୋଟାଏ ଅତଳାନ୍ତ ଗହ୍ୱରର ଅଂଧକାରକୁ ଖସିଯାଉଥିଲା ।

ରାଜେଶ ବାପା କହିଥିଲେ ରାଜେଶର କ'ଣ ଗୋଟାଏ ଗ୍ରହ ଖରାପ ପଡ଼ିଛି । ଏଇ ଦୁଇଦିନ ଭିତରେ ବାହାଘର ଠିକ୍ ନହେଲେ ସେ ଦୁଇବର୍ଷଯାଏ ବାହାହୋଇ ପାରିବନି । ଯାହା ଫାଇନାଲ କରିବାକଥା କରିଦେଇ ବରଂ ପରେ ତାଙ୍କ ବିଷୟରେ ଖୋଜ ଖବର ନିଅନ୍ତୁ । ତାଙ୍କ ଘରଦ୍ୱାର,ପରିବାର,ପିଲା ସଂପର୍କରେ ସତ୍ୟାସତ୍ୟ ବୁଝନ୍ତୁ । ସବୁ କହିସାରି ରାଜେଶର ବାପା ଚାହିଁଥିଲେ ଆକୁଳତା ନେଇ ସମ୍ମତି ଉଦ୍ଦେଶ୍ୟରେ । ବାପା ତାକୁ ନିରୋଳାକୁ ଡାକିନେଇଥିଲେ । ପଚାରିଥିଲେ ତା'ର ସମ୍ମତି । ମନାକରିବାପାଇଁ ତା'ର ବା ସାହସ କାହିଁ । ଏମିତି ଠିକ୍ ହୋଇଯାଇଥିଲା ତା'ର ବାହାଘର ଚମକପ୍ରଦଭାବେ । ଏମିତି କି ଆଖିର ପଲକ ପାତରେ ସମୟ ବି ଘୂରିଯାଏ ? ସ୍ୱପ୍ନ ପାଲଟିଯାଏ ବାସ୍ତବତା ? ମନ ଛୁଏଁ ଅନ୍ୟ ଏକ ଦିଗନ୍ତ ? ତା'ଓଠରେ ହସ ଖେଳେ । ସେ ଆଉ ନିଜକୁ ନ୍ୟୁନ ଭାବେନାହିଁ ଅନ୍ୟ ସାଂଗମାନଙ୍କ ପାଖରେ । ବଂଧୁବାଂଧବଙ୍କ କମେଣ୍ଟକୁ ସେ ହଜମ କରିଥିଲା । ଏବେ ସେମାନେ ବି ଚୁପ୍ ହୋଇଯିବେ । ସେ ମୁକ୍ତି ପାଇଗଲା ତାକୁ ଚାପିବସିଥିବା ଗୋଟାଏ କାଳର କବଳରୁ ।

ପାଦ ଥାପିଥିଲା ଗୋଟାଏ ନୂତନ ପଥରେ । ସଂଚିଥିବା ଟୁକୁରାଟୁକୁରା ସ୍ୱପ୍ନକୁ ନେଇ ସେ ଭାବିଥିଲା ଏଥର ସେ ସଜେଇବ ଗୋଟାଏ ନୂତନ ଦୁନିଆ । ସୁରଭିତ ହେବ ତା'ର ପ୍ରତ୍ୟକଟି ମୁହୂର୍ତ୍ତ ଅନୁଭବର ରଂଗରେ । ହେଲେ ଏଇ ବଂଧମୁଣ୍ଡାରେ ପହଂଚି ସେ ଦେଖିଲା ସ୍ୱପ୍ନମାନ ସବୁ କି ଅସହାୟଭାବେ ଭାଂଗି ଯାଇଛନ୍ତି ଆଉ ତା'ଛାତିରେ ଗୋଟାଏ ଦୂର ମୁଣ୍ଡିଆ ପାହାଡ଼ର ଭାର । ତାକୁ କେବଳ ଏଠି ପଥରଟାଏ ହୋଇ ବଂଚିରହିବାକୁ ପଡିବ । ଇଏ କେଉଁ ଏକ ମଣିଷ ସେ ଦେଖୁଛି ? ଯାହା ମଥା ଭିତରେ ସବୁବେଳେ ସ୍ତ୍ରୀ ପ୍ରତି ସନ୍ଦେହର ଭୂତ ନାଚ କରୁଥାଏ । ପ୍ରଥମେ ପ୍ରଥମେ ସେ କଥାଟାକୁ ଏତେ ଗୁରୁତ୍ୱ ଦେଇନଥିଲା । ହେଲେ ଆସ୍ତେଆସ୍ତେ କଥାଟା ଏତେ ଉଗ୍ରରୂପ ନେଇପାରେ ତା' ସେ ଭାବିନଥିଲା । ତାସ ଆଡ଼ାରେ ସାଂଗମାନେ ଥଟାକରିବାକୁ ମଧ୍ୟ ପଛାଉନଥିଲେ । ଥରେ ସେଠୁ ଫେରି ତାକୁ ପ୍ରହାର କରିଥିଲା । ପଚାରିଥିଲା କହ ମୁଁ ନଥିବାବେଳେ ମୋର ସେ ମଦୁଆ ଭାଡୁଆ ସାଂଗ ସୁଖମୟ କାହିଁକି ତୋ' ପାଖକୁ ଆସିଥିଲା ? ସୁଖମୟ କିଏ ମଧ୍ୟ ନମିତା ହଠାତ୍ ବୁଝି ପାରିଲାନି । ମଣିଷଟାର ନାଆଁ ମଧ୍ୟ ସେ ଶୁଣିନି ଆଉ ଗୋଟାଏ ପ୍ରହାର ବସିବା ଆଗରୁ ସେ ହାତକୁ ଧରିନେଇ ଚିଲେଇଥିଲା—ଷ୍ଟପ ଇଟ୍ । ତୁମ ମଦୁଆ ଭାଡୁଆ ସାଂଗ କିଏ ମୁଁ କିପରି ଚିହ୍ନିବି ?

—କ'ଣ ହେଲା —ତୁ ଚିହ୍ନିନୁ ? ତେବେ ସେ ଆଜି ଖେଳ ପାଲିବେଳେ କହିଲା ତୋ ପାଖକୁ ଆସିଥିଲାବୋଲି । କ'ଣ ମିଛ ? ତେବେ ମୁଁ କାଲି ତାକୁ ଠିକ୍

Digitized by srujanika@gmail.com

ଦେଖିନେବି । କହି ଚୁପ୍ ହୋଇଯାଇଥିଲା ଏବଂ ସତକୁ ସତ ଗୋଟାଏ ଖଣ୍ଡ ପ୍ରଳୟ ରଚନାକରି ଲହୁ ଲୁହାଣ ହୋଇଯାଇଥିଲା ସୁଖମୟ ନାମକ ବ୍ୟକ୍ତିଟି ସାଂଗରେ । ସେଦିନ କରୁଣତାରେ ତା'ର ହୃଦୟ ଭିଜିଯାଇଥିଲା । ସେ ଶୋଇଲାପରେ ତା'ର ସାରାଟା ଶରୀରରେ ସେ ସ୍ନେହମୟ ହାତଟି ବୁଲାଇ ଆଣିଥିଲା । ତା' ଆଖିରେ ଆପଣାଛାଏଁ ଲୁହ ଆସିଯାଇଥିଲା । ବଡ କରୁଣ, ଦରଦୀ ମନଟିଏ ଏମିତି କାହିଁକି ଜାଗିଉଠିଲା ସେଦିନ କେଜାଣି ? ଲାଗିଥିଲା ସତେ ଅବା କେଉଁ ଦୁଃଖୀ ମଣିଷଟି ପାଇଁ ତା' ହୃଦୟର ସ୍ନେହ ସଂଚିତ ରହିଥିଲା । ନହେଲେ ତାର ଏମିତି କାହିଁକି ହେଲା । ରାଜେଶ ବି ନରମି ଯାଇଥିଲା । କହିଲା —ମୁଁ ତୋତେ ବହୁତ ଭଲପାଏ ତ ସେଥିପାଇଁ ଏତେ ବ୍ୟଥା ସିନା ? କିନ୍ତୁ ନମିତା ବୁଝିପାରିଲାନି ଭଲପାଇବା କେଉଁଠି ତାର ? ବରଂ ଭାଂଗିଯାଉଛି ଆସ୍ତେ ଆସ୍ତେ ତା'ର ସଂସାର । ଦୋହଲୁଛି ଭଂଗା ପୋଲଟିଏ ପରି ତା'ର ମନ । ଗୋଟାଏ ଘୋର ଅନିଶ୍ଚିତତା ତାକୁ ଯେମିତି ଅକ୍ତିଆର କରିନେଉଛି । ସେ ଭୟପାଉଛି । କେତେବେଳେ ଯେ ଅଂଧକାର ଭିତରେ ଅପସରିଯିବ କିଏ ଜାଣେ ? ଏତେ ଅନ୍ଧାରରେ ସବୁବେଳେ ଲାଗୁଛି ସେ ଆଉ ବଂଚିପାରିବନି । ଏମିତି କ'ଣ କେଉଁ ଆଲୌକିକ ଶକ୍ତି ତା' ପାଇଁ ଅଦୃଶ୍ୟ ରଶ୍ମୀହୋଇ ତାକୁ ଆଲୋକର ପଥ ଦେଖାଇବ ? ଗୋଟାଏ ନୁତନ ସେତୁର ଜନ୍ମନେବ ? ତା'ର ଏଇ ସ୍ତିମିତ ହୋଇ ଆସୁଥିବା ଆଶା,ଆକାଙ୍କ୍ଷା ଦିନେ ହଠାତ୍ ମରିଯିବ ତାକୁ ଲାଗୁଛି । ଅଥଚ ରାଜେଶ କିଛି ବୁଝି ପାରିବନି । ସଂପର୍କର ସେତୁକୁ କିପରି ମଜବୁତ୍ କରିବାକୁ ହୁଏ ତା' ସେ ଜାଣେନି । ଭଲପାଉଛି କହିଲେ ବି ଭଲପାଇପାରେନା । ତା'ର ଇନ୍ଦ୍ରିୟକୁ ମଧ ଶିକ୍ଷିତ ଦିକ୍ଷିତ କରିଜାଣେନା । ସାମାନ୍ୟ ପ୍ରଗଳଭତାରେ ଭଲପାଇବାର ସ୍ଫୁରଣ ହୁଏ ଜିହ୍ୱାଦେଇ, ଅଥଚ ମସ୍ତିଷ୍କର ଗଭୀର ଚିନ୍ତାଜଗତରେ ତା'ର ଛାଇପଡ଼େନା । ବିଶ୍ଳେଷଣ କରେନାହିଁ ନିଜକୁ ମଧ । ଅନ୍ୟର ମନ ସେ ବା ବୁଝିବ କେତେ ? ଅତ୍ୟଧିକ ନିଶା ସେବନ ତାର ସନ୍ତାନ ଉତ୍ପାଦନ ଶକ୍ତିକୁ କମେଇ ସାରିଛି । ହୁଏତ ଭାଂଗିଯାଇଥିବା ଏଇ ସଂସାର ମଝିରେ ଛୁଆଟିଏ ଆସିଥିଲେ ନମିତା ଜାବୁଡି ଧରି ରଖିପାରନ୍ତା ନିଜକୁ । ତା' ଆଜି ଶୂନ୍ୟ । କାହିଁକି ଜଣ ଜଣଙ୍କ ଭାଗ୍ୟରେ ଏମିତି ସବୁ ଭାଂଗିଯାଏ ?

ରାଜେଶ ସେମିତି ନିଜର ପୃଥିବୀରେ ନିଜକୁ ଦେଖେ । ଚାଲିଯାଏ ଦିନେ ଦୁଇଦିନ ଦୂର ସହରକୁ । ଚାବି ପଡୁଥାଏ ଘରଦ୍ୱାର । ଜଡ ପାଲଟିଯାଉଥାଏ ନମିତାର ମନ । ଦୁଃଖରେ, ଅପମାନରେ ନିଥର ହୋଇ ସେ ବସିରୁହେ । ଚପିଯାଏ ତା' ପ୍ରାଣର ଆବେଗ, ସ୍ପନ୍ଦନ । ଅଥଚ ପ୍ରକୃତିର ରୂପ ବଦଳୁଥାଏ ଏଠି ବିଭିନ୍ନ ଋତୁରେ, ମୁଣ୍ଡିଆ ପାହାଡ ସବୁଜ ହୁଏ, ଶୁଷ୍କ ପଡିଆରେ ଆସେ ସବୁଜିମା,ଗୁଗୁଚିଆର ଲାଲ ଧୂସର ଶାଢୀ ପିଂଧି ଶୋଇଥାଏ ତା'ଘର ସାମନ୍ାର ପଡିଆ । ଶାଗୁଆନ୍‌ର ଆୟତ ପତ୍ରରେ ସବୁଜ ଆଭା ଠିକିରି ପଡେ । ବିଶାଳ ପତ୍ର ସତେଜ ହୁଅନ୍ତି ବର୍ଷାର ନିବିଡ ସ୍ପର୍ଶରେ । ବଂଧମୁଣ୍ଡାର ପାଣିରେ, ପବନରେ, ଆବେଗ ତରଗଂାୟିତ ହୁଏ ପ୍ରକୃତିର । ଅଥଚ ସେ ? ଶ୍ରୀହୀନ, ମ୍ଳାନ, ଖାଲି ଜଡ ହିଁ ଜଡ ।

Digitized by srujanika@gmail.com

ସମୟ ଚାଲୁଥାଏ । ବର୍ଷକ ଉପରେ ବିତିଯାଇଥାଏ ଏଠି । ରାଜେଶର ଉତ୍‌ପୀଡନରେ ସମସ୍ତେ ଦୂରେଇ ରୁହନ୍ତି । ତା'ର ବାପା, ଭାଇ ଆସନ୍ତି ନିଥର ମନଟିଏ ନେଇ । କଦବା କ୍ବଚିତ୍ । କେବଳ ବିଜନ ଭାଇ ଆସନ୍ତି । ଜାଣିଜାଣି ଠିଆ ହୋଇ ରୁହନ୍ତି ତା'ର ବନ୍ଦ ଝର୍କା ଆଗରେ । ତା'ର ମନଲାଗିବାକୁ. ମନେ ପକାଇ ଦିଅନ୍ତି ତା'ର ସୂକ୍ଷ୍ମ କାରୁକାର୍ଯ୍ୟର ଦକ୍ଷତା ଉପରେ । କେଉଁ ଦୂର ଅତୀତର ଝାପସା୍ ସ୍ମୃତିପରି ସେ ମନେପକାଏ । ହଁ.... ପାଠ ହେଲାନିବୋଲି ସେ ଛ ମାସ ଟେଲରିଂ ଶିଖିବାକୁ ଯାଉଥିଲା । କିଛିଦିନ ସଫ୍‌ଟ ଟୟ ତିଆରି ଶିଖିଥିଲା । ସୂତାକାମରେ ତିଆରି କରିପାରେ ଅପୂର୍ବ ଚିତ୍ର ଜଗନ୍ନାଥ, ସୁଭଦ୍ରା, ବଳଭଦ୍ରଙ୍କର । ଟେବୁଲ କ୍ଲଥ ଉପରେ ସୂତାକାମ କରି କେତେ ରଂଗୀନ ଫୁଲ ଫୁଟାଇପାରେ । କ୍ରୁସଧରି କେତେ ବଡବଡ ଶାଢୀର ଫଲସ୍ ତିଆରିକରେ । କେକ୍ ତିଆରିକରେ କେତେ ସୁନ୍ଦର ଭାବେ । ସେସବୁ ଏବେ ଅତୀତ । ହେଲେ ବିଜନ ଭାଇ ଜବରଦସ୍ତ ଉଲ ପ୍ୟାକେଟ ଏବଂ କଣ୍ଟା ଦୁଇଟା ଥୋଇଦେଇ ଯାଇଛନ୍ତି । କେଉଁ ଅଧିକାରରେ ନିର୍ଦ୍ଦେଶ ଦେଇଯାଇଛନ୍ତି ତା'ର ଯାଦୁକରୀ ହାତରେ ଯେମିତି ପୁନଶ୍ଚ ପ୍ରାଣ ଫେରିଆସେ । କେତେଦିନୁ ସେ ସବୁକୁ ଟ୍ରଙ୍କରେ ଲୁଚେଇ ରଖିଛି । ମାନସିକତା ଏବେ ବି ଫେରିପାଇନି କିଛି କାମ କରିବାକୁ । ବିଜନ ଭାଇ ଆଜି ଫେରିଯାଇଛନ୍ତି । ତାଙ୍କର ଏତେଥର ଯିବାଆସିବାକୁ ସେ ଏବେ ଭୟ କରୁଛି । ଯଦି ସାହି ପଡିଶାଙ୍କ ଆଖିରେ ପଡିଥିବ ସେ ଚୋରଙ୍କ ପରି ତା' ସାମନାରେ ଝର୍କା ଏପଟ କଥା ହେଉଛନ୍ତି, ରାଜେଶ କାନରେ ସେଇଟା ପଡିଯାଇପାରେ । ହୁଏତ ସେ ତାକୁ ଜୀବନ୍ତ ଜାଳିଦେବ । ସ୍ୱାମୀ ରୂପରେ ଏଇ ରାକ୍ଷସକୁ ସେ ଭୟକରେ । ଆଜି ସେ ଝର୍କା ଖୋଲିପାରିନଥିଲା ସେଥିପାଇଁ । ସେ ଚାଲିଗଲେ ।

ସକାଳର ସୂର୍ଯ୍ୟୋଦୟରେ ବେଶୀକିଛି ଉତ୍‌କଣ୍ଠା ନଥିଲା । ସବୁଦିନପରି ସେ ଉଠିଲା । ଝର୍କାଖୋଲି ଚାହିଁଲା ବାହାରକୁ । କି ମଧୁମୟ ଏଇ ସୃଷ୍ଟି । ହଠାତ୍ ତାର ଅନୁଭବ ହେଲା । ମଧୁମୟ ସୃଷ୍ଟି, ସୁଧାମୟ ସୃଷ୍ଟି, ଏ ସୃଷ୍ଟି ଅମୃତମୟ ହେ । କାହିଁକି ଏମିତି ଅଚାନକ ଲାଗିଲା । ସେ ଦେଖିଲା ଟି:ଭି ଥୁଆହୋଇଥିବା ଟେବୁଲତଳେ ଚାବିଟାଏ ପଡିରହିଛି । ବାଡିପଟର ଚାବି । ରାଜେଶର ସାର୍ଟ କି ପ୍ୟାଣ୍ଟ ପକେଟରୁ ଗଳିପଡିଛି । ସେ ହଠାତ୍ ଉତ୍‌ଫୁଲିତ ହେଲା । ମନେମନେ ହସିଲା । ଟି:ଭି ଟା ଅନ୍‌କରିଦେଲା ।ଦେଖିଲା ଦୁଇଟା ନରନାରୀର ଉଦ୍ଦଣ୍ଡ ନାଚ । ଏବଂ ଉଗ୍ର ମ୍ୟୁଜିକ୍‌ର ଶବ୍ଦ । ସେ ସେମିତି ଗୋଟାଏ ଭଂଗୀରେ ଠିଆ ହେଲା । ମନେପଡିଲା ବିଜନ ଭାଇଙ୍କ କଥା । କାଲି କାହିଁକି ତାଙ୍କୁ ଝର୍କା ଖୋଲିନଥିଲା । ଏବେ ଆସନ୍ତେ କି ! ମୁକ୍ତିର ଆନନ୍ଦରେ ସେ ତାଙ୍କ ସହ ଏମିତି ଘଡିଏ ନାଚିପାରନ୍ତା ଛନ୍ଦହୀନ ଉଗ୍ର ଆବେଗରେ । ଏ କି ପ୍ରକାର ସ୍ୱପ୍ନଟିଏର ଅଙ୍କୁରୋଦଗମ୍ ହେଲା ଏଇ ମୁହୂର୍ତ୍ତରେ । ଅବଚେତନରେ କେଉଁ ପାଣି, ପବନ, ଖରା ଖାଇ ବୀଜଟି ପଡି ରହିଥିଲା କି ? ସେ ଟେର ପାଇଲା ନିଜ ଭିତରେ ଗୋଟାଏ ବଦଳି ଯିବାର ଭାବ । ଅବଶ୍ୟ ଏଇଟା ସତ ଯେ ଗୋଟାଏ ଚାପରେ, ଗୋଟାଏ ମାନସିକତାରେ ମଣିଷଟିଏ

Digitized by srujanika@gmail.com

କେତେ ବର୍ଷ ଗଡିକରିବ ? ମନତ ନିଃଶ୍ଚୟ ଖୋଜିବ ଟିକିଏ ହାଲକା ହୋଇପଡିବାକୁ । ବଦଳିଯିବାକୁ । ସେହି ପ୍ରକାର ଚପା ପରିବେଶରୁ ମୁକ୍ତିପାଇ ଟିକିଏ ଶାନ୍ତିର ନିଃଶ୍ୱାସ ମାରିବାକୁ । ଆଜି କାହିଁକି ସେମିତି ମନେହେଲା ନମିତାର । ତାର ଏ ପରିବର୍ତ୍ତନ କ'ଣ ପରିବେଶ ସହ ବଦଳି ଯାଉଛି କି ? ତା'ର ଏ ପଥର ପରି ପଡି ରହିଥିବା ଦେହ,ମନକୁ ନେଇ ଅବଚେତନ ମନଟି ଅନ୍ୟଗୋଟିଏ ସୁଖପାଇଁ ନିର୍ଦ୍ଦେଶ ଦେଲା କି ?

ଚାବିଟିଏ ନୁହେଁ ତ, ଯେମିତି ମୁକ୍ତିର ମଶାଲଟିଏ । କେଉଁ ଦେବତାର ଆର୍ଶୀବାଦରୁ ଆସି ତା' ପାଖରେ ପଂହଚିଯାଇଛି । ସେ ତତ୍‌କ୍ଷଣାତ୍ ଯାଇ ବାଡିପଟ କୋଲପ ଖୋଲିଲା । ଦରଜା ଖୋଲି ଉପରକୁ ଆଁ କଲା ଯେମିତି କି ସାରା ପୃଥିବୀର ଆଲୋକ, ପବନ, ତା ଭିତରକୁ ପଶିଯିବ । ସେସବୁ କେବଳ ତା'ର । ପୁନଶ୍ଚ ବନ୍ଦକଲା କବାଟ ଏବଂ ସକାଳର ନିତ୍ୟକର୍ମ ସାରିଲା । ଏବେ ସେ ଟ୍ରଙ୍କ ପାଖକୁଗଲା । ଖୋଲି ଦେଖିଲା ତା'ର ଅତି ଆପଣାର ଉଲ କଣ୍ଟା ଦୁଇଟି ଏମିତି ନିସ୍ତେଜ ହୋଇ ପଡିରହିଛନ୍ତି କ୍ୟାନ୍‌ସେଲ ହୋଇଯାଇଥିବା ଟ୍ରେନର ପୁନଃଯାତ୍ରାର ଅପେକ୍ଷାରେ ଶୋଇରହିଥିବା ପ୍ଲାଟଫର୍ମର ଯାତ୍ରୀପରି । ସେ କଣ୍ଟା ଦୁଇଟି କାଢି ଗଭୀର ଚୁମ୍ବନ ଦେଲା । ଉଲ ବିଣ୍ଡୁଲାଏ ଉଠାଇ ବାଡିଦୁଆର ମୁହଁ ଖୋଲି ଆସିଲା ସାମ୍‌ନା ପଟକୁ । ବାଡଡେଇଁ ପଡିଲା ଖୁସୀର ଆତିଶଯ୍ୟରେ । ବସିଲା ସିମେଣ୍ଟ ବେଂଚ ଉପରେ ।

ମାଘମାସର ବାଘୁଆ ଶୀତ ହଲାଇ ଦେଉଥିଲା ଧରିତ୍ରୀକୁ । ଥରିଯାଉଥିଲା ମଂଜ । ସେ ଖରା ପୁଆଇବାକୁ ସେଇଠି ବସିରହିଲା । ଆରମ୍ଭକଲା ଗୋଟାଏ ସୁଇଟରର ଡିଜାଇନ୍ । ଏବଂ ସେହି ବୁଣିବା ଭିତରେ ଦୀର୍ଘଦିନ ପରେ ଘନହୋଇ ଆସୁଥିଲା ତା'ର ଏକାଗ୍ରତା । ଏଇ ଏକାଗ୍ର ମୁହୂର୍ତ୍ତରେ ମନେ ପଡିଲେ ବିଜନ ଭାଇ । ମନେହେଲା ସେ ତାଙ୍କ ଅପେକ୍ଷାରେ ଯେମିତି କେଉଁଯୁଗରୁ ବସିରହିଛି ଏକାଏକା ଏଇ ନିର୍ଜନ ଦ୍ୱୀପରେ ।

—ଚାଚି !

କାହାର ସମ୍ବୋଧନରେ ସେ ମୁଣ୍ଡ ଉଠାଇଲା ଅପରିସୀମ ପରିତୃପ୍ତି ଭାଂଗି । ଅନେକଦିନପରେ ଗୋଟାଏ ଅନ୍ତରଂଗ ଦୁନିଆର ଠିକଣା ଅବା ଆବିଷ୍କାର କଲା ।

—ତୁମ ନାଁଆ ?

—ମୁଁ ନିଶା । ପଡିଶାଘର ରାଓବାବୁଙ୍କ ଝିଅ । ବେଶ୍ ସୁନ୍ଦର ଝିଅଟି । କେତେ ମାୟାମୟ ତା'ର ଆଖି । କଥାରେ ମଧୁର ସ୍ୱରଟିଏ ଝଂକୃତ ହେଉଛି । ପିଠିରେ ପଡିଛି ଘନକୃଷ୍ଣ କେଶ । ବେଶ ଲମ୍ବା । ଦେହରେ କେଉଁ ପାହାଡି ଝରଣାର ଶୀର୍ଣ୍ଣତା । ବୟସ ଉଣେଇଶଯାଏ ଲାଗୁଛି ।

—ବସ ଏଠି । କ'ଣ ପଢୁଛ ?

ଝିଅଟି କିଛି ସମୟ ନିରୁତ୍ତର ରହି କହିଲା ମୋତେ ଏ ଡିଜାଇନ୍‌ଟା ଟିକେ ଶିଖେଇ ଦେବେ ।

Digitized by srujanika@gmail.com

ସେ ଉଲକଣ୍ଟାଟା ଗୋଟାଏ ଝଟକାରେ ଥୋଇ ଦେଇ ତା'ର ଦୁଇପାପୁଲିରେ ତା' ଗାଲକୁ ଆଉଁସିଦେଲା ।

—ଏବେ ତୁମର ପାଠପଢାର ବୟସ । ପାଠ ପଢି ଡାକ୍ତର, ଇଂଜିନିଅର,ଲେକ୍‌ଚରର ହୁଅ । ଏଗୁଡାକ ମୋପରି ପାଠପଢୁନଥିବା ଝିଅଙ୍କ ପାଇଁ ।

—ମୁଁ କଣ ପଢୁଛି କି ଚାଚି ! ବାପା କହୁଛନ୍ତି ବାହାଘର କରିଦେବେ । ହେଲେ ମୁଁ ବାହାହେବିନି । ଚାଚା ତୁମକୁ ବନ୍ଦକରି ଚାଲିଯାଉଛନ୍ତି । ମୁଁ ସେମିତି ରହିପାରିବିନି । ଯେମିତି ହେଉ କବାଟଭାଂଗି ଚୂରମାରକରି ଦୌଡିଦୌଡି ପଳାଇବି । ତୁମେ କେମିତି ରହୁଛ ଚାଚି । ତୁମେ ବହୁତ ଭଲ ।

ନମିତା ହସିଲା ଗୋଟିଏ କରୁଣ ଅନୁଭବରେ । କହିଲା ତୁମର ଏସବୁ ଭାବିବା ଉଚିତ ନୁହେଁ । ସବୁ ବର କ'ଣ ସେମିତି ଅଛନ୍ତି । ତୁମ ବର ନିଃଶ୍ଚୟ ଭଲ ହେବ ।

ଝିଅଟି ଲାଜେଇଗଲା । ଚୁପ୍‌ହୋଇ ଚାହିଁ ରହିଲା ନମିତାର ଉଲ୍‌କଣ୍ଟା ଉପରେ ମେଜିକ୍‌ପରି ଚାଲୁଥିବା ଆଂଗୁଳିକୁ ।

ନମିତା ଉଲମନସ୍କ ହେଉଥିଲା । ତା' ଭିତରେ ଗୋଟାଏ ଆନନ୍ଦର ଝରଣା ବାଟ ଖୋଜୁଥିଲା ନାଚିନାଚି ମିଶି ଯିବାକୁ କେଉଁ ଦୂର ସାଗରରେ ।

ଝିଅଟି ଚାହିଁ ରହିଥିଲା । ତା' ସହିତ ଆଉ ଦୁଇଜଣ ସ୍ତ୍ରୀଲୋକ କଲୋନୀରୁ ଉଠିଆସି ଠିଆ ହୋଇଥିଲେ । କେମିତି ପଂଜୁରୀର ପକ୍ଷୀଟି ଆଜି ମୁକ୍ତ । ପୁଣି ବସି ରହିଛି ବାହାର ବେଂଚରେ । ସେମାନେ ଘେରିଯାଇ ଦେଖୁଥିଲେ ଉଲ୍‌ବୁଣାର ଏଇ ଚମତ୍କାରିତା । ଅନୁରୋଧକରିଥିଲେ ତାଙ୍କୁ ଶିଖେଇ ଦେବାକୁ । ସେମାନଙ୍କ ଅନୁରୋଧ ରକ୍ଷା କରିଥିଲା ନମିତା । ସେମାନେ ଫେରିଯାଉଥିଲେ । ଆପଣା ଭିତରେ କୁହାକୁହି ହେଉଥିଲେ ଆହାଃ ! କେଡେ ସୁନ୍ଦର ଝିଅଟି । ଏତେ କାମ ଶିଖିଛି । ଏ ରାକ୍ଷସ କବଳରେ କାହିଁକି ପଡିଲା । ନମିତା ହସିଲା ମନେମନେ । ଏ ଭାରତ ବର୍ଷରେ ଗୋଟାଏ ଝିଅର ଭବିଷ୍ୟତ ଏମିତି ଗଠନ ହୋଇଥାଏ । କାହା ହାବୁଡରେ ପଡିବ କିଏ କହିବ ? ଝିଅଟି କି ନିଜେ ଜାଣେ ?

ରାଜେଶ ଆସିବାର ସମୟ ହୋଇଯାଉଛି । ଗୋଟାଏ ମୁକ୍ତିର ସ୍ୱାଦରେ ସାରାଦିନ ସବୁତକ ନିରୋଳା ସମୟ କେବଳ ନିଜର କରି କାଟିବାର ଇଚ୍ଛା ତା'ର ବଳବତ୍ତର ହୋଇଥିଲା । କିନ୍ତୁ ଆଜି ରାଜେଶର ଫେରିବା କଥା । ବାଡିପଟର କବାଟ ବନ୍ଦକରି ଚାବିଟାକୁ କାଇଦାକରି ସେ ଲୁଚେଇ ରଖିଲା ଯେମିତି କି ରାଜେଶ ତା'ର ମୁକ୍ତିର ଟେର ନ ପାଏ । ତରବରହୋଇ ଖୁନୀ ଆସମୀଟି କେଉଁ ଫାଙ୍କରେ ସବୁତ୍ ଛାଡିଦେଇ ଗଲାପରି । ଯାହାହୋଇଥାଏ ତା' ଫାଶୀର ଫନ୍ଦା । ସେମିତି ମଣିଷଟିଏ ଯେତେ ଚାଲାକି ନିଜକୁ ଭାବିଲେ ବି କେଉଁ ଖଂଜରେ ତା' ଚାଲାକି ନଷ୍ଟ ହୋଇଯାଇଥାଏ । ଏ ଭୁଲ ହୁଏତ ରାଜେଶର ନୁହେଁ, ଭଗବାନଙ୍କ କରୁଣାର ଅନ୍ୟରୂପ ।

ବିଜନଭାଇ ଯା ମଧ୍ୟରେ ବହୁବାର ଆସିଲେଣି । ତା'ପାଇଁ ମନଲାଖି ଉଲ,ସୁତା,ଛୁଞ୍ଚି ନେଇଆସିଛନ୍ତି । ମୁଗ୍ଧ ହୋଇଛନ୍ତି ତା'ର ସୂକ୍ଷ୍ମ କାରୁକାର୍ଯ୍ୟରେ ।

Digitized by srujanika@gmail.com

କେତେବେଳେ କେମିତି ଦରଦୀ ବନ୍ଧୁଟିଏ ହୋଇ ଚାହିଁ ରହନ୍ତି ତା'ର ଅସହାୟ ଏଇ ବନ୍ଦୀନି ଅବସ୍ଥାକୁ । ପ୍ରଶଂସା କରନ୍ତି ତା'ର କାରୁକାର୍ଯ୍ୟ ଖଚିତ ହାତର କରାମତିକୁ ଦେଖି । କେଉଁଠି ଜଗନ୍ନାଥଙ୍କୁ ସୁନ୍ଦରଭାବେ ଫୁଟାଇଥାଏ ସୂତାଛୁଞ୍ଚିରେ ତ କେଉଁଠି ଫୁଲଉପରେ ମହୁମାଛି । କେଉଁଠି ମୁଣ୍ଡିଆ ପାହାଡ ଉପରେ ଗୋଟାଏ ଭରା ଫୁଲର ଗଛଟିଏ । ସେ ସାବାସି ଦିଅନ୍ତି । ଯେମିତି କି ତାଙ୍କ ମନର ସ୍ୱର୍ଶ ପ୍ରତିବିମ୍ବିତ ହୋଇଯାଇଛି ତା'ର ସୂକ୍ଷ୍ମ କଳାରେ । ନମିତା ଗାଁରୁ ଆଣିନଥାଏ ତାର ସିଲେଇ ମେସିନଟା । ଅନୁରୋଧକରେ ଆଣିବାକୁ । ମେସିନ୍ ହେଲେ ଅନ୍ତତଃ ଶାୟା, ବ୍ଲାଉଜ, ଝିଅଙ୍କ ଡ୍ରେସ ତିଆରି କରିପାରନ୍ତା ।

ସୁଇଟର ଡିଜାଇନ୍‌ଟା ଯା ଭିତରେ ଅନେକଟା ଉଠିଯାଇଥାଏ । କାହାପାଇଁ କରୁଛି ତା' ସେ ଭାବିନି । ବିଜନ ଭାଇ ଆସନ୍ତି । ବସନ୍ତି ତାର କାମକୁ ଚାହିଁ । ସେ ସୁଇଟର ବୁଣୁଥାଏ । ହଠାତ୍ ଦିନେ ସେ ଉଠିଯାଏ ସୁଇଟରଟା ମାପିବାପାଇଁ ବିଜନ ଭାଇଙ୍କ ପାଖକୁ । ମାପିବାପାଇଁ ବିଜନଭାଇ ଠିଆହୋଇ ପଡନ୍ତି । ମାପ୍‌ମାପୁ ତାଙ୍କ ନିଃଶ୍ୱାସଲାଗେ ତା' ମୁହଁରେ । ସେହି ନିଃଶ୍ୱାସ ଭିତରେ ସେ ଗୋଟାଏ ଅତିପରିଚିତ ପୃଥିବୀର ଗନ୍ଧପାଏ । ହୃତସ୍ପନ୍ଦନ ତା'ର ଦ୍ରୁତ ହୋଇଆସେ । ଗୋଟାଏ ଅଜବ ସୁଖର ବାସ୍ନା ଖେଳିବୁଲେ ତା'ର ଦେହରେ, ମନରେ । ସେହି ବାସ୍ନାରେ ସୁଗନ୍ଧିତ ହୁଏ ସାରାଘର । ସେ ଅବଲୀଳାକ୍ରମେ ସେହିବାସ୍ନାକୁ ଶୋଷିନିଏ ନିଃଶ୍ୱାସରେ ବୁକୁ ଫୁଲାଇ । ତାର ଫୁଲି ଉଠୁଥିବା ବୁକୁ ବିଜନ ଭାଇର ଆଖିରେ ପଡେ । ସ୍ଥିର ହୋଇଯାଏ ତା'ର ଚଂଚଳ ଶରୀର । ସେ ତା' ଦେଖେ । ସେହିଦିନଠୁ ଗୋଟାଏ ଅଜଣା ଡର ଆଶଙ୍କା ସେ କରେ । କେଜାଣି କାହିଁକି ?

ବିଜନ ଭାଇ ଚାଲିଗଲେ ଏକୁଟିଆ ଘରଟା ଆହୁରି ଫାଙ୍କାଫାଙ୍କା ଲାଗେ । ନିର୍ଜନତାମାନ ତାକୁ ଆହରି ଶୂନ୍ୟ କରିଦିଏ । ତାକୁ ବଡ ଅସ୍ଥିର ଲାଗେ । ଗୋଟାଏ ଅସହ୍ୟ ସୁଖର ବେଦନା ତା' ଶରୀରରେ ଚଳପ୍ରଚଳ ଆରମ୍ଭ କରିଦେଇଥାଏ । ପବନରେ ଆଘ୍ରାଣ କରୁଥାଏ ଗୋଟାଏ ପରିଚିତ ବାସ୍ନା । ରାତିଆସେ । ବଡ ମୋହମୟ ଲାଗେ ଜହ୍ନ । ସେ ଚାହିଁବସିଥାଏ ଝର୍କା ଆରପାଖର ପୃଥିବୀକୁ । କୁହୁଡି ଜମୁଥାଏ ଫାଙ୍କା ପଡିଆରେ । ସରୁଧାରେ ରାସ୍ତା ଚାଲିଯାଇଥାଏ ପଡିଆ ମଝିରେ । ସେହି କୁହୁଡିପାରିହୋଇ କେହିଜଣେ ଆସିବାପରି ଲାଗେ । ଆସ୍ତେ ଆସ୍ତେ । ମଥା ତା'ର ନଇଁ ଯାଇଥାଏ ଅନେକ ସ୍ୱପ୍ନର ଅନୁଭବରେ । ସେ କେଉଁ ମଗ୍ନ ପଥିକଟିଏ ଅବା । ମନେହୁଏ ସେହି ଉଦାସ ପଥିକଟି ଆସିବ ତା' ଗେଟ ପାଖକୁ । ଠିଆ ହେବ । ଚାହିଁବ ଖୋଜିଲା ଆଖିରେ । ଅଥଚ ଡାକିପାରୁନଥିବ । ସେ ବି ବନ୍ଦୀନିର ନିଗଡକାଟି ଯାଇପାରୁନଥିବ । କ'ଣ କରିବ ସେ ସେତେବେଳେ ? ସେ ଫେରିଯିବ ନିରାଶାରେ ଆଉ ବନ୍ଦିନୀଟି ଏକୁଟିଆ ହୋଇ ପଡୁଥିବ ଚିରକାଳ ? ନାଁ....ବିଜନ ଭାଇ, ତୁମେ ଆସ । ମୋତେ ମୁକ୍ତି ଦିଅ । ନେଇଯାଅ

Digitized by srujanika@gmail.com

କେଉଁ ଜନମାନବ ଶୂନ୍ୟ ଦ୍ୱୀପକୁ ।ଫାଙ୍କା ଆକାଶତଳେ ଛମଛମ ନିର୍ଜନତା ଭିତରେ, ନୀଳସାଗରର ଉଚ୍ଛ୍ୱାସ ଭିତରେ ଆମେ ଘରଟିଏ ବାଂଧିବା । ସେଇଟା ଭଲହେବ ଆମ ପାଇଁ । ଆଉ ସହି ହୁଏନାହିଁ ଏ ଅମର୍ଯ୍ୟାଦା ।

ଯାଭିତରେ ବିଜନ ଭାଇ ଗାଁରୁ ବୁହାଇ ଆଣିଥାନ୍ତି ସିଲେଇ ମେସିନ୍‌ଟି । କେତେ ବିହ୍ୱଳିତ ହୋଇ ସେ ତାଙ୍କୁ କୃତଜ୍ଞତା ଜଣାଏ । ହେଲେ ସକାଳ ହୁଏ । ରାଜେଶ ଫେରେ ଡ୍ୟୁଟିରୁ । ମଣିଷ ତ ନୁହେଁ, ସତେ ଅବା ଗୋଟାଏ ଇଂଜିନ୍ ହୋଇଯାଇଥାଏ ସେ । ସିଲେଇ ମେସିନ୍‌ଟା ଦେଖେ । ଦେଖେ ଘରଯାକ ସୁସଜ୍ଜିତ ଚିତ୍ର । ହାତକାମର ନିପୁଣତା । ପାନଖିଆ ଲାଲଦାନ୍ତ ତା'ର ଆହୁରି କୁତ୍ସିତ ହୋଇସାରିଥାଏ । ଗାରଡେଇ ଚାହେଁ ତାକୁ । ଏଗୁଡାକ କ'ଣ ? ଗୋଟାଏ ବଜାର କ'ଣ ହୋଇଗଲାଣି ଘରଟା । କେଉଁଠୁ ଏଗୁଡାକ ପାଇଲୁ ? ମେସିନଟା କେଉଁଠୁ ଆସିଲା ?

—ବିଜନ ଭାଇ ଗାଁକୁ ଯାଇଥିଲେ । ଘରେଥିଲା ମୋ ମେସିନଟା । କହିଥିଲି ଆଣିଦେବାକୁ ।

''ସେଇଟା କିଏ ? ତୋର ଗୋଟାଏ ଭାଇ ଲୁଲୁ । ସେ ପୁଣି କେଉଁ ଭାଇ ? ମୁଁ ନଥିଲା ବେଳେ ସୁଆଂଗ ଲଗେଇଛୁ ।'' ହଠାତ୍ ମନେପକାଇଲା ପରି ଚାବିଟା ଖୋଜିହେଲା । ଆଉ ଜାଣିବାକୁ ପାଇଲା ଚାବିଟା ସେ ଛାଡିଦେଇ ଯାଇଚି । ରାଗରେ ଗୋଟାଏ ଗୋଇଠା ପକାଇଲା ମେସିନକୁ । ଟାଣିଦେଲା କାନ୍ଥରୁ ସବୁ ଚିତ୍ରକଳା । ପେଲିଦେଲା ତାକୁ । ମୁଣ୍ଡଟା ପିଟିହୋଇଗଲା କାନ୍ଥରେ । କହୁଣୀଟା ବାଡେଇହୋଇ ଫୁଲିଗଲା । ନମିତା କରୁଣ ରଡିରେ କାନ୍ଦିବାକୁ ଲାଗିଲା ।

ତାର ଶାରୀରିକ କଷ୍ଟପାଇଁ ନୁହେଁ, ତା'ର ମାନସ ସନ୍ତାନ, ତାର ହାତରେ ଗଢା ଏତେ ସୁନ୍ଦର କଳାକୃତି ସବୁ ଭୂଲୁଣ୍ଠିତ ହେବାର ଅସହ୍ୟ ବେଦନାରେ । ତା'ଆଖିରୁ ଲୁହ ଝରୁ ନ ଥିଲା ତ ଯେମିତି କି ତା' ହୃଦୟରୁ । କାନ୍ଦିକାନ୍ଦି ସାରାଦିନ ସେ ଚୁପ୍ ହୋଇ ବସିରହିଲା କେଉଁ ଅଂଧାରି ଗହ୍ୱରରେ ବସିରହିଲାପରି ।

ପରଦିନ ରାଜେଶ ଚାଲିଗଲା ପୁନଶ୍ଚ ଡ୍ୟୁଟିକୁ । ହୁଏତ ଦୁଇଦିନଯାଏ ସେ ଫେରିବନି । ଚାବିଟା ଏବେ ତା' ସଂଗରେ ।

ବିଜନ ଭାଇ ଆସିଲେ । ପାଟିରୁ ତା'ର କଥା ବାହାରୁ ନଥିଲା । ସେ ଖୁବ୍ ଉଦାସ ହୋଇପଡୁଥିଲା । ବନ୍ଦୀ ଅବସ୍ଥାରେ ନୀରବରେ ସେ ଚାହିଁ ରହିଥିଲା ତାଙ୍କୁ । ବାଡଡେଇଁ ବିଜନ ଭାଇ ଝର୍କାଯାଏ ଆସିଲେ । ତା'ର ଏଇ ସ୍ତବ୍ଧହୋଇପଡୁଥିବା ନୀରବତାକୁ ଲକ୍ଷକରି ଭୟଭୀତ ହୋଇପଡିଲେ । ମୁଣ୍ଡ ଫୁଲିଯାଇଥିଲା । ହାତର କହୁଣୀଟା ବି । ଏ କି ଅବସ୍ଥା ନମିତାର ?

—ନମିତା ! ତୋ ପାଇଁ ମୋର ଭାରି ଭୟ । ମୁଁ ରାତିରେ ଶୋଇପାରୁନି । ଅଜବ ଦୁଃସ୍ୱପ୍ନରେ ଉଠି ବସୁଛି । ନମିତା ! ସବୁବେଳେ ଲାଗୁଛି ଗୋଟାଏ କାଳ-ପୁରୁଷ ତୋତେ ଶେଷ କରିଦେଉଛି । ତା' କବଳରୁ ଉଦ୍ଧାର କରିବାକୁ ମୁଁ ଛଟପଟ ହୁଏ । ଅଥଚ... କାହିଁକି ପାରୁନି ?

Digitized by srujanika@gmail.com

—ବିଜନ ଭାଇ ମୋର ନିଜର ଦୁଃଖ ଏତେ ନିଜସ୍ୱ ଯେ ସେଥିପାଇଁ ତୁମେ କଷ୍ଟ ପାଅନାହିଁ । ଦୁଃଖ କରନାହିଁ ।

—ନମିତା ! ଜୀବନଟା ବିଷାଦର ଏଇ ପଙ୍କଭୂମିରେ ଭୁଲୁଣ୍ଠିତ ହେବାକୁ ନୁହେଁ । ଗୋଟାଏ ଆନନ୍ଦର, ଅମୃତର ଅନ୍ୱେଷଣ ପାଇଁ । ଧାରେ ଆଲୋକ ପାଇଁ । ଗୋଟାଏ ମାତ୍ର ତ ଜୀବନ । ଏମିତି କ'ଣ ନଷ୍ଟ ହୋଇଯିବ ? ଚାଲେ ପଳାଇବା ଗୋଟାଏ ଦିଗନ୍ତ ଛୁଆଁ ଅପାର ଆନନ୍ଦର ପୃଥିବୀକୁ । ମୋ ସଂଗରେ ତୁ ଯାଇପାରିବୁ ? ଏ ଏକ ଶକ୍ତ ମୋହର ନିଗଡ । ସ୍ୱାମୀ, ସଂସାର ଘର । କାଟିଦେଇପାରିବୁ ? ଚାଲିଯାଇ ପାରିବୁ କହ ?

ନମିତା ଘଡ଼ିଏ ଚୁପ୍ ହୋଇଯାଏ । ସ୍ତବ୍ଧତା ଘନେଇ ଆସେ ତା' ସତ୍ତାରେ ।

—କିଛି କହୁନୁ ଯେ ! ତା' ହେଲେ ଏମିତି ନିଜକୁ ଧ୍ୱଂସକରିଦେବୁ ? ଆଇନାରେ ମୁହଁକୁ ଦେଖିଛୁ ? ତୋତେ ମେଡିକାଲ ନନେଇ ପାଷାଣ୍ଡ ଡ୍ୟୁଟି କରିବାକୁ ଚାଲିଗଲା ? ମୁଁ ଏସବୁ ଆଉ ବରଦାସ୍ତ କରିପାରୁନି । ଯିଏ ତୋତେ ଧ୍ୱଂସ କରୁଛି ସେ ହେଉ । ତୁ କାହିଁକି ହେବୁ ? କି ପ୍ରେମ, କି ଅଧିକାର, କି ସ୍ୱାମୀତ୍ୱଥାଏ ଏଇ ପ୍ରକାର ଜୀବନରେ ? ଉନ୍ମାଦ, ସନ୍ଦେହୀ ପୁରୁଷ ପାଖରେ ତୁ ଏମିତି ଗୋଟାଏ ପୂତିଗଂଧମୟ ଜୀବନ ବଂଚିବୁ ? ଯେ ନାରୀକୁ ସମ୍ମାନ ନଦିଏ, ସେ ଧ୍ୱଂସ ହେଉ । ଭୋଗୁ ତା' କୃତକର୍ମର ପ୍ରାୟଶ୍ଚିତ ।

ନମିତା ଭିତରେ ଓହ୍ଲାଇଆସେ ଗୋଟାଏ ଅନିଶ୍ଚିତ ଆଶଙ୍କା । ସେ କିଛି କହିପାରେନାହିଁ ।

—ତା' ହେଲେ ମୁଁ ଯାଉଛି । ତୋର ଏ ଦୁଃଖ ଦେଖିବାକୁ ଆଉ ଆସିବିନି ।

ବିଜନ ମୁହଁ ଫେରାଇ ଆଗକୁ ଚାଲେ ।

ନମିତା ଚିତ୍କାର କରିଉଠେ ଅଚାନକ । ବିଜନ ଭାଇ- ମୋତେ ଛାଡି ଯାଅ ନାହିଁ । ଏ ଅନ୍ଧାର, ଅବରୁଦ୍ଧ ଘରେ ମୁଁ ଅଣନିଃଶ୍ୱାସୀ ହୋଇଯିବି, ମରିଯିବି ମୁଁ । ଭାଂଗିଦିଅ ମୋ ଚାରିପାଖର ବନ୍ଦ ଦରଜା । ମୋତେ ଆଲୋକ ଦିଅ, ପବନ ଦିଅ । ଉଦ୍ଧାର କର ଏଠୁ । ମୋତେ ଉଦ୍ଧାର କର ।

ବିଜନ ଖୁବ୍ ଶକ୍ତ ହୋଇଯାଏ । କଠୋର ହୋଇଯାଏ ତା'ର ମୁହଁ । ଫେରିଆସି ସମସ୍ତ ଶକ୍ତି ଦେଇ ତାଲାଟାକୁ ପିଟେ । ଭିତରେ ନମିତା । ତାଲା ଭଂଗାର ଶବ୍ଦ । ସେହି ଭଂଗାଶବ୍ଦ ଭିତରେ ସେ ଅନୁଭବ କରେ ମୁକ୍ତିର ସ୍ୱର । ରାଜେଶ ଆସିବ ଦୁଇଦିନ ପରେ ଡ୍ୟୁଟିରୁ । କ'ଣ ଦେଖିବ ? ପଂଜୁରୀର ପକ୍ଷୀ ମଧ୍ୟ ଉଡିପାରେ ବହୁଦୂର !!!

□□□

Digitized by srujanika@gmail.com

ଉଦ୍‌ଭାସିତ ଅନ୍ଧକାର

ଦୀପାଳି ଶୋଇଶୋଇ କମିକ ପଢୁଥିଲା । ଆଖି ଦୁଇଟାରୁ ବାରିହୋଇପଡୁଥିଲା କେଉଁଠି ଲାଗିରହିଛି ଗଭୀର ବିଷାଦଟିଏ । ଆଦୌ ସହଜ ନଥିଲା ତାର ଚାହାଁଣୀ । ଭାରିଭାରି ଆଖିପତା, ଦେହରେ ତାତି । ସେ ଦୁର୍ବଳ ଅନୁଭବକଲା ଏବଂ ପଢ଼ିବାକୁ ଚେଷ୍ଟାକରି ପଢ଼ିପାରିଲାନି । ନଥିକିନି ହାତଟା ଗୋଟାଏ ପଟେ ଲମ୍ବେଇ ଅନ୍ୟେକ ହାତରେ ବହିଟା ପେଟ ଉପରେ ରଖିଲା । ଆଜି ତା'ର ସ୍କୁଲ ବନ୍ଦ । ସପ୍ତମ ଶ୍ରେଣୀରେ ପଢେ ସେ । କାଲିଠୁ ଦେହ ଖରାପ । ଆଜି ଆଉ ଯାଇପାରିବନି ସ୍କୁଲ । ସେ କାଲୁଆ ହୋଇ ପଡିରହିଲା । ନୀରବରେ ଚାହିଁଲା ମା'କୁ ।

ଜୟଶ୍ରୀ ଲମ୍ବା ଆଇନା ସାମନାରେ ଠିଆ ହୋଇଥିଲା ଏବଂ ଛୋଟ ଛୋଟ ବାବୁରି ବାଳକୁ ସଜାଡୁଥିଲା । ପାଞ୍ଚଫୁଟ ତିନି ଇଂଚର ଲମ୍ବା ଶରୀର । ସିଧା ନାକ । ଗୋରା ତକତକ ଅବୟବ । କଅଁଳି ଆସୁଥିବା ଶ୍ୱେତ-ସବୁଜ ପତ୍ରପରି ନିରୀହ, ନମନୀୟ ତା'ର ମୁହଁ । ଆଜି କିନ୍ତୁ ତା' ଆହୁରି ବିଷଣ୍ଣ, ବିପର୍ଯ୍ୟସ୍ତ । ଯେମିତି କି ଗୋଟାଏ ଦୂରଦୂରାନ୍ତ ଧରି ଭାରାକ୍ରାନ୍ତ ହୋଇଯାଉଛି ପୃଥିବୀ ଆଉ ଆଶ୍ରୟ ନେଇଛି ତା' ଆଖି ପତାରେ । ଘର ଭିତରେ ଅନନ୍ୟ ଗମ୍ଭୀରତା । ଅବା କେଉଁ ଆଦିମ ପୃଥିବୀର ନୀରବତା । ସେ ଚାହିଁଲା ଦୀପାଳିକୁ । ବାକ୍‌ଶୂନ୍ୟ । ନିଃସ୍ତବ୍ଧ ।

ସେ ମଥାରେ ଲାଲବିନ୍ଦି ଲଗାଇଲା । ଝାମ୍ପୁରା ବାଳରେ କ୍ଳିପ ଦେଲା । ଯଥା ସ୍ଥାନରୁ ଭ୍ୟାନଟି ବ୍ୟାଗ ବାହାରକଲା । ଦୀପାଳି ପାଖକୁ ଆସି ମଥାରେ ହାତ ରଖିଲା— ଉତ୍ତାପ କମିନଥିଲା । ସେ ପ୍ରେସିକ୍ରିପ୍‌ସନଧରି କେତେବେଳେ କେଉଁ ଔଷଧ ଖାଇବ ତା' ଦୀପାଳୀକୁ ବୁଝାଇଲା । "ମା ରେ ବ୍ୟସ୍ତ ହେବୁନି — ମୁଁ ଆସିଲେ ରାତିରେ ଡାକ୍ତର ପାଖକୁ ଯିବା" ଦୀପାଳି ଗମ୍ଭୀର ଅଥଚ ଅର୍ଥପୂର୍ଣ୍ଣ ଦୃଷ୍ଟିରେ ଚାହିଁଲା ମା' କୁ । ତା' ଛାତି ଭିତରୁ ଖସି ପଡୁଥିଲା ଭୂମିକଂପ ଗ୍ରସ୍ତ ପୃଥିବୀ ଖଣ୍ଡେ । ଆଖିରୁ ତା'ର ଲୁହ ଝରିଲା ନାହିଁ କି ଓଠରେ କୌଣସି ଭାଷା ଫୁଟିଲା ନାହିଁ । ସେ ସେମାନଙ୍କୁ ଆୟତ କରି ରଖିଲା । ମା'ର ଯିବାରାସ୍ତାକୁ ଚାହିଁ ପୁନଶ୍ଚ ଆଖି ବୁଜିଦେଲା ।

ହାତରେ ଛତା ଏବଂ ଭ୍ୟାନିଟ୍ ବ୍ୟାଗ ଧରି ବାହାରିଗଲା ଜୟଶ୍ରୀ । ବାହାର ଦରଜା ବନ୍ଦ କଲା । ଜାଫ୍ରିଟାକୁ ଟାଣିଲା । ତାଲା ପକାଇଲା । ସେ ଆଦୌ ମନସ୍ଥ ହୋଇପାରୁନଥିଲା । ଦୀପାଳିର ନିରୀହ ନିର୍ଲିପ୍ତ ଚାହାଣୀ ତାକୁ ଦ୍ୱିଧା ଗ୍ରସ୍ତ କେଉଁ ଇଲାକାରେ ଠିଆ କରାଇ ଦେଉଥିଲା । ବୁକୁ ଭିତରେ ତା'ର ଅନ୍ୟତର ବେଦନାର ଝଡ । ହାତ

Digitized by srujanika@gmail.com

ଗୋଡ଼ ଅବା ସ୍ଥବିର । ଗୋଟାଏ ଆର୍ତ୍ତ ଚିତ୍କାର ତା' ଅନ୍ତରାତ୍ମାରେ ପିଟିହୋଇ ଫେରି ଆସୁଛି କର୍ଣ୍ଣ ଗହ୍ୱରକୁ । ସେ ସ୍ପଷ୍ଟ ଶୁଣିପାରୁଛି— ମା'...ଯାଆନି...ଯାଆନି... । ଅଥଚ ସେ ଜାପ୍ରିର ତାଲା ପକାଇଲା ଏବଂ ମୁହଁକୁ ତଳକୁ କରିଦେଲା କଠୋରତମ ଭାବେ ।

ସେ ସ୍ତବ୍ଧ ହୋଇ ଘଡ଼ିଏ ଠିଆହୋଇଗଲା ଲିଫ୍‌ଟ୍ ଦରଜା ପାଖରେ । ଆଦୌ ଭୁଲିପାରୁ ନ ଥିଲା ଦୁଇଟା ଅସହାୟ ଜ୍ୱରଗ୍ରସ୍ତ ନିର୍ଲିପ୍ତ ଆଖି । ଦୀପାଳି ତା'ର ସନ୍ତାନ । ଅନ୍ତଃଫାଡ଼ି ଜନ୍ମ ଦେଇଛି ସେ । ତା'ର ଏକମାତ୍ର ନୟନର ପିତୁଳା । ତା'ପ୍ରତି ବି ସେ ଏତେ ଅବିଚାର କରିପାରେ ! କ'ଣ ଭାବୁଥିବ ଦୀପାଳି । ଏତେ ପାଷାଣ୍ଡ ମା'ଟି ତା'ର । ଚାକିରି ବ୍ୟତିରକେ ଆଉ କିଛି ବୁଝେ ନାହିଁ । ଏତେ ନିଷ୍ଠୁର ସେ ଦିନକୁ ଦିନ ହୋଇଯାଉଛି କେମିତ ? ତା'ର ଏକମାତ୍ର ସନ୍ତାନ ପ୍ରତି ବି ଧ୍ୟାନ ରହୁନି । ଦେହ ଖରାପରେ ବି ଛାଡ଼ି ଦେଇ ଚାଲିଯାଉଛି । ସେ ଯଦି ଏଇ ଧାରଣା ନେଇ ବଡ ହୁଏ ତା'ହେଲେ ସମୟର କାଠ ଗଡ଼ାରେ ଠିଆହୋଇ ପଚାରିବ— ମା' ତୁ ଏତେ ନିଷ୍ଠୁର ଯେ ମୋତେ ଏକୁଟିଆ ଛାଡିଦେଇ ଦେହ ଖରାପବେଳେ ଅଫିସ୍ ଯାଉଥିଲୁ ? କି ଜବାବ ଦେବ ସେ ? ଅଫିସ୍ ମାରା କରିବାକୁ ତା'ର ଇଚ୍ଛା ହେଲାନି । ସେ ବ୍ୟାଙ୍କର ଜଣେ ଦାୟିତ୍ୱ ସମ୍ପନ୍ନ ଅଫିସର୍ । ସପ୍ତାହେ ପାଇଁ ସେମାନେ ତାକୁ ଟ୍ରେନିଂରେ ପଠାଇଛନ୍ତି । ଆଉ ଟ୍ରେନିଂ ବନ୍ଦ କରିବାକୁ ତା'ର ମନ କହୁନି । ବରଂ ରାତିରେ ଆସି ଦେଖିବ ଦିପାଳୀର ଅବସ୍ଥା ।

ଅଗଷ୍ଟ ମାସର ଆକାଶ । ଦୁହାକୁ ଦୁହା ବର୍ଷା ହେଉଛି । ସେ ନ' ମହଲାରୁ ଓହ୍ଲାଇବ । ଲିଫ୍‌ଟର ବଟମ ଦାବିଲା । ଲିଫ୍‌ଟ ଆସିଲା ଏବଂ ଛ' ମହଲାରେ ଅଟକିଗଲା । ଭିତରକୁ ପଶି ଆସିଲା ସୁନନ୍ଦା । ତା'ର ସାନ ଭଉଣୀ । ଏକା ବିଲଡିଂରେ ସେମାନେ ରୁହନ୍ତି ।

ପରି ଭଳି ସଜ ହୋଇଥିଲା ସୁନନ୍ଦା । ସତେ ଅବା ମାଧୁରୀ ଦୀକ୍ଷିତ୍ କି ଜୁହି ଚାୱଲା ଯାଉଛନ୍ତି ସୁଟିଂ ପାଇଁ । ତା'ର ମିନି ସ୍କାର୍ଟରୁ ଦିଶୁଥିଲା ତା' ଗୋଡ ପେଣ୍ଡାର ଅନାବୃତ ଅଂଶ । ହାଇ ହିଲ୍ ଜୋତା ପାଦରେ । ଆଖିରେ ଗଗଲସ୍ । ଛୋଟ କାଟିଆ ସାର୍ଟ ଉପରେ । କୂଅ ଫାନ୍ଦପରି ଇୟର ରିଂ । ହାତରେ ଭ୍ୟାନିଟ୍ ବ୍ୟାଗ୍ ।

ଜୟଶ୍ରୀ ତଳକୁ ମୁହଁ ପୋତିଦେଲା । ସୁନନ୍ଦାର କ୍ରୋଧ ଏବଂ ଘୃଣା ପ୍ରକାଶିତ ହେଲା ତା'ର ଚାହାଣୀରେ । ତିନି ଭଉଣୀ ସେମାନେ । ସବା ସାନ ଝିଅ ସୁନନ୍ଦା । କ୍ରୋଧରେ ତା'ର ନାସାଗ୍ର କଂପିତ ହେବାକୁ ଲାଗିଲା । ମନ ହେଉଥିଲା ଚପଲ କାଢ଼ି ଏମିତି ପିଟନ୍ତା ଯେ କିଛି ଦିନ ଘରୁ ବାହାରନ୍ତା ନାହିଁ । ହେଲେ ଏବେ ସେ ଅଣାୟତ । ତା'ର ଶାସନ ତାକୁ ହିଁ ରକ୍ତାକ୍ତ କରିବ । ଅସମ୍ମାନ ହେବ ସିନା, ସେ ସୁଧୁରିବ ନାହିଁ । ''ବାପା ସାନଝିଅ ବୋଲି ମୁଣ୍ଡରେ ବସାଇଥିଲେ ଏଇ ପ୍ରତିଦାନ ଦେବାକୁ ? ବାପା ବଂଚିଥିଲେ ତୋର ଏ ଅବକ୍ଷୟ ଦେଖି ଲଜ୍ଜାରେ ମୁହଁ ଲୁଚାଇ ବସିଥାନ୍ତେ । ଛି... ଛି... ।''

Digitized by srujanika@gmail.com

ଜୟଶ୍ରୀର ବାପା ଥିଲେ ବୈଜ୍ଞାନିକ । କୁହାଯାଇପାରେ ମଧ୍ୟବିତ୍ତ ଫାମିଲିର ସାଧାସିଧା ଲୋକ ଜଣେ । ଜୟଶ୍ରୀ ବଡ ଝିଅ । ସେମାନେ କେରଳର ଲୋକ । ଜୟଶ୍ରୀ ନାୟାର । ଯଦିଓ ମୁମ୍ବାଇ ସହରରେ ସମସ୍ତଙ୍କ ଜନ୍ମ । ସୁନନ୍ଦା ଭଲ ପଢୁଥିଲା । ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆରେ କଏନ୍ ନୋଟ୍ ଏକ୍ଜାମିନର ଚାକିରି ପାଇଥିଲା । ବଂଚିବା ପାଇଁ ଯଥେଷ୍ଟ ଭୂଇଁ ଥିଲା ପାଦ ତଳେ । ସଭ୍ୟ ଶିକ୍ଷିତ ମହଲରେ ସମ୍ମାନର ସହ ଚାକିରି ଜୀବନଟିଏ ବଂଚିବା । ହେଲେ କ'ଣ ହେଲା ସେ ? ପାର୍ଶୀ ଯୁବକକୁ ପ୍ରେମକରି ବସିଲା । ଜିଦ୍ କଲା ବାହାହେବାକୁ । ସେମାନେ ବିଜିନେସ୍ ଫାମିଲିର ଲୋକ । ବଡ ରକ୍ଷଣଶୀଳ ମଧ୍ୟ । ବୋହୂର ଚାକିରି କରିବା ସୁନଜରରେ ଗଲାନି । ଚାକିରି ଛାଡିଲା ସେ । କିନ୍ତୁ ଆସ୍ତେ ଆସ୍ତେ ଡାଉନ୍ ହେଲା ବିଜିନେସ୍ ସେମାନଙ୍କର । ଛୁଆ ଦୁଇଟା । ଗୁଜୁରାଣ ମେଣ୍ଟାଇବାର ସମ୍ବଳ ନିଷ୍କ୍ରିୟ । ତା'ପରେ ତୁ ହୋଇଗଲୁ ଗୋଟାଏ ଗ୍ଲାମରସ୍ ଗାର୍ଲ । ଖାଲି ବନ୍ଧୁ । ଅସଂଖ୍ୟ ପୁରୁଷ ବନ୍ଧୁ । ଗ୍ଲାମର ଦୁନିଆ । ଆଉ ଫାଇଭ୍‌ଷ୍ଟାର ହୋଟେଲରେ ଦିନରାତି କାଟିବା । ମା'ର ବୟସ ପଞ୍ଚଷଠି । ବାପାଙ୍କର ଫ୍ଲାଟ୍‌ରେ ରହିଛୁ । ମା'କୁ ହାତ ଉଠାଉଛୁ ମାରିବାକୁ । ତୋତେ ଲାଜ ନାହିଁ । କି ଉଦ୍ଧତ, ଉଚ୍ଛୃଙ୍ଖଳ ହେଲୁ ତୁ ! ମା'କୁ ମାରିଧରି ଭାବିଛୁ ହାତେଇ ନେବୁ ଫ୍ଲାଟଟି । ପ୍ଲାନ୍ କରିଛୁ ବିକ୍ରିକରିଦେବୁ ଉର୍ଚ୍ଚା ଦରରେ ଶାନ୍ତାକ୍ରୁଜ ପରି ଜାଗାରେ । ଫ୍ଲାଟ୍ କିଣିବୁ ସବ୍‌ରବ୍‌ରେ । ବଳକା ଟଙ୍କାକୁ ବ୍ୟାଙ୍କରେ ରଖିବୁ । ତୋର ଏହି ନ୍ୟୁନ ଚିନ୍ତାଧାରାକୁ ଧିକ୍ । ଭଦ୍ର ସମାଜର ମୁଖା ପିନ୍ଧି ହାଇ ସୋସାଇଟ ନାଁରେ ତୁ ପଞ୍ଚତାରକା ହୋଟେଲରେ ରାତ୍ରିଯାପନ କରୁଛୁ ? କି ଫରକ୍ ଅଛି ପେଟରେ ଦାୟରେ ପଚାଶ ଟଙ୍କାରେ ଇଜତ୍ ବିକୁଥିବା ଗୋଟାଏ ବେଶ୍ୟା ଆଉ ତୋ ଭିତରେ ? ସୁନନ୍ଦା... ତୁ ବେଶ୍ୟା ପାଲଟି ଗଲୁ...ବେଶ୍ୟା...ସାଇନ୍‌ଟିଷ୍ଟ୍ କୃଷ୍ଣା ନାୟାରର ଝିଅ ଆଜି ବେଶ୍ୟା... ।

ରାଗରେ ମୁହଁର ସମସ୍ତ ମସଲ୍ ତା'ର ଟାଣ ହୋଇଯାଉଥିଲେ ବି ଗୋଟିଏ ଶବ୍ଦ ସେ ଉଚ୍ଚାରଣ କରିପାରିଲାନି । ମା'କୁ ମଧ୍ୟ ଯାଇଁ ଏ ବିପଦରେ ଦିପାଳୀକୁ ଟିକିଏ ଦେଖିବାକୁ କହିପାରିଲା ନାହିଁ । ସୁନନ୍ଦା ନିର୍ବିକାରରେ କାର୍‌ର ଦ୍ୱାର ଖୋଲି ଅପେକ୍ଷା କରୁଥିବା ଯୁବକଟି ସହ ଚାଲିଗଲା ଘୃଣାକୁ ପୁଳାଏ ଛାଟି ଦେଇ ।

ଝିପିଝିପି ବର୍ଷା ପଡିଲା । ଛତା ଖୋଲିଲା ସେ । ଆହୁରି କିଛି ବାଟ ଯିବାକୁ ହେବ ଅଟୋ ଷ୍ଟାଣ୍ଡ ଯାଏଁ । ମଝିଆଁ ଭଉଣୀର ମା'...ମା' ବୋଲି ଭାରି ସରାଗ ଭାରି ସବୁବେଳେ । ହେଲେ ଫୋନ୍‌ରେ କଥାଛଡା ଆଉ କ'ଣ କରିପାରେ ସେ ? ବର ଇଂଜିନିଅର । ମଲଟିନେସନାଲ୍ କଂପାନୀରେ ଚାକିରି । ସୁଇଜର୍‌ଲ୍ୟାଣ୍ଡରେ ରହୁଛି । କେବଳ ପଇସା ହିଁ ପଇସା । ଡଲାର ପଠାଇଦେଲେ ମା'ର ଦୁଃଖଯିବ ଏଠି ? ଥରେ ତ ହାର୍ଟ ଆଟାକ୍ ହୋଇଗଲାଣି ମା'କୁ । ତା' ସାଙ୍ଗରେ ସାନର ଦୌରାତ୍ମ୍ୟ । ପଇସା ଦେଇଦେଲେ ଦାୟିତ୍ୱ ସରିଗଲା ?

Digitized by srujanika@gmail.com

କିଶୋର ତୁମେ ବି ! ତୁମେ ଏମିତି ଠକିବ । ଦାୟିତ୍ୱକୁ ଉପେକ୍ଷା କରିବ ! ତା' ମୁଁ ଜାଣି ନ ଥିଲି । ଶୁଣିଥିଲି ସାଙ୍ଗମାନଙ୍କଠୁ ସ୍ୱାମୀମାନେ କେମିତି ମଦ ଖାଇ ଘରକୁ ଫେରନ୍ତି । କିଛି କହିଲେ ହାତ ଉଠାନ୍ତି, ଯେମିତି ସିନେମାର ଛବିପରି । ହେଲେ ବାସ୍ତବତାକୁ ପ୍ରତ୍ୟକ୍ଷ କରି ନଥିଲି ।

ଯୌବନରେ ସ୍ୱପ୍ନମାନ ମୋ ଭିତରେ କିଏ ଗଢ଼ି ଥୋଇଥିଲା ? ମୁଁ ତ ତୁମକୁ ଚାହିଁ ନ ଥିଲି । ହେଲେ ଆଜି ମୁଁ ଜୟଶ୍ରୀ-କିଶୋର ହଙ୍ଗଗଡ଼ି । ତୁମ ନାଆଁ ସହିତ ମୋ ନାଆଁ ଯୋଖା । ଯୋଖି ଦେଲେ କ'ଣ ମଣିଷ ଯୋଖି ହୋଇଯାଏ ? ଏ ସବୁ ପରମ୍ପରା । ହୁଏତ ପରମ୍ପରା କିଛି ଭଲ ନୁହେଁ । ନାରୀ ପୁରୁଷର ମାର୍ମିକ ସହାବସ୍ଥାନକୁ ନେଇ ପୂର୍ବ ପୁରୁଷମାନେ ଏ ସବୁ ରଚନା କରିଥିବେ, ହେଲେ ଦୁଇଟା ମଣିଷର କେବେ ମେଳ ହୁଏନି । ଏ ପୃଥିବୀରେ ତା' ଅସମ୍ଭବ । ଡାରଉଇନ୍‌ଜିମ୍ ନ ହେଲେ ଭୁଲ ହୋଇଥାନ୍ତା ଏ ପୃଥିବୀରେ । ତେଣୁ ଆଜି ତୁମକୁ ଦୋଷ ଦେଇ ଲାଭ କ'ଣ ? ମଣିଷର କେଉଁଥିରେ ଦୋଷ ଥାଏ ? କାଲିର ମଣିଷ ଯେ ଆଜିର ମଣିଷ ନୁହେଁ, ରହିପାରେନି, ତା' ସେ ସମୟରେ ଜଣା ପଡେନା । ଅଭିଜ୍ଞତା ଦେଇ ମଣିଷ ବୟସାନୁସାରେ ଶିଖେ ।

ଯୌବନର ଅନ୍ଧ ଆବେଗ ତୁମକୁ ବିମୋହିତ କରିଥିଲା । ବାପାଙ୍କର ସହକର୍ମୀଙ୍କ ପୁଅ ହିସାବରେ ସେ ଆମ ଘରକୁ ଆସିବାକୁ ମନା କରୁ ନ ଥିଲେ । ତୁମେ ମୋତେ ଦେଖିବାପରେ ମୋହଗ୍ରସ୍ତ ହୋଇଥିଲ । ପାଗଳପରି ମୋ ଅଫିସ 'ଚନ୍ଦ୍ରମୁଖୀ' ବିଲ୍‌ଡିଂରେ ପହଞ୍ଚି ଯାଉଥିଲ । ଘଣ୍ଟାଘଣ୍ଟା ଅପେକ୍ଷା କରୁଥିଲ । ଅଫିସ୍ ଛୁଟି ପରେ ଲୋକାଲ୍ ଟ୍ରେନ ଧରିବାକୁ ଖୁବ୍ ଆସ୍ତେଆସ୍ତେ ଚାଲୁଥିଲ । କେତେ ଯେ ଅନାବନା ଗପ ସବୁ କରୁଥିଲ । ନିରର୍ଥକ ଅଥଚ ଉଦ୍ଦୀପକ । ସେ ସମୟରେ କ'ଣ ଏମିତି ହୁଏ, ସବୁ ଅର୍ଥହୀନ ସଂଳାପ ଅମୃତ ମନେହୁଏ । ଗପ ତ ନୁହେଁ ଯେମିତି କେଉଁ ସ୍ୱପ୍ନର ସବୁଜ ଇଲାକାରେ ଆମେ ବାଟ ଚାଲୁଛେ ବମ୍ବେ ମହାନଗରୀର ଏତେ କୋଳାହଳ ସତ୍ତ୍ୱେ ବି । କେତେ କଥା ତୁମର । ପିଲାଙ୍କପରି ଅଳି । ଦିନେ ଜୋରକରି ନେଇଗଲ ନାରିମ୍ୟାନ ପଏଣ୍ଟର ସେହି ଅଗ୍ରଭାଗ ପାଖକୁ । କହିଥିଲ ଜୟଶ୍ରୀ...ତୁମେ ନ ଆସିଲେ ଏ ଜୀବନ ବୃଥା, ମୁଁ ଏଇଠି ଲମ୍ଫ ପ୍ରଦାନ କରିବି ତୁମରି ଖାତିରରେ । ମୋତେ ଲାଗୁଥିଲା ସତରେ ତୁମେ ତେଇଁ ପଡୁଛ ସମୁଦ୍ରକୁ । ବା ପଡିବ । ମୋର ମୃଦୁ ହସ ଥମିଯାଇଥିଲା ସେଦିନ । ମୁଁ ଗମ୍ଭୀର ଭାବରେ ଚିନ୍ତାକଲି ତୁମ କଥାର ମର୍ମ । ସତରେ କ'ଣ ତୁମର ଏ ଭଲ ପାଇବା ଥିଲା ନାଁ ପ୍ରଲୋଭନ । ତୁମେ ମୋର ଅପରୂପ ଲାବଣ୍ୟରେ ମୋହିତ ହୋଇଥିଲ ନାଁ ପ୍ରକୃତରେ ଭଲ ପାଇଥିଲ ? ଏମିତି ତୁମେ ଆମ ଘରକୁ କେତେଥର ଦୌଡ଼ିଛ । ବାପାଙ୍କୁ ନିଜ ଆଡୁ ପ୍ରସ୍ତାବ ଦେଇଛ । ତୁମେ ବମ୍ବେ ଡାଇଂଗ୍ କମ୍ପାନୀର ଜଣେ ଇଂଜିନିୟର । ଯଥେଷ୍ଟ

Digitized by srujanika@gmail.com

ଦରମା ତୁମ ହାତ ମୁଠାରେ । କେଉଁ ବାପ ବା ତୁମକୁ ଝିଅ ଦେବା ପାଇଁ ମନା କରିବ ! ଏଇଟା ସ୍ୱାଭାବିକ୍ ବାପା ରାଜି ହୋଇଥିଲେ ।

କିନ୍ତୁ ସତରେ କିଶୋର, ତୁମକୁ ବାହାହେବାକୁ ମୋର ଇଛା ନ ଥିଲା । ତୁମେ ସୁନ୍ଦର, ବଳିଷ୍ଠ, ଶିକ୍ଷିତ ପ୍ରତିଷ୍ଠିତ । ସବୁକିଛି । ହେଲେ ନାରୀର ମନକୁ ଜୟ କରିବାକୁ ହେଲେ ଏ ସବୁର ଦର୍କାର ହୁଏନି ବୋଲି ମୁଁ କ୍ଷଣିକେ ଭାବି ଥମିଯାଇଥିଲି । ବାୟୁମଣ୍ଡଳର ଚାପ ରକ୍ଷା କଲାପରି, ପାଣିର ଧର୍ମ ତଳକୁ ବହିଗଲାପରି, ଦୁଇଟି ବସ୍ତୁ ବଣ୍ଡ ଫରମେସନ୍ କଲାପରି ଯୌବନରେ ମନର ଫାଙ୍କଟା ବେଶୀ ଦିନ ରୁହେ ନାହିଁ । ସେହି ଫାଙ୍କ ଦେଇ କେହି ନାଁ କେହି ପଶିଆସେ । ଷ୍ଟେବଲ୍ ବଣ୍ଡ ଫରମସେନ୍ ହୋଇଯାଏ । ନହେବା ଯାଏ ଯେମିତି ଇଲକ୍‌ଟ୍ରନିକ୍ ଷ୍ଟେଟ୍‌ରେ ଏଲିମେଣ୍ଟଟି ରହିଲା ପରି ଚାର୍ଜଡ ଅବସ୍ଥା । କେଉଁଠି ସୁବିଧା ପାଇଲେ ଷ୍ଟେବଲ୍ ହୋଇଯିବା ଧର୍ମ । ସେମିତି ମଧ ମୁଁ । କେଉଁ ଶୂନ୍ୟତା ମନରେ ଆସିଥାଏ ଆଉ ସେହି ଫାଙ୍କରେ କେଉଁ ଅନିର୍ଦ୍ଦିଷ୍ଟ ସମୟରେ କେହି ପଶିଯାଇଥାଏ । ସେ ବି ପଶିଗଲେ । ଛପିଗଲେ ମୋ ହୃଦୟର କେଉଁ ଅତଳତଳରେ । କେଜାଣି କେମିତି ମୁଁ ବି ଜାଣେନା । ଆଇ.ଏ ପଢୁଥିବା ଆଦ୍ୟ ଯୌବନର ଚପଳ ଝିଅଟିଏ ବା କ'ଣ ଜାଣେ ପ୍ରେମର ପରିଭାଷା । ଆଖିରେ ଆଖିରେ, ଛନ୍ଦରେ ଛନ୍ଦରେ, ଭଲଲାଗିବାରେ କେମିତି କେଜାଣି ସେ ଆସେ । ସେମିତି ମୂରଲୀଧରନ୍ । ପରଂପରା ବଶତଃ ଆମର ମାମୁଁଙ୍କୁ ବାହାହେବା କଥା । ସେଥିଲେ ମାମୁଁଙ୍କର ବଂଧୁ । ମାମୁଁଙ୍କ ସାଂଗରେ ପ୍ରାୟ ଘରକୁ ଆସୁଥିଲେ । ମୋତେ ଛାଡି ରହିବା ତାଙ୍କ ପାଇଁ ଦୂରୁହଥିଲା । ଆଉ କେତେବେଳେ ଅଧିକାର କରିନେଲେ ମୋର ସେହି ନିଷ୍ପାପ, ନିରୀହ କିଶୋରୀ ମନ । ଯାହା ଜୀବନର ପ୍ରଥମ ଆବେଗ, ଅନୁରାଗ ହୋଇ ମୋର ମନର ନରମ ମାଟିରେ ଅଙ୍କୁରିତ ହୋଇଉଠିଲା । ଏମିତି କି ବମ୍ବେ ଛାଡି ଇଣ୍ଟରମିଡିଏଟ୍ ପରୀକ୍ଷା ପରେ ପୁନେ ଯାଇ ମାଉସୀଘରେ ଥିଲି ମାସଟାଏ । ସେ ତ ସବୁଠି ପରିଚିତଥିଲେ । ସାଂଗେସାଂଗେ ଯାଇ ପୁନାରେ ଉଠିଲେ । ଗ୍ରୀଷ୍ମଦିନ ମାଉସୀଙ୍କ କୋଠାଉପରେ ସମସ୍ତେ ମଜା କରୁଥାଉ । ପୁରା ରାତିଟା ପାହିଯାଏ । ସମସ୍ତେ ନିରବୀ ଯିବାପରେ ଆମ ଦୁହିଁଙ୍କ ଆଖିରେ ନିଦ ନ ଥାଏ । ରାତିଟା ଖୁବ୍ ମନୋରମ, ଆବେଗଭରା ହୋଇପଡେ । ଥାଏ ଆକାଶରେ ଦେଦିପ୍ୟମାନ ନକ୍ଷତ୍ର, ପୃଥିବୀରେ ଉତ୍ତାଳ ହାୱା । ତା ସାଂଗକୁ ତାଙ୍କର ଉଷ୍ମ ଆଲିଗଂନ ଆଉ ଗଭୀର ଚୁମ୍ବନ । ଯାହାର ମଧୁରତମ ଜ୍ୱାଳା ଏବେ ବି ମୋତେ ଆନମନା କରେ । ରାତିପାହେ, ସକାଳ ଆସେ, ସାମନା କୃଷ୍ଣଚୂଡାର ଲାଲ ମଂଜରୀ ହସହସି ଦୋହଲେ, ଚାହେଁ ଆମକୁ । ମନେହୁଏ ଏତେ ପ୍ରାଣ ପ୍ରାଚୁର୍ଯ୍ୟ, ସତେଜତା, ବହକି ପଡୁଥିବା ଏତେ ରଂଗ୍ ଏ ଗଛକୁ ଆସିଲା କେମିତି ? ଆମ ଜୀବନ କ'ଣ ଏମିତି ଗାଢ ରକ୍ତିମ ଆଭାରେ ମୁଗ୍ଧହୋଇ ବଂଚିଯିବ ! ହେଲେ ସେ ମୂରଲୀଧରନ୍

Digitized by srujanika@gmail.com

କାହାନ୍ତି ? କିଶୋରୀ ମନର ନରମ ସବୁଜ ଭୂଇଁରେ ଯାହା ପାଦଚିହ୍ନ ପଡିଗଲା, ସେ ଆଜି କେଉଁଠି ? ତାଙ୍କ ସହ ବାହାଘରପାଇଁ ବାପା ରାଜିହୋଇନଥିଲେ । ସେଦିନ କି କାନ୍ଦଣା ତାଙ୍କର । ଯେମିତି କି ପୃଥିବୀର ଫସିଲ ହୋଇଯାଇଥିବା ମୃତ ସରୀସୃପମାନେ ଉଠିଆସିବେ ଆଉ ଦିଗବିଦିଗ ଛୁଟିଯିବେ କେଉଁ ଅନ୍ଧ ଯନ୍ତ୍ରଣାରେ । ଆଉ ମୁଁ ମଧ୍ୟ ସେହି ଅନୁଶୀଳନମାନି ବାଧ୍ୟହୋଇ, ଅଭିଯୋଗ ନ କରି, ବଡଝିଅର ମର୍ଯ୍ୟାଦାରଖି, ତୁମର ଆବେଗ,ଅନୁରାଗ ବା ମୋହ ଯାହାକିଛି କୁହ ସମ୍ମାନ ଦେଇ, ମୁଁ ହୋଇଗଲି ଜୟଶ୍ରୀ କିଶୋର ହଙ୍ଗଗଡି । ମହାରାଷ୍ଟ୍ରିଆନ ।

ଭାବିଥିଲି ତୁମର ଏ ଧାଁ ଧାପଡ ପଛରେ କିଛି ସତ୍ୟତା ରହିଛି । ହେଲେ ଏତେ ଶୀଘ୍ର ମଣିଷର ମୋହ ତୁଟେ ? ସେହି ସୌନ୍ଦର୍ଯ୍ୟ ଏବେ ବି ମୋ ମୁହଁରେ । ସେହି ଗୋରା ଚକ୍‌ଚକ୍ ଶରୀର,ସିଧାନାକ, ସ୍ୱପ୍ନିଳ ଆଖି (ଯାହା ତୁମେ କୁହ), ସେହି ବାବୁରି ବାଳ, ପାଂଚ ଫୁଟ ତିନି ଇଞ୍ଚ୍ ଉଚ୍ଚତା । ସବୁ ଅଛି । ଆଉ ତୁମ ପ୍ରତି ରହିଛି ମୋ ସ୍ତ୍ରୀତ୍ୱର ଅଂଗୀକାର । ମୁଁ ତ ନିୟତ ମୁହାଁମୁହିଁ ହୋଇଛି ସତ୍ୟର । ସଂଘର୍ଷର । ଆଉ ସବୁ ଉଚ୍ଚାଟି ତୁମ ପାଖରେ ସତ୍ୟବଦ୍ଧ ଗୃହିଣୀ ଜୀବନ ଯାପନ କରିବା ସତ୍ତ୍ୱେ ବି ତୁମେ ପାଲଟିଗଲ ଅନ୍ୟପୁରୁଷ ! ମୁଁ ଯେପରି ସେହି ଅନ୍ୟ ପୁରୁଷର ଅନ୍ୟ ନାରୀ । ଘରଟା କେବଳ ମୋର । ତୁମର କିଛି ନାହିଁ । ତୁମେ ଫୁର୍ତ୍ତି କର ଅନ୍ୟନାରୀ ସାଂଗରେ, ରଂଗୀନ ଦୁନିଆରେ ଆତଯାତ ହେଉଥାଅ । ଆସ ଏ ଘରକୁ ପାନ୍ଥଶାଳାର ପଥିକପରି । ମୁଁ ହୋଇଯାଏ କେବଳ ଦାୟିତ୍ୱଧାରିଣୀ ମା'ଟିଏ । ଘରଟାଏ ବି ତୁମେ କଲନି । ବ୍ୟାଙ୍କ ଲୋନ ନେଇ ମୋତେ ବି ଏ ଘରଟା କରିବାକୁ ପଡିଲା । ଲୋନ୍ ଶୁଝିବା ଦାୟିତ୍ୱ ମୋ ଉପରେ । ବମ୍ବେ ପରି ମହାନଗରୀରେ କେତେ ଖର୍ଚ୍ଚ । ଦୀପାଳୀର ସ୍କୁଲ ଖର୍ଚ୍ଚ । ଟ୍ୟୁସନ ଦରମା, ସାଂଗସାଥିଙ୍କୁ ଆପାୟିତ କରିବା । ଦଶପାଂଚ ଜଣଙ୍କ ସାଂଗରେ ବସାଉଠା କରିବାପାଇଁ ସେମାନଙ୍କ ନିମନ୍ତ୍ରଣର ଖର୍ଚ୍ଚ ବହନ କରିବା କେବଳ ଦାୟିତ୍ୱ ମୋର । ଅଜ୍ଞତାର ଅଂଧକାର ତୁମ ଜୀବନ ଧାରଣର ସୀମାକୁ ଏମିତି ଘୋଡାଇ ରଖିଥିଲା, ତୁମେ କାହାକଥା ଚିନ୍ତା କରିପାରଲନି । ଡାଲି, ଚାଉଳ, ତେଲ, ଲୁଣପାଇଁ ମୋତେ ହିଁ ବଜାର ଯିବାକୁ ପଡୁଛି । ଏତେ କାମକରି ଦାୟିତ୍ୱନେଇ ମୁଁ ଆଜି ଭୀଷଣ ଅବସନ୍ନ, କ୍ଲାନ୍ତ । ଶରୀର ବି ସଂଗ ଦେଉନି । ପେଟବେମାରୀରେ ଆହୁରି ଯନ୍ତ୍ରଣା । ଅଥଚ ବଂଚିବାର ଲୋଭ ଅନେକ । ସଂଘର୍ଷ କରିବାର ଯୁ କେବଳ ଏଇ ଦୀପାଳିପାଇଁ । ତାରି ଭବିଷ୍ୟତ ଚିନ୍ତାକରି । ତୁମେ ଯଥେଷ୍ଟ ଦରମା ପାଇଲେ ବି ତା' ଭବିଷ୍ୟତ ଚିନ୍ତା କରନା । ଏମିତି କି ରବିବାର ମଧ୍ୟ ଘରେ ରହୁନା । କଂପାନୀ କାମ ଅଛି କହି ପଳାଇଯାଉଛ । କୁଆଡେ ଯାଉଛ ତା' କ'ଣ ବୁଝିହୁଏନି କିଶୋର ? ତୁମ ଆଖିକୁ ଚାହିଁଲେ ଦିଶେ କେତେ ପଳାତକ, ସଂକୁଚିତ

Digitized by srujanika@gmail.com

ମଣିଷଟିଏ ତୁମେ ! ଜୀବନଠାରୁ ଦାୟିତ୍ୱଠାରୁ । ମୋତେ ତୁମର ସେ ଚେହେରା ଦେଖି ଦୟାଲାଗେ । କିଶୋର ଆଜି ଯଦି ମୁଁ ଚାକିରି ନକରିଥାନ୍ତି, ତୁମ ଉପରେ ଭରସାକରି, ତୁମ ପ୍ରେମ ଉପରେ ଭରସାକରି କେମିତି ଗୋଟାଏ ଜୀବନ ଜୀଇଁଥାନ୍ତି ? ନାରୀର ଅର୍ଥନୈତିକ ସ୍ୱାଧୀନତା ଯେ କେତେ ବଡ ତା' ଆଜି ମୁଁ ମର୍ମେମର୍ମେ ଅନୁଭବ କରୁଛି । ପଇସାଟିଏ ହାତରେ ନଥିଲେ କେମିତି ଚଳିଥାନ୍ତା ଦୀପାଳୀ ଦଶ ପାଂଚ ଜଣ ପିଲାଙ୍କ ସାଂଗରେ ? ଏଇକଥା ଭାବି ଦେହ ମୋର ସମୟେ ସମୟେ ଥରିଉଠେ ।

ଆଜି ତା'ଦେହରେ ଜ୍ୱର । କି ନିରୀହ,ନିର୍ଲିପ୍ତ ତା'ର ଚାହାଣୀ । ଛାତିଫାଟିଗଲାପରି ଅବସ୍ଥା । ଅଥଚ ବାପହୋଇ ତୁମେ ଟିକେ ତାକୁ ନେଇ ଡାକ୍ତର ପାଖକୁ ଯିବନି ? ଏ କି ଦାୟିତ୍ୱ ହୀନତା ? କେତେବେଳେ ଫେରିବ ପଚାରିଲେ ତୁମର କିଛି ଜବାବ୍ ନଥାଏ । "ତୁମେ ତ ଅଛ ଦେଖେଇଦେବ" କହି ଚାଲିଗଲ ।

ତୁମେ ସୁନ୍ଦରୀମାନଙ୍କ ଗହଣରେ ତୁମର ସ୍ନାୟବିକ ଶୋଷ ମେଣ୍ଟାଅ । ହେଲେ ପିଲାଟାର କଥା ଟିକେ ବୁଝ । କାଲି ସକାଳେ ସେ ବଡହେବ, କି ଶ୍ରଦ୍ଧା କରିବ ସେ ତୁମକୁ ? କି ସମ୍ମାନ ଦେବ ? କିଶୋର ତୁମେ ଫେରିଆସ । ଜଣେ ଗୃହୀଲୋକର ଧର୍ମ ୟା ନୁହେଁ । ମୁଁ ମାନୁଛି, ଇଏ ବମ୍ବେଇ ସହର । ସିନେମାର ଝିଲିମିଲି ସୀତାରାଙ୍କ ସହର । କିନ୍ତୁ ଆମେ ତ ମହାରାଷ୍ଟ୍ରର ମଧ୍ୟବିତ ପରିବାରଟିଏ । ଆମର ଅର୍ଥ ସମ୍ବଳ ବା କେତେ ? ସେହି ଅନିଶ୍ଚିତ ସଂଗୀମାନଙ୍କ କବଳରୁ ତୁମେ ଫେରିଆସ । ବଳ ଦିଅ ମୋତେ । ଶରୀରରେ ଯେଉଁ ରୋଗ ପ୍ରବେଶକରି କୀଟଦ୍ରଷ୍ଟ କରୁଛି କେତେବେଳେ କ'ଣ ହୋଇଗଲେ ଦୀପାଳିର ଭବିଷ୍ୟତ କ'ଣ ହେବ ? କାହା ଭରସାରେ ବାଟ ଚାଲିବ ସେ ?

ଜୟଶ୍ରୀ ଅଟୋଟାଏ ନେଇ ଭିତରକୁ ଉଠିଲାବେଳକୁ ଦେଖିଲା ମୁରଲୀଧରନଙ୍କ ସ୍ତ୍ରୀ ଛତାଧରି ଢଳିଢଳି ଚାଲିଛି । ମୋଟି ହୋଇ । ଅଜବ ପ୍ରକାରର । ତାଙ୍କପରି ନରମ ଚପଳ ମଣିଷଟି ଏ ବିବାହରେ କେମିତି ବା ରାଜିହେଲେ ? ବୋଧହୁଏ ଅତ୍ୟଧିକ ଉଦାସୀନତା ତାଙ୍କୁ ଏ ପ୍ରକାର ନିର୍ବିକାରତାକୁ ନେଇଯାଇଛି । ଏବେ ସେ ଏୟାର ଇଣ୍ଡିଆରେ ଚାକିରି କରନ୍ତି । କେତେ ଫରେନ୍ କଂଟ୍ରୀ ବୁଲିଲେଣି । କେବେକେମିତି ଦେଖାହେଲେ ସେ ଆଖିରୁ ବାରିହୋଇପଡେ ଆନନ୍ଦର ବିଭୋରତା । ମୁଗ୍ଧ ଚାହାଣୀ । ଅଥଚ ପାଟିଖୋଲି କୌଣସିଦିନ ସେ କିଛି କୁହନ୍ତିନାହିଁ । ସେତେବେଳେ ତା' ଭିତରଟା କେଉଁଠି ଗୋଟାଏ ଶୂନ୍ୟହୋଇଯାଏ । ହତାଶାର ଘୂର୍ଣ୍ଣିଟିଏ ଘୂରିଘୂରି ପୁନଶ୍ଚ ମିଳେଇଯାଏ । ସେ ବୁଝି ପାରେନି ଏମିତି କାହିଁକି ମଣିଷର ହୁଏ ? ଚାହୁଁଥିବା ଜିନିଷଟି ମିଳେ ନାହିଁ ।

ଜୟଶ୍ରୀ ଟ୍ରେନିଂ କଲେଜରେ ଜୁହୁ-ଭିଲେପାର୍ଲେ (ୱେ)ରେ ସେ ପଂହଚିଲା । ଅଫିସ ମାରା କରିବାକଥା ଚିନ୍ତା କରିପାରେନି । ତାକୁ ମନଦେଇ ଅଫିସ କାମ କରିବାକୁ

Digitized by srujanika@gmail.com

ପଡିବ । ତା'ର ଭାତ ହାଣ୍ଡି । ଏତେବଡ ଧର୍ଣ୍ଣାଢ୍ୟ ସହରରେ ମଣିଷ ହୋଇ ବଂଚେଇ ରଖିଥିବା ତା' ଦାନାପାଣିର ଭିତ୍ତିଭୂମି । ଆଜିକାଲି ଏକୁଟିଆ ହୋଇପଡିଥିବାବେଳେ ସେ ବେଶୀବେଶୀ ଚାକିରି ଆଶ୍ରିତ ହୋଇଯାଉଛି । ଦିନ ନ ଟାରୁ ଛ'ଟାଯାଏ ଚାକିରିକୁ ଦେଇଦେଲେ ଯେମିତି ନିସ୍ତାର । ଘରକୁ ଆସିଲେ ବାର ଦୁଃଶ୍ଚିନ୍ତାର ଯନ୍ତ୍ରଣା ତାକୁ କବଳିତ କରୁଛି । ସେ ଯେମିତି ଏକାକୀ ଦୌଡୁଛି କେଉଁ ଦମବନ୍ଦକରା ଗୁହାରେ ଧାରେ ଆଲୋକପାଇଁ ।

ଅଟୋରିକ୍ସାକୁ ଟଂକା ବଢାଇଦେଇ ମେନ୍‌ଗେଟରେ ପଶିଲା । ପ୍ରାଚୀ ଦୁଇମହଲାରେ ଠିଆହୋଇଥିଲା । ଚାହିଁଲା ଜୟଶ୍ରୀ ଆସୁଛି । ଗାଢ଼ ଉଦାସୀନତାର କଳାମେଘରେ ଛାଇ ଯାଇଛି ତା'ର ସୁନ୍ଦର ମୁହଁଟି । ଅବଶ୍ୟ ଏଇ କିଛିଦିନର ମିଳାମିଶାରେ ସମୟେ ପାଇଲେ ଜୟଶ୍ରୀ ବଖାଣିଛି ତା'ର ବିଫଳତାର କାହାଣୀ । ହେଲେ ଆଜି ସେ ଅତ୍ୟଧିକ ଦୁଃଖୀଲାଗୁଛି । ଜୟଶ୍ରୀ ପଂହଚିଲାପରେ ସମସ୍ତଙ୍କ ଆଖିରେ ଖୁସୀ ଖୁସୀ ଭାବ ଉଚ୍ଛୁଳି ଉଠିଲା । ସୁନ୍ଦରୀ ନାରୀର ସାନିଧ୍ୟରେ ବାସ୍ନାଭରା ହେଲା ବତାସ । ସମସ୍ତଙ୍କ ନାକରେ ସେହି ଆଘ୍ରାଣ ଯେପରି ଖେଳିବୁଲିଲା । ତାକୁ ଘେରି ଅନେକ ଥଟ୍ଟା, ମଜା ଆରମ୍ଭ ହୋଇଗଲା । ଜୟଶ୍ରୀ ହସିଲା । ନିର୍ଲିପ୍ତତାର ହସ । ବିରକ୍ତିର ଆଭାସ ନାହିଁ । ନିଛିଦ୍ର ସରଳତା ସେ ମୁହଁରେ । ଅବା କେଉଁ ଈଶ୍ୱରଙ୍କ ନିବାସସ୍ଥଳୀ । ପ୍ରାଚୀ ଉପଭୋଗ କରୁଥିଲା ପରିବେଶକୁ ନେଇ । ଏଇ ସମୟରେ ଆନ୍ଧ୍ର ଲୋକଟିଏ ତା' ଆଡକୁ ଚାହିଁ କଥାହେବାର ଉପକ୍ରମ କରି ଜାଣିଲା ସେ ଓଡିଶାର । ତା'ର ମନଭାବ ବୁଝି ତାକୁ ହସଲାଗିଲା । କ୍ଲାସ ଟାଇମ୍ ହୋଇଗଲା । ହା... ହଲ୍ଲା ଥମିଗଲା ।

ଲଂଚ ଆୱାର । ଏକମୁହାଁ ହୋଇ ଖାଇବା ନିଶାରେ ସମସ୍ତେ ବ୍ୟସ୍ତ । ଜୟଶ୍ରୀ ତା' ସାଂଗରେ ଡାଇନିଂ ରୁମ୍‌ରେ ପଶିଲା । ଖାଉଖାଉ କିଛି ଗପୁଥିଲା ତା'ର ବିଫଳତାର କାହାଣୀ । ପ୍ରାଚୀ ତାକୁ ଡାକିନେଲା ରୁମ୍‌କୁ । ଆସୁ ଜୟଶ୍ରୀ । କହୁ ତା'ର ବିଫଳତାର କାହାଣୀ, ସ୍ୱାମୀମାନଙ୍କ ମାନସିକତାର କଥା, ଏ ମହାନଗରୀରେ ରହିଥିବା ଉଚ୍ଚାଉଚ୍ଚା ଫ୍ଲାଟ ଭିତରର ଅଂଧକାରର କଥା । ତା' ଭିତରେ ବି କେଉଁ ଉଚ୍ଛୁଳା, ଅପରୀସୀମ ଦୁଃଖର ଢେଉଟିଏ ଆସି ମୁଣ୍ଡକୋଡ଼ି ଅଳି କରୁଛି- ଜୟଶ୍ରୀ ସବୁ କହି ପକା- ହାଲକା ହୋଇଯାଆ । ମୁଁ ତୋ ମୁହଁରେ ହସ ଦେଖିବାକୁ ଚାହେଁ । ଉଜାଡି ଦେ ସବୁ ଅଂଧକାର । ଯେତେକ ଦୁଃଖ, ଗହନ,ଗୋପନ ବ୍ୟଥା, ପ୍ରାଣର ବଂଧୁ, ସମବେଦନାର ବଂଧୁ, ସମଦର୍ଦୀ, ଯଦି ଏ ସହର ଭିତରେ ଖୋଜି ପାଉନୁ, ତେବେ ଧରି ନେ ପଶ୍ଚିମକୁ ପୂର୍ବର ଏ ଉପହାର । ବଂଧୁତ୍ୱ । ଓ୍ୱେଷ୍ଟ ସବୁବେଳେ ଧନ, ସଂପତ୍ତିରେ ପରିପୂର୍ଣ୍ଣ । ହେଲେ ଦିଗ୍‌ଦର୍ଶନପାଇଁ ଇଷ୍ଟ ଆଡେ ହାତ ବଢାଇଥାଏ । ଆ' ମୁଁ ଧରିନେବି ତୋର ହାତ । ତୋ'ର ବ୍ୟଥା, ଲୁହ, ଦୁଃଖ ସବୁ ବଖାଣି ଦେ ।

Digitized by srujanika@gmail.com

ଜୟଶ୍ରୀ ତା'ରୁମ୍‌ରେ ବସିଲା । କହିଲା- ପ୍ରାଚୀ ତୋତେ ଦେଖି ମୁଁ ଏତେ ଖୁସୀ କାହିଁକି ? କାହିଁକି ଏତେ ନିଜର ଲାଗୁଛୁ ? ତୁ କେଉଁଠି, ମୁଁ । ଚିହ୍ନାନାହିଁ,ପରିଚୟ ନାହିଁ । ଅଥଚ ଏତେ ଆଲୋଡନ । ହୃଦୟ ଖୋଲିଦେବାରେ ଏତେ ପରିତୃପ୍ତି ! ତୁ ଚାଲିଗଲା ପରେ ଭାରି ଫାଙ୍କା ଲାଗିବ । ଜୀବନର ରାସ୍ତା ଅନେକ ବାକି । ଅଥଚ କି ନିଛାଟିଆ । କେମିତି ଯିବି ମୁଁ ?

ପ୍ରାଚୀ ଭିତରେ ଖୁବ୍ ସିରିଅସ ଥିଲେ ବି ମୁହଁରେ ହସିହସି କହିଗଲା ।

—କାହିଁକି ? ସେଇ ଯେ ମୁରଲୀଧରନ ? ତାଙ୍କ ମୁରଲୀର ସ୍ୱନ ଶୁଣିପାରୁନୁ କି? ମନଦେଇ ଶୁଣ, ପ୍ରାଣଦେଇ । ପ୍ରତି ନିୟତ ତୋ'ର ଏ ଅବସାଦରେ, ଏ ହସରେ, ଏ ଫୁଲରେ, ଏ ପାଖୁଡାରେ, ଏଇ ସହକର୍ମୀଙ୍କ ଥଟ୍ଟାରେ, ତୋ ପ୍ରତି ଆକର୍ଷିତ ହୋଇପଡୁଥିବା ଲୋକଙ୍କ ଭିତରେ ସବୁଠି ଅଛନ୍ତି ବୋଲି ତ, ତୁ ବଞ୍ଚିଛୁ । ତୁ ତୋ ନିଜ ଗୋଡରେ ଠିଆହୋଇସାରିଛୁ ଆଦ୍ୟ ଯୌବନରୁ । ଆଜି ଯେଉଁ ଅନ୍ଧାର ଲାଗୁଛି ତା' ମୋହପରି, ମାୟାପରି । ଏକାନ୍ତ ଚିତ୍ତରେ ସେହି ଅନ୍ଧାରରେ ଜଳେଇ ଦେ ଗୋଟିଏ କାଠି । ଉଦ୍‌ଭାସିତ ହେବ ଅନ୍ଧକାର । ଆଉ ସେହି ବର୍ଣ୍ଣାଳୀରେ ତୁ ଦେଖିବୁ କିଛି ଅବସାଦ ନାହିଁ, ଅଭିମାନ ନାହିଁ । ଜୀବନ ଚାଲିଛି ସ୍ୱଚ୍ଛନ୍ଦ ଗତିରେ ।

ଜୟଶ୍ରୀ ମୁଗ୍ଧ ଦୃଷ୍ଟିରେ ଚାହିଁଲା ତାକୁ । ହସିଲା ମୁରୁକି ମୁରୁକି । ଭରା ଆନନ୍ଦର ହସଟିଏ ଉଛୁଳି ଆସୁଥିଲା ସମୁଦ୍ର ଜୁଆର ପରି ତା' ଆଖିରୁ । ସେ ବିଭୋର ହୋଇ ପଡୁ ପଡୁ ଆଖି ବୁଜିଦେଲା । ତା' ମାନସ ପଟରେ ଫୁଟି ଉଠିଥିଲା ଆଦ୍ୟ ଯୌବନର ସେହି ମୁରଲୀଧରନ୍‌ଙ୍କର ଛବି । ମନେ ହେଲା ତାହା ପାର୍ଥିବ ନୁହେଁ । ତା'ଠାରୁ ଯଥେଷ୍ଟ ଊର୍ଦ୍ଧ୍ୱରେ । ଚାରିଦିଗରେ ତାହାର ଏକ ଅନସ୍ୱାଦିତ ଆଲୋକ ଆଉ ସୁର । ସେହି ସୁରର ଝଙ୍କାରରେ ଅନୁରଣିତ ହେଲା ତା'ର ଅନ୍ତଃସ୍ଥଳୀ ।

ପ୍ରାଚୀ ଦେଖିଲା—ଜୟଶ୍ରୀର ମୁଦ୍ରିତ ମୁହଁରେ ଗୋଟାଏ ବିମୂର୍ତ୍ତ ଆଲୋକର ଆଭା ଫୁଟି ଉଠୁଛି ।

□□□

Digitized by srujanika@gmail.com

ମରୁଝଡ଼

ଗୋଟାଏ ଆଚ୍ଛନ୍ନ ଭାବ । ଘାରି ରହିଛି ପ୍ରତିନିୟତ । ଲାଗୁଛି ତା'ର ସମଗ୍ର ଅବୟବ ମୁହାଁ ମୁହିଁ ହୋଇଯିବ ଆସନ୍ନ ଘୂର୍ଣ୍ଣିର । ପୁଣି କେତେବେଳେ ମନେ ହେଉଛି ସେ ପାଲଟି ଯାଉଛି ଗୋଟାଏ ତପସ୍ୟାରତ ନିଃସ୍ପନ୍ଦ ହ୍ରଦ । ଅଥଚ ବଡ଼ ଅଦ୍ଭୁତ, ଅନନ୍ୟ ଏ ଅନୁଭବ । ଯୌବନର । ନାଁ... ନାଁ... ଟିକିଏ ଅତିକ୍ରାନ୍ତ ଯୌବନର । ମନେ ମନେ ହସିଲା ସଲଗ୍ନା ଯେତେବେଳେ ହଠାତ୍ ତା'ର ନିଦ ଭାଙ୍ଗି ଯାଇଥିଲା ଗୋଟିଏ ମଧୁର ସିତ୍କାରରେ । ସେ ଚାହିଁଲା । ସଙ୍କେତ ଶୋଇଛନ୍ତି ମଝି ବର୍ଥରେ । ଶୋଇଛନ୍ତି କି ଚେଇଁଛନ୍ତି ଅସ୍ପଷ୍ଟ ଅନ୍ଧାରରେ କିଛି ଦିଶୁ ନାହିଁ ମୁହଁର ଭାବଭଙ୍ଗି । ସେ ଉଠି ବସିଲା । ରାତି ତିନିଟା । ସଚରାଚର ଆବୋରି ଧରିଛି ଜ୍ୟୋସ୍ନାର ପ୍ଲାବନ । ଶୁକ୍ଳପକ୍ଷ । ଏହା ଭିତରେ ସେ ପୃଥିବୀକୁ ଭୁଲିଯାଇଛି । ନିଜସ୍ୱ ଦୁନିଆର ଆବେଗାୟିତ ଝଡ଼ଟିଏ ଭିତରେ ସେ ଘୂରୁଛି ଏହି ଦୁଇମାସ ହେଲା ନବ ବିବାହିତର ଜୀବନକୁ ନେଇ । ଚଳମାନ ଟ୍ରେନରୁ ସବୁ କିଛି ଗୋଟାଏ କଳ୍ପନାର ଜଗତଟିଏ ପରି ଲାଗୁଛି । ଏହି ଯେ ଆକାଶରେ କେତେ ଥର ଥର କମ୍ପମାନ ସବୁଜାଭ ନକ୍ଷତ୍ର, ଦିଗନ୍ତ ଛୁଆଁ ଦିଗ୍‌ବଳୟ, ସ୍ୱପ୍ନପରି ଛୁଟି ଚାଲିଥିବା ତାଙ୍କ ଟ୍ରେନ ଜୟସାଲମୀର ଆଡ଼କୁ ମରୁଭୂମିର ବୁକୁଚିରି, ତା' କ'ଣ ଗୋଟାଏ ସ୍ୱପ୍ନର ଜଗତଟିଏ ତିଆରି କରୁନି କି !

ଆହା ! କି ସୁନ୍ଦର ଏଇ ରାତି ! ଆଉ ମରୁବୁକୁ । ଅସ୍ପଷ୍ଟ ଆଲୋକରେ କିଛି ବୁଦୁବୁଦୁକିଆ ଗଛ ମୁଣ୍ଡ ଟେକିଲା ପରି ଲାଗୁଛି । ଯୋଧପୁରରୁ ସେମାନେ ଆସିଲେ । ସେ ପ୍ରୋଗ୍ରାମ ତାକୁ ହିଁ କରିବାକୁ ପଡ଼ିଥିଲା ମାନଚିତ୍ର ଦେଖି । ପୃଥିବୀରେ ଯେ ଏତେ ସୌନ୍ଦର୍ଯ୍ୟ ଥାଏ ତା' ଆଜି ନ ଦେଖିଥିଲେ ଜାଣିପାରି ନ ଥାନ୍ତା ।

ସଙ୍କେତଙ୍କର ନିଦ୍ରିତ ଆଖି । ଏ ମଧୁମୟତାର ଅଧିକାରୀ ନୁହେଁ । ଆଖି ବୁଜି ଶୋଇଲେ ଏକା କଥା । ସେ ଘରେ ହେଉ ବା ବାହାରେ । ପୃଥିବୀର ଶୋଭା, ଆନନ୍ଦ ହୃଦୟରେ ଧରି ରଖିବାକୁ ହେଲେ ସମୟ ଅନୁସାରେ ଠିକ୍ ଠିକ୍ ଚିନ୍ତା କରିବାକୁ ହୁଏ । ମାନରେ, ଅଭିମାନରେ, ଖିଆଲରେ, ଛାଡିଦେଲେ ଜୀବନ କ'ଣ ଅପେକ୍ଷା କରେ କାହାରିକୁ । ବଡ ନିଦାରୁଣ ଏଇ ସମୟ । ତା'ର ପଇଁତିରିଶ ବର୍ଷର ଜୀବନରେ ଯଥେଷ୍ଟ ଶିଖାଇଲାଣି ଭୁରି ଭୁରି ଯନ୍ତ୍ରଣାର ଦହନକୁ । ସେଥିପାଇଁ ସିନା ତା'ର ଏତେ ଅଭିଜ୍ଞତା । ଏତେ ଅନୁଭବ । ଏତେ ଜୀବନ ପ୍ରତି ସମ୍ବେଦନଶୀଳତା, ଏତେ ଗଭୀର ଭାବେ ଦେଖିବାର ଦୃଷ୍ଟି ଭଙ୍ଗି । ଜୀବନକୁ ଆକୁଳ ହୋଇ ହାତ ବଢ଼ାଉ ବଢ଼ାଉ ମଣିଷ କେତେ ଯେ ଅଭିଜ୍ଞତା ସାଉଁଟି ନିଏ !

Digitized by srujanika@gmail.com

ସଲଗ୍ନା ବସିରହିଲା । ସାମ୍ନାରେ ମହାପ୍ରକୃତି ! କେତେ ଆନନ୍ଦ, କେତେ ଅନୁଭବକୁ ଢଗେଇ ଦେଇ ଯାଏ । ବେଳେ ବେଳେ ମସ୍ତିଷ୍କ ଶୂନ୍ୟ ହୋଇଯାଏ । ବ୍ଲାଙ୍କ୍ । ସଙ୍କେତ ଏ ସବୁ ବୁଝି ପାରିଥାନ୍ତେ ଯଦି ଉଠି ତା' ସହିତ ସଲଗ୍ନ ହୋଇ ଦେଖି ପାରନ୍ତେ । ଯଦି ସଂଚରି ଯାନ୍ତା ଜଣଙ୍କର ଉତ୍ତାପ, ଅନୁଭବ ଅନ୍ୟଠାରେ । ଯଦି ଏକାକାର ହୋଇପାରନ୍ତା ସେହି ଉତ୍ତାପର ଉତ୍ତାଳ ତରଙ୍ଗ । ଅନେକ ଦୂର ଉଠିଯାଇ ପୁଣି ଭାଙ୍ଗି ପଡନ୍ତା ବେଳାଭୂମିରେ ନିସ୍ତେଜ ହୋଇ । କିନ୍ତୁ ଏଠି ଖାଲି ମରୁର ଶୁଷ୍କତା । ଡିସେମ୍ବରର ଶୀତଳତା ।

ସଙ୍କେତ ଶୋଇଥିଲେ । ଏତେବାଟ ଆସିବାର ଇଚ୍ଛା ନ ଥିଲା ତାଙ୍କର । ସେ ତା' ଜାଣେ । ନବବଧୂ ହୋଇ ପ୍ରଥମ ରାତିର ସାକ୍ଷାତ୍ ହେବାର ଅନେକ ଆଗରୁ ସେ ଜାଣେ । ତାଙ୍କର ଇଚ୍ଛା ନ ଥିବ ଏମିତ ଗୋଟିଏ ହନିମୁନ୍‌ରେ ବାହାରି ଆସିବାକୁ । ବାହାଘର ଆଗରୁ ଭାଇ ଚୁପ୍ ଚୁପ୍ ଭାଉଜଙ୍କୁ କହୁଥିଲେ ପିଲାଟାକୁ ଅଧିକା ବୟସ ହୋଇଗଲାଣି । ବାହାଘର ତା'ର ଭାଇମାନେ ବୁଝୁନାହାନ୍ତି । ପଇସା ଦେଉଛି ଘରକୁ । ଆରାମ୍‌ରେ ଚଳୁଛନ୍ତି । ଅଥଚ ଏକାଚାଳିଶ ବର୍ଷ ବୟସ ହେଲାଣି ଦାୟିତ୍ୱ ନେଉନାହାନ୍ତି । କହୁଛନ୍ତି କ'ଣ ନା କାହାକୁ ଭଲ ପାଉଥିଲା । ମଂଗୁନାହିଁ ବାହାହେବାକୁ । ଅନ୍ୟ କାହାରିକୁ ଧରି ଏ ବାହାଘର ପାଇଁ ଚାପ ପକାଇବାକୁ ପଡିବ ପିଲାଟା ଉପରେ । ମୁଁ ଶୁଣୁଛି ସିଏ କୁଆଡେ ରାଜି ହୋଇଛି । ଦେଖିବାକୁ ଆସିବ ସଂଲଗ୍ନାକୁ । ବୟସ ଏକଚାଳିଶ ହେଉ । ଯୋଗ୍ୟ ତ । ବ୍ୟାଙ୍କ୍ ଅଫିସର୍ । ସତର/ଅଠର ହଜାର ଦରମା ପାଉ ଥିବ ତ । ଆଉ ଏହି ଭଲ ପାଇବାକୁ ନେଇ କ'ଣ ବାତୁଅ ହୋଇ ବସିରହିବ । ନାଁ ପ୍ରେମିକାକୁ ମନେ ରଖି ଝୁରୁଥିବ ଆଜୀବନ୍ ଯେ ସଲଗ୍ନା ଦୁଃଖି ହୋଇଯିବ ।

ଭାଉଜ ନାରୀ । ଭାଉଜ ନୀରବ । ତାଙ୍କ ମୁହଁରେ ଗମ୍ଭୀର ହୋଇଯିବାର ଛାପ । ଅବା ଆଷାଢ଼ ଆକାଶର ମେଘ ଖଣ୍ଡେ ଚାଲିଯିବ କି ? ଭାଇ ପୁରୁଷ । ଭାଇ ପ୍ରାକ୍ଟିକାଲ୍ । ତେଲ, ଲୁଣର୍ ସଂସାର ପାଇଁ କିଛି ଅଭାବ ରହିବ ନାହିଁ ଭଉଣୀର । ସାମାଜିକ ପ୍ରତିଷ୍ଠା ଦୃଷ୍ଟିରୁ ସେ ମଧ୍ୟ ଅନ୍ୟ କାହାରି ପାଖରେ ଛୋଟ ହୋଇଯିବନି । ସେଥିପାଇଁ ସେ ଖୁସି । ପ୍ରେମ ଗୋଟାଏ କ'ଣ ? କାହାକୁ ଦିନେ ଦେଇଥିଲା ହୃଦୟ । ମନ । ପ୍ରଗଲଭ ସାଜିଥିଲା ସେହି ସମୟର ତାଡ଼ନାରେ । ତା'ମାନେ ସେହି ସ୍ଥିତାବସ୍ଥାରେ କ'ଣ ଜଣେ ସାରା ଜୀବନ ରହିପାରେ । ସେମିତ କେହି ପାରେ ନାହିଁ । ଯିଏ ଗଲା, ତା' ହେଲା ସ୍ମୃତି । ସ୍ମୃତି ଆସିବ । ସ୍ମୃତି ଫେରେ । ଅଚାନକ ସ୍ତବ୍ଧ କରିଦେବ ମନ । ହୃଦୟକୁ କରିଦେବ ଭାରାକ୍ରାନ୍ତ । ହେଲେ ଜାଗତିକ ପ୍ରେମକୁ କାଟି ଦେଇପାରିବ କି ? ଆଜିର ମନ କ'ଣ ଦଶ ବର୍ଷ ପରେ ଥିବ କି ? ସମୟ ଧାବମାନ । ମଣିଷ ବି ବଦଳିବ । ସବୁକିଛି ବଦଳିଯିବ ଦିନେ ।

Digitized by srujanika@gmail.com

ଭାଉଜ ନୀରବ । ଅବା ଗୋଟାଏ ପଥରର ନୀରନୁଭବତା ଭିତରେ ଅସାଡ଼ । ତାଙ୍କର ପାଦରେ ଜୀବନ ନାହିଁ । ଭାଉଜଙ୍କ ପ୍ରତିକ୍ରିୟା କ'ଣ ଶୁଣିବାକୁ ସେ ଉତ୍କର୍ଣ୍ଣ । ଭାଉଜ କହିଲେ ଇଏ କେମିତି କଥା ? କାଳେ ଓଲଟା ଟା ହେବ ? ହୁଏତ ଚାପରେ ପଡି ସଂଲଗ୍ନାକୁ ଗ୍ରହଣ କଲେ, ତା'ପରେ ସେତିକି ନିଷ୍ଠା ତାଙ୍କ ମନରେ ନ ଥିବ । କ'ଣ ହେବ ? ସବୁଦିନ ପାଇଁ ଭଉଣୀ ତୁମର ଦୁଃଖୀ ହୋଇଯିବ । ମୁଁ କିଛି ଭାବି ପାରୁନି ଏହି ମୁହୂର୍ତ୍ତରେ ।

ଭାଇଙ୍କର ହସ । ସୁଖ-ଦୁଃଖର ସଂଜ୍ଞା କ'ଣ ତୁମେ ନିର୍ଦ୍ଧାରଣ କରିବ । ଦୁଃଖୀ ହୋଇଯିବ କ'ଣ ପାଇଁ ? ଯେଉଁ ପୁରୁଷର ଜୀବନ ବିତି ଗଲାଣି ଅଭିମାନରେ, ମାନସିକ ବୁଝାମଣା ଯାହାକୁ କୁହାଯାଏ, ଜୀବନ ସାଙ୍ଗେ ସାଲିସ୍ ନ କରିପାରିବା ଯାହାକୁ କୁହାଯାଏ, ସେମିତି ଗୋଟାଏ ଚାପରେ ଶେଷ ହୋଇଗଲାଣି ଦଶବର୍ଷରୁ ଊର୍ଦ୍ଧ୍ୱ, ତା'ର ମାନସିକ ପୀଡନ ଭିତରେ ଅତୀତରେ ପ୍ରେମ କରୁଥିବା ନାରୀଟି ପ୍ରତି କେତେଦୂର ସେହି ପାଇବାର ପ୍ରଗଳଭତା ରହିଥିବ ଆଉ ଅନ୍ୟ ନାରୀଟିଏ ଆସିଲେ ସେ ତାକୁ ଆପଣାଇ ନେଇ ପାରିବ ନାହିଁ, ମୁଁ କାହିଁକି ତାହା କଳନା କରିପାରୁନାହିଁ । ବରଂ ମୋତେ ଲାଗୁଛି ତା'ର ଅବଦମିତ କାମନା, ବାସନା ବୈଶାଖର ଧୂ... ଧୂ ଖରା ପାଣି ଟିକିଏ ପାଇଁ ଅପେକ୍ଷା କଲା ପରି ସେ କାହାକୁ ଚାହୁଁଥିବ ଭିଜି ଯିବା ପାଇଁ । ସେଇଟା ଗୋଟିଏ ନାରୀର ତୀବ୍ର ସ୍ନେହ, ପ୍ରେମ ଉପରେ ନିର୍ଭର କରେ । ବଦଳାଇ ଦେବାର ଦାୟିତ୍ୱ ତା' ଉପରେ । ସେଥିପାଇଁ ଧୈର୍ଯ୍ୟ ଦରକାର । ମନ ଭାଙ୍ଗି ଯାଇଛି କହି ଦୂରେଇ ଦେଲେ ବା ନିଜକୁ ଦୂରେଇ ନେଲେ ମୂଳରୁ ହାରିଯିବା ହିଁ ସାର ହେବ । ଭାଉଜଙ୍କ କଣ୍ଠ ନରମିଗଲା । ଭାଇଙ୍କର ବିଶ୍ଳେଷଣ ଗୋଟାଏ ଜଟିଳ ଅଙ୍କପରି ବୁଝିବା କଷ୍ଟଥିଲା । ଭାଉଜ ପ୍ରତ୍ୟୁତ୍ତର ଦେବା ସମ୍ଭବ ହେଲାନି । କହିଥିଲେ—ହଉ ଦେଖ । ତୁମର ଯାହା ବିଚାର, ତା' କର । ହେଲେ ଝିଅଟିର ମନ ଭାଂଗି ନଯାଏ ଯେପରି । କାରଣ କଥାଟା ଆଗରୁ ଯେତେବେଳେ ସ୍ପଷ୍ଟ, ବୁଝି ବିଚାରି କର । ତାଙ୍କୁ ପଚାର ।

ଭାଇ ଅନେକବାର ଦୌଡାଧାପଡ କରି ନିଜର ତୀକ୍ଷ୍ଣ ବିଚାର ବୁଦ୍ଧିବଳରେ ସଂକେତଙ୍କୁ କରଗତ କରିପାରିଥିଲେ । ବାହ୍ୟ ଦୃଷ୍ଟିରୁ ସଂକେତ ଥିଲେ ଭଲ ପାତ୍ର । ପାଠ ପଢ଼ିଥିଲେ, ଚାକିରି କରିଥିଲେ, ବ୍ୟାଙ୍କର ଭଲ ଅଫିସର ହୋଇପାରିଥିଲେ । ସହକର୍ମୀଙ୍କ ସହ ସୁସଂପର୍କ ରଖିପାରିଥିଲେ, କାହାଠାରୁ ସଂକେତଙ୍କ ନାମରେ ଅନ୍ୟକିଛି ଶୁଣିନଥିଲେ । କେବଳ ଗୋଟାଏ ମସ୍ତ ଉଦାସୀନତାର ଛାପ ତାଙ୍କ ଅବୟବକୁ ଢାଙ୍କି ଧରିବା ବାହାରେ ଅନ୍ୟକିଛି ସେ ଟେର ପାଇନଥିଲେ ।

ସେଦିନ ସଲଗ୍ନା ଆଉ କ'ଣ କରିପାରିଥାନ୍ତା । ତା'ର ଦୁଇ ଭଉଣୀ ବାହାହୋଇଯାଇଥିଲେ । ବଡ ଅଫିସର ମଧ୍ୟଥିଲେ । ତାଙ୍କର ତେଲି ଜାତିରେ ଏତେ ପାଠପଢ଼ା ଝିଅଟିଏ ମିଳିବା ମଧ୍ୟ କଷ୍ଟ କହି ସଂକେତକୁ ଭାଇ ବୁଝାଇ ଦେଇଥିଲେ ।

Digitized by srujanika@gmail.com

ଅବଶ୍ୟ ସଲଗ୍ନା ବେଶୀ ପାଠ ପଢ଼ିନଥିଲା । ସାମାନ୍ୟ ଗ୍ରାଜୁଏଟ । ସଲଗ୍ନାର ବୟସ ହୋଇଯାଇଥିଲା ପଇଁତ୍ରିଶ ବର୍ଷ । ସମୟର ନିଷ୍ଠୁର ଚାପ ତା'ର ପୃଥିବୀ ଚାରିପାଖେ ବେଢ଼ି ତାକୁ ବେତ୍ରାଘାତ କରୁଥିଲେ । ସେ ମଧ୍ୟ ହଠାତ୍ ପ୍ରେମ, ପ୍ରତାରଣା, କି ପ୍ରେମିକାର ଅନ୍ୟତ୍ର ବିବାହ ହୋଇଗଲେ ପୁରୁଷଟିର ମାନସିକ ସ୍ଥିତାବସ୍ଥା, ସେସବୁ ଅନୁଭବର ତର୍ଜମା କରିପାରିନଥିଲା । ବିଜୟହେଉପଛେ ବାହାଘର ଯେ ଠିକ୍ ହେବାକୁ ଯାଉଛି ତଦ୍‌ଜନିତ ଗୋଟାଏ ସ୍ୱପ୍ନର ଇଲାକାରେ ସେ ଛୁଡୁବୁଡୁ ହୋଇ ପଡ଼ିଥିଲା ଅନେକ ସମୟ ଧରି । ଆଉ ହଁ ଭରିଥିଲା ।

ଆସିଲା ସେହି ଚିରଇପ୍ସିତ ସମୟ । ଜୀବନର ଅନେକ ଭଂଗାସ୍ୱପ୍ନର କ୍ଷତବିକ୍ଷତ ରାଜାଟି ପୁନଶ୍ଚ ପରିଧାନ କରିନେଲା ବିବାହ ମୁକୁଟ । ହୁଏତ କେଉଁ ଭରସାଥିଲା ତା' ମନରେ ଭବିଷ୍ୟତର ସ୍ୱପ୍ନ ଗଢ଼ିବାକୁ କି ଛତ ପାଇଟିଗଲାପରେ ମନ୍ତ୍ରମୁଗ୍ଧ କଣ୍ଢେଇଟି ଅଦୃଶ୍ୟ ସୂତାର ନିର୍ଦ୍ଦେଶରେ ନାଚିଲାପରି ସଂକେତ ଉଠିଆସିଥିଲେ ବିବାହ ବେଦୀକୁ, ତା' ଜାଣିନଥିଲା ସଲଗ୍ନା । ବିବାହ ବେଦୀର ସେହି ପବିତ୍ର ହସ୍ତବନ୍ଧନ ଭିତରେ ସଂକୁଚିତ ହୋଇ ପଡୁ ଥିବାର ଭାବଟି ତା' ନଜରରୁ ଆଡେଇ ପାରିନଥିଲା । ବନ୍ଧନ ଶୀଥିଳ ହୋଇଯାଉଥିବାର ମୁହୂର୍ତ୍ତକୁ ଅନୁଭବ କରୁକରୁ ସେ ଭାବୁଥିଲା ଖସି ନଯାଉ ସଂକେତର ହାତ । ବରଂ ଜଡବତ୍ ପଡିରହୁ ବ୍ରାହ୍ମଣ ମନ୍ତ୍ର ଶେଷ କରିବାଯାଏ । ସେଥିପାଇଁ ସେ ହିଁ ନିଜର ହାତକୁ ଓଜନିଆ କରି ଚାପିରଖିଥିଲା ବିନାଦ୍ୱିଧାରେ ଆଉ ମୁହଁକୁ ତଳକୁ କରି ବସିଥିଲା ଯେମିତି କି ସଂକେତ ନଜର ଉଠାଇ ଆଖିର ଇଂଗୀତରେ ତା'ର ଏ ଦୁର୍ଦ୍ଦାନ୍ତ ସାହାସକୁ ଆକ୍ଷେପ ନକରନ୍ତି । ସେ ଏମିତି କାହିଁକି କରିଥିଲା କେଜାଣି । ଅଧିକାରବୋଧ ନାଁ ମଣିଷଟିଏ କୁ ମୋର ବୋଲି ଅନୁଭବ କରିବାର ଦୃଢତା । ହେଲେ ଏଇ ଦୁଇମାସ ଭିତରେ ସେ କେତେଟିକେ ବୁଝାଇ ପାରିଛି ସଂକେତଙ୍କୁ । କୌଣସିଦିନ କ'ଣ ପଚାରିଛି ତାଙ୍କ ଅତୀତର କଥା, ତାଙ୍କ ସୁନ୍ଦରୀ ପ୍ରେମିକାର ପ୍ରେମମୟ ଆଖିର ଛନ୍ଦ, ହୃଦୟର ଭାଷା, ତାଙ୍କ ପାଇଁ ଆବେଗର ଉଚ୍ଛଳ ଢେଉର କଥା । କିଛି ତ ପଚାରିନି । କିଛି ତ ଚାହିଁନି ମଧ୍ୟ ସେସବୁ ମୃତ, ଶେଷ ହୋଇଯାଇଥିବା ଜୀବନର କଥା । ସେ ତ ତାଙ୍କ ସହ ଯେଉଁ ଷ୍ଟେସନରୁ ଯାତ୍ରା ଆରମ୍ଭ କରିଛି ସେଇଠୁ ହିଁ ଚାହିଁଛି ସହଯାତ୍ରୀ ହୋଇ ନିର୍ଦ୍ଦିଷ୍ଟ ଷ୍ଟେସନ ଯାଏ ଯିବାକୁ । ହେଲେ ସଂକେତ ନିଜଆଡୁ ଅଧିକାରକୁ କାଢିନେଇ ପାରିନାହାନ୍ତି ଏ ଯାବତ୍ । କେବଳ ସ୍ୱାମୀର ଭୂମିକାରେ ସହଜ, ସରଳ ଭାବେ ନିଜର ଅଂଗୀକାରକୁ ସାବ୍ୟସ୍ତ କରିଛନ୍ତି । ହେଲେ ସେ ? ଯାହା କିଛି ସ୍ୱପ୍ନକୁ ସାକାର କରିବାପାଇଁ ତାଙ୍କ ପଛେପଛେ ଛୁଟିଛି । ଗୋଡେଗୋଡେ ଜଗିରହିଛି ଏହି ଆନମନା ପୁରୁଷଟିକୁ । ବରଂ ହସ ଲାଗିଛି ସେହି ଅଜ୍ଞତାରେ ବିଳମ୍ବିତ ଯୌବନ ମଧ୍ୟ କେମିତି ଧ୍ୱଂସ ମୁହଁକୁ ଚାଲିଯାଉଛି । ଏଇ ସମୟ ବା କେଉଁଠୁ ଆସିବ ଆଉ ? ଏ ତ ଫୁସକରି ଚାଲିଯିବ ଜୀବନ କ୍ଷେତ୍ରରୁ । ତା'ପରେ ଯାହା ଆସିବ ସେ ସବୁ ନିଷ୍ଠୁର ବାସ୍ତବତାର ଜୀବନ । ଯେଉଁଥିରେ ନାଁ

Digitized by srujanika@gmail.com

ଆବେଗଥିବ, ନାଁ ସ୍ୱାଦ । ଏକଥା କେମିତି ବୁଝିପାରନ୍ତି ନାହିଁ ଅତୀତ ଉପରେ ଠିଆହୋଇ ହୁଙ୍କା ପାଲଟିଯାଇଥିବା ଏଇ ପୁରୁଷଟି ।

ତାକୁ ବଡ ହସ ଲାଗିଥିଲା ଯେତେବେଳେ ସେ କହିଥିଲେ —ମୁଁ ମାତ୍ର ପନ୍ଦର ଦିନପାଇଁ ଛୁଟିଆଣି ଆସିଥିଲି, ଅଫିସରେ ଷ୍ଟାଫ କମ୍ । ମୁଁ ଚାଲିଯିବି । ଗୋଟାଏ ପଳାତକର ନିଶା, ସଂକୋଚ ପଶିଆଥିଲା ତାଙ୍କ ଆଖିରେ । ସୁଦୂର ଓଡ଼ିଶାରୁ ମଧ୍ୟ ପ୍ରଦେଶର କେଉଁ ଘନଜଂଗଲରେ ଗୋଟାଏ ବ୍ରାଞ୍ଚରେ କାମ କରୁଥିଲେ ସଂକେତ, ଅଥଚ ଏତେ ଜରୁରୀ ଯେ ବିବାହପରି ଗୁରୁତ୍ୱପୂର୍ଣ୍ଣ ସମୟରେ ଅଫିସ ଦେବନାହିଁ ଛୁଟି ? ଏ କି ପ୍ରକାର ଆଶ୍ଚର୍ଯ୍ୟ ଯୁକ୍ତି ତାଙ୍କର ।

ଭାଇ ସେଦିନ ଆସିଥିଲେ, ତା' ହାତରେ ଧରାଇ ଦେଇଥିଲେ କୋଡ଼ିଏ ହଜାର ଟଙ୍କା । ! ଭାଇଙ୍କର ପ୍ରଚୁର ପଇସା । ଏକ୍ସପୋର୍ଟ ଇମ୍ପୋର୍ଟ ବିଜିନେସ । ଚୁପଚୁପ୍ କହିଥିଲେ ''ଯା' କୁଆଡେ ହନିମୁନକୁ । ମୁଁ ସଂକେତ୍‌ର ଘରେ କହି ଦେଉଛି । ମନର ପରିବର୍ତ୍ତନ ଦରକାର । ଏକୁଟିଆ ପରସ୍ପରକୁ କିଛି ଘଡି ନ ପାଇଲେ ବୁଝିହେବନି ତାକୁ ।''

ହେଲେ ସଂକେତଙ୍କର ଜିଦ୍ ସେ ବାହାରକୁ କାହିଁକି ଯିବେ ? ହନିମୁନ୍ ଗୋଟାଏ କ'ଣ ? ନୂଆ ଆସିଛ ଘରେ ରୁହ । ମୁଁ ଯାଉଛି ଚାକିରି କ୍ଷେତ୍ରକୁ । ଖସି ପଳାଇବାର ଯୁକ୍ତି । ବଡ ଅଜବ । ଏଇ ଅବୁଝା ଭିତରେ କେତେ ସମୟ ପାରହୋଇଗଲା, ଶେଷକୁ ସଂକେତ ରାଜିହୋଇଗଲେ ଛୁଟି ବଢାଇବାପାଇଁ ଏବଂ କୁଆଡେ ଭ୍ରମଣରେ ଯିବାପାଇଁ । ସମୁଦ୍ର, ପର୍ବତ, ଜଙ୍ଗଲ ତ ଅନେକ ଦେଖା ହୋଇଛି କହି ନିଜଆଡୁ କହିଥିଲେ ରାଜସ୍ଥାନ ଯିବା । ଶୁଷ୍କମରୁର ବି ଗୋଟାଏ ଆକର୍ଷଣ ଥିବ । ଗଛବୃଛହୀନ, ପାଣିହୀନ, ନିପଟ ଖରାରେ କେମିତି ଶୁଖିଯାଉଥିବ ଓଠ, କେମିତି ଲାଗୁଥିବ ସେହି ମରୁଭୂମିରେ ଚାଲୁଚାଲୁ ପାଣି ଟିକିଏ ପାଇଁ ଛଟପଟ ହୋଇପଡୁଥିବାର ଭାବ କହି ହସିଥିଲେ ।

ସଂଲଗ୍ନା ସେଦିନ ମନଭରି ଖୁସୀ ହୋଇ ପଡିଥିଲା ସଂକେତଙ୍କର ନିଜ ଆଡୁ · ଗୋଟାଏ କଳ୍ପନା ଜଗତକୁ ବଖାଣି ପକାଇବାରେ । ଯାହା ହେଉ ନୀରବ ରହିବା ଅପେକ୍ଷା କିଛି ଗୋଟାଏ କହିବା ଭଲ । ସେ ତତ୍‌କ୍ଷଣାତ୍ ମାନଚିତ୍ରଟିଏ ନେଇ ଦାଗମାରି ଦେଖାଇଥିଲା ଜୟପୁର, ଯୋଧପୁର, ଆଜମୀର୍, ଜୟସାଲ୍ମୀର, ମାଉଣ୍ଟଆବୁ, ଉଦୟପୁର, ଚିତୋରଗଡ ଅନ୍ତତଃ ଛୁଇଁବା । ସଂକେତଙ୍କ ମୁହଁରେ ହସ ନ ଫୁଟିଲେ ବି ଦ୍ୱିରୁକ୍ତି କି ଅମତର କୌଣସି ଆଭାସ ମିଳି ନ ଥିଲା । ସେ ନୀରବ ରହି ଆଙ୍ଗୁଳି ଚଳାଇଥିଲେ ସେହି ସବୁ ଜାଗମାନଙ୍କରେ । ଆଉ ବାହାରି ପଡିଥିଲେ ବୁଲିବାକୁ ଡିସେମ୍ବରର ଏଇ ଶୀତଳ ମରୁର ଯାତ୍ରୀ ହୋଇ । ହେଲେ ଜୟପୁର, ଯୋଧପୁର, ଆଜମୀର ସବୁ ସହର ଏବେ ଅତିକ୍ରାନ୍ତ ହେଲେ ବି ସେହି ମଣିଷଟା କାହିଁ ? ଯାହାର ସଂଧାନରେ ଶୁଖିଯାଉଛି ତା'ର ଓଠ, ଟିକିଏ ପାଣି ଖୋଜୁଛି ଏ ଶୁଷ୍କ ମରୁଯାତ୍ରୀ । ଏଇ ତୃଷ୍ଣା କ'ଣ ସତରେ ମେଣ୍ଟିବ ନାହିଁ, ପାଖରେ କ'ଣ କୌଣସି ଓଏସିସ୍‌ର ସଂଧାନ ମିଳିବନାହିଁ ।

Digitized by srujanika@gmail.com

ସଂଲଗ୍ନା ଆଖି ପୁନଶ୍ଚ ଫେରେଇନେଲା ସଂକେତଙ୍କ ଆଡକୁ । ନିଃଷ୍ପନ୍ଦ ତାଙ୍କର ଅବୟବ । ଅବା ରାତ୍ରିର ଏଇ ଶେଷ ପ୍ରହରରେ ନିଦ ଢୁଳୁଢୁଳୁ । ବାହାରେ ଚଳମାନ ଅନ୍ଧକାର । ତା ଭିତରେ ଅପସରି ଯାଉଥିବା ସ୍ୱପ୍ନସ୍ନାତା ମରୁ । ଯାହାର ଏତେ ମାୟା, ଏତେ ବିଭୋରତା, ତା'ର ପ୍ରତ୍ୟେକଟି ସ୍ପନ୍ଦନକୁ ଅନୁରଣିତ କରୁଥିଲା । ତା'ର ମଗ୍ନତାକୁ ଆହୁରି ରଂଗ ଦେଉଥିଲା ପାହି ଆସୁଥିବା ରାତି । ବାଲି ଉଡି ଆସୁଥିଲା ଗାଡି ଭିତରକୁ । ସକାଳ ଆସି ନ ଥିଲା । ଅନ୍ଧାର ଯାଇ ନ ଥିଲା । ଗାଡି ରହିଲା । ସଂଲଗ୍ନା କହିଲା– ଆସ–ଷ୍ଟେସନ ହୋଇଗଲା । ଜୟସାଲମ୍ମୀର ।

ସଂକେତ ଉଠି ପଡିଲା । ଯେମିତି ଏ ରାସ୍ତାରେ ସେ ଅନେକବାର ଆସିଛି । ତରତର ହେବାର ନାହିଁ । ଉଲ୍ଲସିତ ହେବାର ନାହିଁ ନୂଆ ମାଟିର ଛୁଆଁରେ । ନୂତନ ଜାଗା ଆସିବାର ଆନନ୍ଦରେ । ନିଥର, ନିଃସ୍ପନ୍ଦ ସେହି ଅବୟବ । ଆସ୍ତେ ଓହ୍ଲାଇଥିଲେ ଟ୍ରେନରୁ । ଗେଟ୍‌ରେ ପ୍ରଚୁର ଗାଡି । ଅପେକ୍ଷା କରିଛନ୍ତି ଟ୍ୟୁରିଷ୍ଟଙ୍କୁ । ତାଙ୍କ ମୁହଁରେ ଅଜସ୍ର ହୋଟେଲର ଲିଷ୍ଟ । ରାଜସ୍ଥାନ ଟୁରିଜିମ୍‌ର ହୋଟେଲରେ ସେମାନେ ଏ ଯାଏ ରହି ଆସିଛନ୍ତି । ଏବେ କେଉଁ ପ୍ରାଇଭେଟ୍ ହୋଟେଲକୁ ଯିବାକୁ ଇଛା ହେଲାନି ସଂକେତଙ୍କର । ସେ ଗୋଟାଏ ଜିପ୍‌ରେ ବସି ନିର୍ଦ୍ଦେଶ ଦେଲେ ଆର:ଟି:ଡି:ସି ହୋଟେଲକୁ ନେବାକୁ । ନାଆଁ ତା'ର 'ମୁମଲ' । ସହର ଶୋଇଥିଲା । ସୁନାର ସହର । ଗୋଲଡେନ୍ ସିଟି । ଚାରିଆଡେ ସୁନାରଙ୍ଗର ବାଲି, ପଥର । ଘରଦ୍ୱାର । ମରୁଭୂମିର ରଙ୍ଗ ସାଙ୍ଗରେ ମିଶିଯାଇଛି ସହରର ରଙ୍ଗ । ପରିଷ୍କାର, ପରିଚ୍ଛନ୍ନ, ଚଉଡା ରାସ୍ତା । କଳା ମଚମଚ ପିଚୁଢ଼ଳା ରାସ୍ତା । ଆଃ ! କି ସୁନ୍ଦର ! ସଂଲଗ୍ନା କହିଲା । ଏତେ ପରିଷ୍କାର ଆମ ସହର ନୁହେଁ । ଯୋଧପୁର ସହରରେ ବିସ୍କୁଟ ଖାଇ ଖୋଳଟାକୁ କେଉଁଠି ଫୋପାଡିବ ବୋଲି ଇତଃସ୍ତତଃ ହୋଇଯାଇଥିଲା । ଏତେ ପରିଷ୍କାର ଯେ ଦ୍ୱିଧା ଆସେ କୁଆଡେ ପକାଇବ କଦଳୀ ଚୋପା, ବିସ୍କୁଟ ଖୋଳ, କାଗଜ । ଏଠି ବି ସେମିତି । ଜିପ୍‌ବାଲାଟା କେତେ ଭଦ୍ର । କଥାଗୁଡିକ କହୁଥାଏ ସଜେଇଲାପରି । ମୁଗ୍ଧ ହେଉଥିଲା ସଲଗ୍ନା ଭୋରର୍ ରୂପରେ । ଟ୍ୟୁରିଜିମ୍ ଅଫିସ୍‌ରେ ପଂହଚି ବୁଝିଗଲା ଘର ମିଳିବନି । ଯାହା ଅଛି କଟେଜ୍ । ଦାମ ଛଅ ଶହ ଟଙ୍କା ଗୋଟାଏ ରାତିକୁ । ଅଥଚ ସଂକେତଙ୍କ ମନକୁ ଆସିଲାନି । ଜିପବାଲା କହିଲା–ଚାଲନ୍ତୁ ପ୍ରାଇଭେଟ ହୋଟେଲକୁ । ଭଲ ପଡିବ । ଏବେ ତ ଟିକେ ଫ୍ରେସ ହେବା କଥା, ରାତିରେ ମରୁଭୂମିରେ ରହିବାର ପ୍ରୋଗାମ୍ । କ'ଣ ଦରକାର ପଇସା ନଷ୍ଟ କରି ରୁମ୍ ବୁକ୍ କରିବା । ସୁନାର କିଲ୍ଲା ସାମ୍‌ନାରେ ଅନେକ ହୋଟେଲ । ସେଠି ବୁଲିବାକୁ ସୁବିଧା ହେବ । ଦିନ ଚାରିଟାବେଳକୁ ବାହାରି ଯିବେ ସାମ୍ । ଏଠୁ ତିରିଷ କି:ମି ଦୂରରେ । ମରୁଭୂମି ଭିତରେ । ସେଠି ରାତିଟା ରହି ପରଦିନ ସକାଳ ସାତଟାରେ ଆସିଲେ ହୋଟେଲବାଲା ଫ୍ରେସ ହେବାକୁ ରୁମ୍ ଛାଡିଦେବ । ତା'ପରେ ଖାଇପିଇ ମାଉଣ୍ଟଆବୁ ବାହାରିଯିବେ । ଏବେ ଶସ୍ତା ହୋଟେଲରେ ଗୋଟାଏ ଦିନର ଚାର୍ଜ ଦେଇଥାନ୍ତୁ ।

Digitized by srujanika@gmail.com

ପ୍ରସ୍ତାବଟା କିଛି ମନ୍ଦ ନ ଥିଲା । ରାତିରେ ଯଦି ମରୁଭୂମିରେ ରହିବାର ଅଛି, ଗମେଣ୍ଟର କଟେଜକୁ ଛଅ ଶହ ଟଙ୍କା ଦେଇ ନେବାରେ କି ଲାଭ ହୋଇଥାନ୍ତା । ମରୁଭୂମିରେ ଟେଣ୍ଟରେ ରହିବାର ଚାର୍ଜ ଜଣପିଛା ଆଠ ଶହ ଟଙ୍କା । ଖାଇବାକୁ ମଧ୍ୟ ହୋଟେଲବାଲା ଦେବ । ତା'ର ଗାଡ଼ି, ଲୋକ, ଓଟ ଚଢ଼ିବାର ବ୍ୟବସ୍ଥା ସବୁ ସେମାନେ ହିଁ କରିବେ ।

ଜିପ୍‌ବାଲାର ଅମାୟିକ, ସରଳ ବ୍ୟବହାର । ଅବା ମନରେ ତିଆରି କରିପାରିଛି ଭରସା, ଆସ୍ଥା । ନିର୍ଦ୍ଦିଷ୍ଟ ହୋଟେଲରେ ନେଇ ଛାଡ଼ିଲା ସେ । ସଲଗ୍ନାର ଦେହରେ, ମନରେ ଏବେ ରୋମାଂଚ । ଆହାଃ । ଯେମିତି କେଉଁ ଭୂସ୍ୱର୍ଗରେ ସେ ପାଦ ଦେଇଛି । ଆବେଗରେ ତା'ର ତରଙ୍ଗାୟିତ ତନୁ ଅଧୀର ବିରହୀ ସଂଗୀତଟିଏ ପାଲଟିଯାଇଛି ଅବା । ସେ ହୋଟେଲରେ ପହଞ୍ଚି ଲମ୍ବହୋଇ ଗଡ଼ିପଡ଼ିଲା ବିଛଣାରେ । ହାଲକା ମୁଦ୍ରାରେ । ଏକାକୀ ସଂକେତଙ୍କୁ ପାଇବାର ଆନନ୍ଦରେ । ହେଲେ ତାଙ୍କର ସେହି ନିଷ୍କମ୍ପ ଚାହାଣୀ, ଅଧୀରତାହୀନ, ଆବେଗହୀନ ବ୍ୟକ୍ତିତ୍ୱ । ସ୍ୱାମୀତ୍ୱର ଛିଟା ଯେଉଁଠି ବେଶୀ ପରିମାଣରେ ଲେସି ହୋଇ ରହିଛି ତାଙ୍କ ହାବଭାବରେ ।

— ତୁମେ କ'ଣ ଏବେ ଯିବ ସୁନାରକିଲ୍ଲା ?
ସଂକେତଙ୍କ ପ୍ରଶ୍ନ । ଏ କି ଅଜବ ପ୍ରକାରର ।
ଆସିଛେ ଯେତେବେଳେ ବୁଲିବାକୁ ତ ହେବ ।

— ହଁ... ଯିବା । ଶୀଘ୍ର ବାହାର ନା !

— ଗାଡ଼ି ମାଡ଼ୁଆ ହୋଇ ଇଛା ହେଉନି ଯିବାକୁ ।
ଶୋଇ ପଡ଼ିଲେ ଟିକେ ଭଲ ଲାଗନ୍ତା । ଦେଖୁଛ ତ ବାହାରେ କି ଖରା !

— ଶୀଘ୍ର କ୍ଲାମ ସାର । ବାହାରିଯିବା । ଡିସେମ୍ବର ମାସରେ ଖରା ଏତେ ଟାଣ ଲାଗିବନି । ପ୍ଲିଜ୍ । ଶୀଘ୍ର ବାହାରିପଡ଼ ।

ସଂକେତ ବାଥ୍‌ରୁମ୍ ଭିତରକୁ ଗଲେ । ଯାହା ହେଉ କଥା ମାନିଲେ । ସଲଗ୍ନା ଝର୍କା ପଟେ ଚାହିଁଲା ସେହି ସୁନାର କିଲ୍ଲାକୁ । ଖୁବ୍ ସୁନ୍ଦର । ବିଶାଳ । କି ମୋହମୟ । ଅଥଚ ସଂକେତ, " ମୋ ଆଖିରେ ଏ ମୋହମୟତାକୁ ତୁମେ କେବେ କ'ଣ ଦେଖିଛ ! କେବେ ବୁଝିବାକୁ ଚେଷ୍ଟା କରିଛ ! ଏ ଅନୁଭବରେ ଏକାକାର ହେବା ପାଇଁ ଏତେ ଟିକେ ତୁମ ହୃଦୟରେ ବ୍ୟାକୁଳତା ଜାଗେନା ? ଏ ସମୟ ଆସିବନି । ଏ ଜୀବନ ଆସିବନି ମଧ୍ୟ । ଏଇ ମରୁଭୂମିର ରଂଗ, ସୁନାର ସହରର ରଙ୍ଗ ଫେରିବନି, ଆଜି ଯେମିତି ଆସିଛି । ଅଥଚ ତୁମ ଆଖିରେ ଶୁଷ୍କ ମରୁର ଯାତନା ମୋତେ ଉଦ୍‌ଗ୍ରୀବ କରେ । ଇଏ କ'ଣ ସଂକେତ । ମରୁଭୂମି ଶୁଖିଲା ହୋଇପାରେ, ତଥାପି ହସିପାରିଲେ ଏଠି ଅନେକ ମାୟା, ଅନେକ ରଙ୍ଗ, ଅନେକ ଅନୁଭବ । ଆସ ହାତ ବଢ଼ାଅ ମୋ ଆଡେ । ଦେଖିବ ଏଠି କାକ୍‌ଟସ୍‌ର ବଣ ନୁହେଁ, ବାବଲା ଗଛର କଣ୍ଟା ନୁହେଁ, ଯୋଧପୁରରେ ପାଣି ମାଡି ଚାଲି ଥିବା ଜଣଙ୍କ ବାଡ଼ିରେ କରବୀର ଗଛର ପେଛା ପେଛା ଗୋଲାପୀ ଫୁଲ ପରି

Digitized by srujanika@gmail.com

ବିଶିବ ଜୀବନ । ତୁମେ ସେମିତି ଗୋଟାଏ ସୁନ୍ଦରର ହାତ ଧରିପାରନା ? ସବୁବେଳେ ଓଟ ପରି ବାବଲା ଗଛକୁ କାହିଁକି ମୁହଁ ବଢ଼ାଇ କଣ୍ଟା ଚୋବାଇବାରେ ବ୍ୟସ୍ତ ?''

ଅଦୂରରେ ଯୋଡି ଯୋଡି ହୋଇ ଚାଲିଛନ୍ତି ଅନେକ ଦମ୍ପତି । ହସରେ, ଖୁସିରେ ଫାଟି ଯାଉଛନ୍ତି । ସେମାନେ ନବବିବାହିତ ନୁହଁନ୍ତି । ମଝି ବୟସଠାରୁ ଅଧିକା ଯାଏ ଅଛନ୍ତି । ଅଥଚ କେତେ ଆନନ୍ଦରେ, ଅନୁଭବରେ ପରସ୍ପରର ଆଲିଙ୍ଗନରେ ସୃଷ୍ଟିର ଅପୂର୍ବ ମଧୁରତା ଆହରଣ କରି ଚାଲିଛନ୍ତି । ଦୁଇଜଣ ବିଦେଶୀ ନରନାରୀ ଗଭୀର ଭାବରେ ପରସ୍ପରର ମୁଖ ଚୁମ୍ବନରେ ମଗ୍ନ । ସେ ଆନମନା ହୋଇଗଲା ଏଇ ବିରଳ, ଅଭାବିତ ଦୃଶ୍ୟରେ । ତା'ର ଆଖି କେଉଁ ଦିଗ୍‌ବଳୟ ଆଡକୁ ଲମ୍ବିଗଲା କି ଅନୁଭବରେ କେଜାଣି । ତା' ଭିତରେ ଗୋଟାଏ ସିତ୍କାର ଝଡ ହୋଇ ଅବା ଓହ୍ଲାଇ ଆସୁଛି । ଅଥଚ...ବଡ ଅସହାୟ । ବଡ କରୁଣ । ବଡ ପ୍ରଳୟଙ୍କରୀ ସେହି ଝଡ । ଧ୍ୱଂସ ମୁଖୀ । ସେ ଆଖି ବୁଜିଦେଲା । ସେହି ଝଡକୁ ଶୋଷିନେଲା ତା'ର ସମସ୍ତ ଶକ୍ତି ଦେଇ । ଥରଥର ତା'ର ଶରୀର । ସେ ଗଡି ପଡିଲା ବିଛଣା ଉପରେ । ବିରାଟ ବଡ ଓଜନଟାଏ ଯେମିତି ତା' ମସ୍ତିଷ୍କରେ ଓହ୍ଲାଇ ଆସୁଛି ଆଉ ସେ ତତ୍‌କ୍ଷଣାତ୍ ସବୁ ଭୁଲି ଶୋଇ ପଡୁଛି ଗଭୀର ନିଦରେ । ଅଥଚ କେହି ନାହିଁ ତା'ର ସେହି ଭାରି ହୋଇ ପଡୁଥିବା ଶରୀରକୁ ହାଲକା କରିଦେଇ ଓହ୍ଲାଇ ଆସିବ ତା'ର ଆଲିଙ୍ଗନରେ । ଖାଲି ଶୂନ୍ୟ ଘରଟାଏ । ବାଥରୁମ୍‌ରୁ ଶୁଭୁଛି ଦୁଲ୍‌ଦୁଲ୍ ହୋଇ ପାଣି ପଡିବାର ଶବ୍ଦ ।

ବାଥରୁମ୍‌ରୁ ବାହାରି ସଂକେତ ଆସିଲେ । '' ଯାଅ ଯାଅ ଭିତରକୁ...ଶୋଇଲ କ'ଣ ? ମୁଁ ଯାଉଛି ଖାଇବା ବୁଝି ଆସେ ।'' ସେ ଉଠିଲା ଗୋଟାଏ ଘୋରରେ । ଆବୋରି ନେବାର ଭଙ୍ଗୀରେ ଝୁମିଲା ପରି ତା'ର ଅବୟବ । ସେ ହାତ ବଢ଼ାଇଲା ସଂକେତ ଆଡେ । ସଂକେତ ଚାହିଁଲେ ନିରୁତାପ ଭଙ୍ଗୀରେ । ଆଇନା-ସାମ୍‌ନାକୁ ଚାଲିଗଲେ ମୁଣ୍ଡ କୁଣ୍ଡାଇବା ପାଇଁ । ଶୂନ୍ୟରେ ତା'ର ହାତ, ଫେରି ଆସୁଥିଲା ଆପଣା ଜଗତକୁ । ସାମାନ୍ୟ ହସି ସେ ଉଠି ବାଥରୁମ୍ ଭିତରେ ପଶିଲା ।

ଫେରିଆସି ଦେଖିଲା ସଂକେତ ବାହାରକୁ ଯିବାପାଇଁ ପ୍ରସ୍ତୁତ । ସଂଲଗ୍ନା ନିଜକୁ ସଜାଉଥିଲା । ଜୟପୁରରୁ କିଣି ଥିଲା ରାଜସ୍ଥାନୀ ଚୁଡି । ଯୋଧପୁରରୁ ସାଲଓ୍ୱାର କମିଜ । କାନରେ, ବେକରେ, ହାତରେ ତା'ର ଏବେ ଅପୂର୍ବ ରଙ୍ଗ ବେରଙ୍ଗର ସାଜସଜା । ସେ ଆଇନା ସାମ୍‌ନାରେ ଠିଆ ହେଲା । ଚମକୃତ ହେଲା ନିଜର ଅଙ୍ଗସଜାରେ । ଗୋଟାଏ ସୁରଭିତ ଉଦ୍ଦାମ ପୃଥିବୀ ତାକୁ ହାତଠାରି ଡାକୁଥିଲା । ଆଃ ! ଆଃ ! ଲୀନ ହୋଇ ଯା ମୋ ସାଙ୍ଗରେ । ହେଲେ ସାରାଟା ଶରୀର ତା'ର ଚାର୍ଜଡ ଇଲକ୍‌ଟ୍ରୋନପରି ନିଜର କକ୍ଷରେ ଘୂରୁଥିଲା । ମନେ ହେଉଥିଲା ସେହି ଉଷ୍ଣ ପାଲଟି ଯାଉଥିବା ଓଠକୁ ଚାପି ଧରନ୍ତା ସଂକେତଙ୍କ ଓଠ ଉପରେ । ଏ ମରୁର ସକଳ ଉଷ୍ଣତା ଭାଙ୍ଗି ପଡନ୍ତା ତା'ର ନବବିବାହିତା ଜୀବନରେ । ସକଳ ମାଧୁର୍ଯ୍ୟ ଠୁଳ ହୋଇଯା'ନ୍ତା ଅକାତରେ,

Digitized by srujanika@gmail.com

ଅନାୟସରେ । ହେଲେ ଆଗ ଆଗ କବାଟ ଖୋଲି ବାହାରେ ଠିଆ ହୋଇଗଲେ ସଂକେତ । ସେ ଅଗତ୍ୟା ବାହାରି ଆସିଲା ।

ସୁନାର କିଲ୍ଲା । ୧୧୫୭ ଖ୍ରୀଷ୍ଟାବ୍ଦର ସ୍ମାରକୀ ଠିଆହୋଇଛି । ଏବେ ସେ ଇତିହାସ । ସେହି ରାଜା ନାହାନ୍ତି । ଛାଡି ଯାଇଛନ୍ତି ଆଚମ୍ବିତ ଘଟଣା ପ୍ରବାହ । ଆଶ୍ଚର୍ଯ୍ୟ ମନୋମେଣ୍ଟ । ଯାହା ହୋଇଛି ଦେଶର ଐତିହ୍ୟ । ଖୁବ୍ ମଚ୍ଚା । ଯେଉଁ ଲୋକମାନେ ଏଠି ପାଠ ପଢ଼ିନାହାନ୍ତି, ସେମାନେ ବିଦେଶୀଙ୍କ ସାଙ୍ଗରେ ଗଡ଼ଗଡ଼କରି ଇଂରାଜୀ କହୁଛନ୍ତି । ସେମାନଙ୍କ ଷ୍ଟାଇଲ୍ ବି ବଦଳାଇ ଦେଇଛନ୍ତି କହିବାର । ଆମେ ହିଁ ବଦଳେଇ ଦେଉଛୁ ଆମକୁ ଅନ୍ୟ ପାଇଁ । ଭାରତୀୟଙ୍କ ଭିତରେ ସବୁବେଳେ ଦରିଦ୍ର ପଣିଆର ଅନୁଭବ । ଦାସତ୍ୱର ଛାପ । ସାହେବ ମାନଙ୍କ ପାଇଁ ମୁଣ୍ଡ ନୁଆଁଇଦେବା । ଶହଶହ ବର୍ଷ ଇଂରାଜୀ ଅଧୀନରେ ରହି ତାଙ୍କୁ ବେଶୀ ଗୁରୁତ୍ୱ ଦେବା । ନିଜସ୍ୱ ଚିନ୍ତା ଭାବନା, ସଂସ୍କୃତିକୁ ଅନ୍ୟକୁ ଶିଖାଇବାର ଏତେ ବେଶୀ ଚାପ ନାହିଁ । ସଲଗ୍ନା ସେମାନଙ୍କ ଇଂରାଜୀ କହିବାକୁ ଶୁଣୁଥିଲା ଖୁବ୍ ମନଦେଇ ଏବଂ ଆଶ୍ଚର୍ଯ୍ୟ ହେଉଥିଲା । ସେହି ଜାଗାର ଲୋକଟିଏ କହିଲା - ଏଠି ପାଠଶାଠ ନାହିଁ । ସବୁ ଶିଖି ଯାଇଛନ୍ତି ।

ସେମାନେ କିଲ୍ଲା ଘୂରି ବାହାରକୁ ଆସିଲେ । ମଧ୍ୟାହ୍ନରେ ବି ଅନେକଟା ଭିଡ । କିଏ ସେ ଭିଡରେ ଛୁଇଁଦେଲା ତା'ର ବାହୁ ! ତା'ର ସଲଗ୍ନ ହେବାର ଉତ୍କଣ୍ଠାରେ ଚାପି ହୋଇ ପଡିଲା । କିଏ ସେ ଯୁବକ ! ଚାହିଁଲା ସଲଗ୍ନା । ଖୁବ୍ କମ ବୟସ ଲାଗୁଛି । ଅନ୍ତତଃ ତା'ଠାରୁ ବୟସରେ ଅନେକଟା ଛୋଟ ଲାଗୁଛି । ଠଉରେଇ ପାରିନି ତା'ର ବୟସକୁ । ତା' ଆଖିରୁ ଖସିଯାଇଛି ତା'ର ଅଣଠଉର ବୟସ । ଆଖିରେ ତା'ର ଉଷ୍ଣ ଆମନ୍ତ୍ରଣ । ମୃଦୁ ହସ । ସଲଗ୍ନାର ନିରୁତାପ ଆଖି । ଆଶ୍ଚର୍ଯ୍ୟ ସେ । ଘୁଂଚି ଆସିଲା ସଂକେତଙ୍କ ଆଡକୁ । ଆକୁଳରେ ବଢ଼ାଇଦେଲା ହାତ । ଅନ୍ତତଃ ସୁରକ୍ଷିତ ରହୁ ତା'ର ଯୌବନ । ନିଜର କେହିଜଣେ ରହିଛି ସେ ଅନୁଭବ ରହୁ ସେହି ହାତର ବଳୟ ଭିତରେ ! ନାଁ...କେମିତି ଗୋଟାଏ ସଂକୁଚିତ ହୋଇପଡିବାର ବାହାନା ସଂକେତ ପାଖରେ । ସେ ପଚାରି ନାହିଁ କିଛି । ସଲଗ୍ନା ଫେରାଇ ଆଣିଲା ହାତ । ଯେମିତି କି ଗୋଟାଏ ଶୂନ୍ୟ, ମହାଶୂନ୍ୟରେ ଅସହାୟ ହୋଇ ସେ ଠିଆ ହୋଇଛି । କାହାକୁ ଭରସା କରିବ ? ସେ କିଏ ? କିଏ ତା'ର ନିଜର ମଣିଷ ? କିଏ ତାକୁ ଲୁଚାଇଦେବ ତା'ର ସୁରକ୍ଷିତ ବାହୁର ବଳୟ ଭିତରେ ?

ରାସ୍ତା ଉପରକୁ ଆସି ସେମାନେ ଗଲେ ଗଡସାଗର ଲେକ୍ । ସାମାନ୍ୟ ଜଳାଶୟଟିଏ ଦିଶୁଛି । ହେଉପଛେ ସାମାନ୍ୟ । ଶୁଷ୍କତା ଭିତରେ ତା'ର ଉପସ୍ଥିତି ବଡ ଗୁରୁତ୍ୱପୂର୍ଣ୍ଣ । ପାଣିଟିକିଏ ଦେଖିବାର କି ଆକୁଳତା ଏଠି ? ଏଇ ମରୁଭୂମିରେ ଠିଆ ନ ହେଲେ ବୁଝା ଯାଏନି ଏ ସବୁ । ସୁବଜିମା ଟିକିଏ, ପାଣି ଟିକିଏ ଯେମିତି ଆଶ୍ଚର୍ଯ୍ୟ ଦୁନିଆ ପରି । ତା' ଅନୁଭବ କଲା ସଲଗ୍ନା ଠିକ୍ ତା'ର ଦୁଇମାସର ଏଇ ନବବିବାହିତ

Digitized by srujanika@gmail.com

ଢାଂଚପରି । ସଂକେତ ଆଗେଇ ଯାଉଥିଲେ ସେହି ଜଳାଶୟ ଆଡେ । ଉଗ୍ର ଖରାରେ ପୋଡି ଯାଉଥିଲା ତା'ର ମୁହଁ । ସେ ବସି ରହିଲା ଛାଇରେ । ଦୂରରୁ କେହି ବିଦେଶୀ କ୍ୟାମେରା ଘୂରାଉଥିଲା ତା' ଉପରେ । ସେ କ'ଣ ଏମିତି ଫଟୋଗ୍ରାଫଟିଏ ହୋଇପାରିବ ତା' ପାଇଁ ସାଇତି ରଖିଲା ପରି ? ଲୋକଟାକୁ ହାରାସ୍ କରିବାକୁ ସେ ମୁହଁ ବୁଲାଇ ଦେଲା ଅନ୍ୟ ପଟକୁ । ଆଉ ଚାହିଁଲା ତା'ର ରଜାସ୍ଥାନୀ ସାଜସଜାକୁ । ହସିଲା ଖୋଲା ହସଟିଏ । ସଂକେତ ଆଗେଇ ଆସୁଥିବା ଦେଖି ସେ ଉଠିଲା ଏବଂ ତାଙ୍କ ପାଖରେ ପହଞ୍ଚି ବଖାଣିଲା ଘଟଣାଟି ବଡ ସୋହାଗରେ । ସଂକେତଙ୍କର ପ୍ରତିକ୍ରିୟା ସେମିତି କିଛି ନ ଥିଲା ଏବଂ ଈଷତ୍ ହସଟିକିଏ ଫୁଟି ଉଠିଥିଲା ତାଙ୍କ ଓଠରେ । ସେ ଘଡିକୁ ଚାହିଁଲେ ଏବଂ ଜିପ୍‌ବାଲାର ସମୟ ହୋଇଯିବ କହି ହୋଟେଲ ଫେରିବାକୁ ପ୍ରସ୍ତୁତ ହେଲେ ।

ହୋଟେଲରୁ ଏବେ ଜିପ୍‌ବାଲା ପ୍ରସ୍ତୁତ୍ । ଆବଶ୍ୟକୀୟ ପରିମାଣର ଖାଦ୍ୟପେୟ, ପାଣି ଜାର ସବୁ ରେଡି । ଦୁଇଜଣ ଫାମିଲିକୁ ନେଇ ସେ ଆଗେଇଲା । ମରୁଭୂମିର ବିଶାଳତା ଦେଖିବାର ଉତ୍‌କଣ୍ଠା ସଲଗ୍ନା ମନରେ । ଜିପ୍ ଭିତରେ ସେ ଦୁଇଜଣଙ୍କ ସାଂଗରେ ଅନ୍ୟ ଫାମିଲି । ସେମାନଙ୍କ ଆନନ୍ଦ, ଉଜ୍ଜ୍ୱଳତା ମୁହଁରେ ଚିକ୍‌ଚିକ୍ କରୁଥିଲା । ମୁଣ୍ଡ ଉପରେ ଧୂ...ଧୂ ନୀଳଆକାଶ । ଦିଗନ୍ତ ପରିବ୍ୟାପ୍ତ । ଯୁଆଡେ ଚାହିଁଲେ ବି ଖାଲି ବାଲିର ସମୁଦ୍ର । ତା' ଭିତରେ କଳା ମିଚମିଚ ପିଚୁରାସ୍ତା ବର୍ଡରରୋଡ ଅର୍ଗାନାଇଜେସନର ଲମ୍ବିଛି ଜୟସାଲମୀରରୁ ସାମ୍ ଦିଗରେ । ରାସ୍ତାର ଦୁଇକଡରେ ପଡିଛି ସୁନାରଂଗର ପଥର ଗୁଣ୍ଡ । ମୋଜାଇକ୍ ପାଇଁ ବ୍ୟବହାର କରାଯାଏ । ଯୁଆଡେ ଚାହିଁଲେ ନିରବିଚ୍ଛିନ୍ନ ନୀରବତା । କେଉଁଠି ଗୋଟାଏ ମଣିଷ ନାହିଁ । ଗାଡି ଚାଲିଛି... ଚାଲିଛି ଶୂନ୍ୟତା ପଂହରି ପଂହରି । ଆଗରେ କଳାମଚମଚ ରାସ୍ତା, ପଛରେ ରାସ୍ତା । ଏତେ ଯେ ଶୂନ୍ୟତା ଏଠି । ଚମତ୍କୃତ ହେଲା ସଲଗ୍ନା । ଏତେ ଯେ ଶୁଷ୍କତା ଏଠି । ସେହି ଶୁଷ୍କତା ଭିତରେ କେତେଗୁଡିଏ କଣ୍ଟାଗଛ ଜାହିର କରୁଛି ପ୍ରାଣର ସ୍ପନ୍ଦନ । ଅରଖ ଗଛ ରହିଛି ଠାଏଠାଏ । ଏମିତି ଚାଲନ୍ତା କି ଗାଡିଟା ଅନନ୍ତ ଆଡକୁ । ଖୁବ୍ ଖୁସୀ ଲାଗନ୍ତା ଏଇ ମହାପ୍ରକୃତିର ରୂପସଜ୍ଜା । ସଂକେତଙ୍କ ଆଖି ଦୂର ଦିଗ୍‌ବଳୟରେ ନିବଦ୍ଧ । କୌଣସି କଥା କାହାଠି ନାହିଁ । ଗାଡିବାଲା ଦୁଇଜାଗାରେ ଓହ୍ଲାଇ ଦେଲା ମଝିରେ ଜୈନ ମନ୍ଦିର ଦେଖିବାକୁ । ପୁନଶ୍ଚ ଯାତ୍ରା ସାମ୍ । ବର୍ଡରର ଶେଷ ଗାଁ । ମୁସଲିମ୍ ବସତି କହିଲେ ଚଳେ । ଲୋକମାନେ ଓଟପାଳକ । କେତେଜଣ ଚା' ଦୋକାନ କରିଛନ୍ତି ମରୁଭୂମିର ପର୍ଯ୍ୟଟକଙ୍କ ପାଇଁ । ଗାଁରେ ଏସ:ଟି:ଡି ଫୋନ ଚାଲେନା । ସମସ୍ତଙ୍କର ପରିଚୟପତ୍ର କଡାକଡି ।

ସାମ୍‌ରେ ପଂହଚି ସେମାନେ ସୂର୍ଯ୍ୟାସ୍ତ ଦେଖାଇବେ । ନିର୍ଦ୍ଧାରିତ ସମୟରେ ଗାଡି ପଂହଚିଲା । କେତୋଟି ଚା' ଦୋକାନରେ ଖୁବ୍ ଭିଡ ଜମିଛି । ସେମାନେ ଚା' ପିଇଲେ । ଟେଣ୍ଟବାଲା ସେମାନଙ୍କ ସାଇଟ୍ ଜଣାଇଦେଲେ । ବୁଲାବୁଲି କରି ସେଠିକୁ ଫେରିବାକୁ ନିର୍ଦ୍ଦେଶ ଦେଲେ । ଏବେ ସେମାନେ ଖୋଲାପକ୍ଷୀପରି । ମରୁଭୂମିର ମାୟା

Digitized by srujanika@gmail.com

ତାଙ୍କୁ ଟାଣୁଛି । ସଲଗ୍ନା ଏକରକମ ଦୌଡିଲାପରି । ଓଟବାଲା ଘେରିଗଲେ । ଚାଲନ୍ତୁ - ବଡ ମଜା ଆୟେଗା । ଦାମ ପଚାରିବାରୁ କହିଲା କୋଡିଏ ଟଂକା ନେଇ ଏଇ ପାଖାପାଖି ବୁଲେଇ ଦେବ । ସେମାନେ ଆନନ୍ଦରେ ସୁସଜ୍ଜିତ ଓଟ ଉପରେ ବସିପଡିଲେ । କିଛିବାଟ ଗଲାପରେ କହିଲା- ଚାଲନ୍ତୁ ନାଁ ଆଗକୁ ପାର୍କ ଅଛି ଦେଖିବେ । କହି ଓଟକୁ ଚଲେଇଲା । ପ୍ରକୃତରେ କି ପାର୍କ ପୁଣି ମରୁଭୂମିରେ ସଲଗ୍ନା ବୁଝିପାରିଲାନି । ପାର୍କ କାହିଁ ପ୍ରଶ୍ନ କରିବାରୁ କହିଲା ଏଇ ତ ସେହି ଅଂଚଳ । ହେଲେ ସେଠି ଗୋଟାଏ ଗଛ କି ଜନ୍ତୁ କେହିନଥିଲେ । ସ୍ତୁପସ୍ତୁପ ବାଲି । ତରଂଗମୟ । ପବନରେ ଭାଂଗଭାଂଗ ହୋଇଯାଇଛି । ଶୁଣିଥିଲା ଏଠି ଗୋଟାଏ ଡେର୍ଜାଟ ନ୍ୟାସନାଲ ପାର୍କ ଅଛି ଦୂରରେ । ଓଟବାଲାର ପଇସା କମେଇବାର ଚାଲ ଜାଣିପାରିଲା ସେ । ତା'ର ନାଆଁ ଇସାକ୍ ଖାଁ । ଓଟରୁ ସେଠି ସେମାନଙ୍କୁ ଓହ୍ଲେଇଦେଇ କୁଆଡେ ଚାଲିଗଲା ନମାଜ ପଢିବାକୁ । ନମାଜ ପଢିବା ସମୟତକ ସଲଗ୍ନା ସେହି ତରଂଗାୟିତ ବାଲିର ପାହାଡ ଉପରେ ପାଦ ରଖୁଥିଲା । ଦେଖୁଥିଲା କେବଳ ନିଜର ପାଦଚିହ୍ନ । ସଂକେତ ଆସିଲେ । ବସି ପଡିଲେ ସେଠି । କହିଲେ ଫଟୋ ଉଠାଅ । ସଲଗ୍ନା କହିଲା ଓଟବାଲା ଆସୁ । ଯୁଗଳ ଫଟୋ ଉଠିବ । ଆଉ କ'ଣ ଏକୁଟିଆ ଅଛ । କହି ସେ ଢଳିପଡିଲା ସଂକେତଙ୍କ ଉପରକୁ ।

ଓଟବାଲା ଫେରୁଥିଲା । ମୁହଁରେ ତା'ର ଉଦ୍ଦେଶ୍ୟର ହସ । ମନେକରିଥିଲା ଏ ଯୋଡି ୟା ଭିତରେ କିଛି ଜୀବନର ରସ ଆସ୍ୱାଦନ କରିଥିବେ । କହିଲା- ରାତ୍ ମେ ଇଧର ଖୁବ୍ ମଜା ଆୟେଗା । ସେମାନେ ହସିଲେ ତା'ର କଥାରେ । ଓଟ ଉପରେ ଚଢିବାପରେ ଫଟୋ ଉଠାଇଲା ଲୋକଟି ।

କୁଆଡେ ଚଲାଇଲା ଓଟକୁ । ଆହୁରି ଦୂରକୁ ନେବାକୁ କହିଲା । ଏକାଏକା ଏଇ ଓଟବାଲା ସାଂଗରେ ଯିବା କେତେଦୂର ନିରାପଦ ସେ ଜାଣିପାରିଲାନି । ସେ ଚାହିଁଲା । ଚର୍ତୁଦିଗରେ ଖାଲି ବାଲି ଆଉ ବାଲି । ଏଇ ନିର୍ଜନ ମରୁଭୂମିରେ କେବଳ ଓଟବାଲାଟି ତାଙ୍କର ସାରଥୀ ; ଛାଡି ଚାଲିଗଲେ ହଜିଯିବେ ସେମାନେ ଅନନ୍ତ ମରୁସିକତାରେ । ତାଙ୍କର ତଣ୍ଟି ଶୁଖିଯିବ । କୁଆଡେ ବା ଚାଲିପାରିବେ । ବାଲି ଉପରେ ଓଟ ବାଲାଟା କ'ଣ୍ ମନେକଲା କେଜାଣି କହିଲା ଭୟ କରନ୍ତୁ ନାହିଁ...ଆମର ରୁଟି, କମାଇ ଆପଣମାନେ ।ଏଠି ଆମେ କାହା ଜିନିଷ ଚୋରି କରୁନା । ଲୋକଟାର ଘର ପାକିସ୍ଥାନରେ । ଏଠି ଆସି ପନ୍ଦରବର୍ଷ ହେଲା ରହିଲାଣି । ଓଟବାଲାଟି କହିଲା ଚାଲନ୍ତୁ ଆପଣଙ୍କୁ ଦୌଡାଇ ଦୌଡାଇ ନେଇଯିବି । ହେଲେ ଓଟର ଦୌଡରେ ସଲଗ୍ନାର ହାର୍ଟବିଟ୍ ବଢିଗଲା । କହିଲା-ରଖ, ରଖ ।

କିଛିଦୁର ଯାଇ ସେମାନେ ଫେରିଲେ । ନାରଙ୍ଗୀ ଆଭାରେ ଦିଗ୍‌ବଳୟ ଭରା । ହଜାର ହଜାର ଦର୍ଶକ । ପଶ୍ଚିମ ଆକାଶକୁ ଚାହିଁ ଠିଆ ହୋଇଥିଲେ । ମରୁବାଲିରେ ସୁନାର ଲହର ଅବା । ବଡ ଆଶ୍ଚର୍ଯ୍ୟ ପ୍ରକୃତିର ଏ ରୂପ ସଜା । ସୂର୍ଯ୍ୟାସ୍ତ ଆସିଲା ।

Digitized by srujanika@gmail.com

ଲାଲ ସୂର୍ଯ୍ୟ, ସୁନାରଂଗର ବାଲି, ଏସବୁ ତିଆରି କଲା ଅପୂର୍ବ ମୁଗ୍ଧତା । ଦର୍ଶକମାନେ ଆନନ୍ଦରେ ଅଧୀର ହେଉଥିଲେ ।

ଓଟବାଲା ସେମାନଙ୍କୁ ଓହ୍ଲାଇଦେଇ କହିଲା ଶହେଟଂକା । ଆଉ ବବ୍ଲୁ(ଓଟରନାମ) ଖାଇବାକୁ କୋଡିଏ ଟଙ୍କାଦିଅନ୍ତୁ । ଏମିତି ଯେ ସେ ଶହେ କୋଡିଏ ଟଙ୍କା ମାଗିବ, ତା' କଳ୍ପନା କରିନଥିଲେ ସେମାନେ । ସଂକେତଙ୍କ ମୁହଁ ଶୁଖିଗଲା । ସେ ବାଧହୋଇ ଟଙ୍କା ଦେଲେ ।

ସୂର୍ଯ୍ୟ ବୁଡିଗଲେ । ମରୁଭୂମିର ସୁନାରଂଗର ବାଲି ରୁପେଲିରେ ବଦଳିଗଲା । ଖାଲିପାଦରେ ଚାଲିଲେ ଲାଗୁଥିଲା ଭୀଷଣ ଥଣ୍ଡା । ଆଶ୍ଚର୍ଯ୍ୟ ଲାଗିଲା ସଲଗ୍ନାକୁ । ଏଇ ଗରମ ଏଇ ଥଣ୍ଡା । କି ବିଚିତ୍ର ପ୍ରକୃତିର ରୂପ । ଏ ପରିବର୍ତ୍ତନ । ଅଥଚ ସଂକେତ । କାହିଁକି ବଦଳି ପାରନ୍ତି ନାହିଁ । କାହିଁକି ଛାଡିଦେଇ ପାରନ୍ତିନାହିଁ ଧର୍ମ । ସେ ଚାହିଁଲା ଦୂର ଦିଗ୍‌ବଳୟକୁ । ରାତି ଆସି ନ ଥିଲେ ବି ପୂର୍ଣ୍ଣିମା ଜହ୍ନ ହସୁଥିଲା ଆକାଶରେ । ଅପରୂପ ଲାବଣ୍ୟମୟତା ଆଦିଗନ୍ତ ବାଲୁକା ରାଶିର । ଜହ୍ନ, ତାରା, ଅନନ୍ତ ଦିଗ୍‌ବଳୟ ଆଉ ସଲଗ୍ନା । ସବୁ ଯେପରି କୁହୁକ ପରି ଘେରି ରହିଥିଲା ତାକୁ । ସଂଧ୍ୟାର ଆଗମନରେ ଉଲ୍ଲସିତ ନରନାରୀ । ଦୂରରେ ଶୁଭୁଥିଲା ଡ୍ରମ ବାଡେଇବାର ଶବ୍ଦ । କେହି ନାଚୁଥିବାର ଉନ୍ମାଦନା, ଚିଲାଉଥିବାର ସ୍ୱର । ସଲଗ୍ନା ଉଠିଗଲା ବାଲିର ସ୍ତୁପ ଉପରକୁ । ଦୂରରେ ନାଚୁଛନ୍ତି ଉନ୍ମାଦ ଯୁବକ ଯୁବତୀ । ନିଆଁ ଜଳୁଛି । ଫାୟାର କ୍ୟାମ୍ପ । ସେମାନେ ଖୁବ୍ ମଗ୍ନ । ପୂର୍ଣ୍ଣପ୍ରାଣ, ଚଂଚଳତାରେ ଭଂଗିପଡୁଛନ୍ତି । ମନହେଲା ଦୌଡ଼ିବ ସଂକେତଙ୍କର ହାତଧରି । ପହଞ୍ଚିବ ସେଠି । ନାଚିନାଚି ବିଭୋର ହେବ ସେମାନଙ୍କ ପରି । ହେଲେ କଳ୍ପନାର ପକ୍ଷୀରାଜ ଘୋଡା ତା'ର ବେଶୀ ଦୂର ଉଡିପାରେନାହିଁ । ବାସ୍ତବତାର ପଟ୍ଟଭୂମିରେ ଠିଆ ହୋଇ ସେ ଯେମିତି ସ୍ଥବିର । ସେ ଦେଖିଲା ତାଙ୍କର ଟେଣ୍ଟ ବଂଧା ସରିଛି । ସଂକେତ ଠିଆ ହୋଇଛନ୍ତି । ଆଉ ସେହି ଗୁଜୁରାଟୀ ଫାମିଲି । ଫାୟାର କ୍ୟାମ୍ପପାଇଁ ତାଙ୍କ ମ୍ୟୁଜିକ ପାର୍ଟି ଘେରି ବସିପଡିଲେଣି । ଲୋକଟି ପ୍ରସ୍ତୁତ କରୁଛି । ସଲଗ୍ନା ଫେରିଆସି ସଂକେତଙ୍କୁ କହିଲା ଚାଲଯିବା ସେହି ଉନ୍ମାଦହୋଇ ନାଚୁଥିବା କ୍ୟାମ୍ପ ପାଖକୁ । ସଂକେତ କହିଲେ ଏଇ ତ ଆମର ଏବେ ରେଡି । ଏତେଦୂର କାହିଁକି ଯିବା ।

ଏବେ ମୁଖ୍ୟନାୟକ ଫାୟାର କ୍ୟାମ୍ପର ଆରମ୍ଭ କରିଦେଲା ବିଗୁଲ ବଜା । ସେମାନେ ଡାକିଲେ ତାଙ୍କର ଯନ୍ତ୍ର ସଂଗୀତର ତାଳେତାଳେ ନାଚ ଆରମ୍ଭ କରିବାକୁ । ଗୁଜୁରାଟୀ ଟି ମୋଟା । ସେ ମନାକଲା ନାଚିବାକୁ । ସଂକେତଙ୍କୁ ସେମାନେ ଭିଡିଲେ । ବାଧହୋଇ ସେ ଗଲେ ବି ନାଚିବାର ସ୍ପୃହା ନ ଥିଲା । ତାଙ୍କ ନାଚର ଭଂଗୀରେ ସେମାନେ ହସିଲେ । ମ୍ୟୁଜିକ୍ ପାର୍ଟିର ମୁଖ୍ୟନାୟକର ଗୀତବୋଲା ସାଂଗକୁ ଏ ସବୁ ଜମୁ ନଥିଲା । ସବୁ ଯେପରି ଶ୍ଳଥ ଗତିରେ ଚାଲିଛି । ଅଥଚ ମରୁଭୂମି କଂପାଇ ଚାରିଆଡୁ ଉଠୁଥିଲା ଉନ୍ମାଦ, ନୃତ୍ୟ, ବାଜାର ଶବ୍ଦ । ଆକାଶରେ ପୂର୍ଣ୍ଣିମା ଜହ୍ନର ପୂର୍ଣ୍ଣ ପ୍ରକାଶ । ଆଲୋକିତ ମରୁଭୂମି । ଲୋକମାନଙ୍କର ଯିବା ଆସିବାର ଗନ୍ତବ୍ୟସ୍ଥଳଥିଲା ସ୍ପଷ୍ଟ ।

Digitized by srujanika@gmail.com

ନିଆଁ ଜଳୁଥିଲା । ମ୍ୟୁଜିକ୍ ପାର୍ଟିର ମୁଖ୍ୟ ନାୟକ ଗୀତ ଗାଉଥିଲା ରାଜସ୍ଥାନୀ ଫୋକ । କେତେବେଳେ ହିନ୍ଦୀ ସିନେମାର ଲିଂବୁଡ଼ା ହେ ଲିଂବୁଡ଼ା... । ସଂକେତ ଶୁଣୁଥିଲେ କି ନାହିଁ,ବୁଝୁଥିଲେ କି ନାହିଁ କିଏ ଜାଣେ ? ମ୍ୟୁଜିକ୍ କର୍ତ୍ତା ତାଙ୍କର ଏ ଗ୍ରୁପର ଶୀଥିଳତାରେ ଏତେବେଶୀ ଆହ୍ଲାଦିତ ନଥିଲା । ସବୁକିଛି ଲାଗୁଥିଲା ବେରସ । ଜୀବନଟା ମଧ୍ୟ ଏମିତି । ବେଳେବେଳେ ସମୟ ଆସେ ହଜିଯିବାପାଇଁ ବନାଦ୍ୱିଧାରେ, ଶୋଷିନେବାକୁ ରସମୟତା, ଅଥଚ ମଣିଷ ନେଇପାରେନି । ପରେ ଖୋଜିଲେ ବି ମିଳେନି । ସଂଇଗ୍ଧା ଏଇ କଥା ଅନୁଭବକରି ହସିଲା ଆଉ ନିଥର ଏଇ ପରିବେଶରେ ବଡ ଅସହାୟ ଅନୁଭବ କରୁଥିଲା । ମ୍ୟୁଜିକ୍‌ପାର୍ଟି ରାତି ସାଢେ ନ ବେଳକୁ ବାଧହୋଇ ବନ୍ଦକରିଦେଲା ଆସର । ଲିଭିଆସୁଥିଲା ଜଳୁଥିବା ନିଆଁ । ମ୍ୟୁଜିକ୍‌ପାର୍ଟି ଉଠିଯାଇଥିଲେ । ତାଙ୍କ ଗାଁ ପାଖରେ ଥିଲା । ଚାଲିଗଲେ ସେମାନେ । ହୋଟେଲର କର୍ମଚାରୀ ଖାଦ୍ୟ ପରସିଲା । ସୁସ୍ୱାଦୁ ଖାଦ୍ୟ । ଟେଣ୍ଟ ପ୍ରସ୍ତୁତ ହୋଇସାରିଥିଲା । ଭିତରେ ମୁଲାୟମ ଚାରିଇଂଚର ବହଳ ଗଦି ବିଛାହୋଇଛି । ଘୋଡ଼ିହେବାପାଇଁ ଶେଯ । ବଡ଼ବଡ଼ ତକିଆ । ଆରାମ ହିଁ ଆରାମ । ବାହାରେ ଶୋଇବେ ଜିପ୍‌ବାଲା, ହୋଟେଲ କର୍ମଚାରୀ । ସେମାନଙ୍କ ଦାୟିତ୍ୱ ଅବା ତୁମକୁ ସାରାରାତି ନିରାପତ୍ତା ଦେବା ।

ସଂକେତ ଟେଣ୍ଟ ଭିତରକୁ ଗଲେ । ସଲଗ୍ନାର ବୁକୁ ଭିତରେ ଉଚ୍ଛୁଳି ଉଠୁଛି, ଗୋଟାଏ ସମୁଦ୍ର । ଅବା ଆସୁଛି ଝଡ଼ । ଏ ଜହ୍ନରାତି, ଏ ମରୁ, ଏ ଶୀତଳତା ସବୁ ଯେପରି ଗୋଟାଏ ସ୍ୱପ୍ନର ଘୋର୍‌କୁ ନେଇ ଯାଉଛନ୍ତି । ସତେ କି ଏମିତି ଗୋଟାଏ ଗୋଟାଏ ଦିନ ଆସେ, ଯିଏ ଜୀବନର ସମଗ୍ର ଆୟୁଷକୁ ପରାଜିତ କରି ମହିମାମୟ କରିଦିଏ ଜୀବନକୁ । ଆହାଃ ! ସେ ସଂକେତ ଆଡ଼କୁ ଘୁଂଚିଗଲା । ତା'ର ବାହୁ ସଂକେତଙ୍କ ଛାତି ଉପରେ । ଆଉଁସିଲା ଢଂଗରେ । ସଂକେତଙ୍କ ଭୀରୁମନ, ପଳାତକ ପୌରୁଷ । ଅତୀତର କବରତଳେ ମୁହ୍ୟମାନ ହୋଇ ଯିଏ ଆଜିକୁ ଦୀର୍ଘ ବର୍ଷ ଧରି ବସିଛି ଜଡ଼ହୋଇ । ସେ ଲୌକିକତା ବଶତଃ ତା' ପିଠିକୁ ଆଉଜାଇ ନେଲେ । ଅଥଚ ସ୍ପର୍ଶଟା ତା' ପାଇଁ ନଥିଲା । ମନେହେଲା ଏ ସ୍ପର୍ଶ ଭିତରେ ସେ ମରି ଶୋଇଛି । ଏ ଅଲଗା କାହା ପାଇଁ । ଏ ମରୁଭୂମିର ଗୋଟାଏ କଣ୍ଟାବୁଦାକୁ ଯେପରି ଧରି ରହିଛନ୍ତି ସଂକେତ । ଜୀବନର କେଉଁ ଚାହିଁବା ପାଇବାର ମସ୍ତ ଫରକକୁ ମାନିନେଇ ପାରୁନାହାନ୍ତି । ଯୋଡ଼ିପାରୁ ନାହାନ୍ତି ସେ ତଫାତ୍‌କୁ । କ'ଣ କରିପାରେ ସେ ?

ରାତି ବଢୁଛି । କେଉଁଠି ଶୁଭୁଛି ମରୁଗୀତ । ଫାୟାର କ୍ୟାମ୍ପର । ଅନିଚ୍ଛାକୃତ ଦେହଭୋଗ କ୍ଲାନ୍ତି ଆଣିଦେଇଛି ସଂକେତଙ୍କୁ । ଆଜି ବି ତା'ର ପୁନରାବୃତ୍ତି ହୋଇଗଲା । ସଂକେତ ଏବେ ନିଦ୍ରିତ । ଟେଣ୍ଟର ଦୁଆର ଫାଙ୍କରେ ପଡୁଛି ଉଜ୍ଜ୍ୱଳ ଆଲୋକ । ଦିଶୁଛି କେଉଁଠୁ ବିଜୁଳି ଆଲୁଅ ଆସି ପଡିଲାପରି । ସେ ହଠାତ୍ ବିସ୍ମିତହେଲା । ଦେଖିଲା ଜହ୍ନ ତା'ର ସିଧାରେ ହସୁଛି ତା'ର ଏଇ ହାରିଯାଉଥିବାର ହନିମୁନ୍‌ଟିଏ ପାଇଁ ଅବା । ସେ

Digitized by srujanika@gmail.com

ଧିର ପଦକ୍ଷେପରେ ଆସି ଠିଆହେଲା ବାହାରେ । ଅଳସୀ ନାୟିକାଟିଏ ପରି । କେତେଲୋକ ବାଲି ଉପରେ ଶୋଇଛନ୍ତି । ସେମାନଙ୍କୁ ଶୀତନାହିଁ । ଖୋଲା ଆକାଶତଳେ, ଜ୍ୟୋସ୍ନାର ପରଶ ଭିତରେ, ଦେଦିପ୍ୟମାନ ନକ୍ଷତ୍ରର ସଂଲାପ ଭିତରେ ସେମାନେ ଭୋଗ କରୁଛନ୍ତି ଜୀବନ । ଅବଶ୍ୟ ସବୁବର୍ଷ ପରି ଏବର୍ଷ ଶୀତ ଆସିନି । ଛ' ଡିଗ୍ରି ଉତ୍ତାପ ଅଧିକା ରହିଛି । ବିଦେଶୀମାନେ ତ ସବୁବେଳେ ନାଚୁରାଲ । ଭୋଗ କରିବା ସେମାନଙ୍କ ନିଶା । ସଲଗ୍ନା ନୀରବରେ ଆସ୍ୱାଦନ କରୁଥିଲା ଏଇ ମରୁପ୍ରାନ୍ତର । ମହାପ୍ରକୃତି । ମାୟାବୀ ରାତି । ସ୍ୱପ୍ନ ଭୁତୁବୁଡୁ ମୁହୂର୍ତ୍ତମାନଙ୍କୁ । କେଜାଣି କାହିଁକି ଏଇ ମହାପ୍ରକୃତିର ଗୋଟାଏ ନିଶା ଅଛି । ତାହା ମନକୁ ଟାଣେ । ତା'ର ଦୁର୍ବରତା ଅତିକ୍ରମି ଯିବାକୁ ଇଚ୍ଛାହୁଏ । ଖୁବ୍ ଇଚ୍ଛାହୁଏ ଚାଲନ୍ତା କି ଏଠି ସାରା ରାତି । ସେମିତି କାହିଁକି ଇଚ୍ଛାଟିଏ ହଠାତ୍ ହେଲା । ଏଇ ନିଶୂନତା ଭିତରେ ?

ସେ ଆଗେଇଲା ପାଦେ । ଦୁଇପାଦ । ଆଗକୁ । ଆହୁରି ଆଗକୁ । କୁଆଡେ କେଜାଣି ? ଅନିର୍ଦ୍ଦିଷ୍ଟ ତା 'ର ଗତିପଥ । କେଉଁଠି କେଉଁଠି ଶୋଇଛନ୍ତି ବିଦେଶୀମାନେ । ସେମାନଙ୍କର ଚିରକାଳ ନଗ୍ନ ପ୍ରବୃତ୍ତି । ନଗ୍ନଶରୀରର ଖେଳରେ ସେମାନେ ମତ୍ତ । ସେ ଘୁଂଚିଯାଇ ଚାଲୁଥିଲା ଶୂନ୍ୟ ରାସ୍ତାଧରି । କେତେବାଟ ଆସିଛି କେଜାଣି ? ଭାରି ରହସ୍ୟମୟ ଏ ରାତ୍ରି ! ଭାରି କ୍ଳାନ୍ତ ଏଇ ରାସ୍ତା । କେଉଁଠି ଘଡିଏ ଶୋଇପଡିବ କି ? ଶୂନ୍ୟ ହୋଇ ? ବ୍ଲାଙ୍କ ହୋଇ ? ଯେମିତି ଯୋଗୀଟିଏ ତପସ୍ୟା କଲାପରି ? କାହିଁକି ଏମିତି ଅସ୍ୱସ୍ତି ଲାଗୁଛି ତାକୁ ? ଏଠି ପଂହଚିଲାପରେ ଆହୁରି ବେଶୀବେଶୀ ଗୋଟାଏ ଅବଦମିତ କାମନା, ବାସନା ତାକୁ ବସୁଉଠ କରାଉଛନ୍ତି । ଏତେ ରଂଗ ଭିତରେ ଏତେ ସଂଗମ ଭିତରେ ଯେମିତି ଲାଗୁଛି ସେ ବୁଡିଯାନ୍ତାକି ଆକଣ୍ଠ, ପରମ ତୃପ୍ତିରେ, ପୂର୍ଣ୍ଣତାରେ ତା'ର ଶରୀର ମନ କେଉଁ ଚିରନ୍ତନତାକୁ ଛୁଇଁଯାନ୍ତା । ଅଥଚ ଏଇ କମ୍ ସମୟ ଭିତରେ ଯେମିତି ମାନସିକ ସ୍ତରରେ ଭୀଷଣ କ୍ଳାନ୍ତ । ଥକି ପଡୁଛି ତା'ର ପାଦ । କ'ଣ କରିବ ସେ ? ଭାବୁଭାବୁ ବସିପଡ଼ିଲା ଗୋଟାଏ ବାଲିର ସ୍ତୁପ ଉପରେ ।

ଅଧାଭଂଗା ନିଦରେ ଶୂନ୍ୟବାହୁ ବଢାଉଥିଲା ସଂକେତ । ସଲଗ୍ନା କାହିଁ ? ହଠାତ୍ କରେଣ୍ଟ ଖାଇଲାପରି ତା'ର ଆଖି ଖୋଲିଗଲା । ସେ ଉଠି ବସିଲା । କାହାକୁ ବା ପଚାରିବ ? ଟେଣ୍ଟର ଦ୍ୱାର ଠେଲି ବାହାରକୁ ଆସିଲା । ନୀରବ ରାତି । ନିଃଶବ୍ଦ ପୃଥିବୀ । ଦିଗବିଦିଗ ଧରି ଶୂନ୍ୟତାର ବ୍ୟାପ୍ତି । ସେ ଯେମିତି ଅପାଙ୍କ୍ତେୟ ଗୋଟାଏ ବିନ୍ଦୁ । କେଉଁ ଦିଗକୁ ଯିବ ସେ ? କୁଆଡେ ଖୋଜିବ ? ବଡ ଅସହାୟ ଲାଗିଲା ତାକୁ । ଛାତିତଳର ଶୂନ୍ୟତାବୋଧ ଯେମିତି ପଂହଚିଯିବ କେଉଁ ଇନ୍‌ଫିନିଟିରେ । ସେ ଚାରିଆଡକୁ ଚାହିଁ ଠିଆ ହୋଇ ପଡିଲା । କୁଆଡେ ଗୋଡ ତା'ର ଉଠୁ ନଥିଲା । ଅବା ଓଜନିଆ ହୋଇଯାଉଛି । ସବୁକିଛି ଅସ୍ପଷ୍ଟ ଜହ୍ନ ଆଲୁଅରେ । କଳାକଳା ଛାଇପରି କେଉଁଠି କେମିତି ଦିଶୁଛି । ସେ କିଛି ବୁଝିପାରିଲାନି । ସଲଗ୍ନା କ'ଣ ତାକୁ ଛାଡି ଚାଲିଗଲା ? ନାଁ କାହାର

Digitized by srujanika@gmail.com

ଅପେକ୍ଷାରେ ସେ ରହିଥିଲା, ଯୋଗାଯୋଗଥିଲା, ମାନସିକ ପ୍ରସ୍ତୁତିଥିଲା ଚାଲିଯିବା ପାଇଁ ? ସେଥିପାଇଁ କ'ଣ ସେ ନିଜେ ଦାୟୀ ନୁହେଁ କି ? ଏଇ ଦୁଇମାସ ଭିତରେ କେତେ ଲୋଭ ଦେଖାଇଛି ତାକୁ । ଭଲ ସ୍ତ୍ରୀ ହେବାପାଇଁ ସେବା ଯତ୍ନ କରିଛି । ଜଡପାଲଟି ଯାଇଥିବା ମନକୁ ଚଂଚଳ କରିବାକୁ, ପ୍ରାଣୋଚ୍ଛ୍ୱାସ ଭରିଦେବାକୁ କେତେପ୍ରକାର ଭଲପାଇବାର ମୁଦ୍ରାରେ ଆକର୍ଷିତ କରିଛି । ଅଥଚ ସେ ? ପାଷାଣ ପରି, ଜୀବନହୀନ କାଠଗଡ ପରି ସ୍ୱାମୀର ଭୂମିକା ତୁଳେଇଛି କେବଳ । ତା'ର ହୃଦୟ ପାଲଟି ଯାଇଛି ହିମ ଶୀତଳ । ବରଫପରି ଟାଣ । ହେଲେ ଏମିତି କ'ଣ ଉଷ୍ଣତା ଟିକିଏ ସଲଗ୍ନା ଭିତରେ ନଥିଲା ଯିଏ ତରଳେଇ ପାରିଥାନ୍ତା ତା'ର ସେହି ସ୍ତୁପୀକୃତ ବରଫ ହୃଦୟ । କାହିଁକି ସେ ଏମିତି ଜଡ ପାଲଟିଗଲା ? ତା'ର ଗୋଟାଏ କାଙ୍କ୍ଷିତ ସ୍ୱପ୍ନଭରା ଜୀବନଟିଏ ପାଇଁ ? ତା'ର ବା ଦୋଷ କ'ଣ ? ଏଇ ମୁହୂର୍ତ୍ତରେ ସେ କରିବ କ'ଣ ? କେଉଁଠି ଖୋଜିବ ତାକୁ ? ତା ଗୋଡତଳର ମାଟି ଯେପରି ଧସିଯାଉଛି । ଏଇ ମରୁଭୂମିରେ କେଉଁ ଚୋରାବାଲି ଉପରେ ସେ ଯେମିତି ଠିଆହୋଇଛି ଅଚିହ୍ନା, ଶୂନ୍ୟ ଜାଗାରେ । ତାକୁ ଭାରି ଡର ଲାଗୁଛି । ଏକାକୀତ୍ୱଟାଏ ତା' ଛାତି ତଳକୁ ପୁନଶ୍ଚ ପ୍ରବେଶ କରୁଛି ତୁହାଇ ତୁହାଇ । ହରାଇବାର ଯନ୍ତ୍ରଣା, ଏକାକୀତ୍ୱର ଅର୍ନ୍ତଦାହ ଏସବୁ ଆଉ କାମ୍ୟ ହେଉନାହିଁ ଏଇ ମୁହୂର୍ତ୍ତରେ । ସେ ଜୀବନ ଖୋଜୁଛି । ଶୁଷ୍କ ମରୁ ନୁହେଁ । ଏ ଧୂ...ଧୂ ବାଲିଆଡି ନୁହେଁ । ଏ ନିର୍ବୃକ୍ଷ ପ୍ରାନ୍ତର ନୁହେଁ । ସଲଗ୍ନା ! ତୁମେ କେଉଁଠି । ତୁମେ ଆଉ ହଜିଯାଅ ନାହିଁ ।

କୁଆଡେ ଯିବଭାବି ସେ ଆଗେଇଲା ଉଦ୍ଦେଶ୍ୟହୀନ ହୋଇ । ଖୋଲାବାଲିରେ ଶୋଇଛନ୍ତି କେତେ ବିଦେଶୀ । ବୁଢାବୁଢୀ ଦୁଇଜଣ ଜାକିହୋଇ ବସିଥିଲେ । ଚାହିଁଥିଲେ ଜହ୍ନକୁ । ଭାଷାହୀନ ନିଃସ୍ପନ୍ଦଠାଣୀରେ ଶୋଷି ନେଉଥିଲେ ଜ୍ୟୋସ୍ନା ରାତିର ମଧୁରତା । ସେ ଘଡିଏ ଠିଆହେଲା । ଭାବିଲା ପଚାରିବ କି ? ନାଁ... କାହାକୁ ବା ଡିଷ୍ଟର୍ବ କରିବ ଏ ପ୍ରକାର ଗୋଟାଏ ରାତିରେ । ସେ ଆଗେଇଲା ଅବା ତୃଷାର୍ତ୍ତ କେଉଁ ମରୁପଥିକଟିଏ ଆକୁଳହୋଇ ଖୋଜୁଛି ଓଏସିସ୍ । ଗୋଟାଏ ନୂତନ ଜୀବନ । ଏବେ ତା' ମନରୁ ସବୁ ଜଡତ୍ୱ କଟିଯାଇଛି । ସେ ପାଇବାର ତୀବ୍ର ତୃଷାରେ ଅଧୀର । ଏମିତି କି ହଠାତ୍ ଜାଗିଉଠେ ଜୀବନର ଇଚ୍ଛା,ବଂଚିବାର ମୋହ । ସେ ମନେକଲା ଏଇ ମୁହୂର୍ତ୍ତରେ ସଲଗ୍ନା ଫେରି ଆସନ୍ତା କି ! ନିଜର ସବୁ ଉଦାସୀନତାକୁ ଫୋପାଡିଦେଇ ତାକୁ ଜଡେଇ ନିଅନ୍ତା ତା'ର ଗଭୀର ବଂଧନରେ ଯେପରି ଦିନେହେଲେ ଆଉ ସେ ଚାଲିଯାଇ ପାରନ୍ତା ନାହିଁ ।

ସେ ଆଗକୁ ଚାଲିଲା । କେତେଦୂର ଆସିଛି କିଛି ଜାଣିପାରିଲାନି । ଗୋଟାଏ ତୀବ୍ର ନିଶା ତାକୁ ଚାପିଧରିଛି । ଦେଖିଲା ଆଗରେ ଗୋଟାଏ ସିଲହଟ୍ । ବାଲିସ୍ତୁପ ଉପରେ ବସିରହିଛି । ପଛର ନକ୍ସାରୁ ଲାଗୁଛି ସଲଗ୍ନାପରି । ସେ ଆଗେଇଗଲା ଗୋଟାଏ ଆବେଗାୟିତ, ଆଶାୟିତ ମନରେ । ଆହୁରି ସ୍ପଷ୍ଟ ହେଲା ସଲଗ୍ନାର ଶରୀର । ପହଞ୍ଚିଲା

Digitized by srujanika@gmail.com

ସଂକେତ । ହଁ ... ତା'ର ଇପ୍‌ସିତ ସଲଗ୍ନା ବସିଛି । ବହୁଯୁଗର ତପସ୍ୱିନୀ ସାଜି । କାହାର ଅପେକ୍ଷାରେ । ଏ ଜହ୍ନ ରାତିରେ । ସେ ଠିଆ ହୋଇଗଲା ତା'ର ସାମନାରେ । ଆଣ୍ଠେଇ ପଡ଼ିଲା କ୍ଷମା କରିବାର ଭଂଗୀରେ । ଛୁଆଁଇଲା ତା'ର ଓଠ ସଲଗ୍ନାର ଓଠରେ । ପାପୁଲିରେ ରଖିଲା ତା'ର ପାପୁଲି । ପ୍ରତିଶ୍ରୁତିର ଦରଦଭରା ଛୁଆଁଟିଏ ଅବା ସଂଚରିଗଲା- ମୋତେ ଏମିତି ଏକୁଟିଆ ଛାଡି ଚାଲିଯିବନି । ସଲଗ୍ନା ନୀରବ । ଅଭିସାରିକାର ସମସ୍ତ ଅପେକ୍ଷା ତା'ତନୁରେ । ଏଇ ଯେମିତି ଲହରୀ ହୋଇଯିବ ସେ । ଛନ୍ଦାୟିତ ହୋଇ ବହିଯିବ ମରୁପ୍ରାନ୍ତରରେ ନଈଟିଏ ହୋଇ । ଭରିଉଠିବ ସବୁଜିମା, ଫୁଲର ଫସଲ ଶୁଷ୍କ ମରୁରେ । ସଂକେତର ଗଭୀର ଅଧୀର ଚୁମ୍ବନ ତାକୁ ଘେରି । ତା'ର ଶକ୍ତ ବଂଧନରେ ସେ ଯେମିତି ହରାଉଛି ମରୁର ଶୁଷ୍କତା । ସେ ବୁଝିପାରିଲାନି ଏକ'ଣ ମରୁରାତିର କିଛି ଅଜଣା ମାୟା ଘାରିଛି ସଂକେତଙ୍କୁ ନାଁ ଉଠିଆସିଛି ଆକସ୍ମିକ ମରୁଝଡ ? ସଂକେତଙ୍କର ନିଅର ପୌରୁଷ ଏବେ ଜାଗ୍ରତ । ତାଙ୍କର ପ୍ରତ୍ୟକଟି ଛୁଆଁରେ ସଲଗ୍ନା ଅନୁଭବ କରୁଥିଲା ଏ ମରୁମାୟା ନୁହେଁ । ଏ ଛୁଆଁ ତା'ର ଅ[illegible] ନିଜର । ଯୁଗଯୁଗର କେଉଁ ତୃଷ୍ଣାତୁର ପ୍ରାଣର । ଏଇ ମରୁଭୂମିର ଖୋଲା ସିକତା ରାଶିରେ, ସଂକେତଙ୍କର ପ୍ରତ୍ୟକଟି ଛୁଆଁରେ ସେ ଏବେ କେଉଁ ଉନ୍ମାଦିନୀ ନଦୀ । ଝଡ ଆସୁଛି । ଘନିଭୂତ ହେଉଛି ମରୁଝଡ । ସେ ଜାଣେ ଏ ବାଲିରେ ପୋତିହୋଇ ପଡ଼ିବେ ସେମାନେ ।

ଏମିତି କି ଆସେ ଆକସ୍ମିକ ମରୁଭୂମିରେ ଝଡ !

□□□

Digitized by srujanika@gmail.com

ସଂଯୁକ୍ତା ମହାନ୍ତି

ଜନ୍ମ : ୧୯୫୭

ଗ୍ରାମ/ପୋ.ଅ. : ବୋରିକିନା

ଜିଲ୍ଲା : ଜଗତ୍‌ସିଂହପୁର

ପିତା : ଶ୍ରୀଯୁକ୍ତ ରାଧାଚରଣ ମହାନ୍ତି

ମାତା : ଶ୍ରୀମତୀ ଚୁନଲତା ମହାନ୍ତି

ଶିକ୍ଷା : ସ୍ନାତକୋତ୍ତର (ଉଦ୍ଭିଦ ବିଜ୍ଞାନ)
୧୯୭୮ ମସିହା, ରେଭେନ୍‌ସା କଲେଜ

ବୃତ୍ତି : ପ୍ରବନ୍ଧକ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

ପ୍ରକାଶିତ ପୁସ୍ତକ :

୧. କାଳ କୁହୁଡ଼ିର ରାତ୍ରି (କବିତା ସଂକଳନ – ୧୯୯୬)
୨. ଉତ୍ତରା ଝର୍କା (କବିତା ସଂକଳନ – ୨୦୦୩)
୩. ସମୁଦ୍ରର ଶୋଷ (ଗଳ୍ପ ସଂକଳନ – ୧୯୮୮)
୪. ସବୁଜ ଦ୍ୱୀପର ବାସ୍ନା (ଗଳ୍ପ ସଂକଳନ – ୧୯୯୮)
୫. ଜହ୍ନ ରାତିର ନିଶା (ଗଳ୍ପ ସଂକଳନ – ୨୦୦୨)
୬. ବର୍ଷାର ସଂଗୀତ (ଗଳ୍ପ ସଂକଳନ – ୨୦୦୩)
୭. ଉତ୍ତର ଦାୟାଦ (ଗଳ୍ପ ସଂକଳନ – ୨୦୦୩)
୮. ମରୁ ଝଡ଼ (ଗଳ୍ପ ସଂକଳନ – ୨୦୦୪)
୯. ସବୁଜ ଅନ୍ଧାର (ଉପନ୍ୟାସ – ୧୯୯୮)
୧୦. ଦାୟବନ୍ଧ (ଉପନ୍ୟାସ – ୨୦୦୪)
୧୧. ହିନ୍ଦୀ ଅନୁବାଦର ପ୍ରକାଶିତ ଗଳ୍ପ ସଂକଳନ :
ପଥର କି ଅହଲ୍ୟା (୨୦୦୩) (ଯାତ୍ରୀ ପ୍ରକାଶନୀ, ନୂଆଦିଲ୍ଲୀ)

Digitized by srujanika@gmail.com